# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୨/୨୦୨୧ (୧୬ ପୃଷ୍ଠା) | Bhubaneswar, Tuesday, March 2/2021 | ★★★★

୪୭ଶ ଭାଗ ୯୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-


# ମାସକରେ ବଢ଼ିଲାଣି ୧୦୦

**ନୂଆଦିଲ୍ଲୀ,୧।୩**

କରୋନା ମହାମାରୀ ଯୋଗୁ ଲୋକଙ୍କ ଆର୍ଥିକ ଅବସ୍ଥା ଅତ୍ୟନ୍ତ ଦୟନୀୟ ହୋଇପଡ଼ିଛି। ଏଭଳି ସମୟରେ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ସମେତ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ୍‌ର ଦର କ୍ରମାଗତ ଭାବେ ବଢ଼ି ଚାଲିଛି।

ଦେଶର ପ୍ରମୁଖ ଗ୍ୟାସ୍ ବିତରଣ କମ୍ପାନୀଗୁଡ଼ିକର ସୂଚନା ଅନୁସାରେ ସୋମବାର ୧୪.୨ କେଜି ଘରୋଇ ଲିକ୍ୟୁଫାଏଡ୍ ପେଟ୍ରୋଲିୟମ ଗ୍ୟାସ୍ (ଏଲ୍‌ପିଜି) ସିଲିଣ୍ଡର ପିଛା ୨୫ ଟଙ୍କା ବୃଦ୍ଧି ପାଇଛି। ମାର୍ଚ୍ଚ ୧ ତାରିଖରୁ ଏହି ନୂଆ ଦର ଲାଗୁ ହେବ ବୋଲି ବିତରଣ କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏହା ଫଳରେ ଭୁବନେଶ୍ୱରରେ ଅଣସବ୍‌ସିଡି ୧୪.୨ କେଜି ଏଲ୍‌ପିଜି ସିଲିଣ୍ଡର ଦାମ ୮୪୫.୫୦ ଟଙ୍କାରେ ପହଞ୍ଚିଛି। ସପ୍ତାହକ ପୂର୍ବରୁ ଏହାର ଦର ୮୨୦.୫୦ ଟଙ୍କା ରହିଥିବା ବେଳେ ଉପଭୋକ୍ତାଙ୍କୁ ମାତ୍ର ୧୩.୯୫ଟଙ୍କା ସବ୍‌ସିଡି ଆକାରରେ ମିଳୁଛି।

ଗତ ବର୍ଷ ଡିସେମ୍ବରରୁ ଚଳିତ ବର୍ଷର ମାର୍ଚ୍ଚ ପହିଲା ମଧ୍ୟରେ ମୋଟ ୫ ଥର ଗ୍ୟାସ୍ ଦର ବୃଦ୍ଧି ପାଇଛି। ଏହି ସମୟ ମଧ୍ୟରେ ଗ୍ରାହକଙ୍କୁ ଅତିରିକ୍ତ ୨୨୫ ଟଙ୍କା ଦେବାକୁ ପଡୁଛି। ଡିସେମ୍ବରରେ ୧୪.୨କେଜି ଗ୍ୟାସ୍ ସିଲିଣ୍ଡର ଉପରେ ୧୦୦ଟଙ୍କା ବୃଦ୍ଧି ହୋଇଥିଲା। ସେହିଭଳି ଜାନୁୟାରୀରେ ଦର ସ୍ଥିର ରହିଥିବା ବେଳେ ଫେବୃୟାରୀରେ ସର୍ବାଧିକ ୩ଥର ବଢ଼ିଛି। ଫେବୃୟାରୀ ୪ରେ ୨୫ ଟଙ୍କା ବଢିଥିବା ବେଳେ ଫେବୃୟାରୀ ୧୪ରେ ୫୦ ଟଙ୍କା ଏବଂ ସେହି ମାସ ୨୫ ତାରିଖରେ ୨୫ ଟଙ୍କା ବୃଦ୍ଧି ପାଇଛି। ଅନୁରୂପ ଭାବେ ମାର୍ଚ୍ଚ ୧ରେ ପୁଣି ଥରେ ୨୫ ଟଙ୍କା ବଢି ବର୍ତ୍ତମାନ ଦର ୮୪୫.୫୦ଟଙ୍କାକୁ ଛୁଇଁଛି।

ଦିଲ୍ଲୀରେ ବର୍ତ୍ତମାନ ଅଣସବ୍‌ସିଡି ସିଲିଣ୍ଡର ପିଛା ୨୫ ଟଙ୍କା ବଢି ୮୧୯ ଟଙ୍କାରେ ପହଞ୍ଚିଛି। ସେହିପରି ମୁମ୍ବାଇରେ ମଧ୍ୟ ଘରୋଇ ସିଲିଣ୍ଡର ମୂଲ୍ୟ ୮୧୯ ଟଙ୍କା ରହିଥିବା ବେଳେ କୋଲକାତାରେ ☞ପୃଷ୍ଠା-୪

## ଏଲ୍‌ପିଜି ସିଲିଣ୍ଡର ଦାମ୍ ୮୪୫.୫୦ ଟଙ୍କା






**ଆଜିର ସମ୍ପାଦକୀୟ**

## ଗୃହିଣୀଙ୍କ ହାହାକାର


ସ୍ୱତନ୍ତ୍ର ପୃଷ୍ଠା

୧୦୦ ଦିନ ଆନ୍ଦୋଳନ

........୧୦........


# ହାଇକୋର୍ଟରେ ମାମଲା ବନ୍ଦ

## ଅଞ୍ଜନାଙ୍କୁ ନ୍ୟାୟ

**କଟକ ଅଫିସ/ଭୁବନେଶ୍ୱର, ୧।୩**

ସିବିଆଇ ତଦନ୍ତରେ ଶିଥିଳତା ଏବଂ ଷଡ଼ଯନ୍ତ୍ର ଅଭିଯୋଗ କରି ହାଇକୋର୍ଟରେ ୨୦୦୨ରେ ଗଣବଳାତ୍କାର ପୀଡ଼ିତା ଅଞ୍ଜନା ମିଶ୍ର କରିଥିବା ମାମଲାର ସୋମବାର ପରିସମାପ୍ତି ଘଟିଛି। ଦୀର୍ଘ ୧୯ବର୍ଷ ପରେ ଏହି ମାମଲାର ଶୁଣାଣି କରାଯାଇଥିଲା। ଏଥିରେ ରାଜ୍ୟ ସରକାର ଓ ସିବିଆଇ ୨ଟି ପୃଥକ ସତ୍ୟପାଠ ଦାଖଲ କରିଥିଲେ। ବଳାତ୍କାର ମାମଲାରେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ବିବନ ବିଶ୍ୱାଳ ଗତ ଫେବୃୟାରୀ ୨୨ରେ ଗିରଫ ହୋଇ ବିଚାରବିଭାଗୀୟ ହାଜତରେ ଅଛନ୍ତି। ଏପରି କି ମାମଲାର ମୁଖ୍ୟ ଷଡ଼ଯନ୍ତ୍ରକାରୀ କୁହାଯାଉଥିବା ତତ୍କାଳନୀ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏବଂ ତତ୍କାଳୀନ ☞ପୃଷ୍ଠା-୪




# ଟିକା ନେଲେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ



ନୂଆଦିଲ୍ଲୀସ୍ଥିତ ଏମ୍ସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଓଡ଼ିଶା ବିଧାନସଭା ପରିସର ଚିକିତ୍ସାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର କୋଭିଡ୍ ଟିକା ନେଉଛନ୍ତି।

**ଭୁବନେଶ୍ୱର, ୧।୩(ବ୍ୟୁରୋ)/ନୂଆଦିଲ୍ଲୀ, ୧।୩**

କୋଭିଡ୍-୧୯ ଟିକାକରଣ ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମ ଡୋଜ୍ ଟିକା ନେଇଛନ୍ତି। ପ୍ରଧାନମନ୍ତ୍ରୀ ଦିଲ୍ଲୀସ୍ଥିତ ଏମ୍ସ ଏବଂ ମୁଖ୍ୟମନ୍ତ୍ରୀ ବିଧାନସଭା ପରିସରସ୍ଥିତ ଚିକିତ୍ସାଳୟରେ ଟିକା ନେଇଛନ୍ତି। ଭିଡ଼ ଓ ଗଣମାଧ୍ୟମରୁ ବର୍ତ୍ତିବା ପାଇଁ ସକାଳ ୬ଟା ୨୫ରେ ମୋଦି ଏମ୍ସରେ ପହଞ୍ଚି ଟିକା ନେବା ପରେ ଅଧଘଣ୍ଟା ଅବ୍‌ଜରଭେଶନରେ ରହି ୭ଟାରେ ହସ୍ପିଟାଲ ଛାଡ଼ିଥିଲେ। ମୋଦି ଭାରତ ବାୟୋଟେକ୍ ପ୍ରସ୍ତୁତ କୋଭାକ୍ସିନ ଟିକା ନେଇଥିବା ଟୁଇଟ୍ କରି ସୂଚନା ଦେଇଛନ୍ତି। ଏଥିସହ ଟିକା ପାଇଁ ଯୋଗ୍ୟ ବ୍ୟକ୍ତିମାନେ ତୁରନ୍ତ ଏହା ନେବା ଲାଗି ପ୍ରଧାନମନ୍ତ୍ରୀ ଅନୁରୋଧ କରିଛନ୍ତି। ଭାରତକୁ କୋଭିଡ୍-୧୯ ମୁକ୍ତ କରିବା ଲାଗି ମୋଦି ଆହ୍ୱାନ ଦେଇଛନ୍ତି। କରୋନା ବିରୋଧରେ ବିଶ୍ୱ ଲଢ଼େଇକୁ ଶକ୍ତିଶାଳୀ କରିବାରେ କାର୍ଯ୍ୟ କରିଥିବା ଭାରତୀୟ ଡାକ୍ତର ଓ ବୈଜ୍ଞାନିକଙ୍କୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ। ପୁଡୁଚେରୀର ନର୍ସ ପି. ନିଭେଦା ପ୍ରଧାନମନ୍ତ୍ରୀଙ୍କୁ ଟିକା ଦେଇଥିବାବେଳେ କେରଳର ନର୍ସ ରୋସାମ୍ମା ଅନିଲ୍ ସହାୟତା କରିଥିଲେ। ରାଜନେତାମାନେ ଥିକ୍‌ସ୍କିନ୍ ଭାବେ ଜଣାଶୁଣା। ମୋତେ ଟିକା ଦେବା ପାଇଁ ସ୍ୱତନ୍ତ୍ର ଛୁଞ୍ଚି ବ୍ୟବହାର କରୁଛ କି ବୋଲି ପ୍ରଧାନମନ୍ତ୍ରୀ ମୋଦି କହିବାରୁ ଏମ୍ସର ନର୍ସମାନେ ହସିଥିଲେ। ☞ପୃଷ୍ଠା-୪

## ରାଜ୍ୟରେ ନେଲେ ୧୧,୫୮୯

**ଦ୍ୱିତୀୟ ପର୍ଯ୍ୟାୟ ଟିକାକରଣ ଆରମ୍ଭ**

- ଏଣିକି ଅଫ୍‌ଲାଇନ୍ ପଞ୍ଜୀକରଣ କରି ଟିକା ନେଇହେବ
- ରାଜ୍ୟରେ ମୋଟ ଟିକା ନେଲେଣି ୬,୪୦,୭୩୫


**ଭୁବନେଶ୍ୱର, ୧।୩(ବ୍ୟୁରୋ)**

ସାରା ଦେଶରେ ଦ୍ୱିତୀୟ ପର୍ଯ୍ୟାୟ କରୋନା ଟିକାକରଣ ସୋମବାରଠାରୁ ଆରମ୍ଭ ହୋଇଛି। ପ୍ରଥମଥର ପାଇଁ ବୟସ୍କ ଓ ବହୁବିଧ ରୋଗରେ ପୀଡ଼ିତ ଲୋକଙ୍କୁ ଟିକା ଦିଆଯାଇଛି। ୬୦ ବର୍ଷରୁ ଅଧିକ ବୟସର ଲୋକେ ପରିଚୟପତ୍ର ଦେଖାଇ ଏବଂ ୪୫ ବର୍ଷରୁ ଅଧିକ ଓ ୬୦ ବର୍ଷରୁ କମ୍ ବୟସର ରୋଗାକ୍ରାନ୍ତ ଲୋକେ ଡାକ୍ତରୀ ପ୍ରମାଣପତ୍ର ଦେଖାଇ ଟିକା ନେବାର ବ୍ୟବସ୍ଥା ହୋଇଛି। ଓଡ଼ିଶାରେ ଉଭୟ ସରକାରୀ ଓ ଘରୋଇ ହସ୍ପିଟାଲରେ ମୋଟ ୩୧୫ ଟିକାଦାନ ☞ପୃଷ୍ଠା-୪




# ମାର୍ଚ୍ଚରୁ ମେ' ତାତି କରିବ କଲବଲ

**ଭୁବନେଶ୍ୱର,୧।୩(ବ୍ୟୁରୋ)**



ମାଡ଼ିଆସୁଛି ପ୍ରଚଣ୍ଡ ତାତି। ମାର୍ଚ୍ଚରୁ ମେ ଯାଏ ଓଡ଼ିଶାକୁ ଗ୍ରୀଷ୍ମ କଲବଲ କରିବ। ରାଜ୍ୟରେ ଦିନର ତାପମାତ୍ରା ୪୦ରୁ ୪୪ ଡିଗ୍ରୀକୁ ଚାଲିଯିବ। କେତେକ ସ୍ଥାନରେ ପାରଦ ୪୫ ଡିଗ୍ରୀ ଟପିଯିବା ସମ୍ଭାବନା ରହିଛି। ସ୍ୱାଭାବିକଠାରୁ ତାପମାତ୍ରା ପ୍ରାୟ ୧ ଡିଗ୍ରୀ ସେଲ୍‌ସିୟସ ଅଧିକ ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଓଡ଼ିଶା ଓ ଛତିଶଗଡ଼ରେ ପ୍ରବଳ ଗ୍ରୀଷ୍ମପ୍ରବାହ ହେବ। ଏହି ଦୁଇ ରାଜ୍ୟକୁ ପାଣିପାଗ ବିଭାଗ ରେଡ୍ ଜୋନ୍ ଘୋଷଣା କରିଛି। ଦେଶର ଅନ୍ୟାନ୍ୟ ଭାଗଠାରୁ ଏହି ଦୁଇ ରାଜ୍ୟରେ ଗ୍ରୀଷ୍ମର ଅଧିକ ପ୍ରଭାବ ଦେଖିବାକୁ ମିଳିବ।

ରାଜ୍ୟରେ ଚଳିତବର୍ଷ ଫେବୃୟାରୀରୁ ଗ୍ରୀଷ୍ମର ପ୍ରକୋପ ବଢିବାରେ ଲାଗିଛି। ଭୁବନେଶ୍ୱର ଦେଶର ସବୁଠାରୁ ଉତ୍ତପ୍ତ ସହର ରେକର୍ଡ କରିଛି। ଏଠାରେ ଫେବୃୟାରୀରେ ସ୍ୱାଭାବିକ ଭାବେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ସେଲ୍‌ସିୟସ ରହୁଥିବା ବେଳେ ୪୦ ଡିଗ୍ରୀ ଛୁଇଁଛି। ଉପକୂଳ ଓଡ଼ିଶାରେ ତାତି ସାମାନ୍ୟ କମ୍ ରହିଥିଲେ ମଧ୍ୟ ଆଭ୍ୟନ୍ତରୀଣ ଓଡ଼ିଶାରେ ତାତି ବଢ଼ି ଚାଲିଛି। ଚଳିତ ମାସରେ ରାଜ୍ୟରେ ସର୍ବୋଚ୍ଚ ତାପମାତ୍ରା ୪୦ରୁ ୪୨ ଡିଗ୍ରୀ ମଧ୍ୟରେ ରହିବ। ତେବେ ଏପ୍ରିଲ ଓ ମେ'ରେ ଏହା ୪୫ ଡିଗ୍ରୀକୁ ବି ଛୁଇଁପାରେ ବୋଲି ଅନୁମାନ କରାଯାଉଛି।

ରାଜ୍ୟରେ ହଠାତ୍ ଗ୍ରୀଷ୍ମପ୍ରବାହ ବଢ଼ିବା ପଛରେ ଉତ୍ତର ପଶ୍ଚିମ ବାୟୁ ପ୍ରବାହର ଦିଗ ପରିବର୍ତ୍ତନକୁ ଦାୟୀ କରାଯାଇଛି। ଜାନୁୟାରୀରୁ ଉତ୍ତର ପଶ୍ଚିମ ଦିଗରୁ ଭୂପୃଷ୍ଠରୁ ୧୨ କି.ମି. ଉପରେ ଓଡ଼ିଶା ଓ ଛତିଶଗଡ଼ ଉପର ଦେଇ ବାୟୁ ପ୍ରବାହ ହେଉଥିଲା। ଏଥିଯୋଗୁ ରାଜ୍ୟକୁ ☞ପୃଷ୍ଠା-୪

## ଟିକାକୁ ନା କଲେ ବୟସ୍କ ଚାଷୀ

ସୋମବାରଠାରୁ ଦେଶରେ ବରିଷ୍ଠ ନାଗରିକଙ୍କ ଟିକାକରଣ ଆରମ୍ଭ ହୋଇଛି। ହେଲେ ଦିଲ୍ଲୀ ସୀମାରେ ଆନ୍ଦୋଳନ ଚଳାଇଥିବା ବୟସ୍କ ଚାଷୀମାନେ କରୋନା ଭାଇରସ୍‌କୁ ଖାତିର ନ କରି ଟିକା ନେବା ପାଇଁ ମନା କରିଦେଇଛନ୍ତି। ସାମ୍ମୁଖ୍ୟ କିଷାନ ମୋର୍ଚ୍ଚାର ୮୦ ବର୍ଷୀୟ କୃଷକ ନେତା ବଲବୀର ସିଂ କହିଛନ୍ତି, ଭୂତାଣୁକୁ ନେଇ ଆମେ ଭୟଭୀତ ନୋହୁଁ। ଆମର ପ୍ରତିଷେଧକ ଶକ୍ତି ଅଛି। ତେଣୁ ଭାକ୍ସିନ ନେବା ଦରକାର ନାହିଁ। ସରକାର ୩ କୃଷି ଆଇନକୁ ପ୍ରତ୍ୟାହାର କରନ୍ତୁ।

## ସଂକ୍ଷେପରେ

### ଆଜିଠାରୁ ଟିକା ନେବେ ସୁପ୍ରିମକୋର୍ଟ ବିଚାରପତି

**ନୂଆଦିଲ୍ଲୀ, ୧।୩:** ସୁପ୍ରିମକୋର୍ଟର ବିଚାରପତିମାନେ ମଙ୍ଗଳବାରଠାରୁ କୋଭିଡ୍ ଟିକା ନେବେ। ଆବଶ୍ୟକ ବୟସ ହୋଇଥିବା ବିଚାରପତିମାନଙ୍କ ପରିବାର ସଦସ୍ୟ ଏବଂ ଅବସରପ୍ରାପ୍ତ ବିଚାରପତିମାନଙ୍କୁ ମଧ୍ୟ ଟିକା ଦିଆଯିବ। ସର୍ବୋଚ୍ଚ ଅଦାଲତର ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ପକ୍ଷରୁ କୋର୍ଟ କମ୍ପ୍ଲେକ୍ସରେ ଟିକାଦାନ ବ୍ୟବସ୍ଥା କରାଯାଇଛି। ଏହା ବ୍ୟତୀତ ବିଚାରପତିମାନେ ଚାହିଁଲେ କୋର୍ଟ କମ୍ପ୍ଲେକ୍ସ ବାହାରେ କୌଣସି ହସ୍ପିଟାଲରେ ମଧ୍ୟ ଟିକା ନେଇପାରିବେ।

### ସାର୍କୋଜିଙ୍କୁ ୩ ବର୍ଷ ଜେଲ



**ପ୍ୟାରିସ୍, ୧।୩:** ଏକ ଦୁର୍ନୀତି ମାମଲାରେ ଫ୍ରାନ୍ସର ପୂର୍ବତନ ରାଷ୍ଟ୍ରପତି ନିକୋଲାସ୍ ସାର୍କୋଜିଙ୍କୁ ପ୍ୟାରିସ୍‌ର ଏକ ଅଦାଲତ ଦୋଷୀସାବ୍ୟସ୍ତ କରିବା ସହ ୩ ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ୧୦ ଦିନ ମଧ୍ୟରେ ସେ ଚାହିଁଲେ ଉକ୍ତ ରାୟ ବିରୋଧରେ ଅପିଲ୍ କରିପାରିବେ। ଜଣେ ବିଚାରପତିଙ୍କୁ ଲାଞ୍ଚ ଦେବା ଲାଗି ଉଦ୍ୟମ କରିବା ଓ ପ୍ରଭାବ ପକାଇବା ଅଭିଯୋଗରେ ତାଙ୍କୁ ସୋମବାର ଦୋଷୀସାବ୍ୟସ୍ତ କରାଯାଇଛି। ୨୦୦୭ରୁ ୨୦୧୨ ପର୍ଯ୍ୟନ୍ତ ସାର୍କୋଜି ଫ୍ରାନ୍ସ ରାଷ୍ଟ୍ରପତି ଥିଲେ। ତାଙ୍କୁ ବିରୋଧରେ ଷଡ଼ଯନ୍ତ୍ର କରାଯାଇଥିବା ସାର୍କୋଜି କୋର୍ଟକୁ କହିଥିଲେ। ଆଧୁନିକ ଫ୍ରାନ୍ସରେ ଦୁର୍ନୀତି ମାମଲାରେ ଦୋଷୀସାବ୍ୟସ୍ତ ହେବାରେ ଜାକ୍ୟୁସ୍ ଚିରାକ୍‌ଙ୍କ ପରେ ସେ ଦ୍ୱିତୀୟ ପୂର୍ବତନ ରାଷ୍ଟ୍ରପତି। ଅଭିଯୋଗ ଅନୁଯାୟୀ ୨୦୦୭ ରାଷ୍ଟ୍ରପତି ନିର୍ବାଚନ ପ୍ରଚାର ପାଇଁ ସାର୍କୋଜି ବେଆଇନ ଭାବେ ଏଲ୍'ଓରିଲ୍‌ଙ୍କ ଉତ୍ତରାଧିକାରୀ ଲିଲିଆନେ ବେଟେନକୋର୍ଟଙ୍କଠାରୁ ଅର୍ଥ ନେଇଥିଲେ। ଏହି ଅଭିଯୋଗର ତଦନ୍ତ ଉପରେ ଗୋପନୀୟ ତଥ୍ୟ ସେ ବିଚାରପତି ଜିଲବର୍ଟ ଆଜିବେର୍ଟଙ୍କୁ ମାଗିଥିଲେ। ଏହା ବଦଳରେ ସେ ଉକ୍ତ ବିଚାରପତିଙ୍କୁ ମୋନାକୋରେ ଭଲ ନିଯୁକ୍ତି ଯାଚିଥିଲେ ବୋଲି ଅଭିଯୋଗ ହୋଇଥିଲା।

### ପିଆଇବି ପ୍ରମୁଖ ମହାନିର୍ଦ୍ଦେଶକ ଦାୟିତ୍ୱ ନେଲେ ଜୟଦୀପ



ନୂଆଦିଲ୍ଲୀ, ୧।୩(ପିଆଇବି): ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ପ୍ରମୁଖ ମହାନିର୍ଦ୍ଦେଶକ ଭାବେ ଜୟଦୀପ ଭଟ୍ଟନାଗର ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ୧୯୮୬ ବ୍ୟାଚର ଭାରତୀୟ ସୂଚନା ସେବା ଅଧିକାରୀ ଭଟ୍ଟନାଗର ପୂର୍ବରୁ ଦୂରଦର୍ଶନ ସମାଚାର ବିଭାଗରେ କାର୍ଯ୍ୟ କରିବା ସହ ବାଣିଜ୍ୟ, ବିକ୍ରୟ ଓ ମାର୍କେଟିଂ ବିଭାଗର ବ୍ୟବସାୟିକ ମୁଖ୍ୟ ଥିଲେ। ପଶ୍ଚିମ ଏସିଆର ୨୦ ଦେଶ ପାଇଁ ସେ ପ୍ରସାର ଭାରତୀ ସ୍ୱତନ୍ତ୍ର ଖବରଦାତା ଭାବେ କାର୍ଯ୍ୟ କରିଛନ୍ତି। ପରେ ଆକାଶବାଣୀର ନ୍ୟୁଜ୍ ସର୍ଭିସେସ୍ ବିଭାଗର ମୁଖ୍ୟ ରହିଥିଲେ। ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମାସ୍ କମ୍ୟୁନିକେଶନରେ ରେଜିଷ୍ଟ୍ରାର ଦାୟିତ୍ୱ ମଧ୍ୟ ସେ ତୁଲାଇ ଥିଲେ।

### ଭାଜପାରେ ହାଇକୋର୍ଟର ୨ ପୂର୍ବତନ ବିଚାରପତି

**କୋଚି, ୧।୩:** ବିଧାନସଭା ନିର୍ବାଚନ ପୂର୍ବରୁ କେରଳ ହାଇକୋର୍ଟର ଦୁଇଜଣ ପୂର୍ବତନ ବିଚାରପତି ପି.ଏନ୍. ରବୀନ୍ଦ୍ରନ ଏବଂ ଭି. ଚିତାମ୍ବରେଶ ସୋମବାର ଭାଜପାରେ ଯୋଗ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ବେଣୁଗୋପାଳ ନାୟାର, ଆଡମିରାଲ ବି. ଆର୍. ମେନନ, ବିପିସିଏଲ୍‌ର ପୂର୍ବତନ ମହାପ୍ରବନ୍ଧକ ସୋମାଚୁଦନ, ପୂର୍ବତନ ମହିଳା କଂଗ୍ରେସ କର୍ମୀ ଶିଜି ରାୟଙ୍କ ସମେତ ୧୮ ଜଣ ଗୈରିକ ଦଳରେ ସାମିଲ ହୋଇଛନ୍ତି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସେମାନଙ୍କୁ ଦଳରେ ସ୍ୱାଗତ କରିଥିବାବେଳେ ଭାଜପା ରାଜ୍ୟ ସଭାପତି କେ. ସୁରେନ୍ଦ୍ରନ୍ ଉପସ୍ଥିତ ଥିଲେ।

# ମାଲାଲାଙ୍କ ସ୍ୱପ୍ନ ଭାରତ-ପାକ୍ ବନ୍ଧୁତା



**ନୂଆଦିଲ୍ଲୀ, ୧।୩:** ସୀମା ଓ ବିଭାଜନର ପୁରୁଣା ଫିଲୋସୋଫି ଆଉ କାମ କରୁନାହିଁ। ଭାରତ ଏବଂ ପାକିସ୍ତାନର ଲୋକେ ଶାନ୍ତିରେ ବଞ୍ଚିବାକୁ ଚାହାଁନ୍ତି। ଏହି ଦୁଇ ଦେଶ ମଧ୍ୟରେ ଉତ୍ତମ ବନ୍ଧୁତା ମୋ ସ୍ୱପ୍ନ ବୋଲି କହିଛନ୍ତି ନୋବେଲ ଶାନ୍ତି ବିଜେତା ମାଲାଲା ୟୁସୁଫଜାଇ। ଏହା ଫଳରେ ଆମେ ପାକିସ୍ତାନୀ ସିରିଏଲ, ଡ୍ରାମା ଦେଖିବା ସହ ବଲିଉଡ୍ ଫିଲ୍ମର ମଜା ଉଠାଇପାରିବା ଏବଂ ଉଭୟ ଦେଶ ମଧ୍ୟରେ କ୍ରିକେଟ ମ୍ୟାଚକୁ ଉପଭୋଗ କରିପାରିବା। ଦୁଇ ଦେଶର ଶତ୍ରୁ ହେଉଛି ଦାରିଦ୍ର୍ୟ, ଅସମାନତା ଓ ଭେଦଭାବ। ଏହା ବିରୋଧରେ ଉଭୟ ଦେଶ ମିଶି ପଦକ୍ଷେପ ନେବା ଆବଶ୍ୟକ। ଏଥିସହ ପ୍ରତି ଦେଶରେ ସଂଖ୍ୟାଲଘୁଙ୍କ ସୁରକ୍ଷା ଏବଂ ସବୁ କନ୍ୟାଙ୍କୁ ଶିକ୍ଷିତ କରିବା ଜରୁରୀ ବୋଲି ଏହି ୨୩ ବର୍ଷୀୟା ପାକିସ୍ତାନୀ ସାମାଜିକ କର୍ମୀ କହିଛନ୍ତି।

# କ୍ରାଉନ୍ ପ୍ରିନ୍ସଙ୍କୁ ଦଣ୍ଡ ମିଳୁ

**ରିୟାଧ, ୧।୩:** ସାଉଦି ପତ୍ରକାର ଜମାଲ ଖାଶୋଗୀଙ୍କ ହତ୍ୟାକାଣ୍ଡରେ ସମ୍ପୃକ୍ତ ସାଉଦି ପ୍ରିନ୍ସ ମହମ୍ମଦ ବିନ୍ ସଲମାନଙ୍କୁ ଦଣ୍ଡ ଦେବାକୁ ଦାବି କରିଛନ୍ତି ଖାଶୋଗୀଙ୍କ ପ୍ରେମିକା ହାଟିସ୍ ସେଙ୍ଗିଜ୍। ଏହା ଦ୍ୱାରା କେବଳ ଖାଶୋଗୀଙ୍କୁ ନ୍ୟାୟ ମିଳିବ ତାହା ନୁହେଁ ବରଂ ଭବିଷ୍ୟତରେ ଏପରି ଘଟଣାର ପୁନରାବୃତ୍ତିକୁ ରୋକାଯାଇପାରିବ ବୋଲି ସେଙ୍ଗିଜ୍ କହିଛନ୍ତି। ପ୍ରିନ୍ସଙ୍କୁ ଦଣ୍ଡ ନ ମିଳିଲେ ତାହା ମାନବିକତା ବିରୋଧୀ ହେବ ଏବଂ ଆମକୁ ବିପଦ ଓ ଭୟ ମଧ୍ୟରେ ବଞ୍ଚିବାକୁ ହେବ ବୋଲି ସେ କହିଛନ୍ତି। ଖାଶୋଗୀଙ୍କୁ ହତ୍ୟା କରିବାକୁ ପ୍ରିନ୍ସ ସଲମାନ ନିର୍ଦ୍ଦେଶ ଦେଇଥିଲେ ବୋଲି ଆମେରିକା ଗୋଇନ୍ଦା ବିଭାଗ ପକ୍ଷରୁ ରିପୋର୍ଟ ପ୍ରକାଶ ପାଇଥିଲା। କିନ୍ତୁ ସାଉଦି ଆରବ ପକ୍ଷରୁ ଏହି ରିପୋର୍ଟକୁ ଖଣ୍ଡନ କରାଯାଇଛି। ଏକଦା ସାଉଦି ସରକାରଙ୍କ ପରାମର୍ଶଦାତା ଥିବା ଖାଶୋଗୀ ପ୍ରିନ୍ସ ସଲମାନଙ୍କ ସମାଲୋଚକ ପାଲଟିଥିଲେ। ୨୦୧୭ରେ ସେ ଆମେରିକା ପଳାଇ ସେଠାରେ ପତ୍ରକାର ଭାବେ କାମ କରୁଥିଲେ।



# ମୁମ୍ବାଇକୁ ଅନ୍ଧାର କରିଥିଲା ଚାଇନା

**ଚାଇନା ଟାର୍ଗେଟରେ ଭାରତର ଶକ୍ତି କ୍ଷେତ୍ର। ସାରା ଦେଶକୁ ଅନ୍ଧାର କରିବା ପାଇଁ ବେଜିଂ କରିଚାଲିଛି ସାଇବର ଆକ୍ରମଣ। ଗତ ବର୍ଷ ଲଦାଖ ସୀମା ଗଲ୍‌ୱାନ ଘାଟିରେ ଦୁଇ ଦେଶର ସୈନ୍ୟ ମୁହାଁମୁହିଁ ହେବାରୁ ଶହୀଦ ହୋଇଥିଲେ ୨୦ ଭାରତୀୟ ଯବାନ। ଏହି ସମୟରେ ହିଁ ଚାଇନା ଭାରତର ପାୱାର ସେକ୍ଟରକୁ ଦୋହଲାଇଦେବାକୁ ମାଲୱେର ଛାଡ଼ିଥିଲା। ଆମେରିକୀୟ କମ୍ପାନୀ 'ରେକର୍ଡେଡ୍ ଫ୍ୟୁଚର' ରିପୋର୍ଟ ମୁତାବକ, ଭାରତରେ ବିଦ୍ୟୁତ୍ ଯୋଗାଣ ପରିଚାଳନା କରୁଥିବା ସିଷ୍ଟମରେ ଚାଇନିଜ୍ ମାଲୱେର୍ ପଠାଯାଇଥିଲା। ଗତବର୍ଷ ଅକ୍ଟୋବରରେ ମୁମ୍ବାଇରେ ବଡ଼ଧରଣର ବିଦ୍ୟୁତ୍ ବିଭ୍ରାଟ ହୋଇଥିଲା। ଏହା ପଛରେ ମଧ୍ୟ ଚାଇନାର ହାତ ଥାଇପାରେ ବୋଲି ଉକ୍ତ ରିପୋର୍ଟରେ କୁହାଯାଇଛି। ଏହାବାଦ୍ ଭାରତର ଆଇଟି କମ୍ପାନୀ, ବ୍ୟାଙ୍କିଙ୍ଗ୍ ସେକ୍ଟରରେ ଚାଇନା ଅକ୍ଟୋବରରେ ୪୦ ହଜାର ୫ ଶହ ଥର ସାଇବର ଆଟାକ୍ କରିଥିବା ଉକ୍ତ ରିପୋର୍ଟ ଦର୍ଶାଇଛି।**



ୱାଶିଂଟନ, ୧।୩

- ଭାରତର ଶକ୍ତି କ୍ଷେତ୍ରକୁ ହ୍ୟାକର୍ସଙ୍କ ଟାର୍ଗେଟ
- ଗଲ୍‌ୱାନରେ ଉତ୍ତେଜନାବେଳେ ଛଡ଼ାଯାଇଥିଲା ମାଲୱେର
- ଆଇଟି କମ୍ପାନୀ, ବ୍ୟାଙ୍କିଙ୍ଗ୍ ସେକ୍ଟରରେ ୪୦ ହଜାର ଥର ସାଇବର ଆଟାକ୍

ଗତ ବର୍ଷ ଅକ୍ଟୋବର ୧୨ରେ ମୁମ୍ବାଇ ଦେଖିଥିଲା ବଡ଼ ଧରଣ ବିଦ୍ୟୁତ୍ ବିଭ୍ରାଟ। ଏହା ପଛରେ ଚାଇନା ସାଇବର ହ୍ୟାକର୍ସ ଗ୍ରୁପ୍‌ର ହାତ ଥାଇପାରେ ବୋଲି ନ୍ୟୁୟର୍କ ଟାଇମ୍ସ ପକ୍ଷରୁ ପ୍ରଥମେ ପ୍ରକାଶିତ ଏକ ଅନୁସନ୍ଧାନମୂଳକ ରିପୋର୍ଟରୁ ଜଣାପଡ଼ିଛି। ଏହା ସହିତ ଗତ ବର୍ଷ ଲଦାଖ ସୀମା ଗଲ୍‌ୱାନ ଉପତ୍ୟକାରେ ଚାଇନା ଓ ଭାରତୀୟ ସୈନ୍ୟଙ୍କ ସଂଘର୍ଷ ହେବାବେଳେ ଭାରତକୁ ଆଉ ଏକ ଉପାୟରେ ଆକ୍ରମଣ କରିବାକୁ ଚାଇନା ଚକ୍ରାନ୍ତ କରିଥିଲା। ଭାରତରେ ବିଦ୍ୟୁତ୍ ଯୋଗାଣ ବନ୍ଦ କରାଇଦେବାକୁ ହ୍ୟାକର୍ସ ଗ୍ରୁପ ସମ୍ପୃକ୍ତ ସିଷ୍ଟମକୁ ହ୍ୟାକ୍ କରିବାକୁ ମାଲୱେର ବା କମ୍ପ୍ୟୁଟର ଭାଇରସ୍ ଛାଡ଼ିଥିଲେ ବୋଲି ରିପୋର୍ଟରେ ଦର୍ଶାଯାଇଛି। ଗତ ଅକ୍ଟୋବରରେ ଲଗାତର ୫ ଦିନ ଭାରତର ପାୱାର ଗ୍ରୀଡ୍, ଆଇଟି କମ୍ପାନୀ ଏବଂ ବ୍ୟାଙ୍କିଙ୍ଗ ସେକ୍ଟରରେ ୪୦ ହଜାର ୫ଶହ ଥର ସାଇବର ଆଟାକ୍ ହୋଇଛି। ଚାଇନା ଲିଙ୍କ୍ ଥିବା ରେଡ୍‌ଇକୋ ଗ୍ରୁପ୍ ପାୱାର ପ୍ଲାଣ୍ଟରେ ମାଲୱେର ପ୍ରେରଣ କରିଥାଇପାରେ ବୋଲି ଅନୁସନ୍ଧାନରୁ ଜଣାପଡ଼ିଛି। ଅତ୍ୟାଧୁନିକ ଭାଇରସ୍‌ର ଉପଯୋଗ କରି ଭାରତର ସମ୍ବେଦନଶୀଳ ଜାତୀୟ ଭିତ୍ତିଭୂମି ଉପରେ ସାଇବର ଆକ୍ରମଣ ପାଇଁ ଚାଇନା ହ୍ୟାକର୍ସ ସମ୍ପୃକ୍ତ କ୍ଷେତ୍ର ପରିଚାଳନା କରୁଥିବା ସିଷ୍ଟମକୁ ଟାର୍ଗେଟ କରୁଥିବା ଏଥିରେ କୁହାଯାଇଛି। ଚାଇନାରେ ନିର୍ମିତ ବୈଦ୍ୟୁତିକ ଉପକରଣ ବିଭିନ୍ନ ଦେଶକୁ ରପ୍ତାନୀ ହେଉଥିବାବେଳେ ସେହି ଡିଭାଇସଗୁଡ଼ିକ ମାଧ୍ୟମରେ ହ୍ୟାକର୍ସ ଗ୍ରୁପ୍ ଅନ୍‌ଲାଇନ ଆକ୍ରମଣ ପାଇଁ ମାଲୱେର ପଠାଉଥିବା ଜଣାଯାଇଛି। ତେବେ ଚାଇନାର ମାଲୱେର ଆକ୍ରମଣରେ ଭାରତୀୟ ଶକ୍ତି କ୍ଷେତ୍ର ପ୍ରଭାବିତ ହୋଇ ନ ଥିଲା ବୋଲି ନୂଆଦିଲ୍ଲୀ ପକ୍ଷରୁ ସୋମବାର ଖଣ୍ଡନ କରାଯାଇଛି।

## ଗୁରୁତ୍ୱ ଦେଇ ନ ଥିଲେ ସରକାର

ରିପୋର୍ଟ ପ୍ରସ୍ତୁତ କରିଥିବା 'ରେକର୍ଡେଡ ଫ୍ୟୁଚର' ସାଇବର ଆକ୍ରମଣ ସମ୍ପର୍କରେ ଭାରତ ସରକାରଙ୍କୁ ସୂଚନା ଦେଇଥିଲା। ଏହାର ଅନୁସନ୍ଧାନ ଓ ପ୍ରତିକାର ଦିଗରେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ହେଁ ଏ ଦିଗରେ ଭାରତ ସରକାର କୌଣସି ତତ୍କ୍ଷଣାତ ପଦକ୍ଷେପ ନେଇ ନ ଥିଲେ ବୋଲି ରେକର୍ଡେଡ ଉକ୍ତ ରିପୋର୍ଟରେ କୁହାଯାଇଛି। ୨୦୨୦ ଆରମ୍ଭରୁ ଏହି କମ୍ପାନୀର ଇନ୍‌ସିକ୍ଟ ଗ୍ରୁପ୍ ନିର୍ଦ୍ଦିଷ୍ଟ ଭାରତୀୟ ସଙ୍ଗଠନଗୁଡ଼ିକ ଉପରେ ଚାଇନା ପ୍ରାୟୋଜିତ ସନ୍ଦିଗ୍ଧ କାର୍ଯ୍ୟକଳାପ ବୃଦ୍ଧି ଉପରେ ନଜର ରଖିଥିଲା। ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥାରେ ସନ୍ତୁଳନ ରକ୍ଷା କରୁଥିବା ୪ ରିଜିଓନାଲ ଲୋଡ୍ ଡେସ୍‌ପାଚ୍ ସମେତ ଭାରତର ୧୦ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିକୁ ଟାର୍ଗେଟ କରାଯାଇଥିଲା। ଏଥିସହ ଭାରତର ଦୁଇ ବନ୍ଦର ମଧ୍ୟ ହ୍ୟାକର୍ସଙ୍କ ଟାର୍ଗେଟରେ ଥିଲା। ଭାରତ ଲଦାଖ ସୀମା ପ୍ରତି ଦୃଢ଼ ଆଭିମୁଖ୍ୟ ଦେଖାଇଲେ ପରିଣାମ ଭୟଙ୍କର ହେବ ବୋଲି ମୁମ୍ବାଇ ବ୍ଲାକ୍‌ଆଉଟ ଜରିଆରେ ଚାଇନା ସନ୍ଦେଶ ଦେବା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ନ୍ୟୁୟର୍କ ଟାଇମ୍ସରେ ରିପୋର୍ଟ ପ୍ରକାଶିତ ହୋଇଛି।

## ୧୨ ଅକ୍ଟୋବରରେ କ'ଣ ହୋଇଥିଲା

୨୦୨୦ ଅକ୍ଟୋବର ୧୨ ତାରିଖ ସକାଳେ ମୁମ୍ବାଇରେ ହଠାତ୍ ବିଦ୍ୟୁତ୍ ଯୋଗାଣ ବନ୍ଦ ହୋଇଯାଇଥିଲା। ପାଖାପାଖି ୨ ଘଣ୍ଟାରୁ ଅଧିକ ସମୟ ଧରି ବ୍ଲାକ୍‌ଆଉଟ ଯୋଗୁ ଚଳଚଞ୍ଚଳ ମୁମ୍ବାଇ ସହର ଅଟକି ଯାଇଥିଲା। ହାରାହାରି ୨କୋଟି ଜନସାଧାରଣଙ୍କ ଜୀବନଯାତ୍ରା ବ୍ୟାହତ ହୋଇଥିଲା। ଟ୍ରେନ ଅଟକିବା ସହ ହସ୍ପିଟାଲ ଏକ ପ୍ରକାର ବନ୍ଦ ହୋଇଯାଇଥିଲା। ଷ୍ଟକ୍ ଏକ୍ସଚେଞ୍ଜରେ ଘଣ୍ଟା ଘଣ୍ଟା ଧରି କାରବାର ବନ୍ଦ ହେବାରୁ ବିପୁଳ କ୍ଷତି ସାଧନ ହୋଇଥିଲା। କରୋନା ମହାମାରୀରେ ଲକ୍‌ଡାଉନରେ ଘରେ ବନ୍ଦୀ ଥିବା ମୁମ୍ବାଇବାସୀ ଅସ୍ତବ୍ୟସ୍ତ ହୋଇପଡ଼ିଥିଲେ। ଜରୁରୀ କାମ ବନ୍ଦ ହୋଇଯିବା ସହ ଘରୁ ଅଫିସ୍ କାର୍ଯ୍ୟ କରୁଥିବା ଲୋକେ ହୀନସ୍ତା ହୋଇଥିଲେ। ହସ୍ପିଟାଲରେ ଭେଣ୍ଟିଲେଟର୍ସ ଅଚଳ ହୋଇପଡ଼ିଥିଲା। ଦୀର୍ଘ ୨ ଘଣ୍ଟା ପରେ ପୁଣି ମୁମ୍ବାଇ ଚଳଚଞ୍ଚଳ ହୋଇଥିଲା।

## ଆକ୍ରମଣର ମାଧ୍ୟମ ଚାଇନା ଉପକରଣ

ଚାଇନାର ଏଭଳି ଷଡ଼ଯନ୍ତ୍ର ଉପରୁ ପରଦା ଉଠିବା ପରେ ଭାରତର ଶକ୍ତିକ୍ଷେତ୍ରର ସୁରକ୍ଷାକୁ ନେଇ ଚିନ୍ତା ପ୍ରକାଶ ପାଇଛି। ଏପରି କରି ଭାରତକୁ ଚାଇନା ସମ୍ପୂର୍ଣ୍ଣ ଅନ୍ଧକାରମୟ କରିପାରିବାର କ୍ଷମତା ରଖିଥିବା ନେଇ ପ୍ରଶ୍ନ ଉଠିଛି। ଚିନ୍ତାର ବଡ଼ କାରଣ ପାଲଟିଛି ଭାରତରେ ବ୍ୟାପକ ମାତ୍ରାରେ ଚାଇନା ପ୍ରସ୍ତୁତ ବୈଦ୍ୟୁତିକ ଉପକରଣର ବ୍ୟବହାର। ପୂର୍ବତନ ବହିର୍ବ୍ୟାପାର ସଚିବ ନିରୁପମା ରାଓଙ୍କ କହିବା ମୁତାବକ, ଭାରତ ମୁଖ୍ୟତଃ ଚାଇନାରୁ ଶକ୍ତି ଉତ୍ପାଦନ ଉପକରଣ ଏବଂ ଟ୍ରାନ୍ସଫର୍ମର କ୍ରୟ କରିଥାଏ। ଗତ ଦୁଇ ଦଶନ୍ଧି ମଧ୍ୟରେ ଚାଇନା ଉପରେ ନିର୍ଭରଶୀଳତା ବୃଦ୍ଧି ପାଇଛି। ୨୦୨୦ରେ ଭାରତ ୭୧ ହଜାର କୋଟି ଟଙ୍କାର ଶକ୍ତି ଉତ୍ପାଦନ ଉପକରଣ କ୍ରୟ କରିଛି, ସେଥିମଧ୍ୟରୁ ୨୧ ହଜାର କୋଟି ଟଙ୍କା କେବଳ ଚାଇନାରୁ ଆସିଛି। ଚାଇନିଜ୍ ହାର୍ଡୱେର୍ ସଫ୍ଟୱେର୍ ମଧ୍ୟ ଭାରତରେ ବ୍ୟବହାର କରାଯାଉଛି, ଯାହା କି ଚାଇନାର ଯୋଜନାକୁ ସଫଳ କରିବାରେ ବେଶ୍ ସକ୍ଷମ।



ନିରୁପମା ରାଓ

## ଟାର୍ଗେଟରେ ସିରମ୍, ଭାରତ ବାୟୋଟେକ୍

ଚାଇନା ସମର୍ଥିତ ହ୍ୟାକର୍ସ ଗ୍ରୁପ୍ ଗତ କିଛି ସପ୍ତାହରେ ଭାରତରେ କରୋନା ଟିକା ପ୍ରସ୍ତୁତକାରୀ କମ୍ପାନୀ ସିରମ୍ ଇନଷ୍ଟିଚ୍ୟୁଟ୍ ଓ ଭାରତ ବାୟୋଟେକ୍‌ର ସୂଚନା ପ୍ରଯୁକ୍ତି (ଆଇଟି) ସିଷ୍ଟମକୁ ଟାର୍ଗେଟ କରିଥିବା ସାଇବର ଇଣ୍ଟେଲିଜେନ୍ସ ଫାର୍ମ ସାଇଫାର୍ମା ପକ୍ଷରୁ କୁହାଯାଇଛି। ଉଭୟ ଚାଇନା ଓ ଭାରତ ବିଭିନ୍ନ ଦେଶକୁ କରୋନା ଟିକା ପଠାଇଛନ୍ତି। ବିଶ୍ୱର ବିଭିନ୍ନ ଦେଶକୁ ଯୋଗାଣ ହେଉଥିବା ଟିକା ମଧ୍ୟରୁ ଭାରତ ୬୦ ପ୍ରତିଶତରୁ ଅଧିକ ଉତ୍ପାଦନ କରୁଥିବାବେଳେ ଚାଇନିଜ୍ ହ୍ୟାକିଂ ଗ୍ରୁପ୍ ଏପିଟି୧୦ ଉଭୟ ସିରମ୍ ଓ ଭାରତ ବାୟୋଟେକ୍‌ର ଆଇଟି ଭିତ୍ତିଭୂମି ଏବଂ ଯୋଗାଣ ଶୃଙ୍ଖଳା ସଫ୍ଟୱେରରେ ଥିବା ଦୁର୍ବଳତାକୁ ଚିହ୍ନଟ କରିଛି। ଭାରତୀୟ ଫାର୍ମାସ୍ୟୁଟିକାଲ କମ୍ପାନୀକୁ ପଛକୁ ପକାଇବାକୁ ଆବଶ୍ୟକ ଟେକ୍ନୋଲୋଜି ଓ ଜ୍ଞାନକୌଶଳ ଚୋରି କରିବାକୁ ଏହି ଗ୍ରୁପ୍‌ର ଲକ୍ଷ୍ୟ ରହିଛି ବୋଲି ସାଇଫାର୍ମା ମୁଖ୍ୟ କାର୍ଯ୍ୟନିର୍ବାହୀ କୁମାର ରିତେଶ କହିଛନ୍ତି।



# ଦଳ ଗଢ଼ିବେନି ଟ୍ରମ୍ପ୍

ୱାଶିଂଟନ, ୧।୩ (ପି.ଟି.)

ହ୍ୱାଇଟ୍ ହାଉସ୍ ଛାଡ଼ିବା ପରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପ୍ରଥମ ଥର ପାଇଁ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ୨୦୨୪ରେ ନିଶ୍ଚୟ ନିର୍ବାଚନ ଲଢ଼ିବେ ବୋଲି କହିଛନ୍ତି। ଏଥିପାଇଁ ରିପବ୍ଲିକାନ୍‌ମାନେ ଏକତ୍ର କାର୍ଯ୍ୟ କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ସେ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ପ୍ରଶାସନକୁ ସମାଲୋଚନା କରିଛନ୍ତି। ମାତ୍ର ଗୋଟିଏ ମାସ ମଧ୍ୟରେ 'ଆମେରିକା ଫାଷ୍ଟ'ରୁ 'ଆମେରିକା ଲାଷ୍ଟ'କୁ ଚାଲିଯାଇଥିବା ସେ କହିଥିଲେ। ରବିବାର ଫ୍ଲୋରିଡାର ଓର୍ଲାଣ୍ଡୋଠାରେ କଞ୍ଜରଭେଟିଭ୍ ପଲିଟିକାଲ ଆକ୍ସନ କମିଟିରେ ଉଦ୍‌ବୋଧନ ଦେଇଥିଲେ। ଆମେ ସିନେଟ ଜିତିବା ପରେ ହ୍ୱାଇଟ୍ ହାଉସ୍‌ରେ ରିପବ୍ଲିକାନ ରାଷ୍ଟ୍ରପତିଙ୍କ ଦଖଲକୁ ଆସିବ ବୋଲି ଟ୍ରମ୍ପ୍ କହିଥିଲେ। ଏହାସହ ଟ୍ରମ୍ପ୍ ନୂଆ ରାଜନୈତିକ ଦଳ ଗଠନ କରିବେ ବୋଲି ଯେଉଁ ଚର୍ଚ୍ଚା ଜୋର ଧରିଥିଲା ତାକୁ ସେ ଖଣ୍ଡନ କରିଛନ୍ତି।



ଅମୃତସରରେ ପଞ୍ଜାବ ବିଧାନସଭା ଘେରାଓ ବେଳେ ପୋଲିସ ସହ ଶିରୋମଣି ଅକାଳୀ ଦଳର ନେତା ଓ କର୍ମୀ ମୁହାଁମୁହିଁ।

# ପ୍ରଶାନ୍ତ କିଶୋରଙ୍କୁ ଆପଣାଇଲେ ଅମରିନ୍ଦର

ଚଣ୍ଡିଗଡ଼, ୧।୩

ଆସନ୍ତା ବର୍ଷ ପଞ୍ଜାବ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ପୁଣି ଥରେ ରାଜନୈତିକ ରଣନୀତିକାର ପ୍ରଶାନ୍ତ କିଶୋରଙ୍କୁ ପ୍ରମୁଖ ଉପଦେଷ୍ଟା ନିଯୁକ୍ତ କରିଛନ୍ତି। ୨୦୨୨ରେ ପଞ୍ଜାବରେ କଂଗ୍ରେସ ପାଇଁ ରାଜନୈତିକ ପ୍ରଚାରକୁ ପରିଚାଳନା କରିବେ ବୋଲି ପ୍ରଶାନ୍ତ ପୂର୍ବରୁ ଅମରିନ୍ଦରଙ୍କୁ କହିଥିଲେ। ସେ ନାମକୁ ମାତ୍ର ୧ ଟଙ୍କା ବେତନ ନେବେ। ଏହା ବ୍ୟତୀତ ତାଙ୍କୁ କ୍ୟାବିନେଟ ପାହ୍ୟା ସହ ସରକାରୀ ବାସଭବନ ଓ କାର୍ଯ୍ୟାଳୟ ସମେତ ଅନ୍ୟାନ୍ୟ ସୁବିଧା ମିଳିବ। ଗତ ନିର୍ବାଚନ ବେଳେ ପ୍ରଶାନ୍ତଙ୍କ ଇଣ୍ଡିଆନ ପଲିଟିକାଲ ଆକ୍ସନ କମିଟି (ଆଇ-ପିଏସସି) ପଞ୍ଜାବରେ ନିର୍ବାଚନ ପ୍ରଚାର ପରିଚାଳନା କରି କଂଗ୍ରେସକୁ ବିଜୟୀ କରାଇଥିଲା।



## ଅଦାଲତ ଗଲେ ସୁ୍ୟ ଚୀ

ୟାଙ୍ଗୁନ୍, ୧।୩

ମ୍ୟାନ୍‌ମାର ସୈନ୍ୟବାହିନୀ ଗତ ଫେବୃୟାରୀ ୧ରେ ସାମରିକ ବିଦ୍ରୋହ ବଳରେ ଅଙ୍ଗ୍ ସାନ୍ ସୁ୍ୟ ଚୀଙ୍କ ଗଣତାନ୍ତ୍ରିକ ସରକାରକୁ ହଟାଇ କ୍ଷମତା ଦଖଲ କରିଥିଲା। ଏହାର ମାସେ ପରେ ସୁ୍ୟ ଚୀ ଏକ ବିଦେଶୀ ୱାକିଟକି ମାମଲାରେ ସୋମବାର ଭିଡିଓ ଲିଙ୍କ୍ ଜରିଆରେ ଅଦାଲତରେ ହାଜର ହୋଇଛନ୍ତି।

# ୮ ପର୍ଯ୍ୟାୟ ନିର୍ବାଚନକୁ ଚ୍ୟାଲେଞ୍ଜ

ନୂଆଦିଲ୍ଲୀ, ୧।୩(ପି.ଟି.)

ପଶ୍ଚିମବଙ୍ଗରେ ୮ ପର୍ଯ୍ୟାୟରେ ବିଧାନସଭା ନିର୍ବାଚନ କରିବା ଲାଗି ନିର୍ବାଚନ କମିଶନ (ଇସି) ନେଇଥିବା ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ଇସିଙ୍କ ନିଷ୍ପତ୍ତି ବିରୋଧରେ ଆଇନଜୀବୀ ଏମ୍.ଏଲ୍. ଶର୍ମା ସୋମବାର ସର୍ବୋଚ୍ଚ ଅଦାଲତରେ ପିଟିଶନ ଦାଏର କରିଛନ୍ତି। ୮ ପର୍ଯ୍ୟାୟରେ ନିର୍ବାଚନ ହେବା ଦ୍ୱାରା ଏହା ସମ୍ବିଧାନର ଅନୁଚ୍ଛେଦ ୧୪ (ସମାନତା ଅଧିକାର) ଏବଂ ଅନୁଚ୍ଛେଦ ୨୧ (ବଞ୍ଚିବାର ଅଧିକାର)ର ଉଲ୍ଲଂଘନ କରୁଛି। ଏଭଳି ୮ ପର୍ଯ୍ୟାୟ ନିର୍ବାଚନ ବନ୍ଦ କରିବାକୁ ଅଦାଲତ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେବା ଲାଗି ପିଟିଶନରେ ଅନୁରୋଧ କରାଯାଇଛି।

ପଶ୍ଚିମବଙ୍ଗ ସମେତ ତାମିଲନାଡୁ, କେରଳ, ଆସାମ, ଏବଂ ପୁଡୁଚେରୀ ବିଧାନସଭା ନିର୍ବାଚନ ଲାଗି ଇସି ଫେବୃୟାରୀ ୨୬ରେ ତାରିଖ ଘୋଷଣା କରିଥିଲେ। ତୃଣମୂଳ କଂଗ୍ରେସ ଶାସିତ ପଶ୍ଚିମବଙ୍ଗରେ ମାର୍ଚ୍ଚ ୨୭ରୁ ଏପ୍ରିଲ ୨୯ ପର୍ଯ୍ୟନ୍ତ ୮ ପର୍ଯ୍ୟାୟରେ ଭୋଟ ହେବ ବୋଲି ଘୋଷଣା କରାଯାଇଥିଲା। କେରଳ, ତାମିଲନାଡୁ ଓ ପୁଡୁଚେରୀରେ ଗୋଟିଏ ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବାବେଳେ ଆସାମରେ ୩ ପର୍ଯ୍ୟାୟରେ ହେବ। ପଶ୍ଚିମବଙ୍ଗରେ ନିର୍ବାଚନ ପ୍ରଚାର ବେଳେ ଧର୍ମୀୟ ସ୍ଲୋଗାନ ଦିଆଯାଉଥିବାରୁ ଏହା ବିରୋଧରେ ଏତଲା ଦାଏର ଲାଗି ସିବିଆଇକୁ ନିର୍ଦ୍ଦେଶ ଦେବା ପାଇଁ ଆଇନଜୀବୀ ଶର୍ମା ପିଟିଶନରେ ଅନୁରୋଧ କରିଛନ୍ତି। ଜୟ ଶ୍ରୀରାମ ଏବଂ ଅନ୍ୟାନ୍ୟ ଧର୍ମୀୟ ସ୍ଲୋଗାନ ସଦ୍‌ଭାବନା ନଷ୍ଟ କରୁଛି। ଆଇପିସି ଏବଂ ଜନପ୍ରତିନିଧି ଆଇନରେ ଏହା ଅପରାଧ ବୋଲି ପିଟିଶନରେ ଦର୍ଶାଯାଇଛି।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୧,୪୮,୧୬,୩୦୨ | ୨୫,୪୫,୩୧୫ | ୯,୦୪,୦୨,୨୬୭ |
| ଭାରତ | ୧,୧୧,୨୨,୨୨୯ | ୧,୫୭,୨୫୦ | ୧,୦୭,୯୫,୫୧୧ |
| ଓଡ଼ିଶା | ୩,୩୭,୨୭୭ | ୧୯୧୬(+୫୩) | ୩,୩୪,୬୪୭ |

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର



ବିବାହ ପରେ ଅର୍ଚ୍ଚିତା ଓ ସବ୍ୟସାଚୀ।

# ନୂଆ ଜୀବନ ଆରମ୍ଭ କଲେ ସବ୍ୟାର୍ଚ୍ଚିତା

ଭୁବନେଶ୍ୱର,୧।୩ (ବ୍ୟୁରୋ)

ଓଡ଼ିଆ ଚଳଚ୍ଚିତ୍ର ଜଗତର ହିଟ୍ ଯୋଡି ସବ୍ୟସାଚୀ ଓ ଅର୍ଚ୍ଚିତା ସୋମବାର ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ରାଜସ୍ଥାନର ଏକ ବିଳାସପୂର୍ଣ୍ଣ ରିସର୍ଟରେ ଉଭୟଙ୍କର ବିବାହ ହୋଇଛି। ଦୁହିଁଙ୍କ ପ୍ରେମ ସମ୍ପର୍କକୁ ନେଇ ଦୀର୍ଘଦିନରୁ ହେଉଥିବା ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ଟାଣି ନୂଆ ଜୀବନ ଆରମ୍ଭ କରିଛନ୍ତି ସବ୍ୟାର୍ଚ୍ଚିତା। ଦୁହିଁଙ୍କର ବିବାହ ଓ ଏହା ପୂର୍ବର ଫଟୋ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେଉଛି। ଧଳା ରଙ୍ଗର ସେର୍ୱାନୀ ସାଙ୍ଗକୁ ଗୋଲାପୀ ରଙ୍ଗର ପଗଡି ପିନ୍ଧି ସବ୍ୟସାଚୀ ରାଜା ବେଶରେ ସଜେଇ ହୋଇଥିବାବେଳେ ଲାଲ୍ ରଙ୍ଗର ଲେହେଙ୍ଗାରେ ରାଣୀ ବେଶରେ ଦେଖିବାକୁ ମିଳୁଛନ୍ତି ଷ୍ଟାଇଲିସ୍ ତଥା ଚୁଲ୍‌ବୁଲି ଅର୍ଚ୍ଚିତା। ଏହାଛଡା ବିବାହ ପୂର୍ବରୁ ଅର୍ଚ୍ଚିତା ଓ ସବ୍ୟସାଚୀଙ୍କ ହଳଦୀ ସେରିମୋନିର ଫଟୋ ସହ ବରକନ୍ୟା ବେଶର ଫଟୋ ମଧ୍ୟ ସୋସିଆଲ ମିଡିଆରେ ନିଆରା ଉଷ୍ମତା ଭରିଦେଇଛି।

ବହୁ ଦିନରୁ ଦୁହିଁଙ୍କ ସମ୍ପର୍କକୁ ନେଇ ଆଲୋଚନା ହେଉଥିଲେ ବି ଏନେଇ ସେମାନେ କେବେ ମୁହଁ ଖୋଲି ନ ଥିଲେ। ତେବେ ହଠାତ୍ ରବିବାର ସୋସିଆଲ ମିଡିଆରେ ନିଜର ବିବାହ ନେଇ ସୂଚନା ଦେଇ ପ୍ରଶଂସକଙ୍କୁ ସରପ୍ରାଇଜ୍ ଦେଇଥିଲେ ସବ୍ୟାର୍ଚ୍ଚିତା। ଏଥିସହ ପୂର୍ବରୁ ନିର୍ବନ୍ଧ ସରିଥିବା ମଧ୍ୟ ସୂଚନା ଦେଇଥିଲେ। ଏହାପରେ ସେମାନଙ୍କ ନିକଟକୁ ପ୍ରଶଂସକଙ୍କ ଶୁଭେଚ୍ଛାର ସୁଅ ଛୁଟିଥିଲା। କେବଳ ସେତିକି ନୁହେଁ, ଉଭୟେ ବିବାହ ପୂର୍ବରୁ ଭାବବିହ୍ୱଳ ହୋଇ ଫେସ୍‌ବୁକ୍ ଓ ଟୁଇଟରରେ ମନର କଥାକୁ ପ୍ରକାଶ କରି ସମସ୍ତଙ୍କର ଭଲପାଇବା ଏବଂ ଆର୍ଶୀବାଦ କାମନା କରିଥିଲେ। ଉଭୟଙ୍କ ପୋଷ୍ଟକୁ ପ୍ରଶଂସକମାନେ ବେଶ୍ ପ୍ରଶଂସା କରିଥିବା ଦେଖାଯାଇଥିଲା। ରାଜସ୍ଥାନରେ ପରିବାର ସଦସ୍ୟ ଓ ଅଳ୍ପ କେତେଜଣ ଅତିଥିଙ୍କ ଗହଣରେ ବିବାହ ଅନୁଷ୍ଠିତ ହୋଇଥିବା ସୂଚନା ଦିଆଯାଇଛି।






# ବଦଳିପାରେ ସ୍କୁଲ ସମୟ

**ଭୁବନେଶ୍ୱର, ୧।୩(ବ୍ୟୁରୋ):** ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ସୋମବାରଠାରୁ ସକାଳୁଆ ସ୍କୁଲ ଆରମ୍ଭ ହୋଇଛି। ପରିବର୍ତ୍ତିତ ସମୟ ସୂଚୀ ଅନୁସାରେ ନବମ ଓ ଏକାଦଶ ଶ୍ରେଣୀ ପାଠପଢ଼ା ସକାଳ ୭ଟାରୁ ୯ଟା ପର୍ଯ୍ୟନ୍ତ ହୋଇଥିବାବେଳେ ଦଶମ ଓ ଦ୍ୱାଦଶ ଶ୍ରେଣୀରେ ସକାଳ ୯ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ହୋଇଛି। ତେବେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲା ସ୍କୁଲ୍‌ରୁ ଫେରିବା ସମୟରେ ପ୍ରବଳ ଖରା ହେଉଥିବାରୁ ସମୟ ସୂଚୀରେ ପରିବର୍ତ୍ତନ ହୋଇପାରେ। ଏନେଇ ତର୍ଜମା ଚାଲିଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ପରିବର୍ତ୍ତିତ ସମୟକୁ ଓଡ଼ିଶା ମାଧ୍ୟମିକ ସ୍କୁଲ ସଂଘ(ଓଷ୍ଟା) ବିରୋଧ କରୁଛି। ଅପରାହ୍ନ ୧ଟାରେ ଛାତ୍ରୀଛାତ୍ର ଓ ଶିକ୍ଷକମାନେ ସ୍କୁଲ୍‌ରୁ ଘରକୁ ଫେରିଲେ ସେମାନଙ୍କ ଜୀବନ ପ୍ରତି ବିପଦ ଆଶଙ୍କା କରୁଛନ୍ତି। ତେଣୁ ଯଥାଶୀଘ୍ର ସମୟ ପରିବର୍ତ୍ତନ କରିବା ପାଇଁ ଓଷ୍ଟା ଦାବି କରୁଛନ୍ତି।



# ଜିତିଗଲା ପ୍ରେମ

## ବିବାହ ବନ୍ଧନରେ ଆବଦ୍ଧ ହେଲେ ପ୍ରମୋଦିନୀ

**ତିର୍ତ୍ତୋଲ,୧।୩(ଡି.ଏନ୍.ଏ.):** ଏସିଡ୍ ଆକ୍ରମଣ ଶିକାର ହୋଇଥିବା ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅଧୀନ କନକପୁର ଅଞ୍ଚଳର ପ୍ରମୋଦିନୀ ରାଉଳ ସୋମବାର ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ସେ ତାଙ୍କ ପୁରୁଷ ବନ୍ଧୁ ତଥା ଭୁବନେଶ୍ୱର ବାଳକାଟି ନିକଟ ଝିଇଣ୍ଟିପାଟଣାର ସରୋଜ କୁମାର ସାହୁଙ୍କୁ ବିବାହ କରିଛନ୍ତି। ସରୋଜ ଏବେ କଟକରେ ମେଡିସିନ୍ ରିପ୍ରେଜେଣ୍ଟିଭ ଭାବେ କାର୍ଯ୍ୟ କରୁଛନ୍ତି। ସେ ପ୍ରମୋଦିନୀଙ୍କ ଚିକିତ୍ସାରେ ସହଯୋଗ କରିଥିଲେ। ୨୦୧୮ରେ ଲକ୍ଷ୍ନୌଠାରେ ଉଭୟଙ୍କ ରିଙ୍ଗ ସେରିମନି ଅନୁଷ୍ଠିତ ହୋଇଥିଲା। ଏବେ ପରିବାରବର୍ଗଙ୍କ ଉପସ୍ଥିତିରେ ଉଭୟଙ୍କ ବୈଦିକ ରୀତିରେ ବିବାହ ସମ୍ପନ୍ନ ହୋଇଛି। ଏସିଡ୍ ଆକ୍ରମଣରେ ପ୍ରମୋଦିନୀଙ୍କ ରୂପ ବିଗିଡ଼ିଯାଇଛି ସତ, ହେଲେ ତାଙ୍କ ଜୀବନର ପଥ ଅଟକିଯାଇନି। ସରୋଜଙ୍କ ବିଶାଳ ହୃଦୟ ଏବଂ ଉଭୟଙ୍କ ନିଚ୍ଛକ ପ୍ରେମ ସବୁ ଦୁଃଖକୁ ତୁଚ୍ଛ କରିଦେଇଛି।

୨୦୦୯ ଏପ୍ରିଲ ୧୮ରେ ପ୍ରମୋଦିନୀ ଏସିଡ୍ ଆକ୍ରମଣର ଶିକାର ହୋଇଥିଲେ। ସେ ସେତେବେଳେ ତିର୍ତ୍ତୋଲସ୍ଥିତ ଆଦିକବି ସାରଳା ଦାସ କଲେଜରେ ଯୁକ୍ତ ୨ କଳା ବିଭାଗର ଛାତ୍ରୀ ଥିଲେ। ପାରା ମିଲିଟାରି କ୍ୟାମ୍ପର ଯବାନ ଭାବେ କାର୍ଯ୍ୟରତ ଭଦ୍ରକ ଅଞ୍ଚଳର ସନ୍ତୋଷ କୁମାର ବେଦାନ୍ତ ତାଙ୍କୁ ଏକତରଫା ପ୍ରେମ କରୁଥିଲେ। ସନ୍ତୋଷ ଏଥିରେ ବିଫଳ ହେବାରୁ ହିଂସ୍ର ହୋଇ ପଡ଼ିଥିଲେ। ଜଣେ ସମ୍ପର୍କୀୟ ଭାଇଙ୍କ ସହ ପ୍ରମୋଦିନୀ ସାଇକେଲରେ ଯାଉଥିବା ବେଳେ ସନ୍ତୋଷ ତାଙ୍କ ଉପରକୁ ଏସିଡ୍ ପକାଇ ଫେରାର ହୋଇଯାଇଥିଲେ। ଏବେ ସେ ଜଗତ୍‌ସିଂହପୁରସ୍ଥିତ ଉପକାରାଗାରାରେ ବିଚାରାଧୀନ କଏଦୀ ଭାବେ ରହିଛନ୍ତି। ଅପରପକ୍ଷେ ଗୁରୁତର ଅବସ୍ଥାରେ ପ୍ରମୋଦିନୀଙ୍କୁ ପରିବାର ଲୋକେ ଉଦ୍ଧାର କରି ଚିକିତ୍ସା ନିମନ୍ତେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ପ୍ରମୋଦିନୀ କୋମାକୁ ଚାଲିଯାଇଥିଲେ। ୬ ବର୍ଷ କାଳ କୋମାରେ ରହିବା ପରେ ୨୦୧୪ରେ ସୁସ୍ଥ ହୋଇଥିଲେ। ମାତ୍ର ସେତେବେଳକୁ ସେ ଦୃଷ୍ଟିଶକ୍ତି ହରାଇ ବସିଥିଲେ। ଏହା ପରଠାରୁ ପ୍ରମୋଦିନୀ ଏକ ଏନଜିଓ ସହ ଜଡ଼ିତ ହୋଇ କାମ କରୁଥିଲେ। ଏହି ସମୟରେ ସରୋଜଙ୍କ ସହ ତାଙ୍କର ଭେଟ ହୋଇଥିଲା। ସେ ପ୍ରମୋଦିନୀଙ୍କୁ ଦୃଷ୍ଟିଶକ୍ତି ଫେରାଇ ଆଣିବା ପାଇଁ ଚିକିତ୍ସାରେ ସହଯୋଗ କରିଥିଲେ। ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଏହି ସମ୍ପର୍କ ନିବିଡ ହେବାପରେ ଉଭୟ ପରସ୍ପରକୁ ବିବାହ କରିବାକୁ ସ୍ଥିର କରିଥିଲେ।



**ଆଜିର ମନ୍ତବ୍ୟ**

"ଯୁବବର୍ଗଙ୍କ ପାଇଁ ଦୀର୍ଘଜୀବନ ପଡ଼ିଛି। ତେଣୁ ସେମାନଙ୍କୁ ପ୍ରଥମେ କୋଭିଡ୍ ଟିକା ଦିଆଯାଉ।

–ମଲ୍ଲିକାର୍ଜୁନ ଖାର୍ଗେ, ରାଜ୍ୟ ସଭାରେ ବିରୋଧୀ ଦଳ ନେତା


## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..............................



ବିଭୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମେ' ୫ରୁ ଆଇସିଏସ୍ଇ, ଏପ୍ରିଲ ୮ରୁ ଆଇଏସ୍ସି ପରୀକ୍ଷା

**ନୂଆଦିଲ୍ଲୀ, ୧।୩**

୨୦୨୧ ବର୍ଷ ପାଇଁ ଆଇସିଏସ୍ଇ ଦଶମ ଶ୍ରେଣୀ ପରୀକ୍ଷା ମେ' ୫ରୁ ଆରମ୍ଭ ହୋଇ ଜୁନ୍ ୭ ପର୍ଯ୍ୟନ୍ତ ଚାଲିବ। ସେହିପରି ଆଇଏସ୍ସି ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଏପ୍ରିଲ ୮ରୁ ଆରମ୍ଭ ହୋଇ ଜୁନ୍ ୧୬ରେ ଶେଷ ହେବ। କାଉନସିଲ୍ ଫର୍ ଇଣ୍ଡିଆନ ସ୍କୁଲ ସାର୍ଟିଫିକେଟ ଏକ୍ଜାମିନେଶନ୍ସ (ସିଆଇଏସ୍ସିଇ) ପକ୍ଷରୁ ଏହା ଘୋଷଣା କରାଯାଇଛି। ଏପ୍ରିଲ୍ ୮ରେ ଦ୍ୱାଦଶ ଶ୍ରେଣୀ କମ୍ପ୍ୟୁଟର ସାଇନ୍ସ (ପ୍ରାକ୍ଟିକାଲ)– ପ୍ଲାନିଂ ସେସନ ପରୀକ୍ଷା ହେବ। ଏହା ୯୦ ମିନିଟ୍ ପରୀକ୍ଷା। ଏପ୍ରିଲ ୯ରୁ ଅନ୍ୟାନ୍ୟ ବିଷୟରେ ୩ ଘଣ୍ଟିଆ ପରୀକ୍ଷା ହେବ। ଆଇସିଏସ୍ଇ ଦଶମର କେତେକ ବିଷୟ ପରୀକ୍ଷା ପୂର୍ବାହ୍ନ ୯ଟାରୁ ହେବାକୁ ଥିବାବେଳେ ଅନ୍ୟ କେତେକ ପରୀକ୍ଷା ୧୧ଟାରେ ଆରମ୍ଭ ହେବ। ମେ' ୫ରେ ଇଂଲିଶ ପେପର–୧ ପରୀକ୍ଷା ୧୧ଟାରେ ଆରମ୍ଭ ହେବ। ସାଧାରଣତଃ ଫେବୃୟାରୀ–ମାର୍ଚ୍ଚରେ ସିଆଇସିଏସ୍ଇ ବୋର୍ଡ ପରୀକ୍ଷା ପରିଚାଳନା କରିଥାଏ। କରୋନା ମହାମାରୀ ପାଇଁ ଏଥର ପରୀକ୍ଷା ବିଳମ୍ବିତ ହୋଇଛି।

ପରୀକ୍ଷା ସମୟର ୫ ମିନିଟ ପୂର୍ବରୁ ଛାତ୍ରୀଛାତ୍ର ହଲ୍ରେ ବସିବେ। ମହାମାରୀ ସମୟରେ ପରୀକ୍ଷା ହେଉଥିବାରୁ ସୁରକ୍ଷା ନିୟମ ପାଳନ କରିବା ଲାଗି କାଉନସିଲ୍ ପକ୍ଷରୁ ଧାର୍ଯ୍ୟ କରାଯାଇଛି। ଗହଳି ନ କରି ଜଣେ ଜଣେ ହଲ୍ରେ ପ୍ରବେଶ କରିବାକୁ ଥିବାରୁ ପିଲାମାନଙ୍କୁ ପରୀକ୍ଷା ସମୟର ଯଥେଷ୍ଟ ପୂର୍ବରୁ ପହଞ୍ଚିବାକୁ କୁହାଯାଇଛି। ପରୀକ୍ଷାର୍ଥୀ ମାସ୍କ ପିନ୍ଧିବା ସହ ସାଙ୍ଗରେ ସାନିଟାଇଜର ଆଣିବାକୁ ବାଧ୍ୟତାମୂଳକ କରାଯାଇଛି। ସେମାନେ ଚାହିଁଲେ ଗ୍ଲୋଭ୍ସ ବ୍ୟବହାର କରିପାରିବେ। ପରୀକ୍ଷା କାର୍ଯ୍ୟସୂଚୀ ଲାଗି ନିର୍ବାଚନ କମିଶନଙ୍କ ତାରିଖ ଘୋଷଣାକୁ ଅପେକ୍ଷା କରାଯାଇଥିଲା ବୋଲି ସିଆଇଏସ୍ସିଇ ସଚିବ ଗେରି ଆରାଥୁନ୍ କହିଛନ୍ତି। ପ୍ରାକ୍ଟିକାଲ ପରୀକ୍ଷା କାର୍ଯ୍ୟସୂଚୀ ସମ୍ପର୍କରେ ଜାଣିବା ପାଇଁ ସ୍କୁଲ ପ୍ରିନ୍ସପାଲଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଛି।



## ଢଗଢମାଳି

**(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)**

**ହଗୁରୀ ହାତେ ଖାଇ ଅଛି ଉଘେଇ ହାତେ ଖାଇ ନାହିଁ।**

ହଗୁରୀ ହାତରୁ ଖାଇବ ପଛେ ସେଥିରେ ମଙ୍ଗଳ, କିନ୍ତୁ ଉଘେଇ ହାତରୁ କେବେ ଖାଇବ ନାହିଁ। ପରୋକ୍ଷରେ ସ୍ୱଚ୍ଛ ମନରେ ଦେବା ଲୋକଠାରୁ ବରଂ ପେଯ ପିଇବା ଶ୍ରେୟସ୍କର ; ମାତ୍ର କଥା କଥାରେ ଉଘୋଉଥିବା ବ୍ୟକ୍ତି ହାତରୁ ଖିରିପୁରୀ ଖାଇବା ବି ଉଚିତ ନୁହେଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ହଜିଲା ବାଟ ଗୋଟିଏ ଖୋଜିଲା ବାଟ ହଜାରେ।**

ବେଳେବେଳେ ଅନ୍ୟମନସ୍କତା ବା ଅସାବଧାନତା ହେତୁ କିଛି ଜିନିଷ କେଉଁଠି ରହିଯାଇଥାଏ, ଯାହାକି ହଠାତ୍ ମିଳି ନ ଥାଏ। ଫଳସ୍ୱରୂପ ବ୍ୟତିବ୍ୟସ୍ତତାରେ ପଡ଼ି ବ୍ୟକ୍ତି ତାହାକୁ ପାଇବା ଲାଗି ଏଣେତେଣେ ଖୋଜାଖୋଜି କରି ବସୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

**ପ୍ରଥମ ପୃଷ୍ଠାରୁ...**

## ମାସକରେ ବଢ଼ିଲାଣି...

୮୪୫.୫୦ ଟଙ୍କା ଏବଂ ଚେନ୍ନାଇରେ ୮୩୫ ଟଙ୍କାରେ ବିକ୍ରି ହେଉଥିବା ଜଣାପଡିଛି। ଅନ୍ୟପଟରେ ଭୁବନେଶ୍ୱରରେ କମର୍ସିଆଲ ଗ୍ୟାସ୍ ଦର ମଧ୍ୟ ୯୨ ଟଙ୍କା ବଢ଼ିଛି। ଏହି ଦର ବୃଦ୍ଧି ଫଳରେ ଏଠାରେ ୧୯ କେଜି କମର୍ସିଆଲ ଗ୍ୟାସ୍ ଦର ୧,୬୧୨ ଟଙ୍କାରୁ ବଢି ୧,୭୦୨ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ଦିଲ୍ଲୀରେ ୧୯ କେଜି କମର୍ସିଆଲ ସିଲିଣ୍ଡର ଦାମ ୯୦.୫୦ ଟଙ୍କା ବୃଦ୍ଧି ପାଇ ୧,୬୨୪ ଟଙ୍କାକୁ ଛୁଇଁଛି। ଦେଶର ଅନ୍ୟ ମେଟ୍ରୋ ସହର ମୁମ୍ବାଇ, କୋଲକାତା ଏବଂ ଚେନ୍ନାଇରେ ଗ୍ୟାସ୍ ଦର ଯଥାକ୍ରମେ ୧,୫୬୩.୫୦ ଟଙ୍କା, ୧,୬୮୧.୫୦ ଟଙ୍କା ଏବଂ ୧,୭୩୦ ଟଙ୍କାକୁ ବୃଦ୍ଧି ଘଟିଛି।

## ଟିକା ନେଲେ...

ପ୍ରଧାନମନ୍ତ୍ରୀଙ୍କ ସମେତ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ, ବିଭିନ୍ନ ରାଜ୍ୟର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ବିଧାୟକ ଓ ଏମ୍ପିମାନେ ଟିକା ନେଇଛନ୍ତି। ଏପଟେ ରାଜ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାନସଭା ଚିକିତ୍ସାଳୟ ପରିସରରେ ପୂର୍ବାହ୍ନ ୧୧ଟାରେ ଟିକାର ପ୍ରଥମ ଡୋଜ୍ ନେଇଥିଲେ। ଟିକା ନେବା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ମୁଁ ଖୁସି ଯେ ମୁଁ ଆଜି କୋଭିଡ–୧୯ ଟିକାର ପ୍ରଥମ ଡୋଜ୍ ନେଲି। ଲୋକଙ୍କ ପାଖରେ ଟିକା ପହଞ୍ଚାଇବା ପାଇଁ କାମ କରୁଥିବା ବୈଜ୍ଞାନିକ ଓ ସ୍ୱାସ୍ଥ୍ୟକର୍ମୀଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରୁଛି। ଏହାଛଡ଼ା ସମସ୍ତ ଯୋଗ୍ୟ ବ୍ୟକ୍ତିଙ୍କୁ କରୋନା ଟିକା ନେବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି। ରାଜ୍ୟବାସୀଙ୍କୁ କୋଭିଡ୍ ବିରୋଧରେ ସଂଗ୍ରାମକୁ ଜୋର୍ଦାର କରିବା ପାଇଁ ଓ ଓଡ଼ିଶାକୁ କୋଭିଡ୍ ମୁକ୍ତ ରାଜ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ସେହିଭଳି ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର, ଉପବାଚସ୍ପତି ରଜନୀକାନ୍ତ ସିଂ, ବିଧାନସଭା ସଚିବ ଦାଶରଥୀ ଶତପଥୀଙ୍କ ସମେତ ବିଧାୟକ ଓ ମନ୍ତ୍ରୀ ମଧ୍ୟ ଟିକା ନେଇଛନ୍ତି।

ସୂଚନାଯୋଗ୍ୟ, କୋଭିଡ୍ ଟିକା ନେଇଥିବା ବିଶ୍ୱ ନେତାଙ୍କ ମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦି ସାମିଲ ହୋଇଛନ୍ତି। ପୂର୍ବରୁ ଜାତିସଂଘ ମହାସଚିବ, ଆଣ୍ଟୋନିଓ ଗୁଟେରେସ୍, ବ୍ରିଟେନ ମହାରାଣୀ ଏଲିଜାବେଥ୍ ଓ ସ୍ୱାମୀ ପ୍ରିନ୍ସ ଫିଲିପ୍, ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ଏବଂ ଉପରାଷ୍ଟ୍ରପତି କମଲା ହାରିସ କୋଭିଡ୍ ଟିକା ନେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆମେରିକାର ପୂର୍ବତନ ଉପରାଷ୍ଟ୍ରପତି ମାଇକ୍ ପେନ୍ସ, ପୋପ୍ ଫ୍ରାନ୍ସିସ୍, ସାଉଦି ଆରବ ରାଜା ସଲ୍ମାନ, ତାଙ୍କ ପୁଅ ତଥା କ୍ରାଉନ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ, ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ, ଇଣ୍ଡୋନେସିଆ ରାଷ୍ଟ୍ରପତି ଜୋକୋ ୱିଡୋଡୋ, ତୁର୍କୀ ରାଷ୍ଟ୍ରପତି ଟାୟିପ୍ ଏର୍ଡୋଗାନ, ସିଚେଲ୍ସ ରାଷ୍ଟ୍ରପତି ୱାଭେଲ୍ ରାମକଲୱାନ କୋଭିଡ୍ ଟିକା ନେଇ ଅନ୍ୟମାନଙ୍କୁ ଆହ୍ୱାନ ଦେଇଛନ୍ତି।

## ରାଜ୍ୟରେ ନେଲେ...

କେନ୍ଦ୍ର ଖୋଲାଯାଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍କେୱାଇ) ଅଧୀନରେ ଥିବା ୧୮୩ ଘରୋଇ ହସ୍ପିଟାଲଗୁଡ଼ିକୁ ପ୍ରାଇଭେଟ୍ କୋଭିଡ୍ ଭ୍ୟାକ୍ସିନେଶନ ସେଣ୍ଟର(ପିସିଭିସି) କରାଯାଇଥିବାବେଳେ ୧୩୨ ସରକାରୀ ହସ୍ପିଟାଲରେ ଟିକା ଦିଆଯାଉଛି। ଆବଶ୍ୟକ ପଡ଼ିଲେ ଆଗକୁ ଏହି ସଂଖ୍ୟା ବୃଦ୍ଧି କରାଯିବ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ତଥା ରାଜ୍ୟ ନୋଡାଲ ଟିକାକରଣ ଅଧିକାରୀ ଡା. ବିଜୟ ପ୍ରାଣିଗ୍ରାହୀ ସୂଚନା ଦେଇଛନ୍ତି। ତେବେ ପ୍ରଥମ ଦିନରେ ୧୫୩ ସେସନରେ ଟିକା ଦିଆଯାଇଥିବାବେଳେ ୧୧,୫୮୯ଜଣ ଟିକା ନେଇଛନ୍ତି। ଏମାନଙ୍କ ମଧ୍ୟରୁ ୬୦ବର୍ଷରୁ ଉର୍ଦ୍ଧ୍ୱ ୧୧,୨୮୯ଜଣ ଥିବାବେଳେ ୩୦୦ଜଣ ବହୁବିଧ ରୋଗୀ ରହିଛନ୍ତି। ତେବେ ଏମାନଙ୍କଠାରେ

କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇ ନାହିଁ। କିନ୍ତୁ ଟିକାକରଣର ପ୍ରଥମାର୍ଦ୍ଧରେ ଇଣ୍ଟରନେଟ୍ ଓ ସର୍ଭର ସମସ୍ୟା ଯୋଗୁ ଅନ୍ଲାଇନ୍ ପଞ୍ଜୀକରଣ ସାମାନ୍ୟ ବାଧାପ୍ରାପ୍ତ ହୋଇଥିଲା। ଖୁବ୍ଶୀଘ୍ର ଏହି ସମସ୍ୟାର ସମାଧାନ କରାଯାଇଥିଲା। ପ୍ରତିଦିନ ପ୍ରତିଟି କେନ୍ଦ୍ରରେ ୧୦୦ଜଣ ଟିକା ନେବାର ବ୍ୟବସ୍ଥା ହୋଇଥିବାବେଳେ ପ୍ରଥମ ଦିନରେ ୬୦ଜଣ ପଞ୍ଜୀକରଣ କରିଥିଲେ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ମିଳିଛି।

ଭୁବନେଶ୍ୱର ସହ ବିଭିନ୍ନ ଟିକାକରଣ କେନ୍ଦ୍ରରେ ୱେବ୍ସାଇଟରେ ଲିଙ୍କ୍ କାମ କରୁ ନ ଥିବା ଅଭିଯୋଗ ହୋଇଥିଲା। ଏଥିପାଇଁ ବରିଷ୍ଠ ନାଗରିକଙ୍କୁ ବହୁତ ଅପେକ୍ଷା କରିବାକୁ ପଡୁଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏପରି ସମସ୍ୟାକୁ ଦୃଷ୍ଟିରେ ରଖି ଏଣିକି ଅଫ୍ଲାଇନ୍ରେ ନାମ ପଞ୍ଜୀକରଣ କରି ଟିକା ନେଇପାରିବେ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି। ଏ ନେଇ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଜିଲାପାଳ, ଜିଲା ଚିକିତ୍ସାଧିକାରୀଙ୍କୁ ଅବଗତ କରାଇଛନ୍ତି। ବରିଷ୍ଠ ନାଗରିକ ଯେପରି ଅସୁବିଧା ନ ଭୋଗିବେ ସେଥିପ୍ରତି ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପକ୍ଷରେ ସୋମବାର ୧୦,୩୨୫ଜଣ ସ୍ୱାସ୍ଥ୍ୟକର୍ମୀ ଓ ସମ୍ମୁଖ ଯୋଦ୍ଧା ମଧ୍ୟ ଟିକା ନେଇଛନ୍ତି। ଏମାନଙ୍କ ମଧ୍ୟରୁ ୭,୯୦୧ଜଣ ସ୍ୱାସ୍ଥ୍ୟ କର୍ମୀ ଓ ୨,୪୨୪ଜଣ ସମ୍ମୁଖ ଯୋଦ୍ଧା ରହିଛନ୍ତି। ମୋଟ ୧୩,୩୯୩ଜଣଙ୍କୁ ଟିକା ଦିଆଯିବାର ଲକ୍ଷ୍ୟ ରଖାଯାଇଥିବାବେଳେ ୧୬୩.୬% ଅର୍ଥାତ୍ ୨୧,୯୧୪ଜଣ ଟିକା ନେଇଛନ୍ତି। ଏଥିମଧ୍ୟରୁ ୨୦,୩୦୮ଜଣ କୋଭିଶିଲ୍ଡ ଓ ୧,୬୦୬ଜଣ କୋଭାକ୍ସିନ ଟିକା ନେଇଛନ୍ତି। ତେବେ ଏପର୍ଯ୍ୟନ୍ତ ରାଜ୍ୟରେ ମୋଟ ୬,୪୦,୭୩୫ଜଣ ଟିକା ନେଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ହାଇକୋର୍ଟ ମାମଲା...

ଆଡ୍ଭୋକେଟ ଜେନେରାଲ ଇନ୍ଦ୍ରଜିତ୍ ରାୟଙ୍କ ମୃତ୍ୟୁ ଘଟିସାରିଛି। ତେଣୁ ଏହି ମାମଲା ଚାଲିବାର କୌଣସି ଆବଶ୍ୟକ ନାହିଁ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ମାମଲା ଲଢ଼ୁଥିବା ଆଇନଜୀବୀ ଅଜୟ ନନ୍ଦ କୋର୍ଟରେ ସତ୍ୟପାଠ ମାଧ୍ୟମରେ ଦର୍ଶାଇଥିଲେ। ଉକ୍ତ ସତ୍ୟପାଠକୁ ଆଧାର କରି ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଏବଂ ବିଚାରପତି ବି.ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାକୁ ବନ୍ଦ କରିଦେଇଛନ୍ତି। ଏନେଇ ପୀଡ଼ିତା ଅଞ୍ଜନା କହିଛନ୍ତି, ମୁଖ୍ୟ ଅଭିଯୁକ୍ତ ବିବନ ଗିରଫ ହେବାପରେ ହାଇକୋର୍ଟ ମାମଲାକୁ ବନ୍ଦ କରିଦେଇଛନ୍ତି। ତେବେ ଆଗାମୀ ଦିନରେ ବଳାତ୍କାର ମାମଲାରେ ସିବିଆଇ ପକ୍ଷରୁ ଦୃଢ଼ ତଥ୍ୟ ପ୍ରମାଣ ଉପସ୍ଥାପନ କରିବାର ଆବଶ୍ୟକତା ରହିଛି, ଯାହାକି ହାଇକୋର୍ଟ ଉକ୍ତ ମାମଲାର ତୁରନ୍ତ ଶୁଣାଣି କରିବା ସହ ଅଭିଯୁକ୍ତ ବିବନଙ୍କ ଉପରେ ଦୃଢରୁ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଏଥିସହ ଘଟଣା ପରେ ଅଭିଯୁକ୍ତ ବିବନଙ୍କୁ ଫେରାର ହେବାରେ ସହଯୋଗ କରିଥିବା ଲୋକଙ୍କ ସମେତ ରାଜ୍ୟ ବାହାରେ ୨ ଦଶନ୍ଧି ଧରି ଫେରାର ରହିବାରେ ସହଯୋଗ କରୁଥିବା ଲୋକଙ୍କ ଉପରେ ମଧ୍ୟ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଅଞ୍ଜନା କହିଛନ୍ତି।

ପ୍ରକାଶ ଯେ, ୧୯୯୯ରେ ଗଣବଳାତ୍କାର ପରଠାରୁ ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ବିବନ ଫେରାର ଥିଲେ। ଉକ୍ତ ମାମଲାରେ ସିବିଆଇ ତଦନ୍ତରେ ଶିଥିଳତା ଦେଖାଇବା ସହ ଅଭିଯୁକ୍ତଙ୍କୁ ଗିରଫ ନ କରିବା ପାଇଁ ଷଡ଼ଯନ୍ତ୍ର ଚାଲିଥିବା ଅଭିଯୋଗ କରି ୨୦୦୨ ଜୁନରେ ଅଞ୍ଜନା ହାଇକୋର୍ଟରେ ଏକ ଆବେଦନ କରିଥିଲେ। ଏଥିରେ ସେ ରାଜ୍ୟ ସରକାର, ସିବିଆଇ ଅଧିକାରୀ ଏବଂ ଷଡ଼ଯନ୍ତ୍ରକାରୀ ଭାବେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଓ ଆଡ୍ଭୋକେଟ ଜେନେରାଲ୍ ଇନ୍ଦ୍ରଜିତ ରାୟଙ୍କୁ ପକ୍ଷଭୁକ୍ତ କରିଥିଲେ। ଉକ୍ତ ଆବେଦନକୁ ସେତେବେଳେ ଗ୍ରହଣ କରି ଉଚ୍ଚ ଅଦାଲତ ସିବିଆଇ ଏବଂ ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଥିଲେ। ନୋଟିସର ଉତ୍ତର ରଖି ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଲୁକ୍ ଆଉଟ ନୋଟି ଜାରି କରାଯିବା ସହ ପୁରସ୍କାର ରାଶି ଘୋଷଣା କରାଯାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ପରେ ଉକ୍ତ ମାମଲାର ଶୁଣାଣି ଆଉ ହୋଇ ନ ଥିଲା। ଘଟଣାର ଦୀର୍ଘ ୨୨ବର୍ଷ ପରେ କମିଶନରେଟ ପୋଲିସ ନିକଟରେ ମହାରାଷ୍ଟ୍ର ପୁଣେ ନିକଟସ୍ଥ ଆମ୍ବିଭ୍ୟାଲିରୁ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହାପରେ ବିବନଙ୍କୁ ମାମଲାର ତଦନ୍ତ କରୁଥିବା ସିବିଆଇକୁ ହସ୍ତାନ୍ତର କରିଥିଲା। ମାମଲାର ସ୍ଥିତି ସମ୍ପର୍କରେ ସୋମବାର ରାଜ୍ୟ ସରକାର ଉଚ୍ଚ ଅଦାଲତରେ ସତ୍ୟପାଠ ଦାଖଲ କରିଥିଲେ।

## ମାର୍ଚ୍ଚରୁ ମେ' ତାତି...

ଥଣ୍ଡା ବାୟୁ ପ୍ରବାହ ହେଉଥିଲା। ଦିନରେ ତାପମାତ୍ରା ସେତେଟା ବୃଦ୍ଧି ହେଉ ନ ଥିଲା। ମାତ୍ର ଫେବୃୟାରୀ ୨୦ରୁ ତାହା ପଶ୍ଚିମ ଦିଗକୁ ଗତିପଥ ପରିବର୍ତ୍ତନ କରିଛି। ଫଳରେ ରାଜ୍ୟରେ ହଠାତ୍ ତାତି ବଢ଼ିଯାଇଛି। ଏହା ସତ୍ତ୍ୱେ ଉପକୂଳ ଓଡ଼ିଶାରେ ମଝିରେ ମଝିରେ କାଳବୈଶାଖୀ ଯୋଗୁ ପାଗ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି। ମୋଟାମୋଟି ଭାବେ ଚଳିତବର୍ଷ ତାତି କଲବଲ କରିବା ନେଇ ପୂର୍ବାନୁମାନ କରାଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ନିର୍ଦ୍ଦେଶକ ଏଚ.ଆର. ବିଶ୍ୱାସ କହିଛନ୍ତି, ଚଳିତ ଋତୁ ପାଇଁ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଓଡ଼ିଶା ଓ ଛତିଶଗଡ଼ରେ ଅଧିକ ଗ୍ରୀଷ୍ମପ୍ରବାହ ହୋଇ ପାରେ। ମାତ୍ର ଜଳବାୟୁ ପ୍ରତ୍ୟେକ ଦିନ ଉପରେ ନିର୍ଭର କରୁଛି। ବାୟୁମଣ୍ଡଳ ଅବସ୍ଥିତିକୁ ଦେଖି ପାଗରେ ପରିବର୍ତ୍ତନ ହୋଇଥାଏ।

ରାଜ୍ୟରେ ଗତ କିଛିଦିନ ହେବ ଗ୍ରୀଷ୍ମ ପ୍ରକୋପ ବଢିଚାଲିଛି। ରାଜ୍ୟର ୬ଟି ସ୍ଥାନରେ ପାରଦ ୩୯ ଡିଗ୍ରୀକୁ ଟପି ଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସୋମବାର ତାଳଚେରରେ ସର୍ବାଧିକ ତାପମାତ୍ରା ୩୯.୮ ଡିଗ୍ରୀ ସେଲ୍ସିୟସ ରେକର୍ଡ କରାଯାଇଥିବା ବେଳେ ବାରିପଦା ୩୯.୮, ଅନୁଗୋଳ ୩୯.୭, ଭୁବନେଶ୍ୱର ୩୯, ବଲାଙ୍ଗୀର ୩୯, ବୌଦ୍ଧ ୩୯.୫, କଟକ ୩୮, ଝାରସୁଗୁଡ଼ା ୩୮.୬, ସମ୍ବଲପୁର ୩୮.୬, ହୀରାକୁଦ ୩୮.୫, ଟିଟିଲାଗଡ଼ ୩୮.୫, ମାଲକାନଗିରି ୩୮, ସୋନପୁର ୩୮ ଏବଂ ନୟାଗଡ଼ରେ ୩୮ ଡିଗ୍ରୀ ସେଲ୍ସିୟସ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ପାରଦ ୪ରୁ ୫ ଡିଗ୍ରୀ ସେଲ୍ସିୟସ ବଢିବା ସମ୍ଭାବନା ରହିଛି। ବିଶେଷ କରି ଖୋର୍ଦ୍ଧା, କଟକ, ଅନୁଗୋଳ, ବୌଦ୍ଧ, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ, ଭଦ୍ରକ ଓ ନୟାଗଡ଼ ଜିଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି।

# ଲୁଟ୍ ବେଳେ ରାସ୍ତାରେ ଖସିପଡ଼ିଲେ ଲୁଟେରା

**ଗୋପ,୧।୩(ଡି.ଏନ୍.ଏ.)**

ପୁରୀ– ବାଲିଘାଇ ରାସ୍ତାର ସୁବର୍ଣ୍ଣପୁର ଛକ ନିକଟରେ ରବିବାର ସନ୍ଧ୍ୟାରେ ଜଣେ ଦମ୍ପତିଙ୍କଠାରୁ ୩ ଦୁର୍ବୃତ୍ତ ସୁନା ଅଳଙ୍କାର ଲୁଟ ଉଦ୍ୟମ କରିଥିଲେ। ମାତ୍ର ଜଣେ ଅଭିଯୁକ୍ତ ବାଇକ୍ରୁ ଖସି ପଡ଼ିବାରେ ସ୍ଥାନୀୟ ଲୋକେ କାବୁ କରି ଗୋପ ଥାନାକୁ ହସ୍ତାନ୍ତର କରିଥିଲେ। ଏ ନେଇ ଦମ୍ପତି ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ. ୭୦/୨୧) ରୁଜୁ କରି ଜଣଙ୍କୁ ଗିରଫ କରିବା ସହ ଫେରାର ୨ ଅଭିଯୁକ୍ତଙ୍କୁ ଧରିବା ପାଇଁ ତଦନ୍ତ ଚଳାଇଛି। ଗିରଫ ଜଣକ ହେଲେ, କଟକ ମଙ୍ଗଳାବାଗ ଅଞ୍ଚଳର ମୁକ୍ତିକାନ୍ତ ବେହେରା। ସୂଚନାଯୋଗ୍ୟ, କଟକ ଜିଲା ଗୋବିନ୍ଦପୁର ଥାନା ଅଞ୍ଚଳର ରିତାଞ୍ଜଳି ମଲ୍ଲିକ ତାଙ୍କ ସ୍ୱାମୀଙ୍କ ସହ ପୁରୀ ଯାଉଥିବାବେଳେ ସୁବର୍ଣ୍ଣପୁର ନିକଟରେ ଥିବା ଏକ ହମ୍ପସ ନିକଟରେ ବାଇକ ଧୀରେ କରିଥିଲେ। ହଠାତ୍ ପଛରୁ ବାଇକ୍ରେ ଆସୁଥିବା ୩ ଯୁବକଙ୍କ ମଧ୍ୟରୁ ଜଣେ ରିତାଞ୍ଜଳିଙ୍କ ସୁନା ଅଳଙ୍କାର ଛିଡାଇବାକୁ ଉଦ୍ୟମ କରିଥିଲେ। ମହିଳା ଜଣଙ୍କ ପାଟି କରିବାରେ ୩ଜଣ ତାଙ୍କ ବାଇକକୁ ଜୋରରେ ନେବାବେଳେ ପଛରେ ବସିଥିବା ମୁକ୍ତିକାନ୍ତ ଖସି ପଡିଥିଲେ। ପରେ ସ୍ଥାନୀୟ ଲୋକେ ଧରି ପୋଲିସକୁ ଜଣାଇବାରୁ ପୋଲିସ ଆସି ତାଙ୍କୁ ଥାନାକୁ ନେଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ୍ୟ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** – ଦ୍ୱିଜା ନକ୍ଷତ୍ର ସରଳ ଭାବରେ ଅନ୍ୟକୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ମିଳିବ ଏବଂ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇବ। ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**ବୃଷ** – ଭାବ ପ୍ରବଣତାବଶତଃ ପରିହାସ ଯୁକ୍ତ କଥା କର୍ମ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିବ। ମୃଗଶିରା ନକ୍ଷତ୍ରର ସାଧାରଣ କଥାରେ ସହକର୍ମୀଙ୍କ ସହ ବିବାଦ ଉପୁଜିପାରେ। କିଛି ନ କରିପାରିଲେ ମଧ୍ୟ ଭାଇଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ଅର୍ଥ ସମ୍ପର୍କୀୟ ବୁଝାମଣାରେ ତ୍ରୁଟି ରହିଯିବ।

**ମିଥୁନ** – ପ୍ରତ୍ୟେକ କ୍ଷେତ୍ରରେ ସୁବିଧା ସୁଯୋଗ ପାଇ କାମ ହାସଲ କରିବେ। ସଭାସମିତି ଓ ସଂଗଠନ କ୍ଷେତ୍ରରୁ ପ୍ରଶଂସିତ ହେବେ। ଆଲୋଚନା କ୍ଷେତ୍ରରେ ସତ୍ୟ ପ୍ରକାଶ କରି ବିବାଦଗ୍ରସ୍ତ ହୋଇପାରନ୍ତି। ପୁନର୍ବସୁ ନକ୍ଷତ୍ର ପାରିବାରିକ ଜୀବନ ସୁଖ ସନ୍ତୋଷରେ କାଟିବେ।

**କର୍କଟ** – ଦୀର୍ଘଦିନରୁ ରହି ଆସିଥିବା ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ସ୍ଥଗିତ କାମକୁ ପୂରା ଦମରେ କରିବାପାଇଁ ନିଷ୍ପତ୍ତି ନେବେ। କର୍ମକ୍ଷେତ୍ରରେ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ପୁଷ୍ୟା ନକ୍ଷତ୍ର ବହୁତଗୁଡ଼ିଏ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବେ।

**ସିଂହ** – ବନ୍ଧୁଙ୍କ ସହ ବହୁତ ଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ପାଖ, ପଡ଼ୋଶୀଙ୍କ ଦୁଃଖଦ ପରିସ୍ଥିତିକୁ ନେଇ ମାନସିକ ବ୍ୟଥା ଅନୁଭବ କରିବେ। ପୂର୍ବାଫାଲଗୁନୀ ନକ୍ଷତ୍ରର ଗୃହ ନିର୍ମାଣାଦି କାର୍ଯ୍ୟ ତ୍ୱରାନ୍ୱିତ ହେବ। ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି।

**କନ୍ୟା** – ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ। ପରିସ୍ଥିତିରେ ପଡ଼ି ଅନ୍ୟ ଉପାୟ ନ ପାଇ ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣ କରିବେ। ପିଲାମାନଙ୍କ କଳହକୁ କେନ୍ଦ୍ର କରି ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ହସ୍ତା ନକ୍ଷତ୍ରର ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଦୂର ହେବ।

**ତୁଳା** – ଆକସ୍ମିକ ଆଶା ପୂରଣ ହେବାରୁ ସୁସ୍ଥ ମନ ନେଇ କାମ କରିବେ। ସ୍ତ୍ରୀଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ବିଶେଷ ଭାବରେ ଉପକୃତ ହେବେ। କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହେବ। ଚିତ୍ରା ନକ୍ଷତ୍ର କର୍ମକ୍ଷେତ୍ରରେ କିନ୍ତୁ ସ୍ଥାନାନ୍ତର ଚିନ୍ତା କରିବେ।

**ବିଛା** – ଅନୁରାଧା ନକ୍ଷତ୍ରର ମାନସିକ ଅସ୍ଥିରତା ପ୍ରାୟତଃ ଲାଗି ରହିବ। ପରିବାର ସକାଶେ ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। କାର୍ଯ୍ୟକ୍ଷେତ୍ରରେ ନିକଟ ସମ୍ପର୍କୀୟମାନଙ୍କ ସହଯୋଗ ପାଇବେନି କାରଣ ବୁଝାମଣାରେ ତ୍ରୁଟି ରହିଯିବ। ନୀଚମନା ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ଧନୁ** – କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ଉତ୍ତରାଷାଢା ନକ୍ଷତ୍ର ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ଯେଉଁ ଜିନିଷଟିକୁ ପାଇବାକୁ ଅପେକ୍ଷା କରିଛନ୍ତି ତାହା ସାମାନ୍ୟ ବିଳମ୍ବରେ ପାଇବେ। ଯେ କୌଣସି କ୍ଷେତ୍ର ହେଉନା କାହିଁକି, ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ।

**ମକର** – ଆବଶ୍ୟକତା ପୂରଣ ସକାଶେ ଧାର କରଜ କରି କାମ ଚଳାଇ ନେବେ। ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ପ୍ରତ୍ୟେକ ପରିସ୍ଥିତିରେ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ। ଶ୍ରବଣା ନକ୍ଷତ୍ର ନିଃସହାୟ ଲୋକଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ।

**କୁମ୍ଭ** – ଅସୁବିଧାଜନକ ପରିସ୍ଥିତିରେ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାପାଇଁ ସମର୍ଥ ହେବେ। ଶତଭିଷା ନକ୍ଷତ୍ରର ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ମାଙ୍ଗଳିକ କାମ ପରିପ୍ରେକ୍ଷୀରେ ବନ୍ଧୁଦ୍ୱାରକୁ ଗମନ କରିବେ। ଗୃହସଜ୍ଜା ପ୍ରତି ଆଗ୍ରହ ବଢ଼ିପାରେ ଓ ବସ୍ତ୍ରଭୂଷଣ ପ୍ରାପ୍ତି ଯୋଗ ରହିଛି।

**ମୀନ** – ପ୍ରତ୍ୟେକ କାମରେ ଉଦାରତା ଗୁଣରୁ ପ୍ରଶଂସା ପାଇବେ। ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କଳହ ସୃଷ୍ଟି ହୋଇପାରେ। ସତ୍ସଙ୍ଗ, ପୁରାଣ ପଠନ, ଆଲୋଚନା ସାଙ୍ଗକୁ ଧର୍ମକାର୍ଯ୍ୟ ପ୍ରତି ରୁଚି ବଳିବ। ପ୍ରଶାସନିକ ସ୍ତରରେ ଓ ରାଜନୀତିରେ ପ୍ରଶଂସିତ ହେବେ।

ଆଜି ଫାଲ୍ଗୁନ କୃଷ୍ଣ ଚତୁର୍ଥୀ ମଙ୍ଗଳବାର, ମାର୍ଚ୍ଚ ୨ ତାରିଖ, ରାଶି ନକ୍ଷତ୍ର–ଚିତ୍ରା/କନ୍ୟା, ବୃଷ ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୮.୨୯ମି. ଗତେ ଘ.୧୦.୪୮ମି. ମଧ୍ୟେ, ଘ.୦୧.୦୮ମି. ଗତେ ଘ.୦୨.୪୨ମି. ମଧ୍ୟେ, ଘ.୦୩.୨୮ମି. ଗତେ ଘ.୦୫.୦୧ମି. ମଧ୍ୟେ ଅମୃତ ବେଳା। ଦିବା ଘ.୦୨.୫୩ମି. ଗତେ ଘ. ୦୪.୨୧ମି. ମଧ୍ୟେ ରାହୁକାଳ।


# classifieds Everyday

0674-2580101, 2549302




**SALE**

**3200 Sqft. sthitiban Gharabari corner plot with Boundary Wall near ITER, Panchasakha Nagar, Bhubaneswar. 9958003695, 9861805658.** D-19996

Ready to move simplex 2BHK-33,00,000/-, 1BHK-23,00,000/-, near Hanspal. 8908015464, 9853347909. D-70196

**Gita College ଦେଉଳିଆପାଟଣା ନିକଟରେ developed gharabari plot 5,50,000/- କିଣନ୍ତୁ। 8457092465.** D-20069

ଫ୍ଲାଟ୍ ବିକ୍ରିହେବ ଭୁବନେଶ୍ୱର ଉତ୍ତରା KEC କଲେଜ ପାଖ, ଘରବାରି ପାଚେରି ସହିତ। 9178660666. D-70536

**Residential land with 30feet road available near OEC College, Chhatabar & Gangapatna immediate registration & construction. 7656070001, 8249139982.** D-70177

Residential gharabari plot for sale 3K.M. from Patia Big Bazar with 30ft. road, electricity, water supply, boundarywall. 7978159231. D-70199

**14LAKHS onwards purchase a flat at Puri with facilities. For details Contact: 9583879744, 9078711724. D-20104**

40Acres plotting township near Sumhospital. Now Phase-2 open. We provide facilities are 30ft. concrete road, park, temple, electricity with streetlight in every road, childern's playarea. For more details: SHREE KRISHNA DEVELOPER- 8337900880, 8337900881. D-69694

**Plot for sale near Pipili Toll Gate, just 16kms from Bhubaneswar, Kalpana Square, 9937446498.** D-70547


ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,76,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 9668344479. D-70198

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




**4400 Sqft. Hall in First and Second Floor for Office or Commercial on 100ft. Bhimatangi Main Road, Bhubaneswar. 9958003695, 9861805658.** D-19997




Zen salon and SPA positively health benefits with expert therapeutic & genuinely massage appointment. 7205084157. D-70546

Swarna SPA newly open positively health benefits with expert therapist. 9556978408. D-70545

Refreshing your mind & body with best therapy at Lotus SPA. 8018234866. D-59981

New opened Saikrupa Panchakarma and Spa, Jointpain, Fullbody Massage. 8984068077. D-65911

Ayurvedic full body massage by experienced (M/F) therapist. 7008773793, 8018656899. D-59982




SMS sending କାମକରି ଯୁବକ/ଯୁବତୀ, ଗୃହିଣୀମାନେ ମାସିକ 12000/-35,000/-+ Laptop + Mobile + other facilities free (Part/ full time). 9667693638, 9667693639. D-70540

**ପ୍ରଥମ ଜନ୍ମବାର୍ଷିକ**



**ଶ୍ରେୟାଂଶ (ବିଭୁ)**
ବାସୁକେରା, ସାକ୍ଷୀଗୋପାଳ
ତୋର ଦୀର୍ଘ ନିରାମୟ ଜୀବନ କାମନା ପୂର୍ବକ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା
**–:ଶୁଭେଚ୍ଛା ସହ:–**
ଜେଜେ, ଜେଜେମା', ଅଜା, ଆଈ, ମାମୁ, ମାଇଁ, ଚିଣ୍ଟୁ, କାହ୍ନା, ସୁବୁ ଓ ପରିବାର ।
ଧ–୬୬୬୩୪

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:–**
classifieddharitri@gmail.com

**ଖୁବଶୀଘ୍ର ଆରମ୍ଭ ହେବ ଓବିସି ସର୍ଭେ**

ଭୁବନେଶ୍ୱର,(ବ୍ୟୁରୋ)- ରାଜ୍ୟରେ ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ପଛୁଆ ବର୍ଗ(ଓବିସି) ସର୍ଭେ ହେବ। ପଛୁଆ ବର୍ଗ କମିଶନ ଦେଇଥିବା ପ୍ରସ୍ତାବକୁ ରାଜ୍ୟ ସରକାର ଗ୍ରହଣ କରିବା ସହ ଏ ନେଇ ଫେବୃୟାରୀ ୨୬ରେ ବିଜ୍ଞପ୍ତି ମଧ ପ୍ରକାଶ କରାଯାଇଛି। ସୋମବାର ଠାରୁ ଓବିସି କମିଶନଙ୍କ ନୂଆ କାର୍ଯ୍ୟାଳୟ ଖୋଲିଛି। ଏହା ଖୋଲିବା ପରେ କମିଶନଙ୍କ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଛି। ଓବିସି କମିଶନ ଅଧକ୍ଷ ଜଷ୍ଟିସ ରଘୁନାଥ ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସର୍ଭେ ପାଇଁ ରୋଡ ମ୍ୟାପ ପ୍ରସ୍ତୁତ ହୋଇଛି। ଏହି ଗଣନା କାର୍ଯ୍ୟ ଆସନ୍ତା ମେରୁ ଆରମ୍ଭ ହେବା ନେଇ ପ୍ରସ୍ତୁତି ଚାଲିଥିବା ଜଣାପଡିଛି।

# ‘ଚାଷୀଙ୍କ ଲାଭ ପାଇଁ ବ୍ୟକ୍ତିଗତ ହସ୍ତକ୍ଷେପ କରନ୍ତୁ’

## ପିଏମ୍ କିଷାନ ଯୋଜନା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୧।୩(ବ୍ୟୁରୋ)

ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା(ପିଏମ୍-କିଷାନ)ରେ ପଞ୍ଜୀକୃତ ୪୦ ଲକ୍ଷ ୫୦ ହଜାର ଓଡ଼ିଆ ଚାଷୀ ଲାଭ ପାଇବା ଦରକାର। ଯେପରି ଏହି ଯୋଜନାର ସମ୍ପୂର୍ଣ୍ଣ ଲାଭ ଚାଷୀମାନେ ପାଇପାରିବେ ସେନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସୋମବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପତ୍ର ଲେଖି ଏଥିରେ ତାଙ୍କର ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ିଛନ୍ତି। ଧର୍ମେନ୍ଦ୍ର ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି, ନିକଟରେ ପ୍ରଧାନମନ୍ତ୍ରୀ ପିଏମ୍‌କିଷାନ ନିଧି ଯୋଜନା ଅନ୍ତର୍ଗତ ଦେଶବ୍ୟାପୀ ପଞ୍ଜୀକୃତ ହୋଇଥିବା ସାଢେ ୭ କୋଟି ଚାଷୀଙ୍କୁ ୭ମ କିସ୍ତିରେ ୧୯ ହଜାର କୋଟି ଟଙ୍କା ପ୍ରଦାନ କରିଛନ୍ତି। ବିଭାଗୀୟ ତଥ୍ୟ ଅନୁସାରେ ଓଡ଼ିଶାରେ ପ୍ରଧାନମନ୍ତ୍ରୀ କିଷାନ ଯୋଜନା ଅନ୍ତର୍ଗତ ଓଡ଼ିଶାର ୪୦.୫ ଲକ୍ଷ ଚାଷୀ ଅନ୍ତର୍ଭୁକ୍ତ ଅଛନ୍ତି। କିନ୍ତୁ ୭ମ କିସ୍ତିରେ ଓଡ଼ିଶାର ୨୪.୭ ଲକ୍ଷ ଚାଷୀ ୨ ହଜାର ଟଙ୍କା ଲେଖାଏ ଏହି ଯୋଜନାରେ ପାଇଥିଲେ । ତେବେ ଏଭଳି ଘଟଣା ପ୍ରଥମ ଥର ନୁହେଁ ବରଂ ପୂର୍ବ ତଥା ୬ଷ୍ଠ କିସ୍ତିରେ ମଧ ଅନୁରୂପ ଭାବେ କମ୍ ଚାଷୀ ଏହି ଯୋଜନାର ଲାଭ ପାଉଥିବା ଓ କେତେକେ ବଞ୍ଚିତ ହେଉଥିବା ଦେଖାଯାଉଛି । ପଞ୍ଜୀକୃତ ୪୦.୫ ଲକ୍ଷ ଚାଷୀଙ୍କ ମଧ୍ୟରୁ ପିଏମ୍ କିଷାନ ଯୋଜନାର ପ୍ରଥମ କିସ୍ତିରେ ଓଡ଼ିଶାର ମାତ୍ର ୯.୭୩ ଲକ୍ଷ ଚାଷୀ ପ୍ରଥମ କିସ୍ତି ପାଇଥିଲେ ଯାହା ପଞ୍ଜୀକୃତଙ୍କ ୨୪ ପ୍ରତିଶତ । ସେହିପରି ଅନୁରୂପ ଭାବେ ଦ୍ୱିତୀୟ କିସ୍ତିରେ ୨୯.୯୨ ଲକ୍ଷ ଅର୍ଥାତ୍ ପଞ୍ଜୀକୃତଙ୍କ ୭୪ ପ୍ରତିଶତ, ୩ୟ କିସ୍ତିରେ ୨୮.୭୭ ଲକ୍ଷ ତଥା ୭୧ ପ୍ରତିଶତ, ୪ର୍ଥ କିସ୍ତିରେ ୨୫.୬୧ ଲକ୍ଷ ଅର୍ଥାତ୍ ପଞ୍ଜୀକରଣର ୬୩ ପ୍ରତିଶତ ଚାଷୀ କେବଳ ପିଏମ୍ ଯୋଜନାରେ ବ୍ୟାଙ୍କ ଖାତାରେ ଟଙ୍କା ପାଇଛନ୍ତି । ଅନୁରୂପ ଭାବେ ୫ମ କିସ୍ତିରେ ୨୧.୫୫ ଲକ୍ଷ ଚାଷୀ ଅର୍ଥାତ୍ ୫୩ ପ୍ରତିଶତ, ୬ଷ୍ଠ କିସ୍ତିରେ ୨୩.୩୮ ଲକ୍ଷ ତଥା ୫୮ ପ୍ରତିଶତ ଓ ୭ମ କିସ୍ତିର ଲାଭ ମାତ୍ର ୬୧ ପ୍ରତିଶତ ଅର୍ଥାତ୍ ୨୪.୭୦ ଲକ୍ଷ ଚାଷୀ ଲାଭ ପାଇଥିବା ସେ କହିଛନ୍ତି।



ଧର୍ମେନ୍ଦ୍ର ଆହୁରି ଉଲ୍ଲେଖ କରିଛନ୍ତି, ଓଡ଼ିଶାର ଚାଷୀ ଗ୍ରାମୀଣ ଅର୍ଥନୀତିର ମେରୁଦଣ୍ଡ। ରାଜ୍ୟ ଜନସଂଖ୍ୟାର ଦୁଇ ତୃତୀୟାଂଶ ଚାଷୀ ଜିଡିପିର ଏକପଞ୍ଚମାଂଶ ଯୋଗଦାନ ରଖୁଛନ୍ତି। ତେବେ ବିଶେଷଭାବେ କ୍ଷୁଦ୍ର ଏବଂ ମଧ୍ୟମ ଚାଷୀଙ୍କ ଆୟକୁ ୨ଗୁଣ କରିବା ପ୍ରଧାନମନ୍ତ୍ରୀଙ୍କ ପ୍ରାଥମିକତାରେ ରହିଛି । ଭାରତ ସରକାର ଗତ ୬ ବର୍ଷରେ ଅନ୍ନଦାତାଙ୍କୁ ଆର୍ଥିକ ସମ୍ପନ୍ନ କରିବା ଦିଗରେ ଅନେକ ବଡ ପ୍ରଭାବ ପକାଉଥିବା ପଦକ୍ଷେପ ଏବଂ ସଂସ୍କାର ଅଣାଯାଇଛି। ୨୦୧୮ରେ ଚାଷୀଙ୍କୁ ଆର୍ଥିକ ସହାୟତା ଦେବା ପାଇଁ ଏହି ଯୋଜନାର ଶୁଭାରମ୍ଭ ହୋଇଥିଲା। କେନ୍ଦ୍ର ସରକାର ଏହି ଯୋଜନା ଅନ୍ତର୍ଗତ ବାର୍ଷିକ ୩ଟି କିସ୍ତିରେ ୬ ହଜାର ଟଙ୍କାର ଚାଷୀଙ୍କୁ ଦେବା ପାଇଁ ବ୍ୟବସ୍ଥା କରାଯାଇଛି। ଏହି ଯୋଜନାର ନିୟମାବଳୀ ଅନୁସାରେ ରାଜ୍ୟ ସରକାରମାନେ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବେ। ହିତାଧିକାରୀଙ୍କ ତଥ୍ୟକୁ ଠିକ୍ ଭାବେ ଦେବାର ଦାୟିତ୍ୱ ରାଜ୍ୟ ସରକାରଙ୍କ ଉପରେ ନ୍ୟସ୍ତ ରହିଛି। ଆବଶ୍ୟକ ପ୍ରକ୍ରିୟାକୁ ଅନୁପାଳନ ନ କରିବା ଯୋଗୁ ପିଏମ୍ କିଷାନ ନିଧି ଯୋଜନାରେ ପଞ୍ଜୀକୃତ ଚାଷୀଙ୍କ ମଧ୍ୟରୁ ବହୁତ୍‌କମ୍ ଏହି ଯୋଜନାର ଲାଭ ପାଉଛନ୍ତି। ଓଡ଼ିଶାର ଚାଷୀଙ୍କୁ ପିଏମ୍ କିଷାନ ଯୋଜନାରେ ଠିକ୍ ଲାଭ ନ ମିଳିବା, କୋଭିଡ୍ ଯୋଗୁ ପ୍ରଭାବିତ ସମୟରେ ଯେତେବେଳେ ସରକାରୀ ସହାୟତା ଦରକାର ଥିଲା ସେହି ସମୟରେ ଚାଷୀଙ୍କୁ ପିଏମ୍ କିଷାନ ଟଙ୍କାରୁ ବଞ୍ଚିତ କରିବା ଦୁଃଖଦାୟକ ବୋଲି ଧର୍ମେନ୍ଦ୍ର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି।

## କାର୍ଯ୍ୟରେ ଅବହେଳା ଅଭିଯୋଗରେ ୩ ନିଲମ୍ବିତ

ଭୁବନେଶ୍ୱର, ୧।୩(ବ୍ୟୁରୋ)

କାର୍ଯ୍ୟରେ ଗୁରୁତର ଅବହେଳା ଓ ବିଭାଗ ଦ୍ୱାରା ଜାରି କରାଯାଇଥିବା ଧାନ ସଂଗ୍ରହ ସମ୍ପର୍କିତ ନିର୍ଦ୍ଦେଶାବଳୀର ଉଲ୍ଲଂଘନ ଅଭିଯୋଗରେ ବରଗଡ଼ ଜିଲା ପଦ୍ମପୁର ସର୍କଲ ସହକାରୀ ରେଜିଷ୍ଟ୍ରାର, ସମବାୟ ସମିତି ସମୂହ ସଞ୍ଜୟ କୁମାର ତ୍ରିପାଠୀଙ୍କୁ ସୋମବାର କାର୍ଯ୍ୟରୁ ନିଲମ୍ବନ କରାଯାଇଛି । ସେହିପରି ସବ୍-ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର କୋଅପରେଟିଭ୍ ସୋସାଇଟି (ଏସ୍ଏଆର୍ସିଏସ୍) ତଥା ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଧର୍ମେନ୍ଦ୍ର ଭୋଇ ଏବଂ ଇନ୍ସପେକ୍ଟର କୋଅପରେଟିଭ୍ ସୋସାଇଟି ତଥା ନବରଙ୍ଗପୁର ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ଶଶାଙ୍କ ଶେଖର ସାହାଣୀଙ୍କୁ କାର୍ଯ୍ୟରେ ଗୁରୁତର ଅବହେଳା ଅଭିଯୋଗରେ ନିଲମ୍ବନ କରାଯାଇଛି।

## ୪ ଅଫିସରଙ୍କୁ ଲୋକାୟୁକ୍ତ ନୋଟିସ

ଭୁବନେଶ୍ୱର, ୧।୩(ବ୍ୟୁରୋ)

ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ବିଛାଖଣ୍ଡି ପାହାଡ଼ର ସଂରକ୍ଷିତ ଜଙ୍ଗଲରୁ ବେଆଇନ ଭାବେ ଗ୍ରାନାଇଟ ପଥର ଖନନ ଓ ଚୋରାଚାଲାଣ କରିବା ମାମଲାରେ ୪ଜଣ ଅଫିସରଙ୍କୁ ଲୋକାୟୁକ୍ତ ନୋଟିସ ଜାରି କରିଛନ୍ତି। ଯାଜପୁର ପୂର୍ବତନ ଜିଲାପାଳ ତଥା ବର୍ତ୍ତମାନର ସଂସ୍କୃତି ନିର୍ଦ୍ଦେଶକ ରଞ୍ଜନ କୁମାର ଦାସଙ୍କ ସମେତ ବର୍ତ୍ତମାନର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର, ଧର୍ମଶାଳାର ପୂର୍ବତନ ତହସିଲଦାର ସରୋଜ କୁମାର ପଣ୍ଡା, ବର୍ତ୍ତମାନର ତହସିଲଦାର ପ୍ରଶାନ୍ତ ସାମନ୍ତରାୟଙ୍କୁ ୬ ସପ୍ତାହ ମଧ୍ୟରେ ନୋଟିସର ଜବାବ ରଖିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗକାରୀ ସର୍ବେଶ୍ୱର ବେହେରାଙ୍କ ଅଭିଯୋଗ ଆଧାରରେ ଓଡ଼ିଶା ଲୋକାୟୁକ୍ତ ଅଧକ୍ଷ ଅଜିତ ସିଂ ଏହି ଅଭିଯୋଗକୁ ଗ୍ରହଣକରି ୪ ଅଫିସରଙ୍କୁ ନୋଟିସ କରିଛନ୍ତି। ୨୦୧୯ ଜୁଲାଇ ୧୨ ତାରିଖରେ ରାଜ୍ୟ ମୁଖ୍ୟ ସଚିବ, କେନ୍ଦ୍ରାଞ୍ଚଳ ଆର୍‌ଡିସି, ଯାଜପୁର ଜିଲାପାଳ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧକ୍ଷ, ଏସ୍‌ପି ଓ ଧର୍ମଶାଳା ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇ ତୁରନ୍ତ ପଦକ୍ଷେପ ନେଇ ସଂରକ୍ଷିତ ଜଙ୍ଗଲ ଓ ପାହାଡକୁ ସୁରକ୍ଷିତ ରଖିବାକୁ ଅନୁରୋଧ କରିଛନ୍ତି। ଏହା ପୂର୍ବରୁ ୨୦୧୯ ଜୁଲାଇ ୭ ତାରିଖ ଓ ସେହିବର୍ଷ ମାର୍ଚ୍ଚ ୨୮ରେ ୨ ଥର ଧର୍ମଶାଳା ତହସିଲଦାର ଏହି ବେଆଇନ ଗ୍ରାନାଇଟ ଖନନ ସମ୍ପର୍କରେ କଟକ ଜଙ୍ଗଲ ଡିଭିଜନର ଡିଏଫ୍‌ଓଙ୍କୁ ଲିଖିତ ଭାବେ ଅବଗତ କରି ପଥର ମାଫିଆଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। କଟକ ଡିଏଫ୍‌ଓ ୨୦୧୯ ପେବୃୟାରୀ ୮ରେ ଯାଜପୁର ଜିଲାପାଳଙ୍କୁ ଚିଠି ଲେଖି ଖନନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହିତ କ୍ରଶର ୟୁନିଟ ଏନ୍‌ଓସିକୁ ବାତିଲ କରିବାକୁ ଅନୁରୋଧ କରିଥିଲେ। ଲୋକାୟୁକ୍ତରେ ହୋଇଥିବା ଏହି ଅଭିଯୋଗ ଉପରେ ପରବର୍ତ୍ତୀ ଶୁଣାଣି ଏପ୍ରିଲ ୧୨ରେ ହେବ ବୋଲି ଅଧକ୍ଷ ଅଜିତ ସିଂ ସମୟ ଧାର୍ଯ୍ୟ କରିଛନ୍ତି।

# ମିଶ୍ରିତ ଶିକ୍ଷା ହେବ ନୂଆ ପଦ୍ଧତି



**ସ୍କୁଲ ଶିକ୍ଷା କହିଲେ କେବଳ ଶିକ୍ଷୟିତ୍ରୀ/ଶିକ୍ଷକଙ୍କ ଶିକ୍ଷାଦାନ ଓ ପିଲାଙ୍କ ପାଠପଢ଼ାକୁ ବୁଝାଏ ନାହିଁ। ଶ୍ରେଣୀଗୃହରେ କଳାପଟା ପାଠରୁ ଏହାର ଅର୍ଥ ଆହୁରି ଅନେକ କିଛି। ରାଜ୍ୟର ଏକ ଅଗ୍ରଣୀ ଶିକ୍ଷାକେନ୍ଦ୍ର ଭାବେ ଭୁବନେଶ୍ୱରସ୍ଥିତ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ କୋଭିଡ୍ ମହାମାରୀ ସମୟରେ ପିଲାଙ୍କ ପଢ଼ା ପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରିଛି। ମହାମାରୀ ସମୟରେ ସ୍କୁଲର ଶିକ୍ଷାଦାନ ପଦ୍ଧତି ସମ୍ପର୍କରେ ମତ ରଖିଛନ୍ତି ଏହାର ପ୍ରତିଷ୍ଠାତା ଡ. ବିଜୟ କୁମାର ସାହୁ।**




**➥ସ୍କୁଲ ଶିକ୍ଷାକୁ କୋଭିଡ୍ -୧୯ କିଭଳି ପ୍ରଭାବିତ କରିଛି?**

ମହାମାରୀରେ ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲ ଅବିଳମ୍ବେ ସୂଚନା ପ୍ରଯୁକ୍ତିବିଦ୍ୟା ଭିତ୍ତିଭୂମିକୁ ଉପଯୋଗ କରି ସାଇ କ୍ଲାଉଡ୍ ସ୍କୁଲ ଆରମ୍ଭ କରିଥିଲା। ଅନ୍‌ଲାଇନ୍ କ୍ଲାସ୍ ସହିତ ଆମେ ପାଠ୍ୟକ୍ରମର ବିଭିନ୍ନ ମ୍ୟାଟେରିଆଲ ମଧ ଅନ୍‌ଲାଇନ୍‌ରେ ଅପ୍‌ଲୋଡ୍ କରୁଥିଲୁ। ଏବେ ସାଇ ହୋମ୍ ସ୍କୁଲ ଆରମ୍ଭ କରିଛୁ, ଯେଉଁଥିରେ ବିଷୟ ଅନୁସାରେ ଭିଡିଓ ଏବଂ ଅନ୍ୟାନ୍ୟ ମାଧ୍ୟମରେ ଶିକ୍ଷାଦାନ କରାଯାଉଛି।

**➥ପିଲାଙ୍କ ନିରାପତ୍ତା ପାଇଁ କି ସତର୍କତା ଗ୍ରହଣ କରିଛନ୍ତି?**

ଦଶମ ଓ ଦ୍ୱାଦଶ ଶ୍ରେଣୀ ପରେ ଏବେ ନବମ ଏବଂ ଏକାଦଶ ପିଲାଙ୍କ ପାଇଁ କ୍ଲାସ୍ ଆରମ୍ଭ ହୋଇଛି। ଏଥିପାଇଁ ପିଲା ଓ ଷ୍ଟାଫ୍‌ଙ୍କ ପ୍ରବେଶ ସମୟରେ ସ୍କ୍ରିନିଂ ଟେଷ୍ଟ କରୁଛୁ। ସ୍କୁଲ ପରିସର ଏବଂ ଗେଟ୍ ବାହାରେ ମଧ ସାମାଜିକ ଦୂରତା ଅବଲମ୍ବନ ଉପରେ ଗୁରୁତ୍ୱ ଦେଉଛୁ। ଫେସ୍ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ପ୍ରତି ପିରିୟଡ୍ ପରେ ଶ୍ରେଣୀଗୃହକୁ ଜୀବାଣୁମୁକ୍ତ ରଖିବା ପାଇଁ ଚେଷ୍ଟା କରୁଛୁ। ଡାକ୍ତର ଓ ନର୍ସମାନେ ସ୍କୁଲ କ୍ୟାମ୍ପସରେ ସବୁ ସମୟରେ ଉପସ୍ଥିତ ରହୁଛନ୍ତି।

**➥ଅନ୍‌ଲାଇନ୍ ଶିକ୍ଷା ଅଫ୍‌ଲାଇନ୍ ପଦ୍ଧତିର ସ୍ଥାନ ନେଇପାରିବ କି?**

ସ୍କୁଲର ଅର୍ଥ କେବଳ ଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନିର୍ଦ୍ଦିଷ୍ଟ ବିଷୟବସ୍ତୁକୁ ନେଇ ଜ୍ଞାନର ଆଦାନପ୍ରଦାନ ନୁହେଁ। ଅନ୍‌ଲାଇନ୍ ମାଧ୍ୟମ ଶିକ୍ଷାରେ କେବଳ ପାଠ୍ୟକ୍ରମ ସମ୍ବନ୍ଧୀୟ ଶିକ୍ଷାଗ୍ରହଣର ଆବଶ୍ୟକତା ପୂରଣ ହୋଇଥାଏ। ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ଶିକ୍ଷା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ହୋଇଥିବାରୁ ମିଶ୍ରିତ ଶିକ୍ଷା ଏକ ନୂଆ ପଦ୍ଧତି ହେବ ବୋଲି ମୁଁ ବିଶ୍ୱାସ କରେ।

**➥ଅନ୍‌ଲାଇନ୍ କ୍ଲାସ୍ ସମୟରେ ପାଠ୍ୟ ଉପକରଣ ଯୋଗାଇ ଦେବା ସହଜ ଥିଲା କି?**

ଆମ ଆଇଟି ଭିତ୍ତିଭୂମି ବେଶ୍ ମଜଭୁତ ଥିବାରୁ ଅନ୍‌ଲାଇନ୍ ମାଧ୍ୟମକୁ ସହଜରେ ଓ ଶୀଘ୍ର ଗ୍ରହଣ କରିପାରିଲୁ। ବିଶେଷଜ୍ଞଙ୍କ କ୍ଲାସ୍‌ରୁ ଛାତ୍ରୀଛାତ୍ରଙ୍କ ସହ କଥୋପକଥନ ଏବଂ ଇ-ସମର କ୍ୟାମ୍ପଠାରୁ ଇ-ସାଇ ମୁନ୍ ପର୍ଯ୍ୟନ୍ତ ଇଭେଣ୍ଟକୁ ସମାନ ଉତ୍ସାହ ଓ ଆଗ୍ରହର ସହ କରିପାରିଛୁ। ମହାମାରୀରେ ଅନ୍ତର୍ଜାତୀୟ କ୍ଷେତ୍ରରେ ଆମ କାର୍ଯ୍ୟକ୍ରମଗୁଡ଼ିକର ପରିସର ବୃଦ୍ଧି ପାଇଲା। ଖୁବ୍ କମ୍ ଇଣ୍ଟରନେଟ୍ ସେବା ଉପଲବ୍ଧ ଦୁର୍ଗମ ଅଞ୍ଚଳର ଛାତ୍ରୀଛାତ୍ରଙ୍କ ନିକଟରେ ପହଞ୍ଚିବା ଥିଲା ଏକ ବଡ଼ ଆହ୍ୱାନ।

**➥ରାଜ୍ୟରେ ଶିକ୍ଷାର ଉନ୍ନତି ନିମନ୍ତେ ଆପଣଙ୍କ ପ୍ରସ୍ତାବ କ'ଣ?**

ରାଜ୍ୟରେ ଶିକ୍ଷାର ଉନ୍ନତି ପାଇଁ ନିମ୍ନୋକ୍ତ ଉପାୟ ଅବଲମ୍ବନ କରିବା ଆବଶ୍ୟକ:

- ଆଇଟି ଶିକ୍ଷାର ସାମର୍ଥ୍ୟ- ଏହି ପ୍ରକାର ଶିକ୍ଷାକୁ ନୂତନ ପଦ୍ଧତି ତଥା ସାଧାରଣ ଭାବେ ଗ୍ରହଣ କରିବା ଉଚିତ। ଭବିଷ୍ୟତ ନିମନ୍ତେ ଶିକ୍ଷାକ୍ଷେତ୍ରରେ ଅତ୍ୟାଧୁନିକ ଟେକ୍ନୋଲୋଜିକୁ ଗ୍ରହଣ କରାଯିବା ଆବଶ୍ୟକ।
- ଶିକ୍ଷକ ନିଯୁକ୍ତି- କେବଳ ଯେ ବି.ଏଡ୍ ଏବଂ ଏମ୍.ଏଡ୍ ଯୋଗ୍ୟତା ଥିବା ଶିକ୍ଷୟିତ୍ରୀ ଅଥବା ଶିକ୍ଷକ ନିଯୁକ୍ତି ଆବଶ୍ୟକ ତା'ନୁହେଁ ବରଂ ଶିକ୍ଷକମାନଙ୍କର ସୂଚନା ଓ ପ୍ରଯୁକ୍ତି ବିଦ୍ୟା (ଆଇଟି) ସମ୍ପର୍କିତ ଜ୍ଞାନ ରହିବା ଜରୁରୀ।
- ଶିକ୍ଷକଙ୍କ ପ୍ରଶିକ୍ଷଣ-ଏବେ ନିଯୁକ୍ତିପ୍ରାପ୍ତ ଶିକ୍ଷକମାନଙ୍କୁ ନୂଆ ଟେକ୍ନୋଲୋଜି ସମ୍ପର୍କରେ ପୁନଃ ପ୍ରଶିକ୍ଷଣ ପ୍ରଦାନ କରିବା ଦରକାର।
- ପିଲାଙ୍କ ମାନସିକ ଅବସ୍ଥା ପ୍ରତି ଧ୍ୟାନ ଦେବା- ପିଲାମାନଙ୍କର ମାନସିକ ଅବସ୍ଥାକୁ ବୁଝିବା ନିମନ୍ତେ ସରକାର ତଥା ପ୍ରତି ସ୍କୁଲ ପକ୍ଷରୁ କାଉନ୍‌ସେଲିଂ ସେଣ୍ଟର ରଖିବା ଆବଶ୍ୟକ।

# ହାଣ୍ଡିଶାଳକୁ ସିଧା ମାଡ଼



ଲିକ୍ୟୁଫାଏଡ୍ ପେଟ୍ରୋଲିୟମ୍ ଗ୍ୟାସ୍ (ଏଲ୍‌ପିଜି) ମୂଲ୍ୟ ଡିସେମ୍ବର ୨୦୨୦ରୁ ୧ ମାର୍ଚ୍ଚ ୨୦୨୧ ମଧ୍ୟରେ ୨୨୫ ଟଙ୍କା ବୃଦ୍ଧି ଘଟିଛି। ବିଶେଷକରି ଗତ ମାସକ ମଧ୍ୟରେ ୧୦୦ ଟଙ୍କା ବଢ଼ିବା ଜନସାଧାରଣଙ୍କୁ ଅତିଷ୍ଠ କଲାଣି। ଏଭଳି ଦରବୃଦ୍ଧି ସିଧା ହାଣ୍ଡିଶାଳକୁ ମାଡ଼ କରିଛି। ପରିବାର ବଜେଟରେ ଦରବୃଦ୍ଧିର ବୋଝ ନେଇ ସମସ୍ତେ ଏବେ ଚିନ୍ତିତ। ଏ ସମ୍ପର୍କରେ ବିଭିନ୍ନ ସ୍ଥାନରୁ ଗୃହିଣୀମାନଙ୍କ ପ୍ରତିକ୍ରିୟାକୁ ନେଇ ଏହି ଉପସ୍ଥାପନା।

### ଗ୍ୟାସ୍ ଦରବୃଦ୍ଧି ଗ୍ରହଣୀୟ ନୁହେଁ



“ ଏଲ୍‌ପିଜି ଦର ବୃଦ୍ଧି ଗରିବ ଓ ମଧ୍ୟବିତ୍ତ ପରିବାରଙ୍କ ଉପରେ ବିଶେଷ ପ୍ରଭାବ ପକାଇଛି। ପୂର୍ବରୁ ଯେଉଁ ପରିମାଣର ସବ୍‌ସିଡି ମିଳୁଥିଲା ତାହା ଏବେ ନାହିଁ, ଯାହାକି ଏକ ବଡ଼ ସମସ୍ୟା। ଅନ୍ୟପଟେ କରୋନା ମହାମାରୀ ସମୟରେ ବହୁ ଲୋକ କାମଧନ୍ଦା ହରାଇଛନ୍ତି। ଏହି ସମୟରେ ଗ୍ୟାସ୍ ଦର ବୃଦ୍ଧି ଆଦୌ ଗ୍ରହଣୀୟ ନୁହେଁ।

-ରଶ୍ମିତା କୁମାରୀ ଦଳାଇ, ଗୃହିଣୀ, ବ୍ରହ୍ମପୁର

### ଘରଖର୍ଚ୍ଚ କାଟି ଦରବୃଦ୍ଧିକୁ ସାମ୍ନା କରିବାକୁ ପଡୁଛି



“ ଡିସେମ୍ବରରୁ ଏ ପର୍ଯ୍ୟନ୍ତ ରନ୍ଧନ ଗ୍ୟାସ୍ ସିଲିଣ୍ଡର ପିଛା ୨୨୫ଟଙ୍କା ବୃଦ୍ଧିପାଇଛି। କେବଳ ଫେବୃୟାରୀରେ ୧୦୦ ଟଙ୍କା ବଢ଼ିଛି। ଗ୍ୟାସ୍ ଏକ ଅତ୍ୟାବଶ୍ୟକ ସାମଗ୍ରୀ। ବାରମ୍ବାର ଦର ବୃଦ୍ଧି ଆମ ଭଳି ମଧ୍ୟବିତ୍ତ ପରିବାରକୁ ବହୁତ ବାଧୁଛି। ଘରଖର୍ଚ୍ଚ କାଟ କରି ଦରବୃଦ୍ଧିକୁ ସାମ୍ନା କରିବାକୁ ପଡୁଛି। ତେଣୁ ସରକାର ଏହା ବୁଝିବା ଜରୁରୀ।

-ରଞ୍ଜନୀ ବେହେରା, କୁମ୍ପିଟିପେଣ୍ଠ, ଜେକେପୁର, ରାୟଗଡ଼ା

### ଅଭ୍ୟାସ ପରେ ଶୋଷଣ

“ ଦୁଇ ମାସରେ ଏଲ୍‌ପିଜି ଦର ୨୨୫ଟଙ୍କା ବୃଦ୍ଧି ଅତିଷ୍ଠ କଲାଣି। ଡିସେମ୍ବରରେ ୬୩୬ ଟଙ୍କା ୫୦ ପଇସା ଥିବା ବେଳେ ମାର୍ଚ୍ଚ ୧ରେ ୮୬୧ଟଙ୍କା ୫୦ପଇସା ହୋଇଛି। ଅନ୍ୟପକ୍ଷେ କେନ୍ଦ୍ର ସରକାର ସବ୍‌ସିଡି ବଢ଼ାଇବାରେ ନାଁ ଗନ୍ଧ ଧରୁନାହାନ୍ତି। ଗାଁରୁ ସହର ପର୍ଯ୍ୟନ୍ତ ଗରିବ ପରିବାରର ମହିଳାମାନେ ମାଗଣାରେ ସିଲିଣ୍ଡର, ଚୁଲା ଦେଇ ଗ୍ୟାସ ବ୍ୟବହାର ଅଭ୍ୟାସ କରାଇବା ପରେ ଶୋଷଣ ଆରମ୍ଭ କରିଥିବା ଭଳି ଲାଗୁଛି।



- ସଂଘମିତ୍ରା ମହାନ୍ତି, ଗୃହିଣୀ, ବାଲେଶ୍ୱର

### ଚିନ୍ତା ବଢ଼ାଉଛି ଦରବୃଦ୍ଧି



“ ଦୁଇମାସ ମଧ୍ୟରେ ରନ୍ଧନ ଗ୍ୟାସ୍‌ର ଦର କ୍ରମାଗତଭାବେ ବଢ଼ିଚାଲିଛି। ଏଥିରେ ଘର ଚଳାଇବା କାଠିକରପାଠ। ମହାମାରୀ କରୋନାଜନିତ ଲକ୍‌ଡାଉନ୍, ଶଟ୍‌ଡାଉନ୍‌ରେ ଗରିବ, ମଧ୍ୟବିତ୍ତ ବର୍ଗଙ୍କ ଆର୍ଥିକ ସ୍ଥିତି ଦୋହଲି ଯାଇଥିବାବେଳେ ରନ୍ଧନ ଗ୍ୟାସ୍‌ର ଏଭଳି ଦରବୃଦ୍ଧି ପାରିବାରିକ ଚଳଣି ଉପରେ ପ୍ରତିକୂଳ ପ୍ରଭାବ ପକାଇ ଚିନ୍ତା ବଢ଼ାଉଛି। ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା ଦିଗରେ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି।

-ସସ୍ମିତା ଶର୍ମା, ୱାର୍ଡ ନଂ-୧୬, ବ୍ରହ୍ମଚାରୀ, ବରଗଡ଼

### ବହୁତ ବାଧୁଛି



“ ରୋଷେଇ ଗ୍ୟାସ୍ ଦର ଲଗାତର ବୃଦ୍ଧି ଯୋଗୁ ଅତିରିକ୍ତ ଆର୍ଥିକ ବୋଝ ପଡୁଛି। ଏହା ମଧ୍ୟବିତ୍ତ ଓ ଗରିବ ଲୋକଙ୍କ ଦୈନନ୍ଦିନ ଚଳଣି ଉପରେ ପ୍ରଭାବ ପକାଇଛି। ପେଟ୍ରୋଲ ସହ ଗ୍ୟାସ୍ ଦର ବୃଦ୍ଧି ବହୁତ ବାଧୁଛି। ବର୍ତ୍ତମାନ ସମୟରେ ଉଭୟ ପେଟ୍ରୋଲ ଓ ଗ୍ୟାସ ନ ହେଲେ ଚଳିବା କଷ୍ଟକର। ଏଭଳି ସ୍ଥିତିରେ ଗ୍ୟାସ ଦର ନ କମିଲେ ଆଗକୁ ପରିବାର ଚଳାଇବା ଆହୁରି ଜଟିଳ ହେବ।

- ଅଞ୍ଜୁ ସେନାପତି, ଗୃହିଣୀ, ଯାଜପୁର ରୋଡ୍

### କାଠ ଚୁଲିକୁ ଫେରିଯିବା ଭଲ ହେବ



“ ଦୁଇ ମାସ ମଧ୍ୟରେ ରନ୍ଧନ ଗ୍ୟାସ୍‌ର ମୂଲ୍ୟ ଯେଭଳି ବଢ଼ିଛି, ତାହାକୁ ନେଇ ଚିନ୍ତାରେ ପଡ଼ିଲୁଣି। ପ୍ରତି ମାସରେ ଗ୍ୟାସ ବାବଦରେ ଏତେ ଟଙ୍କା ଖର୍ଚ୍ଚ କରିବା ସ୍ଥିତିରେ ନାହୁଁ। ଦର ଏତେ ବାଧୁଛି ଯେ ଗ୍ୟାସ୍ ନ ଉଠାଇ ପୂର୍ବପରି କାଠ ଚୁଲିରେ ରୋଷେଇ କରିବାକୁ ସ୍ଥିର କଲୁଣି। ଧୂଆଁ ଜନିତ ନାନା ରୋଗରୁ ମହିଳାମାନଙ୍କୁ ରକ୍ଷା କରିବାକୁ ମୋଦି ସରକାର ବିଜ୍ଞାପନ ମାଧ୍ୟମରେ କହୁଥିଲେ ମଧ ବାରମ୍ବାର ଗ୍ୟାସ୍‌ର ଦର ବୃଦ୍ଧି କରି ରୋଷେଇ ଘରେ ଶିକୁଳି ପକାଇବାକୁ ଉଦ୍ୟମ କରୁଥିବା ଭଳି ମନେ ହେଉଛି।

-ସୁଲୋଚନା ଜେନା, ଅନୁଗୋଳ

### ଗ୍ୟାସ୍ ଦରବୃଦ୍ଧି ବେଢି ଉପରେ କୋରଡ଼ା ମାଡ଼



“ ବାରମ୍ବାର ଗ୍ୟାସ୍ ଦର ବୃଦ୍ଧି ହେଉଥିବାରୁ ରୋଷେଇ ଘରର ବଜେଟ୍ ଦୋହଲିବାକୁ ଲାଗିଲାଣି। ବଡ଼ ପରିବାର ହୋଇଥିବାରୁ ମୋର ମାସକୁ ଗୋଟେ ଗ୍ୟାସ୍ ସିଲିଣ୍ଡର ଆବଶ୍ୟକ ହୋଇଥାଏ। ଏବେ ପୁଣି ସିଲିଣ୍ଡର ଉପରେ ୨୫ଟଙ୍କା ବଢ଼ିଛି। ଗ୍ୟାସ୍ ଜାଳିବାକୁ ଡର ଲାଗିଲାଣି। ପ୍ରତି ମାସରେ ୮୪୫ ଟଙ୍କା ଦେଇ ଗ୍ୟାସ୍ କିଣିବା କଷ୍ଟକର ହୋଇପଡିଲାଣି। ଦରଦାମ୍ ଯେମିତି ହୁହୁ ହୋଇ ବଢୁଛି, ସେଥିରେ ଗ୍ୟାସ୍‌ର ଦରବୃଦ୍ଧି ବେଢି ଉପରେ କୋରଡା ମାଡ ଭଳି ଲାଗୁଛି।

-ଅରୁନ୍ଧତୀ ଦାସ ମହାପାତ୍ର, ଗୃହିଣୀ, ଭୁବନେଶ୍ୱର

### ମାଗଣା ଦେଇ ଶୋଷି ନେଉଛନ୍ତି



“ ସୀମିତ ଆୟରେ ଘର ଚଳାଇବାକୁ ହେଲେ ସବୁକିଛି ଆଡ୍‌ଜଷ୍ଟ କରିବାକୁ ପଡେ। କିନ୍ତୁ ଏବେ ଗ୍ୟାସ୍ ଦରବୃଦ୍ଧିର ମହଙ୍ଗା ମାଡ଼ ଆମପରି ମଧ୍ୟବିତ୍ତ ପରିବାରର ଅଣ୍ଟା ଭାଙ୍ଗି ଦେଇଛି। କେନ୍ଦ୍ର ସରକାର ଉଜ୍ଜ୍ୱଳା ଯୋଜନାରେ ମାଗଣାରେ ଗ୍ୟାସ୍ ଯୋଗାଇଦେଉଥିବା ଚାରିଆଡେ ପ୍ରଚାର କରୁଥିବାବେଳେ ଅନ୍ୟପଟେ ସାଧାରଣ ଖାଉଟିଙ୍କ ଉପରେ ଦରବୃଦ୍ଧି ବୋଝ ଲଦିଦେଉଛନ୍ତି। ଏପଟେ ମାଗଣା ଦେଇ ସେପଟେ ଶୋଷି ନେଉଛନ୍ତି।

-ପ୍ରମୋଦିନୀ ବେହେରା, ଗୃହିଣୀ, ଭୁବନେଶ୍ୱର


### ଅଚ୍ଛା ଦିନ୍ ଆୟେଗା କହି ଠକି ଚାଲିଛନ୍ତି ମୋଦି



“ କରୋନା କାଳରେ ଲୋକେ ବଡ କଷ୍ଟରେ ଚଳୁଛନ୍ତି। କେତେ ଲୋକଙ୍କ ଜୀବିକା ବି ଚାଲିଯାଇଛି। ଏଭଳି ସ୍ଥିତିରେ ସରକାର ସବୁକିଛି ଶସ୍ତା କରିବା କଥା। କିନ୍ତୁ କେତେବେଳେ ପରିବା ଦର ବାଧିଲାଣି ତ ଆଉ କେତେବେଳେ ପେଟ୍ରୋଲ ଓ ଗ୍ୟାସ ଦର ବଢିଲାଣି। ସାଧାରଣ ମଧ୍ୟବିତ୍ତ ବର୍ଗର ଲୋକେ ବଞ୍ଚିବେ କେମିତି। ଏମିତି ଦରବୃଦ୍ଧି ଲାଗି ରହିଲେ ଲୋକେ ପୁଣି ଷ୍ଟୋଭ୍, ଚୁଲି ଜାଳି ରୋଷେଇ କରିବାକୁ ବାଧ ହେବେ। ଅଚ୍ଛା ଦିନ୍ ଆୟେଗା କହି କହି ମୋଦି ସରକାର କେବଳ ଲୋକଙ୍କୁ ଠକି ଚାଲିଛନ୍ତି।

-ମଞ୍ଜୁଳା ବେହେରା, ଗୃହିଣୀ, ଭୁବନେଶ୍ୱର

### ମଧ୍ୟବିତ୍ତଙ୍କ ଜୀବନ ଦୁର୍ବିଷହ ହୋଇପଡ଼ିଲାଣି



“ ଗ୍ୟାସ୍ ଦରବୃଦ୍ଧି ଯୋଗୁ ମଧ୍ୟବିତ୍ତଙ୍କ ଜୀବନ ଦୁର୍ବିଷହ ହୋଇପଡିଲାଣି। ରୋଷେଇ ଘରର ଖର୍ଚ୍ଚ ସବୁଠୁ ବଳିଗଲାଣି। ଗ୍ୟାସ୍ ପାଇଁ ଏବେ ମୋତେ ଅନ୍ୟ ଖର୍ଚ୍ଚରେ କାଟ୍‌ଛାଣ୍ଟ କରିବାକୁ ପଡୁଛି। ବର୍ତ୍ତମାନ ସାରା ଦେଶ ମହାମାରୀ ମଧ୍ୟରେ ଗତି କରୁଥିବାବେଳେ ସରକାର ସବୁ ଜିନିଷର ଦରଦାମ୍ ବଢେଇ ଚାଲିଛନ୍ତି। ସରକାରଙ୍କର ଏହା କିଭଳି ମନୋଭାବ ତାହା ବୁଝାପଡୁନି।

-ସାଇ ରଞ୍ଜନୀ ପଣ୍ଡା, ଗୃହିଣୀ, ଭୁବନେଶ୍ୱର

### ଚୁଲିରେ ରୋଷେଇ କରିବାକୁ ବାଧହେବୁ



“ ଦର ଯେମିତି ବୃଦ୍ଧି ପାଉଛି, ମଧ୍ୟବିତ୍ତ ବର୍ଗର ପରିବାର ପାଇଁ ଆଗକୁ ଗ୍ୟାସ ବ୍ୟବହାର କରି ରୋଷେଇ କରିବା ସମ୍ଭବ ହେବନାହିଁ। ପୂର୍ବଭଳି କାଠ ଜାଳି ଚୁଲିରେ ରୋଷେଇ କରିବାକୁ ବାଧ ହେବୁ। ଜଣେ ସାଧାରଣ ଲୋକ ୮ଶହରୁ ୯ଶହ ଟଙ୍କା ଦେଇ ଗ୍ୟାସ କିଣିଲା ପରେ ଘରର ବାକି ଖର୍ଚ୍ଚ କରି ଭବିଷ୍ୟତ ପାଇଁ ସଞ୍ଚୟ କରିବାକୁ ହାତରେ କିଛି ଆଉ ବଞ୍ଚିବନି ।

-ବର୍ଷାରାଣୀ ଦାସ, ଗୃହିଣୀ, କଟକ

### ଦର ବଢୁଛି, ସବ୍‌ସିଡି ପରିମାଣ କମୁଛି



“ ଆଗରୁ ଗ୍ୟାସ୍ କିଣିବା ପରେ ୨୦୦ ଟଙ୍କା ସବ୍‌ସିଡି ମିଳୁଥିଲା। କିନ୍ତୁ ଏବେ ୧୪ରୁ ୧୬ ଟଙ୍କା ସବ୍‌ସିଡି ଆସୁଛି। ଗ୍ୟାସ୍ ଦର ବଢୁଛି, ସବ୍‌ସିଡ୍ କିନ୍ତୁ କମୁଛି। ମଧ୍ୟବିତ୍ତ ପରିବାର ଗ୍ୟାସ୍ ବ୍ୟବହାର କରିବା ଆଉ ସମ୍ଭବ ହେବ ନାହିଁ ।

-ସଙ୍ଗୀତା ସାହୁ, ଗୃହିଣୀ, କଟକ

### ଉଜ୍ଜ୍ୱଳାର ଲାଭ କ'ଣ



“ କ୍ରମାଗତ ଭାବେ ରନ୍ଧନ ଗ୍ୟାସ୍ ଦରବୃଦ୍ଧି ଆମ ଭଳି ମଧ୍ୟବିତ୍ତ ପରିବାର ପାଇଁ ଏକ ବଡ଼ ଚିନ୍ତା। ତେଣୁ ଗ୍ୟାସ ବ୍ୟବହାର କମାଇବାକୁ ପଡୁଛି। ପୂର୍ବରୁ ସବ୍‌ସିଡି ମିଳୁଥିଲା। ଏବେ ସବ୍‌ସିଡି କଥା ଛାଡ଼ନ୍ତୁ, ଏଲପିଜି ମହଙ୍ଗା ମାଡ଼ ମଧ୍ୟବିତ୍ତଙ୍କ ମେରୁଦଣ୍ଡ ଭାଙ୍ଗିଦେଲାଣି। ଦର ଯଦି ଅଧିକ ରହୁଛି ତେବେ ଉଜ୍ଜ୍ୱଳାର ଲାଭ କ'ଣ। ଗ୍ୟାସ କିଣିବା ପାଇଁ ଲୋକଙ୍କ ପାଖରେ ସମ୍ବଳ ନ ଥିବାରୁ ବାଧ ହୋଇ ଘରେ ଖାଲି ସିଲିଣ୍ଡର ଥୋଇ ଲୋକେ ଚୁଲିରେ ରୋଷେଇ କରିବେ।

- ରଶ୍ମିତା ନାୟକ, ବଡଶଙ୍ଖ, ପୁରୀ।

ଧନ ନିମିତ୍ତ ଧନୀ ପାଖରେ ମସ୍ତକ ନତ କରିବ ନାହିଁ। ତାଙ୍କର ଆଡ଼ମ୍ବର, ପ୍ରତିପତ୍ତି ବା ପ୍ରଭାବରେ କେତେବେଳେ ବି ବଶୀଭୂତ ହେବ ନାହିଁ। -ଶ୍ରୀଅରବିନ୍ଦ

# ଗୃହିଣୀଙ୍କ ହାହାକାର

ଭାରତରେ ପୂର୍ବରୁ ରୋଷେଇ ଲାଗି କାଠ, ଘଷି, ଛଣକୁଟା, ପତ୍ର, ତୈଳବୀଜ ଜାତୀୟ ଫସଲର ଚୋପା ସହ କୋଇଲା ଆଦି ବ୍ୟବହାର କରାଯାଇଆସୁଥିଲା। ଏହାଦ୍ୱାରା ମହିଳାଙ୍କ ସ୍ୱାସ୍ଥ୍ୟ ବିଗିଡ଼ି ଯାଉଛି ବୋଲି କୁହାଯାଇ କେନ୍ଦ୍ର ସରକାର ଗରିବ ଓ ଅସହାୟଙ୍କୁ ଲିକ୍ୱିଫାଏଡ୍ ପେଟ୍ରୋଲିୟମ୍ ଗ୍ୟାସ୍ (ଏଲ୍‌ପିଜି) ଯୋଗାଇଦେବାର ବ୍ୟବସ୍ଥା କଲେ ଓ ଆଣିଲେ ଉଜ୍ଜ୍ୱଳା ଯୋଜନା। ପ୍ରଥମ ଥର ଚୁଲା ଓ ସିଲିଣ୍ଡର ମାଗଣାରେ ମିଳିଥିଲା। ଦ୍ୱିତୀୟ ସିଲିଣ୍ଡର କିଣିବାକୁ ଏମାନେ ବାଧ ହେଲେ। ଦେଶବ୍ୟାପୀ ପ୍ରବଳ ବିଜ୍ଞାପନ ଜରିଆରେ ଏହି ଯୋଜନାକୁ ଲୋକଙ୍କ ନିକଟକୁ ନିଆଯାଇଥିଲା। ଦେଶର କୋଣଅନୁକୋଣରେ ଜଣେ ମୁସଲମାନ ମହିଳାଙ୍କୁ ପ୍ରଧାନମନ୍ତ୍ରୀଙ୍କ ଏକ ସିଲିଣ୍ଡର ପ୍ରଦାନ କରାଯାଉଥିବା ଫଟୋ ଲଗାଯାଇଥିଲା। ଏହି ଯୋଜନାର ସଫଳତାକୁ ସନ୍ଦେହ କରାଯାଇପାରିବ ନାହିଁ। ଅତ୍ୟନ୍ତ ଗରିବ ପରିବାର ମଧ୍ୟ ଉଜ୍ଜ୍ୱଳାର ଲାଭ ଉଠାଇବା ସହିତ ଭାଜପାକୁ ଭୋଟ ଦେଲେ। ଏବେକାର ରନ୍ଧନ ଗ୍ୟାସ୍‌ର ଅଭୂତପୂର୍ବ ଦର ବୃଦ୍ଧି ସେହି ଗରିବଙ୍କ ଅଣ୍ଟା ଭାଙ୍ଗିଦେଇଛି। ପୁରାତନ ଜାଳେଣି ଯୋଗାଡ଼ କରିବାରେ ଦକ୍ଷତା ହରାଇବା ପରେ ଗରିବ ପରିବାର ସମ୍ପୂର୍ଣ୍ଣ ଭାବେ ଗ୍ୟାସ୍ ଉପରେ ନିର୍ଭରଶୀଳ ହୋଇଗଲେଣି। ପୂର୍ବରୁ ସମାଲୋଚକମାନେ ବିଦେଶରୁ ଆମଦାନୀ ହେଉଥିବା ରନ୍ଧନ ଗ୍ୟାସ୍‌କୁ ଲୋକପ୍ରିୟ କରାଇବାର ଉଦ୍ୟମକୁ ନାପସନ୍ଦ କରିଥିଲେ। ସେମାନେ କହୁଥିଲେ ଯେ, ଯେଉଁ ବିପୁଳ ଅର୍ଥ ଓ ଶକ୍ତିର ବ୍ୟବହାର କରି ଏଲ୍‌ପିଜିକୁ ଲୋକପ୍ରିୟ କରାଯାଇଛି, ତାହା ଫଳରେ ଚାହିଦା ବଢ଼ିବା ସହ ଦରବୃଦ୍ଧି ମଧ୍ୟ ଘଟିବ। ଅପରପକ୍ଷରେ ଏହି ସମାଲୋଚକଙ୍କ କହିବା ଅନୁସାରେ ସରକାର ଗ୍ୟାସ୍ ପରିବର୍ତ୍ତେ ଅକ୍ଷୟଶକ୍ତିର ବ୍ୟବହାରକୁ ଅଧିକ ଆଦୃତ କରାଇବା ଉଚିତ ଥିଲା। ସେତେବେଳେ ଆମେ ସମସ୍ତେ ସମାଲୋଚକଙ୍କୁ ଧ୍ୟାନ ଦେଉ ନ ଥିଲେ। ତାହାର କାରଣ ହେଉଛି ଆମ ସମସ୍ତଙ୍କ ଘରେ ଗ୍ୟାସ୍ ସିଲିଣ୍ଡର ରହିଛି। ଏବେ କିନ୍ତୁ ସମାଲୋଚକଙ୍କ କଥା ବାସ୍ତବ ମନେହେଉଛି।

ଭାରତରେ ଇନ୍ଧନ ଦର ବିଶେଷକରି ପେଟ୍ରୋଲ ଅନେକ ସ୍ଥାନରେ ୧୦୦ ଟଙ୍କା ଅତିକ୍ରମ କରିଯାଇଛି। ଗତ ମାସକ ମଧ୍ୟରେ ରନ୍ଧନ ଗ୍ୟାସ ୧୪.୨ କେଜି ସିଲିଣ୍ଡର ପିଛା ୧୦୦ ଟଙ୍କା ବଢ଼ିଗଲା। ଆଶ୍ଚର୍ଯ୍ୟର ବିଷୟ ଗତ ଡିସେମ୍ବର ୨୦୨୦ରୁ ୧ ମାର୍ଚ୍ଚ ୨୦୨୧ ମଧ୍ୟରେ ଏଲ୍‌ପିଜି ୨୨୫ ଟଙ୍କା ବଢ଼ିଛି। ମିଳିଥିବା ତଥ୍ୟ ଅନୁଯାୟୀ, କୋଲକାତାରେ ସିଲିଣ୍ଡର ମୂଲ୍ୟ ୮୪୫ ଟଙ୍କା ହୋଇଛି। ଓଡ଼ିଶାରେ ମଧ୍ୟ ଏହି ଦର। ଉପରଲିଖିତ ସଂଖ୍ୟାଗୁଡ଼ିକୁ ଦେଖିଲେ ସାଧାରଣ ନାଗରିକ କେଉଁ ଆର୍ଥିକ ଯନ୍ତ୍ରଣା ଦେଇ ଗତି କରୁଛି ସେ ସମ୍ପର୍କରେ ସରକାର ଅବଗତ ଥିବାଭଳି ମନେହେଉ ନାହିଁ।

ପେଟ୍ରୋଲଜାତ ପଦାର୍ଥର ଦାମ୍ ବଢ଼ିଲେ ଅତ୍ୟାବଶ୍ୟକ ସାମଗ୍ରୀ ମୂଲ୍ୟ ବଢ଼ିଚାଲେ। ଯଦି ଏ ସଂକ୍ରାନ୍ତ ମୂଲ୍ୟବୃଦ୍ଧି ନେଇ ପ୍ରଶ୍ନ କରାଯାଉଛି କେନ୍ଦ୍ର ସରକାରଙ୍କ ପକ୍ଷରୁ ସେହି ଗୋଟିଏ ଉତ୍ତର ବାରମ୍ବାର ଶୁଣିବାକୁ ମିଳୁଛି- ତାହା ହେଉଛି, ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ଓ ବୈଦେଶିକ ମୁଦ୍ରା ବିନିମୟ ମୂଲ୍ୟ ଇନ୍ଧନ ଓ ରନ୍ଧନ ସାମଗ୍ରୀ ମୂଲ୍ୟ ନିର୍ଦ୍ଧାରଣ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏଥିସହିତ ଯୋଡ଼ିଦିଆଯାଏ ଯେ, ବଜାର ବ୍ୟବସ୍ଥା ଏସବୁର ଦର ସ୍ଥିର କରେ। ସରକାର ଯୁକ୍ତି କରୁଛନ୍ତି ଯେ, ଅନ୍ତର୍ଜାତୀୟ ବଜାର ଦର ସହିତ ଆଭ୍ୟନ୍ତରୀଣ ମୂଲ୍ୟର ସମ୍ପର୍କ ରହିଛି। କିନ୍ତୁ ଅନ୍ତର୍ଜାତୀୟ ବଜାରରେ ତୈଳଦର ହ୍ରାସ ପାଉଥିବା ବେଳେ ଭାରତରେ ତାହାର ପ୍ରଭାବ ଦେଖିବାକୁ ମିଳୁନାହିଁ। ତେଲ ଦର ଉପରେ ପ୍ରବଳ ଟିକସ ବସାଯିବାକୁ ବିରୋଧ କରାଗଲା ବେଳେ ସରକାରୀ ଉତ୍ତର ମିଳୁଛି ଯେ, କରୋନା ମହାମାରୀ ଯୋଗୁ ଜନସାଧାରଣଙ୍କ ଲାଗି ବ୍ୟୟ କରାଯାଇଥିବା ଅର୍ଥ ଭରଣା ସକାଶେ ଟିକସ ବଢ଼ାଇ ଦିଆଯାଇଛି। ଏଠାରେ ସର୍ବଦା ଲୋକଙ୍କୁ ଏଭଳି ଭାବେ ଭୁଆଁ ବୁଲାଯାଉଛି। ବାସ୍ତବରେ ସରକାର ଲୋକଙ୍କ ଦୁଃଖକୁ ବୁଝୁଥିଲେ ଆଜି ସ୍ଥିତି ଏଭଳି ହୋଇ ନ ଥାଆନ୍ତା। ଗୋଟିଏ ପଟେ ସରକାର କହୁଛନ୍ତି ଦେଶର ଅର୍ଥନୀତି ଧିମା ଅଛି। ଏଥିରୁ ଯେକେହି ବୁଝିପାରୁଛନ୍ତି ଯେ, ଲୋକଙ୍କ ପାଖରେ ଅର୍ଥର ଘୋର ଅଭାବ। ଜନସାଧାରଣ ଖର୍ଚ୍ଚ କରିବା ପାଇଁ ଟଙ୍କା ପାଉ ନ ଥିବା ବେଳେ ସରକାରୀ ବ୍ୟବସ୍ଥା କେଉଁଭଳି ଭାବେ ଅତ୍ୟାବଶ୍ୟକ ସାମଗ୍ରୀ ଦର ବଢ଼ାଉଛି, ତାହା ସମସ୍ତଙ୍କୁ ବ୍ୟଥିତ କରିବା କଥା। ସରକାରଙ୍କ ଏପରି ଅପରିଣାମଦର୍ଶୀ ପଦକ୍ଷେପକୁ ବିରୋଧୀମାନେ ଶକ୍ତ ପ୍ରତିବାଦ କରିପାରୁନାହାନ୍ତି। ଅନ୍ୟପଟେ ଜନସାଧାରଣ ଏହି କଷ୍ଟ ଭୋଗିବାକୁ ଆରମ୍ଭ କଲେଣି। ଖାଦ୍ୟ ପ୍ରସ୍ତୁତି ଲାଗି ସର୍ବନିମ୍ନ ଆବଶ୍ୟକତା ରନ୍ଧନ ଗ୍ୟାସ୍। ତାହାକୁ ଅତି ଜଗିରଖି ଗୃହିଣୀ ବ୍ୟବହାର କରିଥାଏ। ୩ ମାସ ମଧ୍ୟରେ ସିଲିଣ୍ଡର ପିଛା ୨୨୫ ଟଙ୍କା ବଢ଼ିବା ମାନେ ଘର ବଜେଟ ଯଥେଷ୍ଟ ବଢ଼ିଯାଉଛି। କୋଭିଡ୍-୧୯ ଯୋଗୁ ପ୍ରତି ପରିବାରର ଆର୍ଥିକ ସ୍ଥିତି ଦୋହଲି ଯାଇଥିବା ବେଳେ ଇନ୍ଧନ ଓ ରନ୍ଧନ ଦର ବୃଦ୍ଧି ଲୋକଙ୍କୁ ଅତିଷ୍ଠ କଲାଣି। ସେଥିପାଇଁ ଲୋକେ କୌତୂହଳରେ କହିଲେଣି ମୋଟର ସାଇକେଲ ଓ ଗାଡ଼ି ଛାଡ଼ି ସାଇକେଲ ଓ ଶଗଡ଼ରେ ଯାତାୟାତ କରିବା।

ଜନସାଧାରଣଙ୍କ ଉପରେ ବିଭିନ୍ନ ଉପାୟରେ ମନଇଚ୍ଛା ଟିକସ ବସାଉଥିବା ସରକାର କୌଣସି ଭାବେ ବିଶ୍ୱାସଭାଜନ ହେବା କଥା ନୁହେଁ। ସାମ୍ପ୍ରତିକ ସ୍ଥିତି ଦେଖିଲେ କୃଷି ଆଇନ, ପେଟ୍ରୋଲ ଓ ଡିଜେଲ ସହ ଏଲ୍‌ପିଜି ଦର ବୃଦ୍ଧି ଏବଂ ଅର୍ଥନୈତିକ ସଂସ୍କାର ନାମରେ ସବୁକିଛି ଘରୋଇକରଣ କରିବା ଦିଗରେ ପ୍ରୟାସରତ ସରକାର କେଉଁ ଦୃଷ୍ଟିରୁ ଜନକଲ୍ୟାଣକାରୀ ସରକାରର ଭାବମୂର୍ତ୍ତି ବଜାୟ ରଖିବେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଆଗକୁ ପଶ୍ଚିମବଙ୍ଗ, ଆସାମ, ତାମିଲନାଡୁ, କେରଳ ଏବଂ ପୁଡୁଚେରୀରେ ବିଧାନସଭା ନିର୍ବାଚନ। ଏବେ କେନ୍ଦ୍ର ସରକାର ଯେଉଁ ଭୁଲ ନିଷ୍ପତ୍ତି ନେଉଛନ୍ତି ତାହାର ପ୍ରଭାବ ନିର୍ବାଚନ ଉପରେ ପଡ଼ିବ ବୋଲି ବିଶେଷଜ୍ଞମାନେ ମତ ଦେଲେଣି। ଅନ୍ୟପକ୍ଷରେ ରାଜନୈତିକ ପର୍ଯ୍ୟବେକ୍ଷକଙ୍କ କହିବା ଅନୁଯାୟୀ, ପୂର୍ବଭଳି କେନ୍ଦ୍ର ସରକାର ଅତି ଚତୁରତାର ସହିତ ଇନ୍ଧନ ଓ ରନ୍ଧନ ସାମଗ୍ରୀର ଦର ଭୋଟ୍ ପୂର୍ବରୁ କମାଇଦେବେ। ଗଣତି ସରିବା ମାତ୍ରକେ ପୁନର୍ବାର ଦର ଚଢ଼ିବା ଆରମ୍ଭ ହୋଇଯିବ। ଯେତେବେଳେ କୌଣସି ବିଷୟ ସିଧାସଳଖ ଲୋକଙ୍କ ପେଟକୁ ଲାତ ମାରେ ସେତେବେଳେ ଲୋକେ ତା'ର ଜବାବ ଦେବା ପାଇଁ କାହାର ସାହାରା ନ ନେଇ ନିଜେ ସାମ୍ନା କରିବାକୁ ଆସିଥାନ୍ତି। କିନ୍ତୁ ଆଜି ମସଗୁଲ୍ ହୋଇ ରହିଥିବା ଜନସାଧାରଣଙ୍କ ପାଇଁ ଅଯୋଧ୍ୟାରେ ରାମମନ୍ଦିର ଏବଂ ସିଆଚେନ୍‌ରେ ଲଢୁଥିବା ଯୁବ ସୈନିକମାନଙ୍କ ଚିନ୍ତା ଅଧିକ ଘାରୁଛି। ଅନ୍ୟପଟେ କୃଷକଙ୍କ ଅଶାନ୍ତ ପରିସ୍ଥିତିକୁ ଏଡ଼ାଇବା ପାଇଁ ସେମାନଙ୍କୁ ଦେଶଦ୍ରୋହୀ ଆଖ୍ୟା ଦେବାରେ ଆଜିର ସରକାର ପଛାଉ ନାହାନ୍ତି। ସବୁବେଳେ ନୂଆ କଥା କହି ଲୋକଙ୍କୁ ଦଳାଚକଟା କରି ରଖିପାରିଲେ ଅଧିକ ସମୟ ଶାସନ କରିବା ସହଜ ହେଉଛି ବୋଲି ଏ ସରକାର ବାରମ୍ବାର ପ୍ରମାଣ କରିସାରିଲେଣି। ସତ୍ୟକୁ ପ୍ରକାଶ କରିବାକୁ ଇଚ୍ଛୁକ ଥିବା ଗଣମାଧ୍ୟମକୁ କିଣି ନିଆଯାଉଛି କିମ୍ବା ଧମକାଇ ଦିଆଯାଉଛି। ବିରୋଧୀ ଦଳରେ ଥିବା କ୍ଷମତାଲୋଭୀ ରାଜନୈତିକ ଲୋକଙ୍କୁ ହାତେଇ ନେବାରେ ସକ୍ଷମ ହେଉଥିବା ନେତୃତ୍ୱ ଯାହା ଚାହିଁବ ତାହା କରିପାରିବ। ଏହାର ପ୍ରମାଣ କଂଗ୍ରେସର ଗୁଲାମନବୀ ଆଜାଦଙ୍କଠାରେ ଦେଖିବାକୁ ମିଳିଛି। ବାସ୍ତବ ସ୍ଥିତିରେ ଚକ୍‌ମା ଦେଖାଇବା ଅସମ୍ଭବ ନୁହେଁ। ଏହି ଖେଳ ମଝିରେ ଗୃହିଣୀର ହାହାକାର ସବୁ ଶବ୍ଦକୁ ନୀରବ କରିଦେଉଥାଏ।



ଅନିଲ କୁମାର ବିଶ୍ୱାଳ

# ସୀମାର ଦୁଃଖ

ଏବେ ଆମ ରାଜ୍ୟରେ ଚର୍ଚ୍ଚା ଆନ୍ଧ୍ର ଓଡ଼ିଶା ସୀମାବର୍ତ୍ତୀ ଅଞ୍ଚଳକୁ ନେଇ। ଆନ୍ଧ୍ର ସରକାର ଓଡ଼ିଶାର କିଛି ଅଞ୍ଚଳରେ ନିର୍ବାଚନ କରାଇଛନ୍ତି। ଓଡ଼ିଶା ସରକାରଙ୍କ ବିରୋଧ ସତ୍ତ୍ୱେ, ସୁପ୍ରିମକୋର୍ଟଙ୍କ ସ୍ଥିତାବସ୍ଥା ବଜାୟ ରଖିବାର ନିର୍ଦ୍ଦେଶ, ଦେଶର ଆଦର୍ଶ ସଙ୍ଘୀୟ ବ୍ୟବସ୍ଥା ଏବଂ ସର୍ବୋପରି ସମ୍ବିଧାନକୁ ଉଲ୍ଲଂଘନ କରି ଆନ୍ଧ୍ର ସରକାର ଏହା କରିଛନ୍ତି। ପଡ଼ୋଶୀ ରାଜ୍ୟ ଆନ୍ଧ୍ର ଓଡ଼ିଶାର ସାର୍ବଭୌମତ୍ୱ ଉପରେ ଅଙ୍ଗୁଳି ଉଠାଇ ଏପରି ଅଘୋଷିତ ନିର୍ବାଚନ କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ। ସେ କୋଟିଆ ଗ୍ରାମପଞ୍ଚାୟତର ପାଟସିନେରି କିମ୍ବା ଫଗୁଣସିନେରି ହେଉ ବା ଗଜପତି ଜିଲ୍ଲାର ରାୟଗଡ଼ ବ୍ଲକର ମାଣିକପାଟଣା, ଗୁଡ଼ିଖିଡ଼ି କି ଗଙ୍ଗାବାଡ଼ ହେଉ କିମ୍ବା ଚିତ୍ରକୋଣ୍ଡାର ଜାମୁଜଡ଼ି, ଜୁମତାଙ୍ଗ ହେଉ ଏ ସବୁ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ ଥିଲା, ରହିଛି ଏବଂ ରହିବ।

ହେଲେ ସମସ୍ୟା ଦୃଷ୍ଟିରୁ ଆନ୍ଧ୍ରର ଜବରଦଖଲ ଯେତିକି ଉଦ୍‌ବେଗଜନକ ତା'ଠାରୁ ସେତିକି ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ସେହି ସୀମାବର୍ତ୍ତୀ ଅଞ୍ଚଳର ଲୋକମାନଙ୍କ ପାଖରେ ସର୍ବନିମ୍ନ ମୌଳିକ ସୁବିଧା ପହଞ୍ଚାଇବା, ସେମାନଙ୍କର ଆଦିବାସୀ ସଂସ୍କୃତିକୁ ସୁରକ୍ଷିତ ରଖିବା ଓ ସେମାନେ କିପରି ଓଡ଼ିଆ ଜାତୀୟତାବାଦରେ ବାନ୍ଧିହେବେ ତାହା ସୁନିଶ୍ଚିତ କରିବା। କାରଣ ଯେଉଁମାନେ ୩୦ ବର୍ଷ ତଳେ ଓଡ଼ିଶାରେ ରହିବା ପାଇଁ ଦାବି କରୁଥିଲେ ସେମାନେ ଏବେ ଧମକ ଦେଲେଣି ଯେ ଯଦି ଆମ କଥା ଓଡ଼ିଶା ନ ବୁଝେ ତା'ହେଲେ ଆମେ ଆନ୍ଧ୍ରରେ ମିଶିବା ପାଇଁ ଦାବି କରିବା। ଏବେ ରାଜ୍ୟ ସରକାର ଆନ୍ଧ୍ରର ନିର୍ବାଚନ ବନ୍ଦ କରାଇବା ପାଇଁ ସୁପ୍ରିମକୋର୍ଟ ଯାଇଛନ୍ତି। ହେଲେ ସୁପ୍ରିମକୋର୍ଟ ଆନ୍ଧ୍ରକୁ ଜବାବ ଦାଖଲ କରିବା ପାଇଁ ଯଥେଷ୍ଟ ସମୟ ଦେଲେ, ଯାହା ଫଳରେ ଜବାବ ଦାଖଲ ପୂର୍ବରୁ ନିର୍ବାଚନ ସରିଯାଇଥିବ ଏବଂ ନିର୍ବାଚନରେ ଯଦି ଓଡ଼ିଶାର କିଛି ଲୋକ ବି ଭୋଟ ଦିଅନ୍ତି ଏହା ଆନ୍ଧ୍ର ପାଇଁ ଏକ ସୁଯୋଗ ତିଆରି କରିବ; ଯାହା ଘଟିଛି। କିଛି ଲୋକ ଆନ୍ଧ୍ରର ନିର୍ବାଚନରେ ଭୋଟ ଦେଇଛନ୍ତି। ହେଲେ ବି ସୁପ୍ରିମକୋର୍ଟଙ୍କର ରାଜ୍ୟ ସୀମା ବିବାଦରେ ଭୂମିକା ବହୁତ କମ୍। ଆର୍ଟିକଲ ୧୩୧ ଅନୁସାରେ ଦେଶର ସଂସଦ ହିଁ ଏପରି ପ୍ରସଙ୍ଗରେ ଯାହା କିଛି କରିପାରିବ। ତେଣୁ ଓଡ଼ିଶାକୁ ଏଠାରେ ସତର୍କତା ଓ ଚତୁରତାର ସହିତ ବିକାଶ ମୂଳକ କାମକୁ ଆଗେଇ ନେଇ ଲୋକଙ୍କ ମନ ଜିଣିବାକୁ ପଡ଼ିବ, ତା'ହେଲେ ଯାଇ ଆମର ବିଜୟ ହେବ।

୧୯୩୬ ମସିହା ପୂର୍ବରୁ କୋଟିଆ ଗ୍ରାମପଞ୍ଚାୟତ ଜୟପୁର ରାଜାଙ୍କ ଅଧୀନରେ ଥିଲା। ୧୯୩୬ରେ ଓଡ଼ିଶା ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ହେଲା। ସେତେବେଳେ କୋଟିଆ ଗ୍ରାମପୁଞ୍ଜ ଓଡ଼ିଶାରେ ମିଶିଗଲା। ୧୯୩୬ ମାର୍ଚ୍ଚ ୧୯ରେ ପ୍ରକାଶିତ ଗେଜେଟ ନୋଟିଫିକେସନ ଅନୁଚ୍ଛେଦ, ଭାଗ-୧, କ୍ରମାଙ୍କ ନଂ.-୨ (୪)ରେ ସ୍ପଷ୍ଟ ଲେଖାଅଛି ଯେ, ଜୟପୁର ଇଷ୍ଟେଟ, ପଟାଙ୍ଗୀର ଯେଉଁ ଅଞ୍ଚଳ ଜୟପୁର ଇଷ୍ଟେଟରେ ନ ଥିଲା ବା ଏ ସମସ୍ତ ଅଞ୍ଚଳ ଓଡ଼ିଶା ରାଜ୍ୟର ଅଂଶ। ୧୯୪୨ରେ ଓଡ଼ିଶା, ମାଡ୍ରାସ, କେନ୍ଦ୍ରୀୟ ପ୍ରୋଭିନ୍ସ ଓ ବିହାରର ମିଳିତ ସର୍ଭେରେ କୋଟିଆ ଗ୍ରାମପୁଞ୍ଜର ୨୮ଟି ଗାଁରୁ ୭ଟି ଗାଁ ଯେମିତି କି ତୁରିଆ, ବାରବନ୍ଧ, ତଳକାନ୍ତି, ଗୁମେଲପଦର, ମାଥଲାମ୍ବା, ଶୁଳିଆମାରି ଏବଂ କତରଗୁଡ଼ା ଗାଁକୁ ଓଡ଼ିଶାର ବୋଲି ରେକର୍ଡ କରାଯାଇଥିଲା। ସେତେବେଳେ ବାକି ୨୭ଟି ଗାଁକୁ ଭୁଲ୍‌ରେ ସର୍ଭେ କରାଯାଇ ନ ଥିଲା। ଏହାର କାରଣ ସମ୍ଭବତଃ ଗାଁ ଗୁଡ଼ିକ ଅତ୍ୟନ୍ତ କ୍ଷୁଦ୍ର ଥିଲା, କମ୍ ଜନସଂଖ୍ୟା ବିଶିଷ୍ଟ ଓ ଅଗମ୍ୟ ଥିଲା। ୧୯୫୫ରେ ମାଦ୍ରାସରୁ ଅଲଗା ହୋଇ ଆନ୍ଧ୍ର ପ୍ରଦେଶ ଗଠନ ହେଲା। ସେତେବେଳେ ମଧ୍ୟ ଏହି ୨୧ଟି ଗାଁରେ ସର୍ଭେ ହୋଇପାରି ନ ଥିଲା। ସେଥିପାଇଁ ଯାହାକୁ ଏବେ ଆନ୍ଧ୍ର ବିବାଦୀୟ ଅଞ୍ଚଳ ଦେଖାଇ ନିଜର ବୋଲି କହୁଛି। ହେଲେ ୧୯୩୬ର ଗେଜେଟ ନୋଟିଫିକେସନ ଆଧାରରେ ଏହା ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ। ଆଜିକାର ଆନ୍ଧ୍ର ପ୍ରଦେଶର ଏମିତି ଅନେକ ସୀମାବର୍ତ୍ତୀ ଅଞ୍ଚଳ ଅଛି, ଯାହାକୁ ନେଇ ଉଭୟ ରାଜ୍ୟର ମିଳିତ ସର୍ଭେ ହୋଇନାହିଁ। ହେଲେ ତାକୁ ଯଦି ଏବେ ଓଡ଼ିଶା ସରକାର ବିବାଦୀୟ ଅଞ୍ଚଳ ବୋଲି ଦେଖାଇ ନିଜର ବୋଲି ଦାବି କରିବ ତାହାହେଲେ ହୁଏତ ଆନ୍ଧ୍ର ବୁଝିଯାଆନ୍ତା।

କୋଟିଆ ଗ୍ରାମପଞ୍ଚାୟତ ହେଉଛି ୨୮ଟି ଗାଁକୁ ନେଇ। ପଞ୍ଚାୟତର ବ୍ୟାସାର୍ଦ୍ଧ ଏକ ବ୍ଲକ ସମାନ, ୨୫ କିମିରୁ ଅଧିକ। ମାନେ ଗୋଟିଏ ଗୋଟିଏ ଗାଁ ତାଙ୍କ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିବାକୁ ହେଲେ ୨୫ କିମିର ଜଙ୍ଗଲ ପାହାଡ଼ ରାସ୍ତା ଦେଇ ଆସିବାକୁ ପଡ଼ିବ। ଆନ୍ଧ୍ର ସରକାର ସେହି ୨୧ଟି ଗାଁକୁ ୩ଟି ପଞ୍ଚାୟତରେ ବିଭକ୍ତ କରିଛନ୍ତି। ସେଗୁଡ଼ିକ ହେଲା ପାଟସିନେରି, ଯାହାକୁ ସେମାନେ କହନ୍ତି ପଟୁଚିନୁରୁ, ଫଗୁଣ ସିନେରିକୁ ଫଗୁଣ ଚିନୁରୁ, ତଳ ଗଞ୍ଜେଇପଦରକୁ ଗଞ୍ଜେଇପଦର। ଏହି ପଞ୍ଚାୟତକୁ ସାଲୁର ବ୍ଲକରେ ଦେଖାଇ ସେମାନେ ନିର୍ବାଚନ କରାଇଛନ୍ତି। ସେମାନେ ଆଗରୁ ସେହି ପଞ୍ଚାୟତରେ ସରପଞ୍ଚ ମନୋନୟନ କରୁଥିଲେ। ଏଥର ନିର୍ବାଚନ କରି ଭୂମି ଦଖଲ କରିବାର ଆଉ ପାଦେ ଆଗେଇଲେ। ଆମ ଓଡ଼ିଶାରେ ସରପଞ୍ଚଙ୍କର ମାସିକ ଦରମା ୩ ହଜାର ଟଙ୍କା ହୋଇଥିବା ବେଳେ ଆନ୍ଧ୍ରରେ ୧୦ ହଜାର ଟଙ୍କା। ଓଡ଼ିଶାରେ ବାର୍ଦ୍ଧକ୍ୟ ଭତ୍ତା ୫୦୦ ଟଙ୍କା ହୋଇଥିବା ବେଳେ ଆନ୍ଧ୍ର ସରକାର ଦେଉଛନ୍ତି ୨୨୫୦ ଟଙ୍କା। ୨୨୫୦ଟଙ୍କାର ଭତ୍ତା କେବଳ କିଛି ସୀମାବର୍ତ୍ତୀ ଅଞ୍ଚଳରେ ପ୍ରଲୋଭନ କରିବା ପାଇଁ ଦେଉଛନ୍ତି। ଗୋଟିଏ ପଞ୍ଚାୟତରେ ଥିବା ସତ୍ତ୍ୱେ ସରକାରୀ ଯୋଜନା ସବୁ କୋଟିଆ ଗାଁ ଡେଇଁ ଅନ୍ୟ ଗାଁଗୁଡ଼ିକରେ ପହଞ୍ଚୁ ନାହିଁ; ଯାହା ସରକାର କରିଛନ୍ତି ବୋଲି କହିଛନ୍ତି ସେ ସବୁ କେବଳ କୋଟିଆ ଗାଁ ପାଖରେ। ଗାଁଗୁଡ଼ିକ ପାହାଡ଼ ପର୍ବତଘେରା ଛୋଟ ଛୋଟ ଜନପଦ। ରାସ୍ତା କଡ଼ରେ ଥିବା ଜନପଦରେ କେଉଁଠି କେଉଁଠି ବିଜୁଳି ତାର ଯାଇଛି। କେଉଁ ଗାଁରେ ଆନ୍ଧ୍ର ବିଜୁଳି ତ କେଉଁଠି ଓଡ଼ିଶାର। ବାକି ଯେଉଁ ଜନପଦଗୁଡ଼ିକ ଘାଟି ରାସ୍ତାଠାରୁ ଦୂରରେ ରହିଛି ସେଠାରେ ବିଜୁଳି ନାହିଁ। ମୋବାଇଲ ନେଟୱର୍କ ସାତସପନ। ଆମ୍ବୁଲାନ୍‌ସ କେବେ ବି ଆସିନି, କାରଣ ସେଠାରୁ ୧୦୮କୁ ଫୋନ କରିବା ପାଇଁ ନେଟୱର୍କ ନାହିଁ କି ମୋବାଇଲ କାହା ପାଖରେ ନାହିଁ। ସେଠାରୁ ୪୦ କିମି ହେଉଛି ପଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର। ସ୍କୁଲ ଅଛି ହେଲେ ମାଷ୍ଟ୍ରେ କନ୍ଧ ଭାଷା ବୁଝନ୍ତିନି କି ପିଲା ଓଡ଼ିଆ ବୁଝନ୍ତିନି। ପାଟୁ ସିନେରିରେ ସମୁଦାୟ ଘର ସଂଖ୍ୟା ହେଉଛି ୩୦। ସେଥିରୁ ମାତ୍ର ୬ଟି ହେଉଛି ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମିତ, ୪ଟି ଆନ୍ଧ୍ର ଦ୍ୱାରା, ୨ଟି ଓଡ଼ିଶାର। ଯଦି ଜଣେ ଲୋକ ଯାହାର ସାଇକେଲ ନାହିଁ, କି ଗାଡ଼ି ନାହିଁ ସେ ଯଦି ପଞ୍ଚାୟତରେ କିଛି କାମ ପାଇଁ ୨୨ କିମି ଚାଲି ଚାଲି ଯିବ ତା'ହେଲେ ଏହା କି ପ୍ରକାର ସୁଶାସନର ମଡେଲ ହେବ। ଗାଁ ଗୁଡ଼ିକରେ ଲୋକମାନେ ଓଡ଼ିଆ ଭାଷା ବୁଝନ୍ତି ନାହିଁ। ବରଂ ତେଲୁଗୁ ବୁଝନ୍ତି। ନିଜ କନ୍ଧ ଭାଷା ହିଁ ସେମାନଙ୍କର ମୁଖ୍ୟ ଭାଷା। ତେଲୁଗୁ ବୁଝିବାର କାରଣ ହେଲା ସେଠାରୁ ସାଲୁର ପାଖ। କାମ ଧନ୍ଦା ପାଇଁ ସାଲୁର ଯାଆନ୍ତି।

ଆମେ ଭୁବନେଶ୍ୱରରେ ବସୁଥିବା ଲୋକମାନେ ହୁଏତ ଭାବୁଥିବେ ଏମାନେ ଲୋଭରେ ଦୁଇପଟେ ଯୋଜନାର ଲାଭ ପାଇବେ ବୋଲି ଆନ୍ଧ୍ରରେ ଭୋଟ ଦେଇ ଦେଉଛନ୍ତି। ହେଲେ ବାସ୍ତବତା କିଛି ଭିନ୍ନ। ଭୁବନେଶ୍ୱରରେ ରହି ଅଖଣ୍ଡ ଓଡ଼ିଶାର ସ୍ୱପ୍ନ ବିଷୟରେ ଭାବନା କରିବା ଯେତିକି ସହଜ ଏହି ଅଞ୍ଚଳକୁ ଆସି ବୁଲି ଏଠାକାର ଭୌଗୋଳିକ, ଅର୍ଥନୈତିକ ସମସ୍ୟାକୁ ବୁଝି ସେମାନଙ୍କର ବାସ୍ତବତାକୁ ଦେଖିବା ସେତିକି କଷ୍ଟ। ଏମାନେ ଜାଣିନାହାନ୍ତି ଯେ ୨ଟା ଭୋଟର କାର୍ଡ ରଖିବା, ଦୁଇଟା ଯୋଜନାର ଲାଭ ନେବା ବେଆଇନ। ସେମାନଙ୍କ ପାଇଁ ସରକାର କହିଲେ, ଯିଏ କାଗଜପତ୍ର ଧରି ତାଙ୍କ ଗାଁକୁ ଆସିଲା, ସବୁ କରିଦେବ ବୋଲି କହିଲା। ବାସ୍ ତା'ପରେ ସିଏ ଯାହା କହିଲା ତାହା ସେମାନେ କରିବେ। ଜିଲାପାଳ, ଉପଜିଲାପାଳଙ୍କ ପାଦ ପଡ଼େନି ଗାଁରେ। ଯେତେ ବାଟ ପର୍ଯ୍ୟନ୍ତ କାର ଯାଇପାରୁଛି ସେହି ଯାଏ ସେମାନେ ଯାଆନ୍ତି। ସେହିପରି ଗଜପତି ଜିଲାର ରାୟଗଡ଼ ବ୍ଲକର ମାଣିକପାଟଣା ଗାଁ। ପୂରା ପାହାଡ଼ଘେରା ଅପହଞ୍ଚ ଗାଁ। ଆନ୍ଧ୍ର ଦେଇ ସେହି ଗାଁ ପର୍ଯ୍ୟନ୍ତ ରାସ୍ତା ଆସିଛି। ଓଡ଼ିଶା ପଟୁ ସେହି ଗାଁକୁ ପ୍ରବେଶ ନାହିଁ। ଓଡ଼ିଶା ପଟୁ ଆସିଲେ ରାସ୍ତା ଗଙ୍ଗାବାଡ଼ ପର୍ଯ୍ୟନ୍ତ ଅଛି, ଯାହା ମାଣିକପାଟଣାରୁ ୬ କିମି। ଗଙ୍ଗାବାଡ଼ରୁ କଇଁପୁର ହେଉଛି ୬ କିମି, ଯେଉଁଠି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଛି। ଗାଁରେ ଅଙ୍ଗନୱାଡ଼ି ଅଛି, ସ୍କୁଲ ନାହିଁ କି ଡାକ୍ତରଖାନା ନାହିଁ। ୧୦୮କୁ ଫୋନ କଲେ ଲାଗୁଛି ଆନ୍ଧ୍ର ଆମ୍ବୁଲାନ୍‌ସ। ଓଡ଼ିଶା ଆମ୍ବୁଲାନ୍‌ସ ଆସିବା ପାଇଁ ରାସ୍ତା ନାହିଁ। ଆନ୍ଧ୍ର ଆମ୍ବୁଲାନ୍‌ସ ଆସିଲେ ପ୍ରଥମେ ମାଗୁଛି ଆନ୍ଧ୍ର ଭୋଟର କାର୍ଡ। ଲୋକେ ସେଥିପାଇଁ ଆନ୍ଧ୍ରର ଭୋଟର କାର୍ଡ ରଖିବା ପାଇଁ ବାଧ୍ୟ। ଓଡ଼ିଶା ସ୍କୁଲ ଅଛି ୬ କିମି ଦୂରରେ ଗଙ୍ଗାବାଡ଼ରେ। ଯିବା ପାଇଁ ରାସ୍ତା ନାହିଁ। ପିଲା ଅଙ୍ଗନୱାଡ଼ି ପରେ ଯାଉଛନ୍ତି ଆନ୍ଧ୍ର ସ୍କୁଲକୁ। ଗାଁରେ ପିଇବା ପାଣି ପ୍ରକଳ୍ପ ନାହିଁ। ହାତ କଳ ଦୁଇଟି ଅଛି। ଗୋଟିଏ ଆନ୍ଧ୍ରର, ଗୋଟିଏ ଓଡ଼ିଶାର। ସମାନ ଅବସ୍ଥା ମଧ୍ୟ ଗୁଡ଼ିଖିଡ଼ି ଗାଁରେ। ହେଲେ ସେଠାରେ କେବଳ ରାଜ୍ୟ ବିବାଦ ନୁହେଁ ଜିଲାର ବିବାଦ ଅଛି। ସେମାନେ ଭୋଟ ଦେଉଛନ୍ତି ଗଞ୍ଜାମ ଜିଲା ଚିକିଟିରେ। ହେଲେ ପଞ୍ଚାୟତ ନିର୍ବାଚନରେ ନାଁ ଗଡୁଛି ଗଜପତିରେ। ଦୁଇ ଜିଲା ବିବାଦ କାରଣ ପାଇଁ କେହି ବିକାଶ କରୁନାହାନ୍ତି; ଯାହାର ଲାଭ ଉଠାଉଛି ଆନ୍ଧ୍ରପ୍ରଦେଶ। ଏପରି ସମସ୍ୟା ଭିତରେ ରହୁଥିବା ଲୋକମାନଙ୍କ ପାଖରେ ସରକାରଙ୍କ ଯୋଜନା ପହଞ୍ଚୁ, ସେମାନଙ୍କର ଜୀବନ ଧାରଣ ମାନରେ ସୁଧାର ଆସୁ, ସେଇଠିକାର ଲୋକେ ହିଁ ଆନ୍ଧ୍ରକୁ ଜବାବ ଦେବେ।

ହରିରାଜପୁର, ପୁରୀ, ମୋ:୮୨୪୯୮୬୮୯୬୧



ପ୍ରେମାନନ୍ଦ ନାୟକ

# ଆମେ ଖାଇବା କ'ଣ

ଜଗତର କଲ୍ୟାଣ ତଥା ଜୀବନ ଧାରଣ ପାଇଁ ସୃଷ୍ଟିକର୍ତ୍ତା ତାଙ୍କ ସୃଷ୍ଟିରେ ସୁବନ୍ଦୋବସ୍ତ କରିଛନ୍ତି। ବିଡମ୍ବନାର ବିଷୟ, ଆଜିର ସ୍ୱାର୍ଥାନ୍ୱେଷୀ ମଣିଷ କେବଳ ଅଧିକ ଅର୍ଥ ଉପାର୍ଜନ ଲାଳସାରେ ସୃଷ୍ଟିର ସବୁ ପଦାର୍ଥକୁ ଭେଜାଲ ବା ଅପମିଶ୍ରଣ କରି ଚାଲିଛି, ଯାହା ମଣିଷର ସ୍ୱାସ୍ଥ୍ୟ ପକ୍ଷରେ ହାନିକାରକ। ପ୍ରଥମେ ଗାଈ କ୍ଷୀରକୁ ନିଆଯାଇପାରେ। ଗାଈର କ୍ଷୀର ବିଭିନ୍ନ ପ୍ରକାର ଖାଦ୍ୟସାରରେ ଭରପୂର। ଏଥିରେ କାଲ୍‌ସିୟମ, ପ୍ରୋଟିନ୍, ଆୟୋଡିନ୍, ପୋଟାସିୟମ, ଫସ୍‌ଫରସ୍, କାର୍ବୋହାଇଡ୍ରେଟ୍ସ, ଭିଟାମିନ୍ ବି-୨ ଓ ବି-୧୨ ରହିଛି। ଏଥିରେ ଥିବା ପ୍ରୋଟିନ୍, କାର୍ବୋହାଇଡ୍ରେଟ୍ସ ଓ ଫ୍ୟାଟ୍ ଶରୀରକୁ ଅଫୁରନ୍ତ ଶକ୍ତି ଯୋଗାଏ। ବିଡମ୍ବନାର ବିଷୟ, ଏବେ ବଜାରରେ ଅସଲି ବା ଖାଣ୍ଟି କ୍ଷୀର ନାମରେ ନକଲି (ସିନ୍ଥେଟିକ) କ୍ଷୀର ବିକ୍ରି ହେଉଛି। ୨୦୧୯ ଜୁଲାଇରେ ମଧ୍ୟପ୍ରଦେଶ ପୋଲିସ ଏକ ବଡଧରଣର ନକଲି (ସିନ୍ଥେଟିକ) କ୍ଷୀର ବିକ୍ରି ର୍‌ୟାକେଟକୁ ଧରିଥିଲା। ଆହୁରି ମଧ୍ୟ କ୍ଷୀର ଉତ୍ପାଦନ ବଢ଼ାଇବାକୁ ଆମେ ଗାଈକୁ ଅକ୍ସିଟୋସିନ୍ ହରମୋନ ଦେଇଥାଉ। ହେଲେ ଏହା ଗାଈର ଯେ କେବଳ କ୍ଷତି କରେ ତାହା ନୁହେଁ, ଗାଈର କ୍ଷୀର ମଧ୍ୟ ହୃଦ୍‌ରୋଗ ଓ କର୍କଟରୋଗ ସୃଷ୍ଟି କରିଥାଏ।

'ଡ୍ରଗ୍‌ସ ଟେକ୍‌ନିକାଲ ଆଡ୍‌ଭାଇଜରି ବୋର୍ଡ' ଏବଂ କୋଲକାତାର 'ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହାଇଜିନ ଆଣ୍ଡ ପବ୍ଲିକ୍ ହେଲ୍‌ଥ' ସହ ସମ୍ପୃକ୍ତ ଗବେଷକମାନେ ଭାରତୀୟ ବଜାରରେ ପ୍ଲାଷ୍ଟିକ୍ ବୋତଲରେ ବିକ୍ରି ହେଉଥିବା ପାଞ୍ଚଟି ଲୋକପ୍ରିୟ ବ୍ରାଣ୍ଡର ମୃଦୁ ପାନୀୟରୁ ଲିଡ୍, କାଡ୍‌ମିଅମ୍ ଓ କ୍ରୋମିଅମ୍ ଧାତୁ ପାଇଛନ୍ତି। ଏସବୁ ଧାତୁ କର୍କଟ ରୋଗ ସୃଷ୍ଟି କରିପାରନ୍ତି। ମସ୍ତିଷ୍କ, ସ୍ନାୟୁ ବ୍ୟବସ୍ଥା, ବୃକକ୍ ଓ ଶ୍ୱାସକ୍ରିୟା ବ୍ୟବସ୍ଥାକୁ ନଷ୍ଟ କରିପାରନ୍ତି। ଏହି ପାନୀୟରେ ମାତ୍ରାଧିକ କ୍ୟାଲୋରୀ ଥିବାରୁ ମଧୁମେହ ହେବାର ଆଶଙ୍କା ବଢ଼ାଇଥାଏ। ଫସ୍‌ଫରିକ ଏସିଡ୍ ଥିବାରୁ ହାଡ଼ଗୁଡ଼ିକ ମଧ୍ୟ ଦୁର୍ବଳ ହୋଇଥାନ୍ତି। ବିଭିନ୍ନ ମୃଦୁ ପାନୀୟରେ କେରେମେଲ ନାମକ ରାସାୟନିକ ପଦାର୍ଥ ଥିବା କାରଣରୁ କର୍କଟ ରୋଗ ହେବାର ଅନ୍ୟତମ କାରଣ ବୋଲି ବିଶେଷଜ୍ଞଙ୍କ ମତ। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରର ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ଏକ ନକଲି ମୃଦୁପାନୀୟ କାରଖାନାକୁ ପୋଲିସ ଜବତ କରିଛି।

ଆୟୁର୍ବେଦ ଶାସ୍ତ୍ରରେ ହଳଦୀକୁ ମହୌଷଧି ଭାବେ ବର୍ଣ୍ଣନା କରାଯାଇଛି। ବିଭିନ୍ନ ପରୀକ୍ଷାରେ ପ୍ରମାଣିତ ହୋଇଛି ଯେ, ହଳଦୀଗୁଣ୍ଡରେ ଥିବା ପୋଷକତତ୍ତ୍ୱ କର୍କଟ ରୋଗ ସମ୍ଭାବନାକୁ କମ୍ କରିଥାଏ। ନିୟମିତ ଭାବରେ ଅଳ୍ପ ପରିମାଣର ଶୁଦ୍ଧ ହଳଦୀ ସ୍ୱାସ୍ଥ୍ୟ ପାଇଁ ହିତକାରୀ ବୋଲି ଆୟୁର୍ବେଦ ବିଶେଷଜ୍ଞଙ୍କ ମତ। କିନ୍ତୁ ହଳଦୀରେ କରତଗୁଣ୍ଡ, ପୋକରା ଚାଉଳ ଗୁଣ୍ଡ, ଅଟା, ନାଲି ରଙ୍ଗ ଅପମିଶ୍ରଣ କରି ତାହାକୁ ମଣିଷର ବ୍ୟବହାର ପାଇଁ ଅନୁପଯୋଗୀ କରାଯାଉଛି। ଆମିଷ ମଧ୍ୟରେ ମାଛ ଏକ ଉପାଦେୟ ଖାଦ୍ୟ ଭାବେ ପରିଚିତ। କିନ୍ତୁ ବିଡମ୍ବନାର ବିଷୟ, ମଲା ମାଛକୁ ସତେଜ ରଖିବାକୁ ରାସାୟନିକ ପ୍ରଲେପ ଦିଆଯାଉଛି। ମଲାମାଛର ଶରୀର ଓ ଗାଲିତଳେ 'ଫର୍ମାଲଡିହାଇଡ' ନାମକ ମାରାତ୍ମକ ରାସାୟନିକ ପଦାର୍ଥ ଦିଆଯାଉଛି। ସାଧାରଣତଃ ଏହି ରାସାୟନିକ ପଦାର୍ଥ ଡାକ୍ତରଖାନାରେ ଶବ ସଂରକ୍ଷଣ ପାଇଁ ବ୍ୟବହାର ହୋଇଥାଏ। ସେହିପରି ଆଜିକାଲି ଖାଦ୍ୟ ପାଇଁ ପାଳିତ ପଶୁ ପକ୍ଷୀମାନଙ୍କଠାରେ ମାତ୍ରାଧିକ ପରିମାଣରେ ଅଧିକ ଶକ୍ତିଶାଳୀ ଆଣ୍ଟିବାୟୋଟିକର ପ୍ରୟୋଗ ହେଉଛି, ଯାହା ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ। କଟକରେ ଚାଲୁଥିବା ଭେଜାଲ ଗୁଣ୍ଡି, ଗୁଡାଖୁ ଓ ଜର୍ଦ୍ଦା କାରଖାନାରେ କୋଲକାତାରୁ ଆସୁଥିବା ତରଳ ରାସାୟନିକ ପଦାର୍ଥ ସହିତ ଚାକୁଣ୍ଡା ପତ୍ର, ଅପମିଶ୍ରିତ ସୁଗନ୍ଧିତ ତୈଳ, କାଠଗୁଣ୍ଡ, ଇଟାଗୁଣ୍ଡ ଆଦି ବ୍ୟବହାର କରି ପାନ ମସଲା ଓ ଜର୍ଦ୍ଦା ପ୍ରସ୍ତୁତ ହେଉଥିଲା ଏବଂ ନାମୀ କମ୍ପାନୀ ଜରିଆରେ ପ୍ୟାକେଟ୍ କରି ହାଟ ଓ ବଜାରକୁ ବିକ୍ରି ପାଇଁ ଛଡ଼ା ଯାଉଥିଲା। ନିକଟରେ ପୋଲିସ ସେଠାରେ ଚଢ଼ଉ କରି ଉକ୍ତ କାରଖାନାକୁ ଜବତ କରିଛି। ଭୁବନେଶ୍ୱର ସୁନ୍ଦରପଦା ଅଞ୍ଚଳରେ ଠାବ ହୋଇଥିବା ଏକ ନକଲି ଘିଅ କାରଖାନାରେ ପାମୋଲିନ ତେଲ ବା ଜଡାତେଲରେ କିଛି ରାସାୟନିକ ପଦାର୍ଥ ଓ ରଙ୍ଗ ମିଶାଇ ନକଲି ଘିଅ ପ୍ରସ୍ତୁତ କରାଯାଉଥିଲା। ଘିଅ ବାସ୍ନା ପାଇଁ ଏକପ୍ରକାର ମଞ୍ଜି ଏବଂ ସୁଗନ୍ଧ ତେଲ ବ୍ୟବହାର କରାଯାଉଥିଲା। ପୋଡ଼ା ମୋବିଲ, ରିଫାଇନ ଭଳି ସାମଗ୍ରୀ ମିଶ୍ରଣ କରାଯାଇ ଭେଜାଲ ଘିଅ ପ୍ରସ୍ତୁତ ହେଉଥିଲା। ଜଗତପୁର ଶିଳ୍ପାଞ୍ଚଳରେ ଜବତ ହୋଇଥିବା ଏକ କାରଖାନାରେ ରାସାୟନିକ ଆମୋନିଆ ବାଇକାର୍ବୋନେଟ୍ ସାର ଓ ପୋକରା ଚାଉଳ ମିଶ୍ରଣରେ ନକଲି ସୋୟାବିନ ପ୍ରସ୍ତୁତ ହେଉଥିଲା। ଏହି ନକଲି ସୋୟାବିନ ଖାଇବା ଦ୍ୱାରା ଲୋକେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ରହିଛି ବୋଲି ସ୍ୱାସ୍ଥ୍ୟ ଅଧିକାରୀଙ୍କ ମତ।

ଆମ୍ବ, ଅମୃତଭଣ୍ଡା, କଞ୍ଚାକଦଳୀକୁ ପଚାଇବା ପାଇଁ ବ୍ୟବହୃତ କ୍ୟାଲ୍‌ସିୟମ କାର୍ବାଇଡ୍ ମଧ୍ୟ କର୍କଟ ରୋଗକାରକ। ଅସଲି ପନିର ପରିବର୍ତ୍ତେ ଏବେ ବଜାରରେ ନକଲି (ସିନ୍ଥେଟିକ) ପନିର ମିଳୁଛି। ଏଥିରେ ବିଭିନ୍ନ ଦୁଗ୍ଧ ଉତ୍ପାଦିତ କାରଖାନାରୁ ନଷ୍ଟ ହେଉଥିବା ଦୁଗ୍ଧ, ନରମ କରିବା ଲାଗି ସଲ୍‌ଫ୍ୟୁରିକ୍ ଏସିଡ୍, ମଇଦା, ସତେଜ ରହିବା ଲାଗି ଫର୍ମାଲିନ୍, ସୁନ୍ଦର ତଥା ଆକର୍ଷଣୀୟ ଦେଖାଯିବା ଲାଗି ଗ୍ଲିସେରିନ୍ ଓ ଧୋବ ଫରଫର ଦିଶିବା ଲାଗି ୟୁରିଆ ସାର ଭଳି ଘାତକ ସାମଗ୍ରୀ ମିଶାଯାଉଛି। ଏହାକୁ ଖାଇବା ଦ୍ୱାରା ଗ୍ୟାଷ୍ଟ୍ରିକ୍ ସମେତ ବହୁ ପ୍ରକାର ପେଟରୋଗ ଦେଖାଦେଇଥାଏ ବୋଲି ବିଶେଷଜ୍ଞଙ୍କ ମତ। ସୋରିଷତେଲର ରଙ୍ଗକୁ ଗାଢ଼ କରିବା ପାଇଁ ଏଥିରେ ମିଶା ଯାଉଥିବା ଆଇସୋଥିଓ ସାଇନେଟ୍ ରାସାୟନିକ ପଦାର୍ଥ ଲିଭର କର୍କଟ ରୋଗ ସୃଷ୍ଟିକାରୀ। ଲାଲ୍ ଲଙ୍କାଗୁଣ୍ଡରେ କର୍କଟକାରକ ସୁଦାନ-୧ ବିଷାକ୍ତ ପଦାର୍ଥ ମିଶାଯାଉଛି। ଗୋଲମରିଚରେ ଅମୃତଭଣ୍ଡା ମଞ୍ଜି, ସୁଜି, ଚାଉଳଗୁଣ୍ଡରେ ସୋଡିୟମ ବାଇକାର୍ବୋନେଟ୍‌ର ମିଶ୍ରଣ ହେଉଛି।

ଚାଷରେ ବହୁଳ ଭାବରେ ବ୍ୟବହାର ହେଉଥିବା କୀଟନାଶକ ଯୋଗୁ ଆମେ ପ୍ରତ୍ୟହ ଯେଉଁ ଭାତ, ରୁଟି, ଡାଲି, ତରକାରି ଇତ୍ୟାଦି ଖାଉ, ତାହା ମଧ୍ୟ ବିଷମୁକ୍ତ ନୁହେଁ। ଫଳରେ ମଣିଷ ନାନାଦି ଜଟିଳ ରୋଗ ଦ୍ୱାରା ଆକ୍ରାନ୍ତ ହୋଇ ଚିକିତ୍ସାରେ ବିପୁଳ ଅର୍ଥ ବ୍ୟୟ କରିବା ସହିତ କ୍ରମେ ମୃତ୍ୟୁମୁଖରେ ପଡୁଛି। 'ବୋଝ ଉପରେ ନଳିତା ବିଡ଼ା' ସଦୃଶ ଅସାଧୁ ବ୍ୟବସାୟୀଙ୍କ ଦ୍ୱାରା ପ୍ରସ୍ତୁତ ଅପମିଶ୍ରିତ ଖାଦ୍ୟସାମଗ୍ରୀ ମଣିଷ ପାଇଁ ବିରାଟ ବିପଦ ଭାବରେ ଉଭା ହୋଇଛି। ଏବେ ପ୍ରଶ୍ନ ହେଉଛି, ତେବେ ଆମେ ଖାଇବା କ'ଣ ? ଏହିସବୁ ଅଖାଦ୍ୟ ଖାଇ ବଞ୍ଚିବା କିପରି ଓ କେତେଦିନ ଅବା ବଞ୍ଚିବା? ଏହା ହିଁ ଆଜିର ମଣିଷ ପାଇଁ ଏକ ବିରାଟ ପ୍ରଶ୍ନବାଚୀ। ସତେଯେପରି ମଣିଷ ହିଁ ଆଜି ପୃଥିବୀପୃଷ୍ଠରୁ ମଣିଷ ଜାତିକୁ ଲୋପ କରିବା ପାଇଁ ଷଡ଼ଯନ୍ତ୍ର ରଚନା କରିବାରେ ଲାଗିଛି।

ଶହୀଦନଗର, ଭୁବନେଶ୍ୱର

ମୋ- ୯୪୩୭୦୩୮୨୧୦୦

## ଏଇ ଭାରତରେ

ଗୁଆହାଟି ଆଇଆଇଟି ଗବେଷକମାନେ ଏକ ପ୍ରକାର ବର୍ନରର ବିକାଶ କରିଛନ୍ତି, ଯାହା ଇନ୍ଧନ ବାବଦରେ ଖର୍ଚ୍ଚ ୪୦ ପ୍ରତିଶତ କମାଇପାରୁଛି। ଏହି ବର୍ନରର ନାମ ରଖାଯାଇଛି ପୋରୋସ ରାଡିଆଣ୍ଟ ବର୍ନର (ପିଆରବି)। ଏହା ଏଲ୍‌ପିଜି, ବୟୋଗ୍ୟାସ୍ ଏବଂ କିରୋସିନ ଭଳି ଇନ୍ଧନ କ୍ଷେତ୍ରରେ ସମ୍ପୂର୍ଣ୍ଣ ଉପଯୋଗୀକ୍ଷମ। ଏହାକୁ ବ୍ୟବସାୟିକ ତଥା ଘରୋଇ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇପାରିବ। ଗୁଆହାଟି ଆଇଆଇଟିର ପ୍ରାଧ୍ୟାପକ ପି. ମୁଥୁକୁମାର ଓ ତାଙ୍କ ସାଥୀ ଗବେଷକମାନଙ୍କ ଦ୍ୱାରା ଏହି ବର୍ନର ପ୍ରସ୍ତୁତ କରାଯାଇଛି। ଏଥିରୁ ବିଷାକ୍ତ କାର୍ବନ ମନୋକ୍ସାଇଡ ଏବଂ ନାଇଟ୍ରୋଜେନ ଡାଇଅକ୍ସାଇଡ ଗ୍ୟାସ୍ ନିର୍ଗମନ ବି ହ୍ରାସ ପାଉଛି। ଏହି ବର୍ନର ତିଆରି କରିବାରେ ଆଲୁମିନିୟମ ଏବଂ ସିଲିକନ ବ୍ୟବହାର କରାଯାଇଛି, ଯାହା ଅତ୍ୟଧିକ ଉତ୍ତାପ ସହନ କରିପାରିବ। ଏଥିରେ ଖୁବ୍‌ଶୀଘ୍ର ରୋଷେଇ ହେଉଛି । ପାରମ୍ପରିକ ବର୍ନରଠାରୁ ୩୦ ପ୍ରତିଶତ ସମୟ ବଞ୍ଚାଯାଇପାରିବ ବୋଲି କହନ୍ତି ମୁଥୁ କୁମାର। ଏହି ବର୍ନରକୁ ପରୀକ୍ଷାଗାର ଏବଂ ରୋଷେଇ ଘରେ ବି ପରୀକ୍ଷା କରାଯାଇଛି। ଏହା ଭାରତ ସରକାରଙ୍କ ବିଆଇଏସ୍ ଷ୍ଟାଣ୍ଡାର୍ଡର ସର୍ତ୍ତ ବି ପୂରଣ କରିପାରିଛି। ଏହି ବର୍ନର ତିଆରି କରି ବିକ୍ରି କରିବା ଲାଗି ବୈଜ୍ଞାନିକମାନେ ଏକ କମ୍ପାନୀ ସହ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଏଣୁ ଖୁବ୍‌ଶୀଘ୍ର ଏହା ବଜାରରେ ଉପଲବ୍ଧ ହେବ ବୋଲି ଆଶା କରାଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୨ ମାର୍ଚ୍ଚ ୧୯୯୬

- ଦକ୍ଷିଣ ପେରୁରେ ବୋଇଂ ୭୩୭ ବିମାନ ପାହାଡ଼ ଦେହରେ ପିଟି ହୋଇଯିବା ଫଳରେ ୧୨୩ ବିମାନଯାତ୍ରୀ ମୃତ।
- ବୋଟ୍ସୱାନାର ରାଷ୍ଟ୍ରପତି ଲେଗ୍‌ୱେଲା ଯୋଶେଫ୍ ଜାତିସଂଘ ନିରାପତ୍ତା ପରିଷଦର ସଭାପତି ଦାୟିତ୍ୱ ଗ୍ରହଣ କରିଛନ୍ତି।
- ବିଗତ ଜନତା ଦଳ ସରକାରରେ ଉଚ୍ଚଶିକ୍ଷାମନ୍ତ୍ରୀ ଥିବା ବରିଷ୍ଠ ନେତା ଚୈତନ୍ୟ ପ୍ରସାଦ ମାଝିଙ୍କ କଂଗ୍ରେସ (ଇ)ରେ ଯୋଗଦାନ।

## ଚିରନ୍ତନୀ

ଅଳତା ପରେ ରାଜେ ନାଗରା
ଚରମ ତୁମେ ଚାରୁ ଘାଗରା
ପୃଷ୍ଠ ବେଣୀ ପରେ ସକଳ ବାଣୀ ମରେ
କୁଟିଳ କଟୀ ପୁଣି ମେଖଳା।

-(ବ୍ୟାଖ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 7 | 6 | 1 | 0 | E | B | | | C | 4 | | | | |
| 3 | | | | | | 5 | 7 | 9 | | | | | E | |
| C | | 2 | 8 | 4 | 9 | | | | | | | 1 | | B |
| 1 | 5 | | B | | | | | | | 7 | | 8 | | 2 |
| | B | | | | | | | | | | | 6 | 8 | 5 |
| | | A | 4 | | 6 | | E | | 8 | | | 9 | | |
| | | 3 | | 0 | 2 | | | | | | | 7 | | C |
| | | B | | | 7 | | | | 0 | 2 | 5 | | 6 | |
| | | | | A | C | | | 8 | 3 | | | | | |
| | | | | | 1 | 3 | | | | | 9 | | 2 | 4 |
| 2 | | | | | | D | | | 6 | 3 | A | | | |
| | C | 1 | | | 8 | | | | A | 0 | 3 | | | |
| | | 9 | | | 5 | | E | | | | | | | |
| | | | | | | | | | | 4 | C | 0 | D | |
| | 4 | 0 | 3 | | | | | 9 | 1 | E | B | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏଭଳି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | 5 | E | 2 | C | 9 | D | 3 | 6 | A | 7 | 0 | 1 | 4 | B |
| 4 | 7 | D | B | 3 | 0 | A | 2 | 1 | 9 | 8 | C | E | 6 | 5 |
| 3 | A | 0 | 7 | 8 | 6 | 5 | 4 | 9 | 1 | E | B | C | D | 2 |
| 6 | 9 | 1 | E | 4 | 5 | C | 8 | B | 3 | 2 | D | 7 | 0 | A |
| 2 | B | C | 1 | A | D | 7 | 0 | E | 5 | 4 | 6 | 8 | 3 | 9 |
| A | 2 | 4 | 9 | B | 1 | 8 | 6 | 3 | C | 5 | E | D | 7 | 0 |
| D | 3 | 6 | 4 | E | 8 | 9 | C | 5 | 2 | 0 | 7 | A | B | 1 |
| 0 | 8 | 9 | 6 | 5 | A | B | 7 | 2 | D | 3 | 1 | 4 | C | E |
| B | E | 7 | C | 0 | 2 | 4 | 1 | D | 8 | A | 9 | 6 | 5 | 3 |
| C | 1 | 5 | D | 7 | 3 | E | A | 0 | 6 | B | 4 | 2 | 9 | 8 |
| 7 | 0 | 2 | A | D | B | 1 | 9 | 8 | 4 | C | 5 | 3 | E | 6 |
| 9 | C | A | 0 | 6 | 4 | 2 | B | 7 | E | 1 | 3 | 5 | 8 | D |
| E | 6 | 8 | 5 | 1 | 7 | 3 | D | 4 | B | 9 | 2 | 0 | A | C |
| 1 | D | 3 | 8 | 9 | E | 0 | 5 | C | 7 | 6 | A | B | 2 | 4 |
| 5 | 4 | B | 3 | 2 | C | 6 | E | A | 0 | D | 8 | 9 | 1 | 7 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ସତରେ କ'ଣ ଦଣ୍ଡ ମିଳିବ

ମହାଶୟ,

ଭୂମିହୀନ ଦର୍ଶାଇ ଗୋଟିଏ ପରିବାରରୁ ଅନେକଙ୍କୁ କାଳିଆ ସହାୟତା ମିଳିଥିଲା। ପୁଣି ସେବା ସମବାୟ ସମିତିରୁ ଯିଏ ଋଣ ନେଇଥିଲେ, ସାର, କୀଟନାଶକ କିଣିଥିଲେ, ସୋସାଇଟି ମଣ୍ଡିରେ ଧାନ ବିକ୍ରୟ କରିଥିଲେ ସେମାନେ ଏହି ସହାୟତା ପାଇଥିଲେ। ସେମାନେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କର କୃଷକ ସହାୟ କିସ୍ତିମାନ ପାଇଲେ। ଏହାପରେ ଯେଉଁମାନେ ଏହା ଠକି ନେଇଥିଲେ ସେମାନଙ୍କଠାରୁ ଏହା ଆଦାୟ ହେବାର ଥିଲା, ଯାହା କି ସ୍ଥଗିତ ରଖାଯାଇଛି। ଅନେକ ବ୍ୟକ୍ତି ଟୋକନ ପାଇ ତାଲିକାରେ ନାମ ଥାଇ ଏହି ସହାୟତା, ପ୍ରଧାନମନ୍ତ୍ରୀଙ୍କ କୃଷି ସହାୟତା ପାଇ ନାହାନ୍ତି। ସେହିପରି ଫନୀ ବାତ୍ୟାରେ ନଷ୍ଟ ହୋଇଥିବା ରବି ଫସଲ କ୍ଷତିପୂରଣ ସର୍ଭେ ହୋଇ ମଧ୍ୟ ମିଳୁ ନାହିଁ। ତାହା ତଦନ୍ତ ହୋଇ ମିଳୁ। ଏହି ବେନିୟମ ପାଇଁ ଦାୟୀ ଅଧିକାରୀଙ୍କୁ ସତରେ କ'ଣ ଦଣ୍ଡ ମିଳିବ, ଆଉ ହଡ଼ପ ଟଙ୍କା ରାଜକୋଷକୁ ଫେରିବ ?

-ଶ୍ରୀରାମଚନ୍ଦ୍ର ଦାଶ, ପୂର୍ବ ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପାଠକ ବାପ-ପୁଅଙ୍କୁ ଜାମିନ

**ସ୍କାଏ କିଙ୍ଗ୍ ଟ୍ରାଭେଲସ ବିଲ୍ ଠକେଇ ମାମଲା**

ଭୁବନେଶ୍ୱର,(ବ୍ୟୁରୋ)/ କଟକ ଅଫିସ, ୧।୩

ଠକେଇ ମାମଲାରେ ଗିରଫ ହୋଇଥିବା ଆଇଏଫ୍ଏସ୍ ଅଫିସର ଅଭୟକାନ୍ତ ପାଠକ ଓ ତାଙ୍କ ପୁଅ ଆକାଶଙ୍କୁ ସୋମବାର ଜାମିନ ମିଳିଛି। ସ୍କାଏ କିଙ୍ଗ ଟ୍ରାଭେଲ୍ସ ବିଲ୍ ଠକେଇ ମାମଲାରେ ପାଠକ ବାପପୁଅଙ୍କୁ ହାଇକୋର୍ଟ ଜାମିନ ପ୍ରଦାନ କରିଛନ୍ତି। ୨ ଲକ୍ଷ ଟଙ୍କାର ଦୁଇଜଣ ଜାମିନଦାରଙ୍କ ବଦଳରେ ସେମାନଙ୍କୁ ଏହି ଜାମିନ ମିଳିଛି।

ସୂଚନାଯୋଗ୍ୟ, ଆକାଶ ନିଜକୁ ଟାଟା ମୋଟର୍ସର ଏମ୍ଡି ବୋଲି ପରିଚୟ ଦେବା ସହ ଜାଲ୍ ପ୍ରମାଣପତ୍ର ଦେଖାଇ ଭୁବନେଶ୍ୱର ଜନପଥ ରୋଡ୍‌ରେ ଥିବା ସ୍କାଏ କିଙ୍ଗ ଟ୍ରାଭେଲ ଏଜେନ୍ସିକୁ ଇମେଲ୍ କରିଥିଲେ। ୨୦୨୦ ଜୁନ୍‌ରେ ଏକ ଚାର୍ଟର ଫ୍ଲାଇଟ ବୁକିଂ କରିବାକୁ କହିଥିଲେ। ସ୍କାଏ କିଙ୍ଗ୍ ପକ୍ଷରୁ ମଧ୍ୟ ଏକ ଫ୍ଲାଇଟ ବୁକିଂ କରାଯାଇଥିଲା। ଏ ବାବଦରେ ମୋଟ୍ ୨ କୋଟି ୭୮ ଲକ୍ଷ ୩୯ ହଜାର ଟଙ୍କା ବିଲ୍ ହୋଇଥିଲା। ଆକାଶ ଉକ୍ତ ଏଜେନ୍ସିକୁ ୨କୋଟି ୧୩ଲକ୍ଷ ୨୨ ହଜାର ଟଙ୍କା ଦେଇଥିଲେ। ପରବର୍ତ୍ତୀ ସମୟରେ ବାକି ଟଙ୍କା ଏଜେନ୍ସି ମାଗିବାରୁ ଆକାଶ ଧମକ ଦେଇଥିଲେ। ଏଥିରେ ତାଙ୍କ ବାପା ଅଭୟକାନ୍ତ ମଧ୍ୟ ସହଯୋଗ କରିଥିଲେ। ଏ ନେଇ ସ୍କାଏ କିଙ୍ଗ୍‌ର ମ୍ୟାନେଜିଂ ପାର୍ଟନର ପ୍ରଭାସ କୁମାର ଚୌଧୁରୀ ଭୁବନେଶ୍ୱର ଖାରବେଳନଗର ଥାନାରେ ପାଠକ ବାପପୁଅଙ୍କ ନାମରେ ଏତଲା ଦେଇଥିଲେ। ଏହି ଏତଲା ଆଧାରରେ ପୋଲିସ ଏକ ମାମଲା(ନଂ.୨୯୩/୨୦) ରୁଜୁ କରିଥିଲା। ପରେ ଏହି ମାମଲା ହାଇକୋର୍ଟକୁ ଯାଇଥିଲା। ପୂର୍ବରୁ ଠକେଇ



ଓ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ବାପପୁଅଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଜାମିନ ମଞ୍ଜୁର କରିଥିଲେ। ଦୁର୍ନୀତି ଓ ଠକେଇ ଅଭିଯୋଗରେ ପାଠକ ବାପପୁଅଙ୍କୁ ଗତ ନଭେମ୍ବର ୨୭ ତାରିଖରେ ଭିଜିଲାନ୍ସ ଗିରଫ କରିଥିଲା।

# ଜୁଲାଇ ୧୨ରେ ରଥଯାତ୍ରା

**ଶ୍ରୀମନ୍ଦିର ନୀତି, ପର୍ବପର୍ବାଣି ତାଲିକା ପ୍ରକାଶିତ**

**ପୁରୀ ଅଫିସ,୧।୩:** ଚଳିତ ବର୍ଷ ପାଇଁ ଶ୍ରୀମନ୍ଦିର ନୀତିକାନ୍ତି ଓ ପର୍ବପର୍ବାଣୀ ତାଲିକା ସୋମବାର ପ୍ରକାଶ ପାଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହି ତାଲିକା ପ୍ରକାଶିତ ହୋଇଛି। ତାଲିକାରେ ଉଲ୍ଲେଖ ରହିଛି ଯେ, ଏପ୍ରିଲ୍ ୧୪ରେ ମହାବିଷୁବ ସଂକ୍ରାନ୍ତି, ୨୧ରେ ରାମନବମୀ, ୨୭ରେ ଲଙ୍କାପୋଡ଼ି ଓ ଚୈତ୍ର ପୂର୍ଣ୍ଣିମା, ମେ ୧୫ରେ ଅକ୍ଷୟ ତୃତୀୟା, ୨୫ରେ ନୃସିଂହ ଜନ୍ମ, ଜୁନ ୧୦ରେ ସାବିତ୍ରୀ ଅମାବାସ୍ୟା, ୧୫ରେ ଶିବବିବାହ ଓ ରଜ ସଂକ୍ରାନ୍ତି ପାଳନ ହେବ। ଜୁନ୍ ୨୪ରେ ସ୍ନାନଯାତ୍ରା ଓ ଜୁଲାଇ ୯ରେ ନବଯୌବନ ଦର୍ଶନ ଅନୁଷ୍ଠିତ ହେବ। ଜୁଲାଇ ୧୨ରେ ରଥଯାତ୍ରା, ୧୬ରେ ହେରାପଞ୍ଚମୀ, ଅଗଷ୍ଟ ୧୭ରେ ଝୁଲଣ ଯାତ୍ରା, ୩୦ରେ ଜନ୍ମାଷ୍ଟମୀ, ସେପ୍ଟେମ୍ବର ୯ରେ ବାଲିତୃତୀୟା, ୧୦ରେ ଗଣେଶ ଚତୁର୍ଥୀ, ୧୪ରେ ରାଧାଷ୍ଟମୀ ପାଳନ ହେବ। ଅକ୍ଟୋବର ୧୨ରେ ମହାଷ୍ଟମୀ, ନଭେମ୍ବର ୧୨ରେ ଅଁଳା ନବମୀ, ଡିସେମ୍ବର ୪ରେ ଦେବଦୀପାବଳି ଉତ୍ସବ ପାଳନ କରାଯିବ। ନୀତିକାନ୍ତି ନିର୍ଦ୍ଧାରଣ ନେଇ ପୂର୍ବରୁ ପରିଚାଳନା କମିଟି ବୈଠକ ହୋଇଥିଲା। ମୁକ୍ତିମଣ୍ଡପ ପଣ୍ଡିତ ସଭାର ଅନୁମୋଦନ ପରେ ଏହି ପର୍ବପର୍ବାଣୀ ଓ ନୀତିକାନ୍ତି ନିର୍ଦ୍ଧାରିତ ହୋଇଥିଲା।

# ଟିକା ନେଇ ପୁଣି ଉଦାହରଣ ସୃଷ୍ଟିକଲେ ପ୍ରଧାନମନ୍ତ୍ରୀ

**ଧର୍ମେନ୍ଦ୍ରଙ୍କ ଟୁଇଟ୍**

**ଭୁବନେଶ୍ୱର, ୧।୩(ବ୍ୟୁରୋ):** ସାରା ଭାରତବର୍ଷରେ ବିଶ୍ୱର ସର୍ବବୃହତ୍ ଟିକାକରଣ ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟିକା ନେଇ ପୁଣିଥରେ ଉଦାହରଣ ସୃଷ୍ଟି କରିଥିବା ଟୁଇଟ୍‌କରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଧର୍ମେନ୍ଦ୍ର ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି, ସେହିପରି ସାରା ଦେଶବାସୀଙ୍କ ସମ୍ପୂର୍ଣ୍ଣ ଟିକାକରଣର ପ୍ରତିଶ୍ରୁତି ପୂରଣ ଦିଗରେ ବଳିଷ୍ଠ ପଦକ୍ଷେପ ନେଉଥିବାରୁ ପ୍ରଧାନମନ୍ତ୍ରୀ ଏବଂ ବିଶ୍ୱକୁ କରୋନାମୁକ୍ତ କରିବା ପାଇଁ ବଡ ଦାୟିତ୍ୱ ନେଇଥିବା ଡାକ୍ତର ଏବଂ ବୈଜ୍ଞାନିକଙ୍କୁ ଧନ୍ୟବାଦ। ପ୍ରଧାନମନ୍ତ୍ରୀ ସର୍ବଦା ଉଦାହରଣ ସୃଷ୍ଟି ଆସିଛନ୍ତି। ବିଶ୍ୱର ସର୍ବବୃହତ୍ ଟିକାକରଣ ଅଭିଯାନରେ ପ୍ରଥମ ପର୍ଯ୍ୟାୟରେ ସ୍ୱାସ୍ଥ୍ୟକର୍ମୀ ଏବଂ ଆଗଧାଡ଼ିର କରୋନା ଯୋଦ୍ଧା ଟିକା ନେବା ପରେ ଯେତେବେଳେ ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀଙ୍କ ପାଳି ଆସିଲା ସେତେବେଳେ ସେ ଟିକା ନେଇ ପୁଣିଥରେ ଦେଶର ପ୍ରଧାନ ସେବକର ପରିଚୟ ଦେଇଛନ୍ତି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.eT-CRW-MCS-EL-2-2021

**କାର୍ଯ୍ୟର ନାମ :** 24 ମାସ ନିମନ୍ତେ ପୂର୍ବ ତଟ ରେଳପଥର ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ ଆକ୍ୱାଗାର୍ଡ଼ ୱାଟର କୁଲର-ସହ-ପ୍ୟୁରିଫାୟର ଏବଂ ଆକ୍ୱାଗାର୍ଡ଼ ୱାଟର ପ୍ୟୁରିଫାୟରଗୁଡ଼ିକ ନିମନ୍ତେ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ।

**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):** 4,90,777.20, ଶେଷ ହେବା ଅବଧି : 24 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.08.03.2021ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.22.03.2021 ରିଖ 1500 ଘଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ/ରେଳ ଡବା ମରାମତି କାରଖାନା/ ମଞ୍ଚେଶ୍ୱର

PR-592/L/20-21



अखिल भारतीय आयुर्विज्ञान संस्थान (एम्स), भुवनेश्वर

**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**

(A Statutory Body under aegis of Ministry of Health and Family Welfare, Govt. of India)
Engineering Branch (Civil), Sijua (Patrapada), Bhubaneswar(Odisha)-751019
www.aiimsbhubaneswar.nic.in

File No. :AIIMS/BBSR/Engg./ 587/ NIT-028 / 2020-21 Dated : 01th Mar 2021

**NOTICE INVITING E-TENDER**

The All India Institute of Medical Sciences (AIIMS), Bhubaneswar invites e-Tender for the Work(s) for **Construction of Toilet, Dinning Area, Washroom & Other Misc. Civil Work at RHTC Mendhasala** (*NIT No. : AIIMS/BBSR/Engg./028/2020-21*). The detailed Tender Document along with Last Date & Time of Submission of Tender can be viewed & downloaded from the website **www.aiimsbhubaneswar.nic.in, www.tenderwizard.com/AIIMSBBSR & CPP Portal www.eprocure.gov.in.**

Sd/-
Executive Engineer(Civil) I/C
AIIMS, Bhubaneswar


# ପ୍ରଦୀପଙ୍କ ଜାମିନ ଖାରଜ

**ଟାଟା ମୋଟର୍ସରେ ଚାକିରି ନାଁରେ ଠକେଇ ମାମଲା**

ବ୍ରହ୍ମପୁର ଅଫିସ,୧।୩



ଟାଟା ମୋଟର୍ସରେ ଚାକିରି ଦେବା ନାଁରେ ଟଙ୍କା ଠକେଇ ଘଟଣାରେ ଗିରଫ ହୋଇ ଝାରପଡ଼ା ଜେଲରେ ଥିବା ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ଜାମିନ ସୋମବାର ଖାରଜ ହୋଇଛି। ଗୋଲନ୍ଥରା ଥାନାରେ ରୁଜୁ ହୋଇଥିବା ୩ ଠକେଇ ମାମଲା (ଜିଆର୍-୨୨୨୫/୨୦, ଜିଆର-୨୨୬୮/୨୦ ଓ ଜିଆର-୬୨/୨୧)ରେ ଜାମିନ ପାଇଁ ତାଙ୍କ ଓକିଲ ହାଇକୋର୍ଟଙ୍କ ଦ୍ୱାରା ଜାରି ହୋଇଥିବା କାଗଜପତ୍ର ଜିଲା ଜଜ୍ କୋର୍ଟରେ ଦାଖଲ କରିଥିଲେ। ହେଲେ ସେଥିରେ ଗୋଲନ୍ଥରା ଥାନା କେସ୍ ନମ୍ବର କି ଜିଆର୍ ନମ୍ବର ନ ଥିବାରୁ ଜିଲା ଜଜ ରାମଶଙ୍କର ହୋତା ଉକ୍ତ ଜାମିନ ଆବେଦନଙ୍କୁ ଖାରଜ୍ କରି ଦେଇଛନ୍ତି। ଏହା ସହିତ ତଳ କୋର୍ଟରେ ଧାର୍ଯ୍ୟ ନିୟମ ଅନୁସାରେ ଜାମିନ୍ ଲାଗି ଆବେଦନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାରୁ ପ୍ରକାଶ, ଟାଟା ମୋଟର୍ସରେ ଚାକିରି ନାଁରେ ପ୍ରଦୀପଙ୍କ ବିରୋଧରେ କଟକ କ୍ରାଇମ୍ ବ୍ରାଞ୍ଚ ଥାନାରେ ଅଭିଯୋଗ ହୋଇଥିଲା। ଟଙ୍କା ଠକେଇରେ କ୍ରାଇମବ୍ରାଞ୍ଚ ତାଙ୍କୁ ଗିରଫ କରିଥିଲା। ଗତ ବର୍ଷ ଡିସେମ୍ବରରେ ଏଭଳି ଚାକିରି ପାଇଁ ଟଙ୍କା ଠକେଇ ନେଇ ଗୋଲନ୍ଥରା ଥାନାରେ ତାଙ୍କ ନାମରେ ଦୁଇଟି ମାମଲା ରୁଜୁ ହୋଇଥିବା ବେଳେ ସେହିପରି ଜାନୁୟାରୀପରେ ମଧ୍ୟ ଆଉ ଏକ ମାମଲା ରୁଜୁ ହୋଇଥିଲା। ଏହି ୩ ମାମଲାରେ ମୋଟ ୧୪ଲକ୍ଷ ଠକେଇ କରାଯାଇଥିବା ନେଇ ଅଭିଯୋଗକାରୀ ପ୍ରଦୀପଙ୍କ ବିରୋଧରେ ଏତଲା ଦେଇଥିଲେ।

# ଆମ୍ବୁଲାନ୍ସରେ ଅପହରଣ ଅଭିଯୋଗ

**ଭଦ୍ରକ ଅଫିସ,୧।୩:** ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଜଣେ ଗୁରୁତର ରୋଗୀଙ୍କୁ କଟକ ବଡ଼ ଡାକ୍ତରଖାନାକୁ ରେଫର କରିଥିଲେ। ହେଲେ ୧୦୮ ଆମ୍ବୁଲାନ୍ସ ରୋଗୀଙ୍କୁ ନେଇ କଟକ ଯିବା ପରିବର୍ତ୍ତେ ବିପରୀତ ଦିଗରେ ଚାଲିଥିଲା। ରୋଗୀଙ୍କ ସମ୍ପର୍କୀୟଙ୍କ ପ୍ରତିବାଦ ସତ୍ତ୍ୱେ ଡ୍ରାଇଭର ଆମ୍ବୁଲାନ୍ସ ଅଟକାଇ ନ ଥିଲେ। ଶେଷରେ ଲୋକଙ୍କୁ ଦେଖି ରୋଗୀଙ୍କ ମା’ ଆମ୍ବୁଲାନ୍ସରୁ ଡେଇଁ ପଡ଼ିଥିଲେ। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସକୁ ଅଟକ ରଖି କର୍ମଚାରୀଙ୍କୁ ପୋଲିସ ଜିମା ଦେଇଛନ୍ତି। ତାଙ୍କ ପୁଅକୁ ଅପହରଣ କରାଯାଉଥିଲା ବୋଲି ରୋଗୀଙ୍କ ମା’ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣା ପରେ ଉକ୍ତ ଆମ୍ବୁଲାନ୍ସର କର୍ମଚାରୀଙ୍କ ବିରୋଧରେ ବିଭାଗୀୟ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।


**ଏସ୍.ଇ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୪୨୫୯-ଜିଆର୍‌ସି-ସିଇ-ସି-ଏଚ୍‌କ୍ୟୁ-୦୧-୨୦୨୧, ତାରିଖ: ୨୬।୦୨।୨୦୨୧। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମୁଖ୍ୟ ଯନ୍ତ୍ରୀ (ସିଓଏନ୍)/ଏଚ୍‌କ୍ୟୁ, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ ରିଚ୍‌ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି । ନିମ୍ନଲିଖିତ ଟେଣ୍ଡର ୱେବ୍‌ସାଇଟ୍ www.ireps.gov.inରେ ଅପ୍‌ଲୋଡ୍ କରାଯାଇଛି। ଟେଣ୍ଡର ଧାର୍ଯ୍ୟ ତାରିଖରେ ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ। **କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ନାରାୟଣଗଡ଼-ଭଦ୍ରକ ସେକ୍ସନ ମଧ୍ୟରେ ପ୍ରସ୍ତାବିତ ୩ୟ ଲାଇନ୍ ସଂକ୍ରାନ୍ତରେ ହଳଦୀପଡ଼ା ଏବଂ ବାଲେଶ୍ୱର ମଧ୍ୟସ୍ଥ ସେକ୍ସନରେ ଫାଉଣ୍ଡେଶନ୍, ସବ୍‌ଷ୍ଟ୍ରକ୍ଚର୍, ସୁପର ଷ୍ଟ୍ରକ୍ଚର୍, ଆପ୍ରୋଚ୍ ବ୍ୟାଙ୍କ (ପ୍ରତ୍ୟେକ ପାର୍ଶ୍ୱରେ ୫୦ ମି ଦୈର୍ଘ୍ୟର)ର ଗଠନ ତଥା ଅନ୍ୟାନ୍ୟ ବିବିଧ କାର୍ଯ୍ୟ ସମେତ ୧ ଗୋଟି ମଲ୍ଟିସ୍ପାନ୍ ମେଜର ବ୍ରିଜ୍ ନଂ. ୨୫୯ (ନିଧିପଡ଼ାଠାରେ ୧୨ x ୪୫.୭ ମି ୨୫ଟି ଲୋଡିଂ ଓପନ୍ ୱେବ୍ ଗିର୍ଡର)ର ନିର୍ମାଣ। **ଆନୁମାନିକ ମୂଲ୍ୟ:** ₹୬୬.୪୭ କୋଟି। **ସମାପ୍ତି ଅବଧି:** ୧୮ ମାସ । **ବନ୍ଦ ହେବା ତାରିଖ:** ୧୯।୦୩।୨୦୨୧। ଟେଣ୍ଡରର ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ସ୍ୱତନ୍ତ୍ରତା ପାଇଁ ତଥା ସେମାନଙ୍କର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ନିମନ୍ତେ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି ସାମଗ୍ରୀ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ବି.ଦ୍ର.:** ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି । **(PR-552)**



ଜିଲ୍ଲା ଖଣିଜ ପ୍ରତିଷ୍ଠାନ, ସୁନ୍ଦରଗଡ଼

**DISTRICT MINERAL FOUNDATION, SUNDARGARH**

Collectorate Campus, (Near Sub-Collector Office) Sundargarh - 770001
Email: dmfsundergarh@gmail.com, Tel./Fax No. 06622-273846

Letter No. 290/DMF Dated the 01.03.2021

**RFP No. DMF/SNG/11-2020-21**

Selection of Agency for Coaching IIT (JEE), Medical (NEET) Common Law Admission Test (CLAT), National Aptitude Test in Architecture (NATA) and National Defence Academy (NDA) Entrance Examination in Sundargarh District.


Collector-cum-Chairperson, District Mineral Foundation (DMF) Sundargarh, Government of odisha invites Technical and Financial proposals from reputed implementing NGOs/ Agencies/Firms of National repute. Interested bidders may download the RFP document from Sundargarh District portal i.e. **www.sundergarh.nic.in**.

Due date and time for submission of bids 24.03.2021 upto 5.00 P.M.

**Sd./- Collector & Chairperson, DMF, Sundargarh**


# ଓପିଏସ୍‌ସି ଅଧ୍ୟକ୍ଷ ଦାୟିତ୍ୱ ନେଲେ ସତ୍ୟଜିତ୍ ମହାନ୍ତି

କଟକ ଅଫିସ, ୧।୩



୧୯୮୮ ବ୍ୟାଚ୍‌ର ଆଇପିଏସ୍ ଅଫିସର ସତ୍ୟଜିତ୍ ମହାନ୍ତି ସୋମବାର ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ସେ କହିଥିଲେ, ଓପିଏସସି ଏକ ସାମ୍ବିଧାନିକ ଅନୁଷ୍ଠାନ ଓ ଏହାର ଅଧ୍ୟକ୍ଷ ସାମ୍ବିଧାନିକ ପଦ। ୭୦ ବର୍ଷର ଏହି ଅନୁଷ୍ଠାନର ସ୍ୱଚ୍ଛତା କିପରି ରକ୍ଷା କରାଯାଇପାରିବ ତାହା ଆମ ପାଇଁ ଏକ ବଡ ଆହ୍ୱାନ। ଏଥିପାଇଁ ଆମେ ଅଫିସକୁ ସମ୍ପୂର୍ଣ୍ଣ ଭାବେ ମେଶିନ ମାଧ୍ୟମରେ ପରିଚାଳନା କରିବୁ। ଆଗାମୀ ଦିନରେ ସ୍ୱାସ୍ଥ୍ୟ ଓ ଶିକ୍ଷା ବିଭାଗରେ ନିଯୁକ୍ତିର ସ୍ୱଚ୍ଛତାରେ ବିଶେଷ ଧ୍ୟାନ ଦେବୁ। ସ୍ୱାସ୍ଥ୍ୟ ବିଭାଗରେ ୨,୦୦୦ରୁ ଊର୍ଦ୍ଧ୍ୱ ଡାକ୍ତର, ଶିକ୍ଷା ବିଭାଗରେ ୫୦୦ରୁ ଊର୍ଦ୍ଧ୍ୱ ଅଧ୍ୟାପକ ଓ ପ୍ରାଧ୍ୟାପକଙ୍କର ନିଯୁକ୍ତି ହେବ। ଏହି ନିଯୁକ୍ତିରେ ସ୍ୱଚ୍ଛତାକୁ ବିଶେଷ ପ୍ରାଧାନ୍ୟ ଦିଆଯିବ।

ଦୀର୍ଘ ୩୩ବର୍ଷର ପୋଲିସ ସେବା ଚାକିରି ପରେ ଆଇପିଏସ୍ ଅଫିସର ତଥା ଅଗ୍ନିଶମ ଡିଜି ସତ୍ୟଜିତ ମହାନ୍ତି ରବିବାର ସ୍ୱେଚ୍ଛାକୃତ ଅବସର ନେଇଥିଲେ। ମହାନ୍ତି ତାଙ୍କର ବୃତ୍ତିଗତ ଜୀବନକାଳ ମଧ୍ୟରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଜିଲା ତଥା ରେଞ୍ଜ (ଅଞ୍ଚଳ)ଗୁଡିକରେ ଯଥାକ୍ରମେ-ଆରକ୍ଷୀ ଅଧୀକ୍ଷକ, ଆରକ୍ଷୀ ଉପମହାନିରୀକ୍ଷକ ଏବଂ ଆରକ୍ଷୀ ମହାନିରୀକ୍ଷକ ଭାବେ ଅବସ୍ଥାପିତ ହୋଇ ଦକ୍ଷତାର ସହ ଦାୟିତ୍ୱ ନିର୍ବାହ କରିଛନ୍ତି। ଏତଦ୍‌ବ୍ୟତୀତ ସେ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ, ରାଜ୍ୟ ପରିବହନ ବିଭାଗ, ରାଜ୍ୟ ପୋଲିସ ଗୃହ ନିର୍ମାଣ ନିଗମ, ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡ଼େମୀ, ରାଜ୍ୟ ପୋଲିସ ମୁଖ୍ୟାଳୟ ଏବଂ କଟକ-ଭୁବନେଶ୍ୱର ପୋଲିସ କମିଶନର ଭାବେ ଅବସ୍ଥାପିତ ହୋଇ ସଫଳତାର ସହ କର୍ତ୍ତବ୍ୟ ସମ୍ପାଦନ କରିଛନ୍ତି। ସେ ଡିଜି ପାହ୍ୟାକୁ ପଦୋନ୍ନତି ହେବାପରେ କାରାଗାର ମହାନିର୍ଦ୍ଦେଶକ ଓ ନିର୍ଦ୍ଦେଶକ ସଂସ୍କାର ସେବା, ସ୍ୱତନ୍ତ୍ର ମହାନିର୍ଦ୍ଦେଶକ, ରାଜ୍ୟ ଗୋଇନ୍ଦା ବିଭାଗ ଏବଂ ଓଡ଼ିଶା ଅଗ୍ନିଶମ ସେବା ଏବଂ ଗୃହରକ୍ଷୀ ଏବଂ ବେସାମରିକ ପ୍ରତିରକ୍ଷା ସଂସ୍ଥାର ମହାନିର୍ଦ୍ଦେଶକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସମ୍ପ୍ରତି ରାଜ୍ୟ ସରକାରଙ୍କ ଦ୍ୱାରା ଓପିଏସ୍‌ସିର ଅଧ୍ୟକ୍ଷ ଭାବେ ଅବସ୍ଥାପିତ ହୋଇଛନ୍ତି।

ମହାନ୍ତି ଉତ୍କଳ ବିଶ୍ୱବିଦ୍ୟାଳୟରୁ ବିଜ୍ଞାନ ଓ ଆଇନ ବିଭାଗରେ ଯଥାକ୍ରମେ ସ୍ନାତକୋତ୍ତର ଏବଂ ସ୍ନାତକ ଉପାଧି ଅର୍ଜନ କରିବା ସଙ୍ଗେ ସଙ୍ଗେ ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟରୁ ମାନବିକ ଅଧିକାର ବିଷୟରେ ସ୍ନାତକୋତ୍ତର ଏବଂ ପବ୍ଲିକ ପଲିସ ଆଣ୍ଡ ମ୍ୟାନେଜମେଣ୍ଟ ବିଷୟରେ ଆଇଆଇଏମ୍ ବାଙ୍ଗାଲୋର ଏବଂ ମାକ୍ସୱେଲ ସ୍କୁଲ ଅଫ୍ ପବ୍ଲିକ ପଲିସ, ଯୁକ୍ତରାଷ୍ଟ୍ର ଆମେରିକାର ସାଇରାକସ୍ ୟୁନିଭର୍ସିଟିରୁ ସ୍ନାତକୋତ୍ତର ଉପାଧି ମଧ୍ୟ ଅର୍ଜନ କରିଛନ୍ତି। ସେହିପରି ଓଡ଼ିଶାରେ ଥିବା ଜାତୀୟ ଆଇନ ବିଶ୍ୱବିଦ୍ୟାଳୟରୁ ସେ ଆଇନ ବିଷୟରେ ଡକ୍ଟରେଟ୍ ଉପାଧି ଅର୍ଜନ କରିଛନ୍ତି।


# CHIEF DISTRICT MEDICAL & PUBLIC HEALTH OFFICER, ANGUL

**(ZILLA SWASTHYA SAMITI, ANGUL)**

Advt. No. 453 Date: 01.03.2021

**"JANANI SANTAN SURAKSHA EXPRESS UNDER DMF"**

Sealed quotations are invited from Transporters/Tours Operators/Travel Agents/Private Organizations/NGOs for hire of BLS Ambulance on monthly basis to be deployed at DHH, Angul, Pallahra SDH, Athmallik SDH & Talcher SDH. The vehicles are to be exclusively used for the purpose of emergency referral transportation of pregnant mothers and critical sick new born cases from one faciltiy to the higher facility. The engagement of the vehicles are initially for a period of 1 year subject to their individual quarterly performance evaluation. Sealed quotations in the prescribed formats in two envelopes one for technical bid and second for financial bid to be sent to CDM & PHO cum District Mission Director, DHH, Angul, PIN - 759122 on or before Dtd.25.03.2021 by 3 P.M. The agencies qualified for technical bids will only be invited to attend the opening of the financial bids and the lowest bidders will be selected. The details of the quotations, ToR, formats etc can be downloaded from the District website **www.angul.nic.in.** The technical bids shall be opened on 26.03.2021, 11.00 A.M. in the O/o. CDM & PHO-cum-District Mission Director, DHH, Angul, PIN - 759122.

Bidders shall have to make EMD of Rs.20,000/- (Rupees Twenty Thousand only) in the form of Crossed Demand Draft/Pay Order in favour of DMF, DHH, Angul.

**Sd./- CDM & PHO-cum-District Mission Director, Angul**



**ଓଡ଼ିଶା ପାୱାର ଟ୍ରାନ୍ସମିଶନ୍ କର୍ପୋରେସନ୍ ଲିମିଟେଡ୍**

**ଉପ-ସାଧାରଣ ପରିଚାଳକଙ୍କ କାର୍ଯ୍ୟାଳୟ, ଅତ୍ୟୁଚ୍ଚ ଶକ୍ତି ପରିବାହ ନିର୍ମାଣ ବିଭାଗ, କଟକ**

**ଘୋଷଣା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ଓଡ଼ିଶା ପାୱାର ଟ୍ରାନ୍ସମିଶନ୍ କର୍ପୋରେସନ୍ ଲିମିଟେଡ୍‌ର ଯୋଜନା ଅନୁଯାୟୀ ୧୩୨ କେ.ଭି. ଲାଇନ୍ ଖୁଣ୍ଟୁଣୀ (ମଥୁରାପୁର) ଗ୍ରୀଡ୍ ସବ୍‌ଷ୍ଟେସନଠାରୁ ଶ୍ରୀ ସିମେଣ୍ଟ ପ୍ଲାଣ୍ଟ, ଚନ୍ଦ୍ରବଳିଶ୍ୟାମପୁର, ଘଣ୍ଟିଖାଲ ପର୍ଯ୍ୟନ୍ତ ନୂତନ ଲାଇନର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଅଛି। ଉକ୍ତ ଲାଇନ୍ କଟକ ଜିଲ୍ଲାର ମଥୁରାପୁର, ତୋଟାପଡ଼ା, ଭୋଗରା, ଡାଳଭାଗ, ଚମ୍ପଆ, ଘଣ୍ଟିଖାଲ ପ୍ରଭୃତି ଗ୍ରାମ ପାର୍ଶ୍ୱ ଦେଇ ଯାଇଅଛି। ଉକ୍ତ ଲାଇନ୍‌ରେ ଆସନ୍ତା ତା୦୩.୦୩.୨୦୨୧ରିଖଠାରୁ ଯେକୌଣସି ମୁହୂର୍ତ୍ତରେ ୧୩୨,୦୦୦ ଭୋଲ୍ଟ ବିଦ୍ୟୁତ୍ ପ୍ରବାହିତ ହେବାର ସମ୍ଭାବନା ଅଛି । ଏହି ବିଜ୍ଞାପନ ମାଧ୍ୟମରେ ସର୍ବସାଧାରଣଙ୍କୁ ଅବଗତ ଓ ସତର୍କ କରାଇଦିଆଯାଉଅଛି ଯେ, ପ୍ରଚଳିତ ଭାରତୀୟ ବୈଦ୍ୟୁତିକ ଆଇନର ୭୯, ୮୦ ଓ ୮୨ (କ) ଏବଂ ୧୪୦ ଧାରା ଅନୁଯାୟୀ ଉପରୋକ୍ତ ଲାଇନ୍ ତଳେ ଘର ତିଆରି କରିବା, ଗଛ ଲଗାଇବା, ଉଚ୍ଚ ଖମ୍ବ ପୋତିବା, ଉଚ୍ଚ ଖମ୍ବ ଧରି ଯାତାୟାତ କରିବା କିମ୍ବା ଟାୱାରରେ ଗୋରୁ, ମହିଷାଦି ଗୃହପାଳିତ ପଶୁ ବାନ୍ଧିବା ବିପଜ୍ଜନକ ଏବଂ ଦଣ୍ଡନୀୟ ଅପରାଧ ଅଟେ ।

ଏଣୁ ଏ ଦିଗରେ ଜନସାଧାରଣ ସତର୍କତା ଓ ସାବଧାନତା ଅବଲମ୍ବନ କରିବେ । ଯଦି ଏଥିରେ ବ୍ୟତିକ୍ରମ କରିବା ହେତୁ କାହାର କିଛି ଅସୁବିଧା ହୁଏ, ସେଥିପାଇଁ ଓଡ଼ିଶା ପାୱାର ଟ୍ରାନ୍ସମିଶନ୍ କର୍ପୋରେସନ୍ ଲିମିଟେଡ୍ ଉତ୍ତରଦାୟୀ ହେବେ ନାହିଁ ।

ସ୍ୱା./- ଅଶୋକ କୁମାର ମହାନ୍ତି
ଉପ-ସାଧାରଣ ପରିଚାଳକ (ବିଦ୍ୟୁତ୍)
ଅତ୍ୟୁଚ୍ଚ ଶକ୍ତି ପରିବାହ ନିର୍ମାଣ ବିଭାଗ, କଟକ


# ଝାରପଡ଼ା ଜେଲରେ ହେବ ବିବନଙ୍କ ଟିଆଇ ପରେଡ୍

ଭୁବନେଶ୍ୱର,୧।୩(ବ୍ୟୁରୋ)

**ଅଞ୍ଜନା ଗଣବଳାତ୍କାର ମାମଲା**

- ଆଜି କୋର୍ଟରେ ଆବେଦନ କରିପାରେ ସିବିଆଇ
- ପୋଲିସ କମିଶନରଙ୍କୁ ଭେଟିଲା ସିବିଆଇର ସ୍ୱତନ୍ତ୍ର ଟିମ୍

ବହୁଚର୍ଚ୍ଚିତ ଅଞ୍ଜନା ମିଶ୍ର ଗଣବଳାତ୍କାର ମାମଲାରେ ଗିରଫ ହୋଇଥିବା ମୁଖ୍ୟ ଅଭିଯୁକ୍ତ ବିବନ ବିଶ୍ୱାଳଙ୍କୁ ପଚରାଉଚରା କରିବ ସିବିଆଇ। ସୋମବାର ସିବିଆଇର ଏକ ଉଚ୍ଚସ୍ତରୀୟ ଟିମ୍ ପୋଲିସ କମିଶନର ଡ. ସୁଧାଂଶୁ ଷଡ଼ଙ୍ଗୀଙ୍କୁ ଭେଟି ଆଲୋଚନା କରିଛନ୍ତି। ଏହାସହ ଝାରପଡ଼ା ଜେଲରେ ବିବନଙ୍କ ଟି.ଆଇ ପରେଡ୍ କରାଯିବ ବୋଲି ଜଣାପଡ଼ିଛି। ଏନେଇ ମଙ୍ଗଳବାର କୋର୍ଟରେ ଆବେଦନ କରିବାକୁ ସିବିଆଇ ପ୍ରସ୍ତୁତି ଆରମ୍ଭ କରିଥିବା ସିବିଆଇର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ବିବନଙ୍କୁ କମିଶନରେଟ୍ ପୋଲିସ କେମିତି ଗିରଫ କଲା, ତାଙ୍କ ସମ୍ପର୍କରେ କେମିତି ଜାଣିଲେ, ସାକ୍ଷୀପ୍ରମାଣ ତଥ୍ୟକୁ କିପରି ସୁରକ୍ଷିତ ଭାବେ ଉପସ୍ଥାପନ କରାଯିବ ଓ ପରବର୍ତ୍ତୀ ତଦନ୍ତ ସମ୍ପର୍କରେ ସିବିଆଇ ଟିମ୍‌ର ୨ ଅଧିକାରୀ ଓ ଆଇନଜୀବୀ ପହଞ୍ଚି ପୋଲିସ କମିଶନରଙ୍କ ସହ ଏମିତି ଅନେକ ପ୍ରସଙ୍ଗରେ ଜାଣିବାକୁ ଚାହିଁଛନ୍ତି। ଏହାସହ ଘଟଣାର ତଦନ୍ତ ପାଇଁ କମିଶନରେଟ୍ ପୋଲିସ ସିବିଆଇକୁ ସମସ୍ତ ସହଯୋଗ କରିବ ବୋଲି କମିଶନର ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ପୂର୍ବରୁ ମଧ୍ୟ ପୋଲିସ କମିଶନରଙ୍କୁ ସିବିଆଇର ଏକ ୨ଜଣିଆ ସିବିଆଇ ଟିମ୍ ଭେଟି ଆଲୋଚନା କରିଥିଲେ।

ଅନ୍ୟପକ୍ଷରେ ଗିରଫ ବିବନ ବିଶ୍ୱାଳ ଏବେ ଝାରପଡ଼ା ଜେଲରେ ରହିଛନ୍ତି। ସେ ଗିରଫ ହେବା ପରେ ସିବିଆଇ ଅଞ୍ଜନା ମିଶ୍ର ବଳାତ୍କାର ମାମଲା ଫାଇଲକୁ ରି-ଓପନ କରି ଦସ୍ତାବିଜ୍ ସଂଗ୍ରହ କରିବାରେ ଲାଗିପଡ଼ିଛି। ଝାରପଡ଼ା ଜେଲରେ ବିବନଙ୍କ ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା କରାଯାଇଛି। ୩ଟି ପର୍ଯ୍ୟାୟରେ ୩ଜଣ ସୁରକ୍ଷାକର୍ମୀ ଜଗି ରହିଛନ୍ତି। ମାନସିକ ଚାପଗ୍ରସ୍ତ ହୋଇ ଯେପରି ସେ କୌଣସି ପଦକ୍ଷେପ ନ ନିଅନ୍ତି, ସେନେଇ ଝାରପଡ଼ା ଜେଲ ପକ୍ଷରୁ କଡ଼ା ନଜର ରଖାଯାଇଥିବା ସୂଚନା ମିଳିଛି।


# ODISHA PUBLIC SERVICE COMMISSION CUTTACK

**NOTICE**

**No. 1498/P.S.C., Dt. 26.2.2021**
**Website - http://opsc.gov.in**

**No. D-183:-** On the basis of written examination held on 24.01.2021 for **Special recruitment** to the post of **Assistant Fisheries Officer** (Group-B) pursuant to Advertisement No.17 of 2019-20, **28 (Twenty eight)** candidates bearing following Roll Numbers have been provisionally qualified for verification of original documents/certificates. The physical verification of original documents/ certificates in respect of the above qualified candidates will be held in the Office of the Commission at 19, Dr. P.K. Parija Road, Cuttack- 753001 on **03.03.2021** as per the programme detailed below.

The candidates are required to come with hard-copies of online application forms (indicating their Roll Nos. at the top right corner), three passport size photographs, self-attested copies of all relevant certificates/documents etc. with original certificates of the same as per **para-10** of the Advertisement along with duly filled in **"Attestation Form" & " Bio-data Form"** (to be downloaded from the web site of the Commission) and submit the same **in person** on the day of verification.

It is also made clear that, the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage before or after the verification of original certificate/documents and is subject to fulfillment of terms and conditions laid down in the advertisement.

The verification of original documents/certificates in respect of eligible candidates will be held on **03.03.2021**. The detailed programme of Viva Voce Test will be published later on in the website of the Commission after the completion of verification process.

**PROGRAMME OF VERIFICATION**

| Date | Time of Verification | Roll number of candidates |
|---|---|---|
| 03.03.2021 | 11.00 A.M. to 1.30 P.M. | 100001, 100003, 100004, 100006, 100007, 100011, 100013, 100018, 100019, 100020, 100021, 100022, 100023, 100026 & 100028 = 15 candidates |
| | 3.00 P.M. to 5.00 P.M. | 100031, 100032, 100033, 100034, 100035, 100038, 100039, 100041, 100042, 100043, 100044, 100045, 100048 = 13 candidates |

The Intimation letters of the concerned candidates Will be available in the website of the Commission (http://opsconline.gov.in) from **01.03.2021** onwards. Candidates are required to download their **"Intimation Letter", "Attestation Form", and "Bio-data Form"** from the website of the Commission.

**N.B.:- The candidates are advised to report at the Office of the Commission one hour before the commencement of verification on their scheduled date & time as mentioned against each.**

OIPR-12002/11/0082/2021 **Sd./- Secretary**



**OFFICE OF THE REGULATED MARKET COMMITTEE, KANTABANJI**

Dist.- Balangir, ODISHA, Ph. No.: 06657-220854, PIN – 767039
Email :- rmckantabanji118@gmail.com

No.117 /2020-21 Date: 02.03.2021

**EXPRESSION OF INTEREST/ SHORT QUOTATION CALL NOTICE**

Sealed quotations are invited from the reputed Architects for preparation of survey and master plan Architecture and estimate for development by observing Government norms i.e. R & B housing & urban development of below mentioned works having work experience in similar works registered with the state government / central government or their undertakings for execution of the works as mentioned below.

NAME OF WORKS.

1. SURVEY MASTER PLAN ARCHITECTURAL AND ESTIMATE FOR DEVELOPMENT OF VEGETABLE MARKET CUM SLAUGHTER HOUSE IN PARTNERSHIP WITH TITILAGARH MUNICIPALITY.
2. SURVEY MASTER PLAN ARCHITECTURAL AND ESTIMATE FOR DEVELOPMENT OF MODEL MANDI AT MURIBAHAL MARKET YARD UNDER RMC KANTABANJI.
3. SURVEY MASTER PLAN ARCHITECTURAL AND ESTIMATE FOR DEVELOPMENT OF ADDITIONAL INFRASTRUCTURE AT KANTABANJI MAIN MARKET YARD UNDER RMC KANTABANJI.

The quotation will be received by this office up to 2.00 pm on DT. 09.03.2021. The bidders are requested to submit valid & upto date photo copy of license, Experience certificate, Vat clearance certificate, copy of PAN card along with tender documents. The tenderers must submit their tenders complete in all respect through registerd Post/speed post, courier service in the address of the Chairman RMC Kantabanji or they may drop their tenders in the box kept at the office on or before 2.00 PM of date 09.03.2021 and will be opened on date 10.03.2021 at 4.00 PM in presence of the tenderers or their authorized representatives willing to be present.

The authority will not be held responsible for any postal delay in respect of receipt of tender documents and reserves the right to accept or reject any or all tenders without assigning any reason thereof.

**Terms & Conditions:**

The agency must execute 2 crores of similar nature of project.
The agency must have 10 years of experience in similar nature of project.

**Sd./- Chairman, RMC, Kantabanji**

## ରାଜ୍ୟସ୍ତରୀୟ ନାଟ୍ୟମେଳା ଉଦ୍‌ଘାଟିତ

**ନୟାଗଡ଼ ଅଫିସ:** ଜିଲା ସଂସ୍କୃତି ପରିଷଦ ଓ ନାଟ୍ୟଧାରା ପକ୍ଷରୁ ସ୍ଥାନୀୟ ପଠାଣୀ ସାମନ୍ତ ଅଡିଟୋରୀୟମରେ ସୋମବାର ସନ୍ଧ୍ୟାରେ ରାଜ୍ୟସ୍ତରୀୟ ନାଟ୍ୟମେଳା ୨୦୨୧ ଉଦ୍‌ଘାଟିତ ହୋଇଛି। ଏହାକୁ ବିଶିଷ୍ଟ ନାଟ୍ୟକାର ଅନ୍ତର୍ଯ୍ୟାମୀ ପଣ୍ଡା ଉଦ୍‌ଘାଟନ କରିଥିଲେ। ଏଥିରେ ବିଜୟ କୁମାର ଚୌଧୁରୀଙ୍କର ରଚିତ ଓ ନିର୍ଦ୍ଦେଶିତ ବାନପ୍ରସ୍ଥ ମଞ୍ଚସ୍ଥ ହୋଇଛି।

## ଆଜି କ'ଣ କେଉଁଠି

**ଯାଜପୁର ରୋଡ୍**

- ଆଇଏନ୍‌ଟିୟୁସି ପକ୍ଷରୁ ଜିଲା ଶ୍ରମ କାର୍ଯ୍ୟାଳୟ ଘେରାଉ, ଜିଲା ଶ୍ରମ କାର୍ଯ୍ୟାଳୟ, ପୂର୍ବାହ୍ନ ସାଢେ ୧୦ଟାରୁ।

**ନୟାଗଡ଼**

- ରାଜ୍ୟ ସ୍ତରୀୟ ନାଟ୍ୟମେଳାର ୨ୟ ଦିବସରେ ଦାଦନ ନାଟକ, ପଠାଣୀ ସାମନ୍ତ ଅଡିଟୋରୀୟମ, ସନ୍ଧ୍ୟା ୭ଟା।

## ସଂକ୍ଷେପରେ

### ପଚ୍ଚାମୁଣ୍ଡାଇରେ ୫୦ଜଣ ବରିଷ୍ଠ ନାଗରିକ ନେଲେ ଟିକା

**ପଚ୍ଚାମୁଣ୍ଡାଇ ୧।୩(ସ୍ୱ.ପ୍ର.):** ପଚ୍ଚାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟରେ ବିରଷ୍ଠ ନାଗରିକଙ୍କୁ କରୋନା ଟିକା ସୋମବାର ଦିଆଯାଇଛି। ସର୍ବ ପ୍ରଥମେ କରୋନା ଯୋଦ୍ଧା ସ୍ୱାସ୍ଥ୍ୟ କର୍ମଚାରୀ, ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କୁ ଟିକା ଦିଆଯାଇଥିବାବେଳେ ୨ୟ ପର୍ଯ୍ୟାୟରେ ବରିଷ୍ଠ ନାଗରିକମାନଙ୍କୁ ଟିକା ଦିଆଯାଇଛି। ଚିକିତ୍ସାଳୟରେ ସୋମବାର ୫୦ଜଣ ବିରଷ୍ଠ ନାଗରିକଙ୍କୁ କରୋନା ଟିକା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଚିକିତ୍ସାଧିକାରୀ ଡା. ନିରାକର ପରିଡା, ଡା. ଚନ୍ଦ୍ରଶେଖର ଦାସ, ଶ୍ରୀଧର ମଲିକ, ସୁଧାଂଶୁ ଜେନା ପ୍ରମୁଖ ସାମିଲ ହୋଇଥିଲେ।

### ରାଜ୍ୟ ଯକ୍ଷ୍ମା ଅଧିକାରୀଙ୍କ ସମୀକ୍ଷା

**ନୟାଗଡ଼ ଅଫିସ,୧।୩:** ରାଜ୍ୟ ଯକ୍ଷ୍ମା ବିଭାଗର ମେଡିକାଲ ଅଫିସର ଡା. ବିଣାପାଣୀ ନନ୍ଦ ଦୁଇଦିନିଆ ନୟାଗଡ ଗସ୍ତ କରି ଫେରିଛନ୍ତି। ଏହି ଦୁଇ ଦିନିଆ ଗସ୍ତରେ ସେ ଯକ୍ଷ୍ମାରୋଗ ଉପରେ ସମୀକ୍ଷା କରିଥିଲେ। ଯକ୍ଷ୍ମାରୋଗକୁ ମୂଳପ୍ତାଟନ କରିବାକୁ ସଚେନତନା କରାଇବାକୁ କହିଥିଲେ। ସବୁ ରୋଗୀ ଯେପରି ସ୍ୱାସ୍ଥ୍ୟସେବା ପାଇବେ ସେନେଇ ପରାମର୍ଶ ଦେଇଥିଲେ। ସବୁ ରୋଗୀ ଏଚ୍‌ଆଇଭି, ମଧୁମେହ, କଫ, ପରୀକ୍ଷା କରନ୍ତୁ ବୋଲି କହିଥିଲେ। ଜିଲା ଯକ୍ଷ୍ମା ଅଧିକାରୀ ଶରତ ଦାଶ ତାଙ୍କ ସହ ଥିଲେ।

### ଦୋକାନ ଜାଳିଦେଲେ ଦୁର୍ବୃତ୍ତ, ବର୍ତ୍ତିଗଲେ ଯୁବକ

**ବାଲିକୁଦା,୧।୩(ସ୍ୱ.ପ୍ର.):** ବାଲିକୁଦା ଥାନା ଅନନ୍ତପୁର ଫାଣ୍ଡି ଅଧୀନ ନୂଆଗାଁ ଛକରେ ଗୋଟିଏ ଦୋକାନକୁ ରବିବାର ରାତିରେ ଦୁର୍ବୃତ୍ତମାନେ ଜାଳି ଦେଇଛନ୍ତି। ଏହି ସମୟରେ ଦୋକାନ ଭିତରେ ଶୋଇଥିବା ଉକ୍ତ ଗ୍ରାମର ଶୁକଦେବ ପରିଡ଼ାଙ୍କ ସାନ ପୁଅ ଆଶିଷ (୨୭) ବାହାରକୁ ଚାଲି ଆସିବାରୁ ଏକ ନିଶ୍ଚିତ ବିପଦରୁ ବର୍ତ୍ତି ଯାଇଛନ୍ତି। ଏନେଇ ଶୁକଦେବ ଥାନାରେ ସୋମବାର ଅଭିଯୋଗ କରିବା ପରେ ମାମଲା (ନଂ ୫୫/୨୧) ରୁଜୁ ହୋଇଛି। ଏହି ଘଟଣାରେ ଶୁକଦେବଙ୍କ ଭାଇ ସୁରେନ୍ଦ୍ର ପରିଡ଼ାଙ୍କ ପରିବାର ସଦସ୍ୟଙ୍କ ସମ୍ପୃକ୍ତି ରହିଛି ବୋଲି ଅଭିଯୋଗରେ ଦର୍ଶାଯାଇଛି। ଜମିବାଡିକୁ କେନ୍ଦ୍ର କରି ଉଭୟ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା। ସୁରେନ୍ଦ୍ରଙ୍କ ବଡ଼ ପୁଅ ତାଙ୍କ ପରିବାରକୁ ହତ୍ୟା ଧମକ ଦେଇଥିଲେ। ଏନେଇ ଅନନ୍ତପୁର ଫାଣ୍ଡିରେ ରବିବାର ଅଭିଯୋଗ ହୋଇଥିଲା। ରାତିରେ ଆଶିଷ ଦୋକାନରେ ଶୋଇଥିବା ବେଳେ ନିଆଁ ଲାଗିଥିବା ଦେଖି ପାଖରେ ଥିବା ଜଳଖିଆ ଦୋକାନୀ ଡାକପକାଇବାରୁ ସେ ବାହାରକୁ ଚାଲିଆସିଥିଲେ। ଖବରପାଇ ବାଲିକୁଦା ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

# ସର୍ଭେ ରିପୋର୍ଟକୁ ଅଣଦେଖା

**କେନ୍ଦ୍ରାପଡା ଅଫିସ, ୧।୩**

- ■ଗୋବରୀ ନଦୀ ପୁନରୁଦ୍ଧାର କାର୍ଯ୍ୟ ନିମ୍ନମାନର
- ■୧୧ କି.ମି. ପାଇଁ ଖର୍ଚ୍ଚ ହେଉଛି ୭ କୋଟି
- ■ସୁନାବ୍ୟା ହେଲେ ମତ୍ସ୍ୟଜୀବୀଙ୍କ ବେପାର ବଢ଼ିବ



ଗୋବରୀ ନଦୀର ପୁନରୁଦ୍ଧାର କାମ ଚାଲିଛି।

କେନ୍ଦ୍ରାପଡ଼ା ଲୋକଙ୍କ ଦୀର୍ଘଦିନର ଦାବି ପରେ ଗୋବରୀ ନଦୀର ଡ୍ରେନେଜ କଟର ପୁନରୁଦ୍ଧାର ହେଉଛି। ୧୧୩ କି.ମି. ଲମ୍ବର ଏହି ଡ୍ରେନେଜ କଟର ୬୪ କି.ମି.ଠାରୁ ୭୫ କି.ମି. ପର୍ଯ୍ୟନ୍ତ ଖନନ ଓ ସାଇଡ ପ୍ୟାକିଂ ହେବାକୁ ଥିବା ବେଳେ ଆରମ୍ଭରୁ ନିମ୍ନମାନର କାର୍ଯ୍ୟ ଠିକା ସଂସ୍ଥା କରୁଛନ୍ତି ବୋଲି ଅଭିଯୋଗ ଉଠିଛି। ଗୁଲନଗର ପଞ୍ଚାୟତବାସୀ ଡ୍ରେନେଜ ଡିଭିଜନର ଏହି ପ୍ରକଳ୍ପ କାମ ନିମ୍ନମାନର ନେଇ ଏଡିଏମ୍‌ଙ୍କୁ ସୋମବାର ଭେଟିଛନ୍ତି। ନଦୀ ଶଯ୍ୟାର ସର୍ଭେକୁ ନେଇ ପ୍ରଶ୍ନ ଉଠାଇବା ସହ ପଥର ପ୍ୟାକିଂ କାର୍ଯ୍ୟ ଉପରେ ସେମାନେ ସନ୍ଦେହ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସୁଶାନ୍ତ ବେହେରା, ଚଗୁଲି ବେହେରା, ମାନସ ରଞ୍ଜନ ଦାସ ପ୍ରମୁଖ କହିଛନ୍ତି, କଟକ ଜିଲା ଜଗତପୁରର ଖଇରା ନିକଟରେ ମହାନଦୀରୁ ଗୋବରୀ ନଦୀ ବାହାରିଛି। ଏହି ନଦୀରେ ପୂର୍ବରୁ ନୌବାଣିଜ୍ୟ ସହ ମାଛ ଧରା ହେଉଥିଲା। ଏଥିସହ ନଦୀ ପାଖ ଅଞ୍ଚଳବାସୀ ଏହାକୁ ନିତ୍ୟକର୍ମରେ ବ୍ୟବହାର କରୁଥିଲେ। ଇତିମଧ୍ୟରେ ଏହା ପୋତି ହେବା ସହ ଦଳରେ ଭର୍ତ୍ତି ହୋଇଛି। ଫଳରେ ନିକଟସ୍ଥ କ୍ଷେତକୁ ପାଣି ପହଞ୍ଚି ପାରୁନାହିଁ। ଏହାକୁ ଦୃଷ୍ଟିରେ ରଖି ଡ୍ରେନେଜ କଟର ପୁର୍ନଉଦ୍ଧାର ଦାବି ହୋଇଆସୁଛି। ନିକଟରେ ଏହି ୧୧ କି.ମି. ନଦୀ ଶଯ୍ୟାର ପୁନରୁଦ୍ଧାର ଡ୍ରେନେଜ ବିଭାଗ ଦ୍ୱାରା ହେଉଛି। ଏଥିପାଇଁ ୬,୮୬,୦୨,୬୪୪ ଟଙ୍କା ବ୍ୟୟ ବରାଦ ହୋଇଛି। ସହରର ଚଟି ପୋଲଠାରୁ କାମ ଆରମ୍ଭ ହୋଇଥିବା ବେଳେ ଏଥିରେ ନିମ୍ନମାନର ପଥର ପ୍ୟାକିଂ ହେଉଛି। ସେହିପରି ନଦୀର ପୁନରୁଦ୍ଧାର ସମୟରେ ମଧ୍ୟସ୍ଥଳକୁ ଲକ୍ଷ୍ୟ ରଖାଯାଇ ଦୁଇ ପାର୍ଶ୍ୱକୁ ଖୋଳାଯିବା କଥା। ଯାହା ଏହି କାମ ମଧ୍ୟରେ ଦେଖିବାକୁ ମିଳୁନାହିଁ। ନଦୀରୁ ଉଠା ଯାଉଥିବା ମାଟିକୁ ଠିକା ସଂସ୍ଥା ବିକ୍ରି କରୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଏଥିପ୍ରତି ନଜର ରହୁନାହିଁ। ଏ ନେଇ ପୂର୍ବରୁ ଅଭିଯୋଗ ପରେ ବିଭାଗୀୟ ଯନ୍ତ୍ରୀ ଗଜେନ୍ଦ୍ର ସେଠୀ ପ୍ରକଳ୍ପର କାର୍ଯ୍ୟ ଦେଖିବାକୁ ଆସିଥିଲେ। ଏଗ୍ରିମେଣ୍ଟ ଅନୁଯାୟୀ କାମ ହେଉ ନ ଥିବା ପ୍ରକାଶ କରିଥିଲେ ମଧ୍ୟ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ନଦୀର ପୁନରୁଦ୍ଧାର ପରେ ମତ୍ସ୍ୟଜୀବୀଙ୍କ ବ୍ୟବସାୟ ବଢ଼ିବା ସହ କ୍ଷେତକୁ ପାଣି ଯାଇ ପାରିବ ବୋଲି ସେମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ବାଙ୍କବିହାରୀ ସାମଲଙ୍କୁ ପଚାରିବାରେ ଗୋବରୀ ପୋତି ହୋଇ ଯାଇଥିବାରୁ ଏହାର ପୁନରୁଦ୍ଧାର ଜରୁରୀ ହୋଇ ପଡିଥିଲା। ପ୍ରକଳ୍ପ କାମ ନିମ୍ନମାନର ହୋଇଥିବା ଅଭିଯୋଗ ପରେ ବିଭାଗୀୟ ଯନ୍ତ୍ରୀଙ୍କୁ ତଦନ୍ତ ପାଇଁ ପଠା ଯାଇଥିଲା। ଚୁକ୍ତି ମୁତାବକ କାର୍ଯ୍ୟ ସାରିବାକୁ ଠିକାଦାରଙ୍କୁ ତାଗିଦ କରାଯାଇଛି। ପ୍ରକଳ୍ପର ମାତ୍ର ୩୦ ପ୍ରତିଶତ କାର୍ଯ୍ୟ ହୋଇଛି ବୋଲି ସେ କହିଛନ୍ତି।

# ବିବାହ ପୂର୍ବରୁ ବର ଗିରଫ

**ସୋନପୁର,୧।୩(ନି.ପ୍ର.)**



ବର ବେଶରେ ଗିରଫ ଅମଜାଦ୍ ଖାଁ।

ବିବାହ ପାଇଁ ବରବେଶରେ ସୋନପୁରକୁ ଆସି ଗିରଫ ହୋଇଛନ୍ତି ନୟାଗଡ ଜିଲା ଇଛାପୁର(ଅନଖାପାଲି) ଅଞ୍ଚଳର ଅମଜାଦ ଖାଁ(୨୮)। ବିବାହ ପୂର୍ବରୁ ତାଙ୍କୁ ନୟାଗଡ ଜିଲା ବୋଲଗଡ ପୋଲିସ ସୋମବାର ଗିରଫ କରିଛି। ସେ ହତ୍ୟା ଉଦ୍ୟମ ମାମଲାରେ ଜଣେ ଅଭିଯୁକ୍ତ। ତାଙ୍କ ନାମରେ ବୋଲଗଡ ଥାନାରେ ଏକ ମାମଲା(ନଂ. ୧୫/୨୧) ରୁଜୁ ହୋଇଛି। ବର ବେଶରେ ଅଭିଯୁକ୍ତ ଗିରଫ ହେବା ଘଟଣା ସୋନପୁରରେ ଚର୍ଚ୍ଚାର ବିଷୟ ପାଲଟିଛି। ବୋଲଗଡ ପୋଲିସ ସୂତ୍ରରୁ ପ୍ରକାଶ ଯେ, ଅମଜାଦଙ୍କ ସମେତ ୪ ଜଣ ନାମରେ ହତ୍ୟା ଉଦ୍ୟମ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ଜଣେ ଅଭିଯୁକ୍ତ ଗିରଫ ହୋଇ ଜେଲରେ ଥିବା ବେଳେ ଅମଜାଦ୍‌ଙ୍କ ସମେତ ଅନ୍ୟ ୩ ଅଭିଯୁକ୍ତ ଫେରାରଥିଲେ। ଅମଜାଦ୍ ସୋନପୁର ସହର ଝୁପୁଡିପଡାର ଜନୈକା ୨୧ବର୍ଷୀୟା ଯୁବତୀଙ୍କୁ ସୋମବାର ଦ୍ୱିତୀୟ ବିବାହ କରିବ ବୋଲି ବୋଲଗଡ ପୋଲିସକୁ ବିଶେଷ ସୂତ୍ରରୁ ସୂଚନା ମିଳିଥିଲା। ଅମଜାଦ୍ ବର ବେଶରେ ଆସି ଝୁପୁଡିପଡାସ୍ଥିତ କନ୍ୟା ଘରେ ପହଞ୍ଚିଥିଲେ। ମାମଲାର ତଦନ୍ତକାରୀ ଅଧିକାରୀ ତଥା ବୋଲଗଡ ଥାନାର ଏସଆଇ ପବିତ୍ର ମୋହନ ପ୍ରଧାନ, ସୋନପୁର ପୋଲିସ ସହାୟତାରେ ତାଙ୍କୁ ଗିରଫ କରିଛନ୍ତି। ଅମ୍‌ଜାଦଙ୍କୁ ପୋଲିସ ବୋଲଗଡ ନେବ ବୋଲି ତଦନ୍ତକାରୀ ଅଧିକାରୀ କହିଛନ୍ତି।

# ବ୍ଲକ କାର୍ଯ୍ୟାଳୟ ଆଗରେ ଗଣଧାରଣା



ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସ୍ଥାନାନ୍ତର ଦାବିରେ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଦିଆଯାଇଥିବା ଗଣଧାରଣା।

**କୁଜଙ୍ଗ,୧।୩(ଡି.ଏନ୍.ଏ.)**

**ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସ୍ଥାନାନ୍ତର ଦାବି**

କୁଜଙ୍ଗ ବ୍ଲକ ପଙ୍କପାଳ ଗ୍ରାମର ବିଦ୍ୟାଳୟ ପରିସରରେ ଚାଲିଥିବା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ବ୍ଲକ ସଦର ମହକୁମାକୁ ସ୍ଥାନାନ୍ତର କରିବାକୁ ଦାବି କରି ସୋମବାର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। କୁଜଙ୍ଗ ଓକିଲ ସଂଘର ପୂର୍ବତନ ସଭାପତି ଅନ୍ତର୍ଯ୍ୟାମୀ ନାରାୟଣ ଦାସ ଯାଦବଙ୍କ ଆବାହକତ୍ୱରେ ଆୟୋଜିତ ଏହି ଧାରଣାରେ ବରିଷ୍ଠ ନାଗରିକ ସଂଘର ସମ୍ପାଦକ ବାବୁରାମ ଚୌଧୁରୀଙ୍କ ଅଧକ୍ଷତା କରିଥିଲେ। ବିଡିଓ ଅମିୟ କୁମାର ପଣ୍ଡା ଓ ପଞ୍ଚାୟତ ସମିତି ଅଧକ୍ଷ ସ୍ମୃତିରଞ୍ଜନ ବେହେରା ଏନେଇ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ସହ ଜିଲାପାଳଙ୍କ ସହ ଆଲୋଚନା କରି ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ସଦରମହକୁମାରେ କାର୍ଯ୍ୟାଳୟ ଖୋଲିବା ପାଇଁ ପ୍ରକୋଷ୍ଠର ଅଭାବଥିବା ଦର୍ଶାଇ ପଙ୍କପାଳର ଏକ ବିଦ୍ୟାଳୟ ପରିସରରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆରମ୍ଭ ହୋଇଥିଲା। ବ୍ଲକ ସଦରମହକୁମାଠାରୁ ୮ କିଲୋମିଟର ଦୂରରେ ଏହି କାର୍ଯ୍ୟାଳୟ ହୋଇଥିବାରୁ ବ୍ଲକ ପ୍ରଶାସନ ସହ ଶିକ୍ଷା ପ୍ରଶାସନର ସମନ୍ୱୟ ରହିପାରୁନାହିଁ। ଶିକ୍ଷକ ଶିକ୍ଷୟିତ୍ରୀମାନେ ପାଠପଢାପରେ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ପୂର୍ବରୁ ଶିକ୍ଷା ମନ୍ତ୍ରୀ, ଶିକ୍ଷା ନିର୍ଦ୍ଦେଶକ ଓ ଜିଲାପାଳଙ୍କୁ ବହୁବାର ଅବଗତ କରାଯାଇଛି। ଏହାସତ୍ତ୍ୱେ କୌଣସି ସୁଫଳ ମିଳୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ନେଇ ଗତ ୨୨ ତାରିଖରେ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଗଣଧାରଣା ପାଇଁ ଜିଲାପାଳଙ୍କୁ ଚେତାବନୀ ଦିଆଯାଇଥିଲା। ଏହି ଧାରଣାରେ ନୂତନ ତ୍ରିପାଠୀ, ପୂର୍ବତନ ବ୍ଲକ ସହ ଶିକ୍ଷାଧିକାରୀ ନବିନ କୁମାର ପ୍ରଧାନ, ଆଡଭୋକେଟ ପ୍ରିୟମ୍ବଦା ପାଣି, ହୃଷୀକେଶ ନାଥ, ନଟବର ଶେଣ, ଜାନକୀ ମହାରଥା, ପ୍ରହଲ୍ଲାଦ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ।

## ଦୁଇ ପରିବାର ମଧ୍ୟରେ ସଂଘର୍ଷ, ଜଣେ ଆହତ

**ପଚ୍ଚାମୁଣ୍ଡାଇ ୧।୩(ସ୍ୱ.ପ୍ର.)**

ପଚ୍ଚାମୁଣ୍ଡାଇ ପୌରାଞ୍ଚଳ ୧୬ ନଂ. ୱାର୍ଡ ମାଟିଆ ସଂଲଗ୍ନ କଣ୍ଡିଆବସ୍ତିରେ ସୋମବାର ସନ୍ଧ୍ୟା ୫ଟାରେ ଦୁଇ ପରିବାରଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପାଟିତୁଣ୍ଡକୁ କେନ୍ଦ୍ରକରି ବୃନ୍ଦାବନ ମଳିକ ଓ ତାଙ୍କ ଦୁଇପୁଅ ଦେବୁ ଓ ଶିବ, ମମତା ରାଣୀ ସିହ୍ନା ଓ ତାଙ୍କ ସ୍ୱାମୀ ସୁତମଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ମମତାଙ୍କ ବାମହାତ ଓ ଆଙ୍ଗୁଳି କଟିଯାଇଛି। ତାଙ୍କ ସ୍ୱାମୀ ସୁତମ ଓ ଅନ୍ୟମାନେ ଆହତ ମମତାଙ୍କୁ ପଚ୍ଚାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପଚ୍ଚାମୁଣ୍ଡାଇ ଥାନାରେ ଏକ ଲିଖିତ ଏତଲା ଦେଇଛନ୍ତି। ଆଇଆଇସି ରାକେଶ କୁମାର ତ୍ରିପାଠୀ ଘଟଣାସ୍ଥଳ ପରିଦର୍ଶନ କରିଥିବାବେଳେ ଡାକ୍ତରଖାନାରେ ଆହତ ମମତାଙ୍କୁ ଭେଟିଛନ୍ତି। ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ତ୍ରିପାଠୀ କହିଛନ୍ତି।

## ଜଙ୍ଗଲରେ ନିଆଁ, ସଙ୍କଟରେ ବନ୍ୟଜନ୍ତୁ



ଶିଖରପୁର ସଂରକ୍ଷିତ ଜଙ୍ଗଲରେ ନିଆଁ ଜଳୁଛି।

**ଖଣ୍ଡପଡା,୧।୩(ସ୍ୱ.ପ୍ର)**

ଖଣ୍ଡପଡା ବନାଞ୍ଚଳ ଅଧୀନ ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିଛି। ଗାଁ ଗଣ୍ଡାରେ ଗ୍ରାମ୍ୟ ଜଙ୍ଗଲ ଅବା ସଂରକ୍ଷିତ ଜଙ୍ଗଲରେ ନିଆଁ ନ ଲାଗିବାକୁ ଜନସାଧାତଣଙ୍କୁ ସଚେତନତା ପାଇଁ ବନ ବିଭାଗ ପକ୍ଷରୁ ସଚେତନତା ରଥ ପରିକ୍ରମା କରିଥିଲା। କାଠ କଟାଳି ଅବା କାଠ କୋଇଲା ସଂଗ୍ରହ କରିଯାଉଥିବା ବ୍ୟକ୍ତିଙ୍କ ଅସାବଧାନତା ଯୋଗୁ ଜଙ୍ଗଲରେ ନିଆଁ ଲାଗି ଯାଉଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି। ଶିଖରପୁର ସଂରକ୍ଷିତ ଜଙ୍ଗଲ ଓ ତତ୍ ସଂଲଗ୍ନ ପାହାଡରେ ନିଆଁ ଜଳୁଛି। ଏଥିଯୋଗୁ ଯୋଗୁ ବ୍ୟାପକ ଜଙ୍ଗଲ ସମ୍ପଦ ନଷ୍ଟ ହେଉଛି। ଏଥିସହ ବନ୍ୟ ପ୍ରାଣୀଙ୍କ ଜୀବନ ପ୍ରତି ବିପଦ ଦେଖାଦେଇଛି। ଏ ସମ୍ପର୍କରେ ବନ ବିଭାଗ ଅଧିକାରୀଙ୍କ ନିକଟରେ ଖବର ଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନହିଁ। ନୟାଗଡ ବନଖଣ୍ଡ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ସାମାଜିକ କର୍ମୀଙ୍କ ଆମରଣ ଅନଶନ

**ନାଉଗାଁ,୧।୩(ସ୍ୱ.ପ୍ର.)**

ସାମାଜିକ କର୍ମୀ ଦିଲୀପ ପାଢୀ ସୋମବାରଠାରୁ ନାଉଗାଁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ ଆରମ୍ଭ କରିଛନ୍ତି। ଏହି ବ୍ଲକର ଜାମୁଗାଁ ପଞ୍ଚାୟତରେ ବିଭିନ୍ନ ଦୁର୍ନୀତି ହୋଇଥିବା ଅଭିଯୋଗ କରି ଏହାର ତଦନ୍ତ ଦାବି କରିଛନ୍ତି। ଏନେଇ ସେ ୮ ଫେବୃୟାରୀ ୨୦୧୬ ରେ ୬ ଦଫା ଦାବି ସମ୍ବଳିତ ଦାବିପତ୍ର ବିଡିଓ ରଶ୍ମିରେଖା ମଲିକଙ୍କୁ ଦେଇଥିଲେ। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ସେ ଅନଶନରେ ବସିଛନ୍ତି ବୋଲି କହିଛନ୍ତି। ଜାମୁଗାଁ ପଞ୍ଚାୟତରେ ଅନ୍ତ୍ୟୋଦୟ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା ଓ ଫନୀ ବାତ୍ୟାର ଅନୁଦାନ ପାଇଁ ଦୁର୍ନୀତି କରାଯାଇ ସରକାରୀ ଅର୍ଥ ଲୁଟ୍ କରାଯାଇଛି। ଏହାର ତଦନ୍ତ କରିବାକୁ ଦିଲୀପ ଦାବି କରିଛନ୍ତି।

## ଶ୍ରମିକ ହୋଇ ଦୁଇ କୋଟିପତି ଖୋଳିଲେ ପୋଖରୀ

**ନୟାଗଡ଼ ଅଫିସ,୧।୩**

**ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଜାଲିଆତି**

ନୟାଗଡ଼ ଜିଲା ଓଡଗାଁ ବ୍ଲକ ଅଞ୍ଚଳରେ ଜଣେ ସମିତିସଭ୍ୟ ଓ ମିଲ୍ ମାଲିକଙ୍କୁ ଜବକାର୍ଡଧାରୀ ଦେଖାଇ ଶ୍ରମିକ ଭାବେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଫାର୍ମ ପଣ୍ଡ ଖୋଳି ଲକ୍ଷାଧିକ ଟଙ୍କା ହଡପ କରିଥିବା ଅଭିଯୋଗ ହୋଇଛି। ଦୁଇ କୋଟିପତିଙ୍କ ନାଁରେ ଲକ୍ଷାଧିକ ଟଙ୍କା ବିଲ୍ ପରେ ଏଭଳି ଅଭିଯୋଗ କଂଗ୍ରେସର ଜିଲା ସଭାପତି ରଣଜିତ ଦାଶ ଆଣି ଘଟଣାର ତଦନ୍ତ ଦାବି କରିଛି। ଯେଉଁ ଅଫିସର ଓ କର୍ମଚାରୀ ଏମାନଙ୍କର ବିଲ୍ କରିଛନ୍ତି ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ସାଧାରଣ ଶ୍ରମିକଟିଏ କାମ ମାଗିଲେ ପାଉ ନ ଥିବାବେଳେ ସେମାନଙ୍କ ନାଁରେ ସ୍ୱଚ୍ଛଳ ବର୍ଗର ଲୋକେ ଏମ୍‌ଜିଏନ୍‌ଆରଇଜିଏସ୍ ଅନୁଦାନକୁ ହଡପ କରୁଛନ୍ତି। ଜିଲା କଂଗ୍ରେସ ସଭାପତିଙ୍କ ଅଭିଯୋଗ ଅନୁସାରେ, ସମିତିସଭ୍ୟ, ତାଙ୍କ ସମ୍ପର୍କୀୟ ଭାଇ ମିଲ ମାଲିକ ନିଜ ଫାର୍ମ ପଣ୍ଡରେ ମାଟି ଖୋଳିଛନ୍ତି। ସେହିପରି ଅନ୍ୟ ଲୋକଙ୍କ ପୋଖରୀରେ ମାଟି ଖୋଳିଛନ୍ତି। ମିଲ ମାଲିକ ଓ ମିଲର ଭାଇଙ୍କ ନାଁରେ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ ପ୍ରତିଷ୍ଠାନ, ବସ, ଟ୍ରକ, ବିଭିନ୍ନ ବ୍ୟବସାୟ ରହିଛି। ଏହି ଦୁଇଭାଇ କ'ଣ କେବେ ହେଲେ ଶ୍ରମିକ ହୋଇ ମାଟି ଖୋଳି ପାରିବେ ବୋଲି ପ୍ରଶ୍ନ କରିଛନ୍ତି।

## ଜିଲା ଯୁବ କଂଗ୍ରେସର ପ୍ରଥମ କାର୍ଯ୍ୟକାରିଣୀ ବୈଠକ

**ଜଗତ୍‌ସିଂହପୁର ଅଫିସ, ୧।୩**

ଜଗତ୍‌ସିଂହପୁର ଜିଲା ଯୁବ କଂଗ୍ରେସର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଯୁବ କଂଗ୍ରେସ ସଭାପତି ପ୍ରଶାନ୍ତ ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟଅତିଥି ଭାବେ ପ୍ରଦେଶ କଂଗ୍ରେସ କମିଟି (ପିସିସି) କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ ଯୋଗଦେଇ ସଙ୍ଗଠନକୁ କ୍ରିୟାଶୀଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ତୃଣମୂଳସ୍ତରରୁ ସାଙ୍ଗଠନିକ କାର୍ଯ୍ୟକୁ ବ୍ୟାପକ କରାଯିବ ବୋଲି ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ରାଜ୍ୟ ଯୁବ କଂଗ୍ରେସ କମିଟି ସଭାପତି ଡା. ସ୍ମୃତିରଞ୍ଜନ ଲେଙ୍କା, ସମ୍ମାନିତ ଅତିଥି ବାଲିକୁଦା ପୂର୍ବତନ ବିଧାୟକ ଡା. ଲଲାଟେନ୍ଦୁ ମହାପାତ୍ର, ଜିଲା କଂଗ୍ରେସ କମିଟି ସଭାପତି ନଟବର ବାରିକ, ଜିଲା କଂଗ୍ରେସ କମିଟି ପୂର୍ବତନ ସଭାପତି ରବୀନ୍ଦ୍ରନାଥ ମହାନ୍ତି, ଜଗତ୍‌ସିଂହପୁର ପୂର୍ବତନ ଏମ୍‌ପି ପ୍ରାର୍ଥୀନୀ ପ୍ରତିମା ମଲ୍ଲିକ, ତିର୍ତ୍ତୋଲ ବିଧାୟକ ପ୍ରାର୍ଥୀ ଦେବୀପ୍ରସାଦ ମଲ୍ଲିକ, ଜଗତ୍‌ସିଂହପୁର ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ବାଲିକୁଦା-ଏରସମା ନିର୍ବାଚନ ମଣ୍ଡଳୀ ଯୁବନେତା ଇଂ. ନଳିନୀ କୁମାର ସ୍ୱାଇଁ ଓ ରାଜ୍ୟ ଯୁବ କଂଗ୍ରେସ କମିଟି ସମ୍ପାଦକ ସତ୍ୟପ୍ରକାଶ ଦାସ, ବୀରେନ କୁମାର ଦଳେଇ, ସ୍ମୃତି ମନ୍ତ୍ରୀ ଏବଂ ଡ. ସୁଶାନ୍ତ କାନୁନ୍‌ଗୋ ପ୍ରମୁଖ ଯୋଗଦେଇଥିଲେ।

# କେନ୍ଦ୍ରାପଡ଼ା ମୁଖ୍ୟ କେନାଲ ବନ୍ଧ ରାସ୍ତା ମରଣଯନ୍ତା

**ଡେରାବିଶ, ୧।୩(ସ୍ୱ.ପ୍ର.)**

**ମରାମତି ପାଇଁ ଅଞ୍ଚଳବାସୀଙ୍କ ଦାବି**



ଗହଗା-ବସୁପୁର ରାସ୍ତାରେ ହୋଇଥିବା ଖାଲଖମା।

ଡେରାବିଶ ବ୍ଲକ ଅଧୀନ କେନ୍ଦ୍ରାପଡ଼ା ମୁଖ୍ୟ କେନାଲ୍‌ର ନରସିଂହପୁର-ମାହାରାକୂଳ ରାସ୍ତାର ଗହଗାଠାରୁ ବସୁପୁର ଯାଏ ୩ କି.ମି. କେନାଲ ବନ୍ଧ ରାସ୍ତାଟି ମରଣଯନ୍ତା ପାଲଟିଛି। ଏହା ବ୍ଲକ ଅଞ୍ଚଳର ମୁଖ୍ୟ ରାସ୍ତା। ଏହି ରାସ୍ତା ଡେରାବିଶ, ମାର୍ଶାଘାଇ, ଗରଦପୁର ସମେତ ଜିଲା ସଦର ମହକୁମାକୁ ସଂଯୋଗ କରୁଛି। ଏହି ରାସ୍ତା ଦେଇ ପ୍ରତିଦିନ ବହୁ ସଂଖ୍ୟାରେ ଯାନବାହାନ ଚଳାଚଳ କରିଥାଏ। ୨୦୧୫-୧୬ ଆର୍ଥିକ ବର୍ଷରେ କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗ ପକ୍ଷରୁ ରାସ୍ତାଟିକୁ ପିଚୁ କରାଯାଇଥିଲା। ମାତ୍ର ମରାମତି ହେଉ ନ ଥିବାରୁ ରାସ୍ତାରେ ଖାଲଖମା ଭର୍ତ୍ତି ହେବା ସହ ଗୋଡ଼ି ବାହାରିଥିବାରୁ ଯାନବାହାନ ଚଳାଚଳରେ ବ୍ୟାଘାତ ସୃଷ୍ଟି ହେଉଛି। ରାସ୍ତାକୁ ତୁରନ୍ତ ମରାମତି ପାଇଁ ବସପୁର ସରପଞ୍ଚ ଅମୃତରାଜ ବେହେରା, ସମିତିସଭ୍ୟା ସୁନିତା ବଳ ଓ ଦାନପୁର ସରପଞ୍ଚ ବିଭୁଦେନ୍ଦୁ ପଣ୍ଡା ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ବିଷୟରେ କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରବୋଧ କୁମାର ରାଉତଙ୍କୁ ପଚାରିବାରେ ଲୁଣାନଦୀର ଗହଗା ବାଲିଘାଟରୁ ପ୍ରତିଦିନ ଶତାଧିକ ସଂଖ୍ୟାରେ ବାଲି ବୋଝେଇ ହାଇୱା ଯାଉଥିବାରୁ ରାସ୍ତାଟିର ଏଭଳି ଦୂରାବସ୍ଥା ହୋଇଛି। ଖୁବ୍‌ଶୀଘ୍ର ଏହି ରାସ୍ତା ମରାମତି କରିବାକୁ ପଦକ୍ଷେପ ନିଆଯିବ ବୋଲି ସେ କହିଥଲେ।

# ବଢୁଛି ଶବ୍ଦ ପ୍ରଦୂଷଣ, ଲଗାମ ଢିଲା

**ନୟାଗଡ଼ ଅଫିସ, ୧।୩**

**ନିଷିଦ୍ଧାଞ୍ଚଳ, ସାଇଲେନ୍ସ ଜୋନ୍ ଚିହ୍ନଟକୁ ଅଣଦେଖା**

ନୟାଗଡ଼ ଜିଲା ଗଠନର ୨୭ ବର୍ଷରୁ ଉର୍ଦ୍ଧ୍ୱ ବିତି ଯାଇଛି। ହେଲେ ଜିଲା ସଦର ମହକୁମାରେ ସାଇଲେନ୍ସ ଜୋନ୍ ଓ ନିଷିଦ୍ଧାଞ୍ଚଳ ଚିହ୍ନଟ କରାଯାଇ ନାମଫଳକ ଲଗାଯାଇନାହିଁ। ଶବ୍ଦ ପ୍ରଦୂଷଣ ସମ୍ପର୍କରେ ମଧ୍ୟ ଲୋକମାନଙ୍କୁ ସଚେତନ କରାଯାଉନାହିଁ। ଏପରିକି ପ୍ରଶାସନିକ ସ୍ତରରେ ଠିକ୍ ଭାବେ ମନିଟରିଂ ହେଉ ନ ଥିବା ଅଭିଯୋଗ ହେଉଛି।

ନୟାଗଡ଼ ଜିଲା ସଦର ମହକୁମା ସମେତ ପୋଲିସ ଜିଲାରେ ଲଗାମ ନ ଥିବାରୁ ଶବ୍ଦ ପ୍ରଦୂଷଣ କଟକଣା ବାଟବଣା ହୋଇଛି। ଶବ୍ଦର କ୍ଷିପ୍ରତା ମାପିବାକୁ ଯେଉଁ ଯନ୍ତ୍ରର ଆବଶ୍ୟକ ତାହା ଜିଲା ସଦର ମହକୁମାରେ ଥିଲେ ମଧ୍ୟ କାମରେ ଲାଗୁନାହିଁ। ସଚେତନତା ଅଭାବରୁ ଶବ୍ଦ ପ୍ରଦୂଷଣକୁ ରୋକିବା କାଠିକର ପାଠ ହେଉଛି। ସୂଚନାଯୋଗ୍ୟ, ଜିଲାପାଳଙ୍କ କାର୍ଯ୍ୟାଳୟର ରେକର୍ଡ ରୁମ, ଗୋପନୀୟ ବିଭାଗ, ଉପଜିଲାପାଳଙ୍କ କାର୍ଯ୍ୟାଳୟର ଟ୍ରେଜେରି ଓ ରେକର୍ଡ ରୁମ୍ ନିଷିଦ୍ଧାଞ୍ଚଳ। ହେଲେ ଏହାର ସମ୍ମୁଖରେ ମଧ୍ୟ ଶବ୍ଦ ପ୍ରଦୂଷଣ ହେଉଛି। ଅନ୍ୟପକ୍ଷେ ଜିଲା ଓ ବ୍ଲକ ସଦର ମହକୁମା ସମେତ ନୟାଗଡ ମ୍ୟୁନିସିପାଲିଟିରେ ଯାନବାହନ ଚଳାଚଳ ସଂଖ୍ୟା ବୃଦ୍ଧି ସାଙ୍ଗକୁ ଡାକବାଜି ଯନ୍ତ୍ର ଓ ଡିଜେର ଅପବ୍ୟବହାର ଶବ୍ଦ ପ୍ରଦୂଷଣର ପ୍ରମୁଖ କାରଣ ପାଲଟିଛି। ଏଥିଯୋଗୁ ବିଭିନ୍ନ ରୋଗରେ ଆକ୍ରାନ୍ତମାନେ କଷ୍ଟ ଅନୁଭବ କରୁଛନ୍ତି।

ଜିଲା ଗଠନ ପୂର୍ବରୁ ସାଇଲେନ୍ସ ଜୋନ୍‌ରେ ଶବ୍ଦ ପ୍ରଦୂଷଣ ଆଇନର ଉଲ୍ଲଂଘନ ହେଉଥିଲା। ଏବେ ଏହା କମିବା ପରିବର୍ତ୍ତେ ବଢ଼ି ଚାଲିଛି। ଜିଲାପାଳ, ଉପଜିଲାପାଳଙ୍କ କାର୍ଯ୍ୟାଳୟ ଓ ବିଭିନ୍ନ ଶିକ୍ଷାନୁଷ୍ଠାନ ସମ୍ମୁଖ ରାସ୍ତାରେ ଅତ୍ୟଧିକ ବେଗରେ ଯାନବାହନ ଚଳାଚଳ, ପ୍ରେସର ହର୍ନ, ଡାକବାଜି ଯନ୍ତ୍ରର ବ୍ୟବହାର ଚାଲିଛି। ରାତି ୧୦ଟା ପରେ ଉଚ୍ଚ ଶବ୍ଦ ବ୍ୟବହାର ନେଇ ସର୍ବୋଚ୍ଚ ନ୍ୟାୟାଳୟ ବାରଣ ରହିଛି। ହେଲେ ନୟାଗଡ ସଦର ମହକୁମାରେ ଏହାକୁ ଅଣଦେଖା କରାଯାଉଛି। ବିଳମ୍ବିତ ରାତିରେ ସହର ମଧ୍ୟ ନିଷିଦ୍ଧାଞ୍ଚଳ ସମେତ ସାଇଲେନ୍ସ ଜୋନରେ ବିଭିନ୍ନ ଶୋଭାଯାତ୍ରାରେ ଡିଜେ ଯୋଗୁ ଶବ୍ଦ ପ୍ରଦୂଷଣ ହେଉଛି। ଶବ୍ଦ ପ୍ରଦୂଷଣ ରୋକିବାକୁ ପରିବେଶ ବିଭାଗ ପକ୍ଷରୁ ବିଭିନ୍ନ ଜୋନ ଗଠନ ହୋଇଛି। ସେହିପରି ଆଇନ ଉଲ୍ଲଂଘନ ଏକ ଦଣ୍ଡନୀୟ ଅପରାଧ ହୋଇଥିବାବେଳେ ଏଥିପାଇଁ ଦୃଷ୍ଟି ଦେବାକୁ ପୋଲିସକୁ କ୍ଷମତା ପ୍ରଦାନ କରାଯାଇଛି। ସରକାରୀ ନିୟମ ଅନୁଯାୟୀ, ନିଷିଦ୍ଧାଞ୍ଚଳ ଓ ସାଇଲେନ୍ସ ଜୋନ୍‌କୁ ବାଦ୍ ଦେଲେ ଅନ୍ୟ ସ୍ଥାନରେ ଦିନବେଳା ୫୦ ଓ ରାତି ୯ଟାରେ ୪୦ ଡେସିବଲଠାରୁ ଅଧିକ ଶବ୍ଦ ବ୍ୟବହାର ଉପରେ କଟକଣା ରହିଛି। ସେହିପରି ଶିଳ୍ପାଞ୍ଚଳ ଜୋନରେ ୭୫ ଡେସିବଲ ଓ ରାତିରେ ୬୫ ଡେସିବଲ, ବାସଗୃହ ଜୋନରେ ୫୫ ଓ ରାତିରେ ୪୫ ଡେସିବଲଠାରୁ ଅଧିକ ଶବ୍ଦ ବ୍ୟବହାର କଲେ ଦଣ୍ଡବିଧାନ ରହିଛି। ରାତି ୧୦ଟା ପରେ ବିଭିନ୍ନ ଶୋଭାଯାତ୍ରାକୁ ବାରଣ ସତ୍ତ୍ୱେ ଆତସବାଜି ବିସ୍ଫୋରଣ ସାଙ୍ଗକୁ ଡିଜେ, ଡାକବାଜି ଯନ୍ତ୍ର ବ୍ୟବହାର ହେଉଛି। ଫଳରେ ହୃଦ୍‌ରୋଗ, ବଧିରତା, ଉଚ୍ଚ ରକ୍ତଚାପ, ସ୍ନାୟୁଗତ ସମସ୍ୟା ହେବାର ଆଶଙ୍କା ରହିଛି। ଏ ନେଇ କେତେଜଣ ସଚେତନ ନାଗରିକ ପୋଲିସକୁ ଅଭିଯୋଗ କଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଉଥିବା ଅଭିଯୋଗ ହେଉଛି। ଏଥିପ୍ରତି ପ୍ରଶାସନ ଯତ୍ନବାନ ହେବା ସାଙ୍ଗକୁ ଡାକବାଜି ଯନ୍ତ୍ରର ଅନୁମତି ଦେବା ବେଳେ ଶବ୍ଦ ପ୍ରଦୂଷଣ ପ୍ରତି ଗୁରୁତ୍ୱ ଦେବାକୁ ଦାବି ହେଉଛି।

**ଗାଡ଼ି ଧକ୍କାରେ ଯୁବକ ମୃତ**

**ଚଣ୍ଡିଖୋଲ/ବଡ଼ଚଣା,(ଡି.ଏନ.ଏ):** ବଡ଼ଚଣା ଥାନା ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥର ବନ୍ଦାଲୋ ଛକ ନିକଟରେ ଏକ ଗାଡ଼ି ଧକ୍କାରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଧର୍ମଶାଳା ଅନ୍ତର୍ଗତ ଗୌଡ଼ପାଟିଆ ଗ୍ରାମର ପବିତ୍ର ସାମଲ(୨୫)। ପୋଲିସର ସୂଚନା ଅନୁଯାୟୀ ପବିତ୍ର ବନ୍ଦାଲୋ ଛକ ନିକଟରେ ଠିଆ ହୋଇଥିଲା ବେଳେ ଏକ ଗାଡ଼ି ଧକ୍କା ଦେଇ ଫେରାର ହୋଇଥିଲା। ବଡ଼ଚଣା ପୋଲିସ ଏକ ମାମଲା (ନଂ.୮୦/୨୧) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ସଂକ୍ଷେପରେ

### ସାପ ନେଲା ବୃଦ୍ଧଙ୍କ ଜୀବନ

**ବିଞ୍ଝାରପୁର,୧।୩(ଡି.ଏନ.ଏ.):** ସୋମବାର ସକାଳେ ବିଞ୍ଝାରପୁର ବ୍ଲକ କଲ୍ୟାଣପୁର ଗ୍ରାପ ଅଧୀନ ସମଲପୁର ଗ୍ରାମ ବେହେରାସାହିର ପଦିଆ ବେହେରା(୬୬)ଙ୍କ ସାପ କାମୁଡାରେ ମୃତ୍ୟୁ ଘଟିଛି। ପଦିଆ ବିରି ଅମଳ ପାଇଁ ବ୍ୟସ୍ତ ଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡି ଦେଇଥିଲା। ସେ ଏ କଥା ପରିବାର ଲୋକଙ୍କୁ ଜଣାଇଥିଲେ। ତାଙ୍କୁ ତୁରନ୍ତ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ପଦିଆଙ୍କ ମୃତ୍ୟୁ ଘଟିଛି। ବିଷଧର ସାପକୁ ପଦିଆଙ୍କ ଘରୁ ଉଦ୍ଧାର କରାଯାଇ ଅନ୍ୟତ୍ର ଛାଡି ଦିଆଯାଇଛି।

### ଜନଜାତି ଆଦିବାସୀଙ୍କୁ ଜମିପଟ୍ଟା ବଣ୍ଟନ

**କାଳିଆପାଣି,୧।୩(ଡି.ଏନ.ଏ.):** ଜଙ୍ଗଲ ଜମି ଅଧିକାର ଆଇନ ଅନୁଯାୟୀ ସୁକିନ୍ଦା ଖଣି ଅଞ୍ଚଳ କଅଁସ ପଞ୍ଚାୟତର ୧୫୮ ଜଣ ଆଦିବାସୀଙ୍କୁ ଘର ଡ଼ିହ ପଟ୍ଟା ଓ ୧୪ ଜଣଙ୍କୁ ପକ୍କା ଗୃହ ନିର୍ମାଣ ଲାଗି କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। କଅଁସଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ସୁକିନ୍ଦା ବ୍ଲକ ଅଧ୍ୟକ୍ଷା ତଥା ରାଜ୍ୟ ବିଜେଡି ମହିଳା ଉପସଭାପତି ଭଗବତୀ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ସୁକିନ୍ଦା ବିଧାୟକ ଇଂ ପ୍ରୀତିରଞ୍ଜନ ଘଡ଼ାଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ହିତାଧିକାରୀଙ୍କୁ ପଟ୍ଟା ଓ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। କଙ୍କଡ଼ପାଳ ଆରଆଇ ଦିଲ୍ଲୀପ ଚାତାର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସୁକିନ୍ଦ ବ୍ଲକ ଉପାଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ,କଅଁସ ସରପଞ୍ଚ ରବିନ୍ଦ୍ର କୁମାର ସାହୁ , ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନରାୟଣ ଚନ୍ଦ୍ର ଧିର ,ସହ ସମ୍ପାଦକ ଭରତ ମହାନ୍ତ ,ଯୁବନେତା ପ୍ରଭାତ ପଧାନ ପ୍ରମୁଖ ସହଯୋଗ କରିଥିଲେ।

### ବରିଷ୍ଠ ନାଗରିକଙ୍କୁ ଦିଆଗଲା କୋଭିଡ୍ ଟିକା

**ଯାଜପୁର ଟାଉନ,୧।୩ (ଡି.ଏନ.ଏ.):** ସୋମବାରଠାରୁ ବରିଷ୍ଠ ନାଗରିକମାନଙ୍କୁ ପ୍ରଥମ ପର୍ଯ୍ୟାୟରେ କୋଭିଡ୍ ଟିକା ପ୍ରଦାନ କରାଯାଇଛି। ସରକାରଙ୍କ ନିୟମ ଅନୁସାରେ ୬୦ରୁ ଉର୍ଦ୍ଧ୍ୱ ବୟସର ବ୍ୟକ୍ତିମାନଙ୍କୁ ଟିକା ପ୍ରଦାନ କରାଯିବା ଆରମ୍ଭ କରାଯାଇଛି। ଏଥିପାଇଁ ସେମାନଙ୍କୁ ପରିଚୟପତ୍ର ପ୍ରଦାନ କରାଯିବା ସହ ପଞ୍ଜିକୃତ କରାଯିବାର ଆବଶ୍ୟକତା ରହିଛି। ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ୧୧୫ ଜଣ , ସୁକିନ୍ଦା ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦୭ ଜଣ ବରିଷ୍ଠ ନାଗରିକ ଟିକା ନେଇଥିବା ସୂଚନା ମିଳିଛି। ବରିଷ୍ଠ ନାଗରିକଙ୍କ ପାଇଁ କୌଣସି ସମୟସୀମା ଧାର୍ଯ୍ୟ ହୋଇନାହିଁ। ଏହି ଟିକାଦାନ ପ୍ରତିଦିନ ଚାଲିବ ବୋଲି ଜଣାପଡିଛି। ଅତିରିକ୍ତ ଚିକିତ୍ସା ଅଧିକାରୀ ଡା. ଅନୁପନାଥ ଶର୍ମା ସମେତ ସମସ୍ତ କର୍ମଚାରୀମାନେ ଏହି ଟିକାଦାନ ସମୟରେ ଉପସ୍ଥିତ ଥିଲେ।

### ଦିବ୍ୟାଙ୍ଗଙ୍କୁ ମିଳିଲା ୩ ଚକିଆ ଗାଡ଼ି

**ବରୀ,୧।୩(ଡି.ଏନ.ଏ.):** ବରୀ ବ୍ଲକ ଅଧୀନ କିମ୍ପୀରିଆପାଳ ପଞ୍ଚାୟତ ଭଳି ନୂଆଗାଁ ଗ୍ରାମର କୃପାସିନ୍ଧୁ ପଣ୍ଡା (୭୩) ଜଣେ ଦିବ୍ୟାଙ୍ଗ। ତାଙ୍କୁ ଏକ ୩ ଚକିଆ ଦିବ୍ୟାଙ୍ଗ ଗାଡ଼ି ଯୋଗାଇ ଦେବାକୁ ବ୍ଲକ୍ ପ୍ରଶାସନକୁ ନିବେଦନ କରିଥିଲେ। ହେଲେ ତାଙ୍କୁ ସେହି ଗାଡ଼ି ମିଳି ନ ଥିଲା। ଗତ କିଛିଦିନ ତଳେ ବରୀ ବିଧାୟିକା ସୁନନ୍ଦା ଦାସ କିମ୍ପୀରିଆପାଳ ପଞ୍ଚାୟତକୁ ଆସିଥିଲେ। କୃପାସିନ୍ଧୁ ତାଙ୍କୁ ମଧ୍ୟ ସେହି ଗାଡ଼ି ପାଇଁ ଅନୁରୋଧ କରିଥିଲେ। ବିଧାୟିକାଙ୍କ ସୁପାରିଶ କ୍ରମେ ସୋମବାର ବରୀ ବ୍ଲକ୍ ପ୍ରଶାସନ ତରଫରୁ ତାଙ୍କୁ ସେହି ଗାଡି ଯୋଗାଇ ଦିଆଯାଇଛି। ବିଡ଼ିଓ ଶିବାନନ୍ଦ ସ୍ୱାଇଁ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ମନୋରଞ୍ଜନ ସେଠୀ, ମନୋଜ କୁମାର ସାହୁଙ୍କ ଉପସ୍ଥିତିରେ ତାଙ୍କୁ ସେହି ଗାଡ଼ି ପ୍ରଦାନ କରାଯାଇଛି।

### ଚୋରା ବାଲି ଗାଡ଼ି ଜବତ

**ପାଣିକୋଇଲି, ୧।୩ (ଡି.ଏନ.ଏ.):** ପାଣିକୋଇଲି ପୋଲିସ କରଦା ରାଣିଗୋଡ଼ା ଛକରେ ସୋମବାର ପାଟ୍ରୋଲିଂ ସମୟରେ ଏକ ଚୋରା ବାଲି ଟିପ୍ପର ଧରିବାରେ ସକ୍ଷମ ହୋଇଛି। ବୈତରଣୀରୋଡ୍ ଷଠିପୁର ରାସ୍ତାରେ ଆସୁଥିବା ଏକ ବାଲି ବୋଝେଇ ଟିପ୍ପର(ଓଆର୦୯ଜେ୫୦୫୪)କୁ ପୋଲିସ ଦ୍ୱାରା ଯାଞ୍ଚ କରାଯାଇଥିଲା। ଗାଡିର କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ତାହାକୁ ଥାନାକୁ ଅଣାଯାଇଥିଲା। ଏନେଇ ଏକ ମାମଲା (ନଂ ୭୫/୨୧) ରୁଜୁ କରାଯାଇଛି। ଗାଡି ଜବତ କରାଯିବା ସହ ଡ୍ରାଇଭରଙ୍କୁ ଗିରଫ କରାଯାଇଛି।

# ବଢ଼ୁଛି ତାପମାତ୍ରା, ଶୁଖିଲାଣି ଜଳାଶୟ

**ଜଗତ୍‌ସିଂହପୁର ଅଫିସ, ୧।୩**

## ପୁନରୁଦ୍ଧାର ହେଉନାହିଁ, ଜବରଦଖଲ ବଢ଼ୁଛି

ଶୀତ ପରେ ଏବେ ଗ୍ରୀଷ୍ମପ୍ରବାହ ଅସହ୍ୟ ହେଲାଣି। ଆଗକୁ ଏହି ପରିସ୍ଥିତି ଜଟିଳ ରୂପ ନେବା ଆଶଙ୍କା କରାଯାଉଛି। ଏଭଳିସ୍ଥିତିରେ ଜଗତ୍‌ସିଂହପୁର ସହରର ଏକାଧିକ ଜଳାଶୟ ଶୁଖିଲା ରହିବା ସହ କିଛି ପୋତି ହୋଇଯାଇଛି। ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ଥିବାରୁ ଆଉ ଅଳ୍ପ ଦିନ ଭିତରେ ଅଧିକ ଜଳାଶୟ ଶୁଖିଯିବାର ଆଶଙ୍କା ରହିଛି। ଫଳରେ ଜଳ ସଙ୍କଟ ଚିନ୍ତା ଲୋକଙ୍କୁ ଘାରିବାରେ ଲାଗିଛି।

ଜଗତ୍‌ସିଂହପୁର ସହର ୱାର୍ଡ ସଂଖ୍ୟା ୩ ଅନ୍ତର୍ଗତ ଗୋପାଳସାଗର ଗାଁ ଜଳାଶୟ, ୫ନଂ ୱାର୍ଡ ମାଧପୁର ଏବଂ ନୂଆବାଗ ଭୋଗସାହିଠାରେ ରାଧାମାଧବ ଜୀଉ ନାମରେ ଥିବା ୨ଟି ଜଳାଶୟ, ତହସିଲ ଅଧୀନ ଦେଉଳି ଗ୍ରାମେଶ୍ୱର ରାଢ଼ିଆଣୀ ମନ୍ଦିର ଓ ବାରିକସାହି ଜଳାଶୟ ଶୁଖିଯାଇଥିବାବେଳେ ପୁନରୁଦ୍ଧାର କରାଯାଉନାହିଁ। ସେହିପରି ୱାର୍ଡ ୨ ଅନ୍ତର୍ଗତ ବଡ଼ବାଗ ସର୍ବାଙ୍ଗସୁନ୍ଦରୀଙ୍କ ମନ୍ଦିର ଏବଂ ମୁଚୁକୁନ୍ଦ ସୋମନାଥ ମନ୍ଦିର ନିକଟରେ ଥିବା ପୋଖରୀ ମଧ ପୋତି ହୋଇଗଲାଣି। କେବଳ ମାଛଗାଁ–କନ୍ଦରପୁର ରାସ୍ତାର ଗୋପାଳସାଗର ରାସ୍ତା ପାର୍ଶ୍ୱ ପାଖାପାଖି ୪୦ ଡେସିମିଲ ଜମିରେ ଥିବା ବଡ ଜଳାଶୟଟି ଭଲ ସ୍ଥିତିରେ ରହିଛି। ମାତ୍ର ତାପମାତ୍ରା ବଢ଼ିଲେ ଏହାର କିଛିକାଂଶ ଶୁଖିଯିବାର ଆଶଙ୍କା ରହିଛି। ଏସବୁର ପୁନରୁଦ୍ଧାର ସହ ପାର୍ଶ୍ୱରେ ପ୍ରାଚୀର ଆଦି କରାଯିବା ଆବଶ୍ୟକ। ମାତ୍ର ଏଥିପ୍ରତି ଦୃଷ୍ଟି ଦିଆଯାଉନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରି କି ଭବିଷ୍ୟତରେ ଲୋକଙ୍କ ମନୋରଞ୍ଜନ ପାଇଁ ବୋଟିଂ ସୁବିଧା ଆଦି କରାଗଲେ ଭଲ ହେବ ବୋଲି ଅନେକେ ମତ ଦେଇଛନ୍ତି। ଏହାବାଦ୍ ଏକାଧିକ ଜଳାଶୟ ରହିଛି, ଯାହାର ପୁନରୁଦ୍ଧାର ନ ହୋଇ ପୋତି ହୋଇଗଲାଣି। କେତେକ ବେସରକାରୀ ଜଳାଶୟରେ ଅଟ୍ଟାଳିକା ତିଆରି ହୋଇଗଲାଣି। ସହରାଞ୍ଚଳ ଛାପରେ ଜଳାଶୟଗୁଡିକର ସ୍ଥିତି ହଜିଯାଉଛି। କିନ୍ତୁ ଏବେ ଯେତୋଟି ଅଛି, ତାର ପୁନରୁଦ୍ଧାର ନ ହେଲେ ଆଗକୁ ସହରରେ ଜଳ ସଙ୍କଟ ସମସ୍ୟା ଜଟିଳ ହେବା ଆଶଙ୍କା ରହିଛି।

ଏ ସମ୍ପର୍କରେ ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ କୁହାଯାଇଛି, ଅତୀତରେ ୩ଟି ଜଳାଶୟ ପୁନରୁଦ୍ଧାର ପାଇଁ ନିଷ୍ପତ୍ତି ହୋଇଥିଲା। ସେଥିମଧ୍ୟରୁ ୱାର୍ଡ ସଂଖ୍ୟା ୫ ଅନ୍ତର୍ଗତ ଲାଲା ସାହିରେ ଥିବା ରାଧାମାଧବଜୀଉଙ୍କ ଜଳାଶୟ ଅନ୍ୟତମ। ପୂର୍ବରୁ ଏହାର ୨ ପାର୍ଶ୍ୱରେ ପ୍ୟାକିଂ ଏବଂ ପ୍ରାଚୀର କରାଯାଇଛି। ରାସ୍ତା ପଟୁ ୨ ପାର୍ଶ୍ୱରେ ପାହାଚ ମଧ ହୋଇଛି। ଭବିଷ୍ୟତରେ ଲୋକଙ୍କ ମନୋରଞ୍ଜନକୁ ଦୃଷ୍ଟିରେ ରଖି ଉକ୍ତ ଜଳାଶୟରେ ବୋଟିଂ ସୁବିଧା କରିବାକୁ ମଧ ଚିନ୍ତା କରାଯାଇଛି। କେବଳ ଏତିକି ନୁହେଁ, ଏହା ଚାରିପଟେ ପାର୍କ, ଆଲୋକୀକରଣ ଆଦି ବ୍ୟବସ୍ଥା କରାଯିବା ପାଇଁ ଆଲୋଚନା ହେଉଛି। ସେହିପରି ୱାର୍ଡ ସଂଖ୍ୟା ୨୧ ସିପି ଗ୍ରାମ ନିକଟରେ ଥିବା ବିଦେହିପୋଖରୀ ପୁନରୁଦ୍ଧାର ପାଇଁ ବ୍ୟବସ୍ଥା ହେଉଥିଲେ ସୁଦ୍ଧା ଜବରଦଖଲ ସମସ୍ୟା ସୃଷ୍ଟି କରିଛି। ୱାର୍ଡ ୮ରେ ଥିବା ବୁଢ଼ିପୋଖରୀ ଚାରିପଟେ ପାଚେରି ଓ ସ୍ନାନ ପାଇଁ ପାହାଚ କରିବାକୁ ଚିନ୍ତା କରାଯାଉଛି। ମାତ୍ର ପୁନରୁଦ୍ଧାର ନେଇ ସମସ୍ୟା ରହିଛି। ମୋଟାମୋଟି ଭାବେ ଅନୁଦାନକୁ ଦେଖି ପର୍ଯ୍ୟାୟକ୍ରମେ ଜଳାଶୟ ପୁନରୁଦ୍ଧାର ପାଇଁ ପଦକ୍ଷେପ ନିଆଯାଉଥିବା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।

# ସାଇକେଲ ଚଳାଇ ଇନ୍ଧନ ବଞ୍ଚାନ୍ତୁ



ବ୍ୟାସନଗର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବାହାରିଥିବା ସାଇକେଲ ଶୋଭାଯାତ୍ରା।

**ଯାଜପୁର ରୋଡ,୧।୩ (ଡି.ଏନ.ଏ.)**

## ଶୋଭାଯାତ୍ରା, ପଥପ୍ରାନ୍ତ ସଭାରେ ସଚେତନତା ସୃଷ୍ଟି

ପ୍ରତିଦିନ ସାଇକେଲ ଚଲାଇ ନିଜେ ସୁସ୍ଥ ରହିବା ସହ ଇନ୍ଧନ ବଞ୍ଚାନ୍ତୁ ଓ ପରିବେଶ ସୁରକ୍ଷା ରଖନ୍ତୁ ବୋଲି ବ୍ୟାସନଗର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସୋମବାର ଆୟୋଜିତ ସାଇକେଲ ଶୋଭାଯାତ୍ରାରେ ସହରବାସୀଙ୍କୁ ସଚେତନ କରାଯାଇଛି। ଯୁବକ, ଛାତ୍ର, ମହିଳାପୁରୁଷ, ବରିଷ୍ଠ ଓ କନିଷ୍ଠଙ୍କ ସମେତ ସବୁବର୍ଗର ଲୋକେ ଏହାକୁ ଆପଣାଇବାକୁ ମଞ୍ଚର ସଦସସ୍ୟମାନେ ଆହ୍ୱାନ ଦେଇଛନ୍ତି। ବୟସର ଅପରାହ୍ନରେ ଏମାନେ ପ୍ରତିଦିନ ସକାଳେ ପ୍ରାତଃ ଭ୍ରମଣ, ଯୋଗାଭ୍ୟାସ, ଆଧ୍ୟାତ୍ମିକ ଆଲୋଚନା କରିବା ସହ ସାଇକେଲ ଚାଳନା କରି ନିଜକୁ ବେଶ ନିରୋଗୀ ଅନୁଭବ କରୁଥିବା ମତ ଦେଇଛନ୍ତି। ସାଇକେଲ ଚାଳନାରେ ମାତ୍ର ୧ ଘଣ୍ଟା ସମୟ ଦେଲେ ଦିନତମାମ ନିଜକୁ ବେଶ ଖୁସି ଅନୁଭବ କରିବା ସହ ମାନସିକ, ଶାରୀରିକ ବିକାଶ ହେବ ବୋଲି ଏମାନେ ମତବ୍ୟକ୍ତ କରିଛନ୍ତି। ମଞ୍ଚ କାର୍ଯ୍ୟାଳୟ ନିକଟରୁ ସମ୍ପାଦକ ଚନ୍ଦ୍ରମଣି ସାମଲଙ୍କ ନେତୃତ୍ୱରେ ସାଇକେଲ ଶୋଭାଯାତ୍ରାକୁ ଚିନ୍ତାମଣି ପାଢ଼ୀ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଶୋଭାଯାତ୍ରା ଏଠାରୁ ବାହାରି ସହର ପରିକ୍ରମା କରି ଗୋପବନ୍ଧୁ ଛକ ନିକଟରେ ପହଞ୍ଚି ଥିଲା। ସେଠାରେ ଶହୀଦ୍ ଭଗତ ସିଂ ଯୁବକ ସଂଘ ପକ୍ଷରୁ ସମସ୍ତ ବରିଷ୍ଠ ନାଗରିକଙ୍କୁ ସ୍ୱାଗତ କରାଯିବା ପରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଉପେନ୍ଦ୍ରନାଥ ମହାନ୍ତି, ସାମାଜିକ କର୍ମୀ ପ୍ରଫୁଲ୍ଲ କୁମାର ନାୟକ, ଘନଶ୍ୟାମ ରାଉତ, ଗଗନ ବିହାରୀ ସିଂହ, ଶଙ୍କର୍ଷଣ ସାହୁ, ଅବସରପ୍ରାପ୍ତ ଶିକ୍ଷକ ଅଶ୍ୱିନୀ କୁମାର ସାହୁ, ଉତ୍ତମ ମହାନ୍ତି, ଭାଗ୍ୟଧର କର, ଯୁଧିଷ୍ଠିର ମଲ୍ଲିକ, ଲକ୍ଷ୍ମଣ ଚରଣ ରଣା, ଦୀପକ ମଳିକ, ବିଷ୍ଣୁଚରଣ ଓଝା, ଭଗତ୍ ସିଂ ଯୁବକ ସଂଘର ସଭାପତି ରାଜେନ୍ଦ୍ର ବିଶ୍ୱାଳ, ସମ୍ପାଦକ ହେମନ୍ତ ଧୀର, ବଉଳଫୁଲ ସମ୍ପାଦିକା ବ୍ରଜେଶ୍ୱରୀ ସିଂ ପ୍ରମୁଖ ଉପସ୍ଥିତ ରହଥିଲେ। ସେମାନେ ନିଜ ବକ୍ତବ୍ୟରେ ସାଇକେଲ ଚାଳନାର ଉପକାରିତା ଉପରେ ଆଲୋକପାତ କରିଥିଲେ।

## ମହାବିନାୟକଙ୍କ ଦର୍ଶନ ଆଶା ପୂରଣ ହେଲାନି

### ଦୁର୍ଘଟଣାରେ ଅବସରପ୍ରାପ୍ତ ଶିକ୍ଷକଙ୍କ ମୃତ୍ୟୁ

**ଚଣ୍ଡିଖୋଲ,୧।୩(ଡି.ଏନ.ଏ.)**

ବଡ଼ଚଣା ଥାନା ଅଧୀନ ଚଣ୍ଡିଖୋଲ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ନିକଟ ବଡ଼ଚଣା–ଦର୍ପଣ ରାସ୍ତାରେ ସୋମବାର ଦୁର୍ଘଟଣା ଘଟି ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଡ଼ଚଣା ଥାନା ଅନ୍ତର୍ଗତ ଶାସନପୁରୁଷୋତ୍ତମପୁର ଗ୍ରାମର ନଳିନୀକାନ୍ତ ମିଶ୍ର(୭୧)। ସେ ସୋମବାର ଦିନ ୧୧ଟା ବେଳେ ମହାବିନାୟକଙ୍କ ଦର୍ଶନ ଲାଗି ନିଜ ମଟରସାଇକେଲରେ ଯାଉଥିଲେ। ଦର୍ପଣୀ ଆଡୁ ଆସୁଥିବା ଅନ୍ୟ ଏକ ମଟର ସାଇକେଲ ପୂର୍ତ୍ତ ବିଭାଗ ଡ଼ାକ ବଙ୍ଗଳା ସମ୍ମୁଖରେ ତାଙ୍କୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ମିଶ୍ରଙ୍କ ମୃତ୍ୟୁ ଘଟିଥିଲା। ଧକ୍କା ଦେଇଥିବା ଗାଡ଼ି ଚାଳକ ଆହତ ହୋଇଥିଲେ। ହେଲେ ସେ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ବଡ଼ଚଣା ପୋଲିସ ମୃତଦେହ ଜବତ କରିଛି। ଏ ନେଇ ଏକ ମାମଲା(ନଂ. ୮୧/୨୧) ରୁଜୁ ହୋଇଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

# ଲୁଣାପାଣି ଯୋଗୁ ଧାନଫସଲ ଉଜୁଡ଼ିଲା



ଚାଷୀମାନେ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଯାଉଛନ୍ତି।

**ଯାଜପୁର ଟାଉନ,୧।୩(ଡି.ଏନ.ଏ.)**

## ଜିଲାପାଳଙ୍କୁ ଦାବିପତ୍ର ଦେଲେ ଚାଷୀ

ଚାଷ ଜମିରେ ଲୁଣାପାଣି ମାଡିଯିବାରୁ ଡ଼ାଲୁଆ ଧାନ ଫସଲ ଉଜୁଡି ଯାଇଛି। ମୁଣ୍ଡରେ ହାତ ଦେଇ ବସିଛନ୍ତି ଚାଷୀ। ଏହାକୁ ନେଇ ୭ ପଞ୍ଚାୟତର ଚାଷୀମାନେ ସୋମବାର ପୂର୍ବାହ୍ନରେ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ ସହିତ ଏହି ସମସ୍ୟାର ସମାଧାନ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, କଯାଁ, କମାରଡିହ, ଖାନନଗର, ନିଜମାପୁର , ଦଉପୁର, ଥାଲକୁଡି ଓ ଦୁଦୁରାଅଣ୍ଟା ଗ୍ରାମର ଚାଷୀମାନେ ମୁଖ୍ୟତଃ ଡ଼ାଲୁଅ ଧାନ ଉପରେ ନିର୍ଭର କରିଥାନ୍ତି। ବୈତରଣୀ ନଦୀରେ ଆସୁଥିବା ଜୁଆର ପାଣିକୁ ପମ୍ପ ମାଧ୍ୟମରେ ଉଠାଇ ଜଳସେଚନ କରାଯାଇଥାଏ। ବର୍ତ୍ତମାନ ପରିସ୍ଥିତିରେ ସେହି ପାଣି ଲୁଣି ହୋଇଯାଇଛି। ସେଥିରେ ଜଳସେଚନ କରାଯାଉଥିବାରୁ ଫସଲ ନଷ୍ଟ ହୋଇଯାଉଛି। ଗତ ଖରିଫ ଫସଲ ବି ଲୁଣିପାଣି ଯୋଗୁ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିଲା। ଚାଷୀକୂଳ ସର୍ବସ୍ୱାନ୍ତ ହୋଇଯାଇଥିଲେ। ଚଳିତ ରବି ଫସଲ ଉପରେ ଏଠାକାର ଚାଷୀକୂଳ ନିର୍ଭରଶୀଳ। ବର୍ତ୍ତମାନ ବୈତରଣୀ ନଦୀର ତଳମୁଣ୍ଡ ଜଳ ସମ୍ପୂର୍ଣ୍ଣ ଲୁଣି ହୋଇଯାଇଛି। ଏ ସମ୍ପର୍କରେ ଚାଷୀମାନେ ଜିଲାପାଳଙ୍କୁ ଜଣାଇବା ସହ ଏଥିରେ ସୁଧାର ନ ଆସିଲେ ଚାଷୀମାନେ ଆତ୍ମହତ୍ୟା କରିବା ଛଡା ଅନ୍ୟ ଉପାୟ ନାହିଁ ବୋଲି କହିଛନ୍ତି। ରୁଢ଼ିଆଠାରେ ଥିବା ଆନିକଟ୍ ଗେଟ୍ ବନ୍ଦ କରି ଆଖୁଆପଦାରୁ ପାଣି ଛାଡିଲେ ଧାନଫସଲ ବଞ୍ଚିଯିବ ବୋଲି ଚାଷୀମାନେ କହିଛନ୍ତି। ଏହି ସମସ୍ୟା ସମାଧାନ ନ କରାଗଲେ ଆଗାମୀ ଦିନରେ ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

# ୬୦ଲକ୍ଷ ଟଙ୍କା ହଡ଼ପ, ଫେରାର ଅଭିଯୁକ୍ତ ଗିରଫ

**ଧର୍ମଶାଳା,୧।୩ (ଡି.ଏନ.ଏ.)**

ଜଣେ ବ୍ୟବସାୟୀଙ୍କଠାରୁ ୬୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହଡପ କରି ଫେରାରା ଥିବା ଜଣେ ଯୁବକଙ୍କୁ ଧର୍ମଶାଳା ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ବିହାର ବକ୍ସର ଅଞ୍ଚଳର ବିନୟ କୁମାର ସିଂ(୩୮)। ସୂଚନା ଅନୁଯାୟୀ, ଧର୍ମଶାଳା ଥାନା ଅଞ୍ଚଳରେ ଗତ ବର୍ଷ ଏକ ଘରୋଇ କାରଖାନାରେ ଏଲଏଣ୍ଡଟି ଜରିଆରେ ବିନୟ ଫେବ୍ରିକେଶନ କାମ କରୁଥିଲେ। ଏହି ସମୟରେ ସେ କଟକରେ ଥିବା ରିୟାଜ ଅହମ୍ମଦଙ୍କଠାରୁ ୮୪ ଲକ୍ଷ ୪୩ ହଜାର ୪ଶହ ଟଙ୍କାର ସାମଗ୍ରୀ ଆଣିଥିଲେ। ଏ ବାବଦକୁ ସେ ସମ୍ପୃକ୍ତ ବ୍ୟବସାୟୀଙ୍କୁ ମାତ୍ର ୨୪ ଲକ୍ଷ ଟଙ୍କା ଦେଇଥିଲେ। ବିଲ୍ ଆସିଲେ ସବୁ ବାକି ଟଙ୍କା ଦେଇ ଦେବେ ବୋଲି କହିଥିଲେ। କାମ ସରିବା ପରେ ଏଲଏଣ୍ଡଟିଠାରୁ ବିନୟ ୯୮ ଲକ୍ଷ ଟଙ୍କା ପାଇଥିଲେ। ହେଲେ ସେ ରିୟାଜଙ୍କୁ ବାକି ଟଙ୍କା ନ ଦେଇ ଫେରାର ହୋଇଯାଇଥିଲେ। ବାକି ରହିଥିବା ୬୦ ଲକ୍ଷ ୪୩ ହଜାର ୪ଶହ ଟଙ୍କା ପାଇବା ପାଇଁ ରିୟାଜ ବହୁ ଚେଷ୍ଟା କରି ବିଫଳ ହେବା ପରେ ପୋଲିସର ଦ୍ୱାରସ୍ଥ ହୋଇଥିଲେ। ଧର୍ମଶାଳା ଥାନା ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୨୧୭/୨୦) ରୁଜୁ କରି ତଦନ୍ତ ଚଳାଇଥିଲା। ଫେରାର ବିନୟଙ୍କୁ ଖୋଜିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ବିଫଳ ହୋଇଥିଲା। ସେ ଆନ୍ଧ୍ରପ୍ରଦେଶରେ ରହୁଥିବା ସୂଚନା ମିଳିବା ପରେ ପୋଲିସ କ୍ରିଷ୍ଣା ଜିଲା ଚିଲାକୁଲୁ ଅଞ୍ଚଳରୁ ତାଙ୍କୁ ଧରି ଆଣି ଥାନାରେ ପଚରା ଉଚରା କରିଥିଲା। ସୋମବାର ତାଙ୍କୁ ଗିରଫ ଦର୍ଶାଇ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ସରୋଜ କୁମାର ସାହୁ କହିଛନ୍ତି।

# କ୍ରିକେଟ: ନୂଆପଡ଼ା ଚାମ୍ପିୟନ

**ରାହାମା,୧।୩ (ଡି.ଏନ୍.ଏ.)**

କୁଜଙ୍ଗ ବ୍ଲକ ବଡ଼ବାଲିକଣି ପଞ୍ଚାୟତ ଅଧୀନ ସାନବାଲିକଣି ଗ୍ରାମରେ ଆଜାଦ ହିନ୍ଦ୍ କ୍ଲବ ଦ୍ୱାରା ଆୟୋଜିତ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଗୋରେଖ ସ୍ପୋର୍ଟିଂ କ୍ରିକେଟ କ୍ଲବ ନୂଆପଡା ଓ ଥ୍ରୀଷ୍ଟାର କ୍ରିକେଟ କ୍ଲବ ଦେଓକରି ମଧ୍ୟରେ ହୋଇଥିଲା। ଥ୍ରୀଷ୍ଟାର କ୍ରିକେଟ କ୍ଲବ ନିର୍ଦ୍ଧାରିତ ୧୫ ଓଭରରେ ୧୧୮ ରନ୍ ସଂଗ୍ରହ କରିଥିଲା। ଗୋରୋଖ ସ୍ପୋର୍ଟିଂ ୧୪.୪ ଓଭରରେ ୯ ଉଇକେଟରେ ୧୨୪ ରନ୍ କରି ବିଜୟୀ ହୋଇଥିଲା। ମୁଖ୍ୟଅତିଥି ପ୍ରମୋଦ କିଶୋର ଜେନା, ସମ୍ମାନିତ ଅତିଥି ଶ୍ରୀକାନ୍ତ ଦାସ, ବିପିନ ବିଶ୍ୱାଳ, ଚନ୍ଦ୍ରକାନ୍ତ ବାରିକ ଯୋଗଦେଇ ଟ୍ରଫି ଓ ନଗଦ ଟଙ୍କା ପ୍ରଦାନ କରିଥିଲେ।

# ରାଜକିଶୋର ମହାରଣା ସମ୍ମାନ ପ୍ରଦାନ ଉତ୍ସବ

**ରସୁଲପୁର,୧।୩(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅଧୀନ ସାମନ୍ତରାପୁର ପଞ୍ଚାୟତ କୁଲୁଗାଁ ଗୋପୀନାଥଜୀଉ ନୋଡାଲ ଉ.ପ୍ରା. ବିଦ୍ୟାଳୟ ପରିସରରେ ସ୍ୱର୍ଗତ ରାଜକିଶୋର ମହାରଣା ତୃତୀୟ ବାର୍ଷିକୀ ସମ୍ମାନ ପ୍ରଦାନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ସ୍ମୃତି କମିଟିର ସଭାପତି ଶ୍ରୀଧର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ପୂର୍ବତନ ଜିଲା ଜଜ୍ ଗୟାଧର ପଣ୍ଡା ମୁଖ୍ୟଅତିଥି, ପୂର୍ବତନ ପ୍ରଧାପକ ମନୋରଞ୍ଜନ ମହାନ୍ତି ମୁଖ୍ୟବକ୍ତା, ଆଇନଜୀବୀ ରାମଚନ୍ଦ୍ର ରାଏ, ଜିଲାପରିଷଦ ସଦସ୍ୟ ଚର୍ତୁଭୁଜ ଦ୍ୱିବେଦୀ, ପ୍ରହ୍ଲାଦ ପଣ୍ଡା, ବଟକୃଷ୍ଣ ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ମହାରଣା ଜଣେ ସମାଜବାଦୀ ନେତା ଥିଲେ। ସମାଜକୁ ସୁ-ପଥରେ ନେବା ଦିଗରେ ଜୀବନ ବ୍ୟାପୀ ପ୍ରୟାସ ଜାରି ରଖିଥିଲେ। ତାଙ୍କ ନୀତି ଆଦର୍ଶରେ ଯୁବକ ପୀଢ଼ି ଅନୁପ୍ରାଣିତ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। କମିଟିର ସମ୍ପାଦକ କାଳନ୍ଦୀ କଣ୍ଡ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସହ–ସମ୍ପାଦକ ସୁଶାନ୍ତ ମହାରଣା ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରସ୍ତର ଶିଳ୍ପୀ ମହେଶ୍ୱର ଓଝା, ଶିକ୍ଷାବିତ୍ ବୈରାଗୀ ଚରଣ ଘଡାଇ, ଶିକ୍ଷକ ପଣ୍ଡିତ ଯୋଗିନ୍ଦ୍ର ପଣ୍ଡା, ସାମାଜିକ କର୍ମୀ କାହ୍ନୁଚରଣ ଦାଶ ପ୍ରମୁଖଙ୍କୁ କମିଟି ପକ୍ଷରୁ ରାଜକିଶୋର ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶିକ୍ଷକ ବିଜୟାନନ୍ଦକର ଧନ୍ୟବାଦ ଅର୍ପଣ କରିଥିଲେ।



ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ମାନୀତ କରାଯାଉଛି।

# ଆଦର୍ଶ ଶିକ୍ଷକଙ୍କ ପରଲୋକ

**ବରୀ,୧।୩(ଡି.ଏନ.ଏ.)**

ସ୍ଥାନୀୟ କାଇପଡା–କଳାମାଟିଆ ଅଞ୍ଚଳର ଆଦର୍ଶଶିକ୍ଷକ ନରହରି ରାୟଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୯୫ ବର୍ଷ ବୟସ ହୋଇଥିଲା। ସ୍ଥାନୀୟ ଇସ୍ମାଇଲପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଶିକ୍ଷକତା ଜୀବନ ଆରମ୍ଭ କରିଥିବା ନରହରି ସାର ସେହି ବିଦ୍ୟାଳୟରୁ ହିଁ ଅବସର ଗ୍ରହଣ କରିଥିଲେ। ଜଣେ ଛାତ୍ରବତ୍ସଳ ଓ ସ୍ନେହି ଶିକ୍ଷକ ଭାବେ ସେ ବହୁ ମେଧାବୀ ଛାତ୍ରୀଛାତ୍ର ସୃଷ୍ଟି କରିପାରିଥିଲେ। ପୁରାତନ ଛାତ୍ରୀଛାତ୍ର, ଶୁଭେଚ୍ଛୁ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ବିଧାୟିକାଙ୍କ ପ୍ରତିନିଧି ଦେବେନ୍ଦ୍ର ଦାସ, ସରପଞ୍ଚ ସମୀର ମଳିକ ସାମାଜିକ କର୍ମୀ ବିଶ୍ୱନାଥ ତ୍ରିପାଠୀ, ଶିକ୍ଷକ ପର୍ଶୁରାମ ପରିଡା ପ୍ରମୁଖ ଶୋକପ୍ରକାଶ କରିଛନ୍ତି।

# ୨୪ ବରିଷ୍ଠ ନାଗରିକ ନେଲେ କରୋନା ଟିକା



**ରାଜନଗର, ୧।୩ (ଡି.ଏନ.ଏ.)**

ରାଜନଗର ବ୍ଲକରେ ବରିଷ୍ଠ ନାଗରିକଙ୍କୁ କୋଭିଡ ଟିକା ଦିଆଯିବା ରବିବାରଠାରୁ ଆରମ୍ଭ ହୋଇଛି। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଙ୍ଗରାଜପୁର ଗାଁର ବାନାମ୍ବର ରାଉତଙ୍କୁ ପ୍ରଥମ ଟିକା ଦିଆଯାଇଥିଲା। ପରେ ରାଜନଗର, ତରପଦା, ଗୋପାଳପୁର, ଫିଙ୍ଗିଦାଣ୍ଡି, ମଙ୍ଗରାଜପୁର ଗାଁରୁ ୪ ମହିଳା ଓ ୨୦ ଜଣ ବୃଦ୍ଧଙ୍କୁ ଏହି ଟିକା ପ୍ରଦାନ କରାଯାଇଛି। ଟିକାକରଣ କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମିରଞ୍ଜନ ମହାନ୍ତି, ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ଡା. ଟିଟି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ୩ଜଣ ଆଗଧାଡିର କୋଭିଡ ଯୋଦ୍ଧା ଓ ସ୍ୱାସ୍ଥ୍ୟ ବିଭାଗର ୪୨ କର୍ମଚାରୀଙ୍କୁ ଦ୍ୱିତୀୟ ଡୋଜ ଟିକା ଦିଆଯାଇଛି।

# ଜମି ଅଧିଗ୍ରହଣକୁ ନେଇ ବଢ଼ୁଛି ଅସନ୍ତୋଷ

**କଳିଙ୍ଗନଗର,୧।୩(ଡି.ଏନ.ଏ.)**

## ରେଙ୍ଗାଲୀ ଜଳସେଚନ ପ୍ରକଳ୍ପ

ଯାଜପୁର ଜିଲା ଦାନଗଦୀ ବ୍ଲକ ଅନ୍ତର୍ଗତ ଶାଳିଜଙ୍ଗା ପଞ୍ଚାୟତରେ ରେଙ୍ଗାଲୀ ଜଳସେଚନ ପ୍ରକଳ୍ପ ନିମନ୍ତେ ୨୦୧୧ରୁ ଜମି ଅଧିଗ୍ରହଣ କରାଯାଇଥିଲା। ହେଲେ ଏଯାବତ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଶାଳିଜଙ୍ଗା ମୌଜାରୁ ଗତ ୧୦ ବର୍ଷ ତଳେ ଅଧିଗ୍ରହଣ କରାଯାଇଥିବା ଜମିର ମୂଲ୍ୟ ଏବଂ ସେହି ଜମିରେ ଥିବା ବୃକ୍ଷ ଓ ଅନ୍ୟାନ୍ୟ ସାମଗ୍ରୀକୁ ଆକଳନ କରି ଚାଷୀଙ୍କୁ କ୍ଷତିପୂରଣ ମିଳିବା କଥା। କିନ୍ତୁ ସେହି ଜମିର ମୂଲ୍ୟାୟନ ଠିକ୍ ଭାବେ କରାଯାଇନାହିଁ। କେବଳ ଜମିର ମୂଲ୍ୟ ଧାର୍ଯ୍ୟ କରାଯାଇଛି। ତାର ଚୂଡାନ୍ତ କ୍ଷତିପୂରଣ ରେଙ୍ଗାଲୀ କର୍ତ୍ତୃପକ୍ଷ ଦେଇନାହାଁନ୍ତି ବୋଲି ଅଭିଯୋଗ ହୋଇଛି। ୨୦୧୩ ରେ ଜମି ଆଇନର ଧାରା ୨୭,୨୮ ଏବଂ ୨୯କୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି। ଏହାକୁ ନେଇ ଶାଳିଜଙ୍ଗା ପଞ୍ଚାୟତର ଜମିହରା ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସୋମବାର ଟିଟିରି ଗ୍ରାମର ଜମି ହରାଇବାକୁ ଥିବା ଚାଷୀମାନେ ଜମିର ମୂଲ୍ୟ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଜମି ଅଧିଗ୍ରହଣ ବାବଦ ପ୍ରଦାନ କରାଯାଇଥିବା ମୂଲ୍ୟ ପାଖାପାଖି ୫ ଗୁଣ କମ୍ ଥିବା ଜାଣି ଅସନ୍ତୋଷ ପ୍ରକାଶ କରିଛନ୍ତି। ଜମି ହରାଇଥିବା ଚାଷୀମାନେ ମୂଲ୍ୟ ଗ୍ରହଣ ସମୟରେ ଏକ ଲିଖିତ ଆପତ୍ତି ରଖି ଟଙ୍କା ନେଇଥିଲେ। ଜମିର ପ୍ରକୃତ ମୂଲ୍ୟ ଏବଂ ବିଳମ୍ବ ପାଇଁ ତାର ସୁଧ ସହିତ ସରକାରଙ୍କ ଆଇନ ଅନୁଯାୟୀ ସମସ୍ତ ସୁବିଧା ସୁଯୋଗ ପାଇବା ନିମନ୍ତେ ରେଙ୍ଗାଲୀ ଜଳସେଚନ ପ୍ରକଳ୍ପ ଅଧିକାରୀଙ୍କୁ ଦାବିପତ୍ର ଦେଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ଚାଷୀଙ୍କୁ ସମାନ କିସମ ଜମିରେ ଡସିମିଲ ପ୍ରତି ୨୧ ହଜାର ଟଙ୍କା ପ୍ରଦାନ କରାଯାଇଛି। ବହୁ ଚାଷୀଙ୍କୁ କମ ଟଙ୍କା ପ୍ରଦାନ କରାଯାଉଛି। ଆଜିକାର ମୂଲ୍ୟ ଅନୁଯାୟୀ ପ୍ରତି ଡିସିମିଲ୍ ପାଇଁ ୫୦ହଜାର ଟଙ୍କା ପ୍ରଦାନ କରାଯାଉ ବୋଲି ଜମିହରାମାନେ ଦାବି ରଖୁଛନ୍ତି। ନଚେତ ବିଚାରାଧୀନ ଥିବା ମାମଲାଗୁଡିକର ନିଷ୍କର୍ଷ ବାହାରିବା ପର୍ଯ୍ୟନ୍ତ ଜମି ଅଧିଗ୍ରହଣକୁ ବନ୍ଦ ରଖାଯାଉ ବୋଲି ଦର୍ଶାଇ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରର ଏକ କିତା ନକଲ ମୁଖ୍ୟମନ୍ତ୍ରୀ,ଜଳସମ୍ପଦ ମନ୍ତ୍ରୀ,ଯାଜପୁର ଜିଲାପାଳ,ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି।

# ବ୍ୟାଙ୍କ ଖାତାରୁ ଉଠାଇ ନେଲେ ୩ଲକ୍ଷ ଟଙ୍କା

**କାଳିଆପାଣି,୧।୩(ଡି.ଏନ.ଏ.)**

ଯାଜପୁର ଜିଲା କାଳିଆପାଣି ଥାନା ଅଧୀନ ଟିଙ୍ଗୁଡ଼ିପାଳ ଆଶ୍ରମ ସ୍କୁଲ ଶିକ୍ଷୟିତ୍ରୀଙ୍କ ବ୍ୟାଙ୍କ ଖାତାରୁ ୩ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନିଆଯାଇଛି। ଏ ସଂକ୍ରାନ୍ତରେ ସେ ଥାନାରେ ଅଭିଯୋଗ କରିଛନ୍ତି। ଗତ ୨୭ ତାରିଖରେ ଶିକ୍ଷୟିତ୍ରୀ ପାର୍ବତୀ କିସ୍କୁ ସ୍କୁଲରେ ଥିଲେ। ଏକ ଅଜଣା ନମ୍ବରରୁ ତାଙ୍କ ମୋବାଇଲକୁ କଲ

## ଠକାମିର ଶିକାର ହେଲେ ଶିକ୍ଷୟିତ୍ରୀ

ଆସିଥିଲା। ଫୋନ୍ କରିଥିବା ବ୍ୟକ୍ତି କହିଲେ, ଆପଣଙ୍କ ଏଲଆଇସି ପଲିସ ଲ୍ୟାପ୍ସ ହୋଇଯାଇଛି। ପଲିସ ବାବଦକୁ ତୁରନ୍ତ ୨୫ ହଜାର ଟଙ୍କା ଦାଖଲ କରନ୍ତୁ। ଶିକ୍ଷୟିତ୍ରୀ କୌଣସି ବୀମା କରି ନ ଥିବା କହିଥିଲେ। ଫୋନ୍ କରିଥିବା ବ୍ୟକ୍ତି କହିଥିଲେ ଆପଣଙ୍କ ମୋବାଇଲକୁ ଗୋଟିଏ ଓଟିପି ନମ୍ବର ଯିବ। ତାକୁ ତୁରନ୍ତ କହିଲେ ଆପଣଙ୍କ ବୀମା ପଲିସ କଟିବ ନାହିଁ କିମ୍ବା ବ୍ୟାଙ୍କ ଖାତାରୁ ଟଙ୍କା କଟିବ ନାହିଁ। ଏହାପରେ ସମ୍ପୃକ୍ତ ବ୍ୟକ୍ତି ୫ ଥର ଓଟିପି ପଠାଇଥିଲେ। ଶେଷରେ ଶିକ୍ଷୟିତ୍ରୀ କିସ୍କୁ ଓଟିପି ନମ୍ବର ଫୋନ୍ କରିଥିବା ବ୍ୟକ୍ତିଙ୍କୁ ଜଣାଇ ଦେଇଥିଲେ। ଏହାର କିଛି ସମୟ ପରେ ତାଙ୍କ ଆକାଉଣ୍ଟରୁ ୩ଲକ୍ଷ ୧୩ ହଜାର ଟଙ୍କା କଟିଯାଇଥିବା ଜଣାପଡିଥିଲା। ଏହାକୁ ନେଇ ସେ କାଳିଆପାଣି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା(ନଂ.୨୧/୨୧) ରୁଜୁ ତଦନ୍ତ କରୁଛି ବୋଲି ଥାନା ଅଧିକାରୀ ରମାକାନ୍ତ ମୁଦୁଲି କହିଛନ୍ତି।

# ୧୦୦ ଦିନ ଆନ୍ଦୋଳନ

ପାଣିରେ ଭିଜିଲେ, ହାଡ଼ଭଙ୍ଗା ଶୀତରେ ଥରିଲେ। ଶତାଧିକ ଆଖି ବୁଜିଦେଲେ। କେତେବେଳେ ଖଲିସ୍ତାନୀ ଅପମାନ ତ ପୁଣି କେବେ ଆନ୍ଦୋଳନଜୀବୀ ନଚେତ୍ ଟୁଲ୍‌କିଟ୍ ଉପାଖ୍ୟାନ। ୨୦୨୦ ନଭେମ୍ବର ୨୬ର 'ଦିଲ୍ଲୀ ଚଲୋ' ଡାକରାକୁ ୧୦୦ ଦିନ ପୂରିବାକୁ ଯାଉଛି। ଖରା ଆସିଲାଣି। ହେଲେ ସରକାର ଦେଢ଼ ବର୍ଷିଆ ସ୍ଥଗିତ ବିକଳ୍ପରୁ ପାଦେ ବି ପଛଘୁଞ୍ଚା ଦେବାକୁ ନାରାଜ। କେନ୍ଦ୍ରର ୩ ବିବାଦୀୟ କୃଷି ଆଇନ ନ ହଟିଲେ ଘରକୁ ଯିବୁ ନାହିଁ ବୋଲି ପଣ କରିଥିବା ଚାଷୀ ଅଗତ୍ୟା ବାଛିନେଲେ ଧାରଣା ସ୍ଥଳରେ ବିଷ ପିଇ ଜୀବନ ହାରିବେ, ନଚେତ୍ ଖେତକୁ ଯାଇ ଫସଲ ଜାଳିବେ।



## ଜାତୀୟ ଆନ୍ଦୋଳନ ରୂପ ନେଇଛି

୧. ଫାର୍ମର୍ସ ପ୍ରଡ୍ୟୁସ୍ ଟ୍ରେଡ୍ ଆଣ୍ଡ କମର୍ସ (ପ୍ରମୋଶନ୍ ଆଣ୍ଡ ଫାସିଲିଟି) ଆକ୍ଟ
୨. ଫାମର୍ସ (ଏମ୍ପାଓ୍ୱାରମେଣ୍ଟ ଆଣ୍ଡ ପ୍ରୋଟେକ୍ସନ) ଏଗ୍ରିମେଣ୍ଟ ଅନ୍ ପ୍ରାଇସ୍ ଆସ୍ୟୁରାନ୍ସ ଆଣ୍ଡ ଫାର୍ମ ସର୍ଭିସେସ୍ ଆକ୍ଟ
୩. ଏସେନ୍ସିଆଲ କମୋଡିଟିଜ୍ (ଆମେଣ୍ଡମେଣ୍ଟ) ଆକ୍ଟ

ଉପରୋକ୍ତ ୩ କୃଷି ଆଇନକୁ ୨୦୨୦ ସେପ୍ଟେମ୍ବର ଶେଷରେ ଭାରତର ପାର୍ଲାମେଣ୍ଟରେ ଅତି ତରବରିଆ ଭାବେ ଗୃହୀତ କରାଇ ଦିଆଯାଇଥିଲା। ଏହାକୁ ବିରୋଧୀ ଦଳ ତୀବ୍ର ବିରୋଧ କରିଥିଲେ ମଧ୍ୟ ସେମାନଙ୍କ କଥା ସରକାର ଶୁଣି ନ ଥିଲେ। ଏହା ପୂର୍ବରୁ ସରକାର ଏଭଳି ଚାଷୀ ବିରୋଧୀ ଆଇନ ଆଣିବାକୁ ଯାଉଛନ୍ତି ବୋଲି ଜାଣି ପଞ୍ଜାବର କୃଷକମାନେ ୨୦୨୦ ଅଗଷ୍ଟ ୯ରୁ ବିକ୍ଷୋଭ ଆରମ୍ଭ କରିଦେଇଥିଲେ। ନଭେମ୍ବର ୨୬ର 'ଦିଲ୍ଲୀ ଚଲୋ' ଡାକରାରେ କେବଳ ପଞ୍ଜାବ, ହରିୟାଣା କି ପଶ୍ଚିମ ଉତ୍ତରପ୍ରଦେଶର ଚାଷୀ ନୁହନ୍ତି, ପର୍ଯ୍ୟାୟକ୍ରମେ ସାରା ଦେଶର ଅନ୍ନଦାତା ସାମିଲ ହୋଇଛନ୍ତି। ରାଜସ୍ଥାନ, ଓଡ଼ିଶା, କର୍ନାଟକ, ତାମିଲନାଡୁ ସମେତ ବିଭିନ୍ନ ରାଜ୍ୟର କୃଷକ ଏଥିରେ ଭାଗନେବା ପରେ ଏହା ଏକ ଜାତୀୟ ଆନ୍ଦୋଳନର ରୂପ ନେଇସାରିଛି।

# ଫସଲ ଜାଳୁଛନ୍ତି ଅନ୍ନଦାତା

ନୂଆଦିଲ୍ଲୀ, ୧।୩

ଗହମର ଉଚିତ ମୂଲ୍ୟ ମିଳୁନାହିଁ। ସରକାର ଆମ କଥା ଶୁଣୁନାହାନ୍ତି। ଅଭାବୀ ବିକ୍ରି କରିବା ଅପେକ୍ଷା ଫସଲ ଜାଳିଦେବା ଭଲ। କିଛି ଅବସୋସ ନାହିଁ। କୃଷକ ବିରୋଧୀ କୃଷି ଆଇନ ପ୍ରତ୍ୟାହାର ନ ହେବା ଯାଏ ଚାଷ ମଧ୍ୟ କରିବୁ ନାହିଁ। ଯଦି କରିବୁ, ଆମ ପାଇଁ ଯେତିକି ଦରକାର ସେତିକି କରିବୁ। ନିଜ ଲୁହଲହୁରେ ଉତ୍ପାଦିତ ଫସଲ ଉପରେ ଟ୍ରାକ୍ଟର ଚଳାଇବାବେଳେ ଏହା ଥିଲା ହରିୟାଣାର ଜଣେ କ୍ଷୁଦ୍ର ଚାଷୀଙ୍କ କୋହପୂର୍ଣ୍ଣ ବୟାନ। ଏହା ଦିନକର କଥା କି ଗୋଟିଏ ସ୍ଥାନର ଦୃଶ୍ୟ ନୁହେଁ। ହରିୟାଣାର ଜିନ୍ଦ, କର୍ନାଲ, ଅମ୍ବାଲା ଏବଂ ଉତ୍ତରପ୍ରଦେଶର ମୁଜାଫରନଗର, ବିଜନୋର ସମେତ ବିଭିନ୍ନ ଅଞ୍ଚଳରୁ ପ୍ରତ୍ୟହ ଏପରି ଖବର ଆସିବାରେ ଲାଗିଛି। କୃଷକ ନିଜ ଫସଲ ନଷ୍ଟ କରୁଥିବାବେଳେ ମୋବାଇଲରେ ଭିଡିଓ କରି ସୋସିଆଲ ମିଡିଆରେ ଭାଇରାଲ କରୁଛନ୍ତି।

ପୂର୍ବରୁ ଉତ୍ତର ଭାରତର ଚାଷୀ ନଡ଼ାମୂଳି ଜାଳି ଦିଲ୍ଲୀ-ଏନ୍‌ସିଆର ପରିବେଶ ଦୂଷିତ କରୁଥିବା ଖବର



ଟିଭିରେ ଦେଖିବାକୁ ମିଳୁଥିଲା। ଏବେ ସେମାନେ ଫସଲ ଜାଳୁଛନ୍ତି । କିନ୍ତୁ କୌଣସି ଦାବିକୁ ନେଇ ଏଭଳି ଉପାୟ ଆପଣାଇବା କେତେ ଯୁକ୍ତିଯୁକ୍ତ ? କେନ୍ଦ୍ର ଉପରେ ରାଗ ଶୁଝାଇବା ପାଇଁ ଫସଲ ଜାଳିବାର ଯଥାର୍ଥତା କେତେ ବୋଲି ସରକାର ସପକ୍ଷବାଦୀ ଗଣମାଧ୍ୟମ ଗୋଷ୍ଠୀ (ଗୋଦି ମିଡିଆ) ପ୍ରଶ୍ନ କରୁଛି। କାରଣ ଦେଶରେ ପ୍ରତିଦିନ ପ୍ରାୟ ୧୯ କୋଟି ଲୋକ ଭୋକ ଉପାସରେ ଶୁଅନ୍ତି। ଅସଂଖ୍ୟ ଶିଶୁ କ୍ଷୁଧା ଓ କୁପୋଷଣରେ ପଡ଼ି ଅକାଳରେ ଝଡ଼ିଯାଆନ୍ତି। ସେମାନଙ୍କ ଭାଗ୍ୟରେ ଦୁଇଓଳି ଖାଦ୍ୟ ଜୁଟେନାହିଁ। ଯଦି ଅନ୍ନଦାତା ଫସଲ ଜାଳିଦେବେ ସେମାନଙ୍କୁ କିଏ ଆହାର ଯୋଗାଇବ ବୋଲି ମିଡିଆର ପ୍ରଶ୍ନ।

୪୦ ଲକ୍ଷ ଟ୍ରାକ୍ଟର ଧରି ପାର୍ଲାମେଣ୍ଟ ଘେରାଓର ଚେତାବନୀ ସରକାରଙ୍କୁ ଚିନ୍ତିତ କରୁନାହିଁ। ଗୋଟିଏ ପଟେ କେନ୍ଦ୍ର ଓ ଅନ୍ୟପଟେ କୃଷକ। ଉଭୟ ପକ୍ଷଙ୍କ ମଧ୍ୟରେ ଅଚଳାବସ୍ଥା ଦୂର ପାଇଁ ଏବେ କିଛି ଆଲୋଚନା ବି ହେଉନାହିଁ। ନିଜ ହକ୍ ପାଇଁ କଣ୍ଟକିତ ତାରବାଡ଼ରେ ଆଉ କେତେ ଦିନ ଚିତ୍କାର କରୁଥିବେ ଚାଷୀ ? ଏହାକୁ ଲକ୍ଷ୍ୟ କରି କଂଗ୍ରେସ ନେତା ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ମନ୍ କୀ ବାତ୍' ପୂର୍ବରୁ ଆହ୍ୱାନ ଦେଇଥିଲେ, 'କିଷାନ କୀ ବାତ୍, ଜବ୍ କୀ ବାତ କରୋ। ହିମ୍ମତ ହୈ ତୋ କରୋ'। ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି. ଚିଦାମ୍ବରମ୍ କହିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେରଳରୁ ଆସାମକୁ ନିର୍ବାଚନ ପ୍ରଚାରରେ ଯାଇପାରୁଛନ୍ତି, କିନ୍ତୁ ୨୦ କି.ମି. ଦୂରରେ ଆନ୍ଦୋଳନରତ କୃଷକଙ୍କ ପାଖକୁ ଆଲୋଚନା ପାଇଁ ଯାଇପାରୁ ନାହାନ୍ତି। ଏହା ସତ୍ତ୍ୱେ ମୋଦି ଚାଷୀଙ୍କ ଆୟ ଦୁଇଗୁଣା କରିଦେଇଥିବା ଦାବି କରୁଛନ୍ତି। ଦେଶର ସମସ୍ତ ଚାଷୀଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ଦିଆଯାଉଥିବା କହୁଛନ୍ତି, ଯେତେବେଳେ କି ପ୍ରକୃତରେ ମାତ୍ର ୬% କୃଷକଙ୍କୁ ଏମ୍‌ଏସ୍‌ପି ମିଳୁଛି ବୋଲି ଚିଦାମ୍ବରମ୍ ଟୁଇଟ୍ କରିଛନ୍ତି। ବିଡ଼ମ୍ବନା ଯେ, ଏମ୍‌ଏସ୍‌ପି ପାଉ ନ ଥିବା ଚାଷୀ ଏବେ ଏମ୍‌ଆର୍‌ପି ବା ସର୍ବାଧିକ ଖୁଚୁରା ମୂଲ୍ୟ ଦାବି କଲେଣି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ନୂଆ କୃଷି ଆଇନକୁ କୃଷକଙ୍କ ପାଇଁ ମୃତ୍ୟୁର ପରୱାନା ସାଜି ଆସିଥିବା କେନ୍ଦ୍ରକୁ ସମାଲୋଚନା କରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେରଳରୁ ଆସାମକୁ ନିର୍ବାଚନ ପ୍ରଚାରରେ ଯାଇପାରୁଛନ୍ତି, କିନ୍ତୁ ୨୦ କି.ମି. ଦୂରରେ ଆନ୍ଦୋଳନରତ କୃଷକଙ୍କ ପାଖକୁ ଆଲୋଚନା ପାଇଁ ଯାଇପାରୁ ନାହାନ୍ତି। ଦେଶର ମାତ୍ର ୬% କୃଷକଙ୍କୁ ଏମ୍‌ଏସ୍‌ପି ମିଳୁଥିବାବେଳେ ମୋଦି ଚାଷୀଙ୍କ ଆୟ ଦୁଇଗୁଣା କରିଦେଇଥିବା ଦାବି କରୁଛନ୍ତି।

– ପି. ଚିଦାମ୍ବରମ, ପୂର୍ବତନ ଅର୍ଥମନ୍ତ୍ରୀ



## ଆକ୍ଟିଭିଷ୍ଟଙ୍କୁ ଦମନ

କୃଷକ ଆନ୍ଦୋଳନ ପ୍ରତି ବିଦେଶୀ ସେଲିବ୍ରିଟିଙ୍କ ସମର୍ଥନକୁ ନେଇ କେନ୍ଦ୍ର ମନରେ ଜାତ ଭୟ ଦେଶରେ ସୋସିଆଲ ମିଡିଆ ଓ ଡିଜିଟାଲ ମିଡିଆ ପ୍ଲାଟ୍‌ଫର୍ମ ପାଇଁ ଆଇନକୁ ବଦଳାଇ ଦେଇଛି। ଦିଶା ରବି ଓ ନୋଦୀପ କୌର ଜେଲରେ ରହି ବାହାକୁ ଆସିଛନ୍ତି। ଅଭିବ୍ୟକ୍ତି ସ୍ୱାଧୀନତାକୁ ନେଇ ଦିଲ୍ଲୀ ପୋଲିସ ମାର୍ଫତରେ


ଦିଶା ରବି
ଗ୍ରେଟା ଥନ୍‌ବର୍ଗ

କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟ ଯେ ଆଦୌ ଭଲ ନୁହେଁ, ତାହା ଉଭୟ ଆକ୍ଟିଭିଷ୍ଟଙ୍କ ଜାମିନ ଶୁଣାଣି ବେଳେ ଅଦାଲତ ସଙ୍କେତ ଦେଇଛନ୍ତି।

## ମାନବାଧିକାର ହନନ

ଫେବୃୟାରୀ ୨୭ରେ ମାନବାଧିକାର ପରିଷଦ (ଏଚ୍‌ସିଏଲ୍)ର ୪୬ତମ ଅଧିବେଶନରେ ୫୦ ସଦସ୍ୟ ରାଷ୍ଟ୍ର ଉପସ୍ଥିତ ଥିଲେ। କୃଷକ ଆନ୍ଦୋଳନ ଉପରେ ରିପୋର୍ଟିଂ କରୁଥିବା ଖବରଦାତା ଓ ମନ୍ତବ୍ୟ ଦେଉଥିବା ଆକ୍ଟିଭିଷ୍ଟମାନଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ କରିବା ଏବଂ ସୋସିଆଲ ମିଡିଆର ସ୍ୱାଧୀନତା ଛଡ଼ାଇନେବା ମୌଳିକ ମାନବାଧିକାର ସିଦ୍ଧାନ୍ତଗୁଡ଼ିକର ବିଚଳିତ କରିଦେବା ଭଳି ମୃତ୍ୟୁ ବୋଲି ସେଠାରେ ଜାତିସଂଘ ମାନବାଧିକାର ଉଚ୍ଚାୟୁକ୍ତ (ୟୁଏନ୍‌ଏଚ୍‌ସିଆର୍) ମିଶେଲ ବାଚେଲେଟ୍ ଚେତାଇ ଦେଇଥିଲେ।

## ଚାଷୀ ନିରୁପାୟ



ଫେବୃୟାରୀ ୧୮ରେ ଭାରତୀୟ କିଷାନ ୟୁନିୟନ୍ ମୁଖପାତ୍ର ରାକେଶ ଟିକାଏତ କହିଥିଲେ, ସରକାର ଟିଭିରେ ପ୍ରଚାର ଚଳାଇଛନ୍ତି ଯେ ଫସଲ ଯେମିତି ବି ହେଉ ଆସିଯିବ, ଚାଷୀ ଘରକୁ ଫେରିବାକୁ ବାଧହେବେ। ଏହାକୁ ମିଛ ପ୍ରମାଣିତ କରିବା ପାଇଁ ଚାଷୀମାନେ ଘରକୁ ଫେରିବେ ନାହିଁ ବୋଲି ନିଷ୍ପତ୍ତି ନେଇ ଫସଲ ଜାଳୁଛନ୍ତି। କେନ୍ଦ୍ର ଇଙ୍ଗିତରେ ଦିଲ୍ଲୀ ପୋଲିସ-ପ୍ରଶାସନର ବର୍ବର ବ୍ୟବହାରରେ ଅତିଷ୍ଠ ଚାଷୀ ଏହି ଆନ୍ଦୋଳନକୁ ଆଗକୁ ବଢ଼ାଇବା ପାଇଁ ନୂଆ ରଣନୀତି ଓ ଉପାୟ ପାଞ୍ଚିବା ଜରୁରୀ ବୋଲି ଅନେକେ ମତ ଦିଅନ୍ତି। କିନ୍ତୁ ସବୁ ପ୍ରକାର ଉଦ୍ୟମ କରିବା ପରେ ଏବେ ଚାଷୀ ନିରୁପାୟ।

## ବିରୋଧୀ ଦୁର୍ବଳ

ସମ୍ଭବତଃ କୃଷି ଆଇନର ଅପମୃତ୍ୟୁ କେବେଠୁ ଘଟିସାରନ୍ତାଣି ଯଦି ଉତ୍ତର ଭାରତର କୌଣସି ରାଜ୍ୟରେ ନିର୍ବାଚନ ହେଉଥାଆନ୍ତା। ନିର୍ବାଚନମୁହାଁ ପଶ୍ଚିମବଙ୍ଗକୁ ଟ୍ରାକ୍ଟର ରାଲି କରିବେ ବୋଲି କୃଷକ ନେତା ରାକେଶ ଟିକାଏତ୍ କହୁଥିବାବେଳେ କେରଳରେ ରାହୁଲ ଗାନ୍ଧୀ ଟ୍ରାକ୍ଟର ଚଳାଇ କୃଷି ଆଇନକୁ ବିରୋଧ କରିଛନ୍ତି। ତେବେ ପଶ୍ଚିମବଙ୍ଗ, ତାମିଲନାଡୁ, କେରଳ, ଆସାମ କି ପୁଡୁଚେରୀ କେଉଁଠି ବି ଚାଷୀଙ୍କ ସ୍ୱାର୍ଥ କିମ୍ବା କୃଷି ଆଇନ ନିର୍ବାଚନୀ ପ୍ରସଙ୍ଗ ହୋଇ ନ ପାରିବା ବିରୋଧୀ ଦଳଗୁଡ଼ିକର ଦୁର୍ବଳତାକୁ ପଦାରେ ପକାଇଛି।

## ବର୍ତ୍ତମାନ ସ୍ଥିତି

୨୦୨୦ ଅଗଷ୍ଟ ୯ରୁ ଆରମ୍ଭ ହୋଇଥିବା କୃଷକ ଆନ୍ଦୋଳନକୁ ସୋମବାର ୬ ମାସ ୨ ସପ୍ତାହ ୬ ଦିନ ପୂରିଛି। ବିବାଦୀୟ ୩ କୃଷି ଆଇନକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରି ଉତ୍ପାଦିତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ସୁନିଶ୍ଚିତ କରାଯିବା ସମେତ ଅନ୍ୟ କେତେକ ଦାବିରେ କୃଷକମାନେ ଦିଲ୍ଲୀର ୩ ସୀମାରେ ଅଡ଼ିବସିଛନ୍ତି। ଆନ୍ଦୋଳନରତ ଲକ୍ଷ ଲକ୍ଷ ଚାଷୀ ଘେରାଓ, ଧାରଣା, ରାସ୍ତା




ରୋକୋ, ରେଳରୋକୋ, ବିକ୍ଷୋଭ ଓ ଆତ୍ମହତ୍ୟା ଭଳି ପନ୍ଥା ଆପଣାଇଛନ୍ତି।

- ଗୋଟିଏ ପଟେ କେନ୍ଦ୍ର ସରକାର ଓ କୃଷି ମନ୍ତ୍ରଣାଳୟ ସମେତ ଭାଜପା ରହିଛି। ଅନ୍ୟପଟେ ଏହି ଆନ୍ଦୋଳନକୁ ସାମ୍ମୁଖ୍ୟ କିଷାନ ମୋର୍ଚ୍ଚା ବ୍ୟାନରରେ ୪୦ କୃଷକ ଓ ଶ୍ରମିକ ସଙ୍ଗଠନ ରହିଛନ୍ତି। କୃଷକ ଆନ୍ଦୋଳନକୁ କଂଗ୍ରେସ, ଶିରୋମଣି ଅକାଳୀ ଦଳ, ଆମ୍ ଆଦ୍‌ମୀ ପାର୍ଟି, ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ଭାରତୀୟ (ମାର୍କ୍ସବାଦୀ) କମ୍ୟୁନିଷ୍ଟ ପାର୍ଟି, ରାଷ୍ଟ୍ରୀୟ ଲୋକତାନ୍ତ୍ରିକ ପାର୍ଟି, ଶିବସେନା ସମେତ ଅନେକ ରାଜନୈତିକ ଦଳର ସମର୍ଥନ ମିଳିଛି।
- ଅଚଳାବସ୍ଥା ଦୂର କରିବା ପାଇଁ କେନ୍ଦ୍ର ସରକାର ଓ କୃଷକ ସଙ୍ଗଠନଗୁଡ଼ିକ ମଧ୍ୟରେ ଗୋଟିଏ ପରେ ଗୋଟିଏ ୧୧ ପର୍ଯ୍ୟାୟରେ ଆଲୋଚନା ଶେଷ ହୋଇଛି। କିନ୍ତୁ ଅଦ୍ୟାବଧି କୌଣସି ନିଷ୍କର୍ଷ ବାହାରିପାରି ନାହିଁ। ଜାନୁୟାରୀ ୨୨ରେ ଶେଷଥର ଆଲୋଚନା ହୋଇଥିଲା।

ଦ୍ୱାଦଶ ପର୍ଯ୍ୟାୟ ଆଲୋଚନା ପାଇଁ ଆମେ ପ୍ରସ୍ତୁତ ଅଛୁ। କିନ୍ତୁ କେନ୍ଦ୍ର ସରକାର କୃଷି ଆଇନ ପ୍ରତ୍ୟାହାର ପ୍ରସ୍ତାବ ନେଇ ଆସିବା ଜରୁରୀ।

–ରାକେଶ ଟିକାଏତ୍, ବିକେୟୁ ମୁଖପାତ୍ର



➩ଜାନୁୟାରୀ ୨୬ ସାଧାରଣତନ୍ତ୍ର ଦିବସରେ କୃଷକଙ୍କ ଟ୍ରାକ୍ଟର ରାଲି ବେଳେ କେତେକ ଅସାମାଜିକ ଗୋଷ୍ଠୀର ଦୌରାତ୍ମ୍ୟ ଦେଖିବାକୁ ମିଳିଥିଲା। ଏହି ହିଂସାରେ ୩୦୦ରୁ ଊର୍ଦ୍ଧ୍ୱ ପୋଲିସ କର୍ମଚାରୀ ଆହତ ହୋଇଥିବା ଦିଲ୍ଲୀ ପୋଲିସ ଦାବି କରିଥିଲା।



➩ଜାନୁୟାରୀ ୨୭ରୁ ଅଦ୍ୟାବଧି ୧୫୯ ଚାଷୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକେ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରୁ ୭ ଜଣ ଆତ୍ମହତ୍ୟା କରିଥିଲେ।

**ସଂକ୍ଷେପରେ**

## ବେଦାନ୍ତ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଲାଞ୍ଜିଗଡ଼,୧।୩: ବେଦାନ୍ତ ଲାଞ୍ଜିଗଡ଼ ୟୁନିଟ ପକ୍ଷରୁ କଳାହାଣ୍ଡି ଜିଲାରେ ଋତୁସ୍ରାବ ସମ୍ପର୍କିତ ପରିଚ୍ଛନ୍ନତା ଉପରେ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। କମ୍ପାନୀର ଲାଞ୍ଜିଗଡ଼ ୟୁନିଟ ଆଖପାଖ ଗ୍ରାମରୁ କିଶୋରୀ ଏବଂ ମହିଳାମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ପ୍ରାୟ ୧୦୦ ଗ୍ରାମର ୨ ହଜାରରୁ ଊର୍ଦ୍ଧ୍ୱ କିଶୋରୀ ଏବଂ ମହିଳାଙ୍କୁ ଏହାଦ୍ୱାରା ସଚେତନ କରାଯାଇଛି। ବେଦାନ୍ତ ହସ୍ପିଟାଲର ଡାକ୍ତର ଶ୍ରଦ୍ଧା ସୁମନ ପଟ୍ଟନାୟକ କାର୍ଯ୍ୟକ୍ରମରେ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। କାର୍ଯ୍ୟକ୍ରମରେ ମାନିଟାରି ପ୍ୟାଡ୍ ବ୍ୟବହାର ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା। ଆଦିବାସୀ ବହୁଳ ଅଞ୍ଚଳରେ କିଶୋରୀ ଏବଂ ମହିଳାଙ୍କ ମଧ୍ୟରେ ସଚେତନତା ଲାଗି ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ୟୁନିଟ୍ ମୁଖ୍ୟ ରାକେଶ ମୋହନ କହିଛନ୍ତି।

## ଫାସ୍‌ଟାଗ୍ ଜରିଆରେ ବୃଦ୍ଧି ପାଉଛି ଟୋଲ୍ ଫି ଆଦାୟ

ନୂଆଦିଲ୍ଲୀ,୧।୩ : ସାରା ଦେଶରେ ଫେବୃୟାରୀ ୧୬ ମଧ୍ୟରାତ୍ରରୁ ଫାସ୍‌ଟ୍ୟାଗ୍ ବାଧ୍ୟତାମୂଳକ ଭାବରେ ବ୍ୟବହାର କରାଯାଉଛି। ଚାଳକ ତାଙ୍କ ଗାଡିରେ ଫାସ୍‌ଟାଗ୍ ବ୍ୟବହାର କରିବା ଫଳରେ ଟୋଲ ପ୍ଲାଜା ଅତିକ୍ରମ ସମୟରେ ଟୋଲ ଶୁଳ୍କ ଆପେ ଆପେ ଉକ୍ତ ଆକାଉଣ୍ଟରୁ କଟି ବିଭାଗ ଖାତାରେ ଜମା ହୋଇଯିବ। ଏହା ଫଳରେ ସାରା ଦେଶରେ ପ୍ରତିଦିନ ୧୦୦କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଟୋଲ ଫି ଆକାର ଆଦାୟ କରାଯାଉଛି। ଏପରିକି ଗତ ଶୁକ୍ରବାର ଦିନ ୧୦୪କୋଟି ଟଙ୍କାର ଟୋଲ୍ ଫି ଏହା ଜରିଆରେ ଆଦାୟ ହୋଇଥିବା ଜାତୀୟ ରାଜମାର୍ଗ ପ୍ରାଧିକରଣ (ଏନ୍ଏଚ୍ଏଆଇ) ପକ୍ଷରୁ ସୂଚନା ଦିଆଯାଇଛି। ଗତ ଏକ ସପ୍ତାହର ରିପୋର୍ଟ ଆଧାରରେ ଦୈନିକ ଶହେ କୋଟି ଟଙ୍କାରୁ ଅଧିକ ଶୁଳ୍କ ଆଦାୟ ହେଉଥିବା ଏନ୍ଏଚ୍ଏଆଇ କହିଛି। ଗତ ୨ ସପ୍ତାହ ମଧ୍ୟରେ ୨୦ ଲକ୍ଷ ଗ୍ରାହକ ଫାସ୍‌ଟାଗ୍ ସହ ସଂଯୁକ୍ତ ହୋଇଥିବା ସୂଚନା ମିଳିଛି। ଫଳରେ ମୋଟ ଫାଷ୍ଟଟାଗ୍ ବାହନ ସଂଖ୍ୟା ୨.୮କୋଟିରେ ପହଞ୍ଚିଛି।

# ଫେବୃୟାରୀରେ ଜିଏସଟି ଆଦାୟ ୧.୧ ଟ୍ରିଲିୟନ

ନୂଆଦିଲ୍ଲୀ,୧।୩ :





କରୋନା ମହାମାରୀ କାରଣରୁ ଦେଶର ଅର୍ଥନୀତି ମାନ୍ଦାବସ୍ଥାକୁ ଚାଲି ଯାଇଥିଲା। ସରକାର ଦେଶର ଆର୍ଥିକ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ କରୋନା କଟକଣାରେ କୋହଳ ସହିତ ସମସ୍ତ ବଜାର କାରବାର ଓ ଦେଶର ପ୍ରଗତିକୁ ଖୋଲି ଦେଇଥିଲେ। ଫଳରେ ଦେଶର ଅର୍ଥନୀତିର ସୁଧାର ପାଇଁ ଟିକସ ଆଦାୟକୁ ସରକାର ଗୁରୁତ୍ୱ ଦେଇଥିବା ଜଣାପଡିଛି।


ଗତ ୫ମାସ ହେବ ଦେଶର ସାମଗ୍ରୀ ଓ ସେବା ଟିକସ (ଜିଏସଟି) ଆଦାୟ ପ୍ରାୟ ୧ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ରହୁଛି। ଜିଏସଟି ଆଦାୟ ସମ୍ପର୍କରେ ମନ୍ତ୍ରଣାଳୟ ପକ୍ଷରୁ ସୋମବାର ଏ ସମ୍ପର୍କରେ ସବିଶେଷ ସୂଚନା ଦିଆଯାଇଛି। ଫେବୃଆରି ମାସରେ ସଂଗ୍ରହ ହୋଇଥିବା ୧,୧୩,୧୪୩ କୋଟି ମଧ୍ୟରୁ କେନ୍ଦ୍ରୀୟ ଜିଏସଟି ୨୧,୦୯୨ କୋଟି, ରାଜ୍ୟ ଜିଏସଟି ୨୭,୨୭୩ କୋଟି, ଇଣ୍ଟିଗ୍ରେଟେଡ ଜିଏସଟି ୫୫,୨୫୩ କୋଟି ଟଙ୍କା ଏବଂ ସେସ ୯୫୨୫ କୋଟି ଟଙ୍କା ଅନ୍ତର୍ଭୁକ୍ତ ବୋଲି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଚଳିତ ବର୍ଷ ଜାନୁଆରି ମାସରେ ୧ ଲକ୍ଷ ୨୦ହଜାର କୋଟିରେ ଜିଏସଟି ଆଦାୟ କରାଯାଇଥିଲା। ଯାହା ଫେବୃଆରି ମାସରେ ଦେଶର ଜିଏସଟି ରାଜସ୍ୱ ୧ ଲକ୍ଷ ୧୩ ହଜାର କୋଟିକୁ ଖସିଆସିଛି। ଫଳରେ ଜାନୁଆରି ତୁଳନାରେ ଫେବୃଆରି ମାସରେ ଜିଏସଟି ସଂଗ୍ରହ ପ୍ରାୟ ୫.୫% କମିଥିବା ଜଣାପଡିଛି। ତେବେ ଗତ ବର୍ଷ ଫେବୃଆରି ମାସର ଜିଏସଟି ଆଦାୟଠାରୁ ଚଳିତ ବର୍ଷର ଫେବୃଆରି ମାସ ତୁଳନାରେ ଏହା ୭% ଅଧିକ ବୋଲି ଜଣାପଡ଼ିଛି।

ଚଳିତ ବର୍ଷ ଫେବୃଆରି ମାସକୁ ମିଶାଇ କ୍ରମାଗତ ୫ ମାସ ହେଲା ଦେଶର ଜିଏସଟି ଆଦାୟ ୧ ଲକ୍ଷ କୋଟି ଉପରେ ରହିଛି। ସେହିପରି କ୍ରମାଗତ ୩ୟ ମାସ ପାଇଁ ଜିଏସଟି ଆଦାୟ ୧ ଲକ୍ଷ ୧୦ ହଜାର କୋଟି ଉପରେ ରହିଥିବା ସୂଚନା ମିଳିଛି।

ଗତ ବର୍ଷ ଏପ୍ରିଲ ମାସରେ ଦେଶରେ ଲକଡାଉନ ଚାଲିଥିବାରୁ ସରକାରଙ୍କ ଜିଏସଟି ରାଜସ୍ୱ ହ୍ରାସ ପାଇ ୩୨,୧୭୨ କୋଟିକୁ ହ୍ରାସ ପାଇଥିଲା। ସେହିପରି ମେ ମାସରେ ଏହା ୬୨,୧୫୧ କୋଟିକୁ ବୃଦ୍ଧି ପାଇଥିଲା। ସେହିଭଳି ଜୁନ ମାସରେ ୯୦,୯୧୭ କୋଟି ଟଙ୍କା, ଜୁଲାଇ ମାସରେ ୮୭,୪୨୨ କୋଟି ଟଙ୍କା, ଅଗଷ୍ଟ ମାସରେ ୮୬,୪୪୯ କୋଟି ଟଙ୍କା ଏବଂ ସେପ୍ଟେମ୍ବର ମାସରେ ୯୫,୪୮୦ କୋଟି ଟଙ୍କାର ଜିଏସଟି ରାଜସ୍ୱ ସରକାର ସଂଗ୍ରହ କରିଥିଲେ। ଏହି ସମୟ ମଧ୍ୟରେ ଓଡ଼ିଶାରେ ଜିଏସଟି ଆଦାୟ ୨୦% ବୃଦ୍ଧି ପାଇ ୩୩୪୦ କୋଟିରେ ପହଞ୍ଚିଛି।

# ସୋନିର ନୂଆ ପ୍ରିମିୟମ ସ୍ପିକର

ନୂଆଦିଲ୍ଲୀ,୧।୩:



ସୋନି ଇଣ୍ଡିଆ ପକ୍ଷରୁ ନୂଆ ପ୍ରିମିୟମ ସ୍ପିକର ଏସ୍ଆର୍ଏସ୍-ଆର୍ ୩୦୦୦ ବଜାରକୁ ଆସିଛି। ଅତ୍ୟାଧୁନିକ ଟେକ୍ନୋଲୋଜି ଏବଂ ସ୍ମାର୍ଟ ଫିଚର ଗ୍ରାହକ ଲାଭ କରିପାରିବେ। ଏଥିରେ ସୁବିଧା ଭାବେ ସ୍ପଟିଫାଏ କନେକ୍ଟ କରିହେବ। ସ୍ପଟିଫାଏ କନେକ୍ଟ ଆପ୍ ଦ୍ୱାରା ସ୍ପିକର ବ୍ୟବହାର କରାଯାଇପାରିବ। ଡିଭାଇସ୍‌କୁ ଫୁଲ୍ ରିମୋଟ କଣ୍ଟ୍ରୋଲ ମଧ୍ୟ କରିହେବ। କ୍ରୋମ୍ କାଷ୍ଟ ବିଲ୍ଟ ଇନ୍, ଷ୍ଟ୍ରିମ୍ ମ୍ୟୁଜିକ, ଅନ୍‌ଲାଇନ ରେଡିଓ, ସ୍ମାର୍ଟଫୋନ, ଟାବ୍‌ଲେଟ ଏବଂ ଲାପ୍‌ଟପ୍‌ରୁ ପଡକାଷ୍ଟ ଭଳି ସୁବିଧା କାଷ୍ଟ ବଟନ ଦବେଇ କରିହେବ। ମଲ୍ଟି ରୁମ୍ ମ୍ୟୁଜିକ ଭାବେ ଗୁଗଲ ହୋମ୍ ଏବଂ ଆମାଜନ ଆଲେକ୍ସା ସ୍ପିକର ଗ୍ରୁପ୍‌ରେ ଏହାକୁ ଆଡ୍ କରାଯାଇପାରିବ। ମଡେଲଟିକୁ ସୋନି ରିଟେଲ ଷ୍ଟୋର, ପ୍ରମୁଖ ଇଲେକ୍‌ଟ୍ରୋନିକ୍ସ ଷ୍ଟୋର, ଆମାଜନ ଇ-କମର୍ସ ଷ୍ଟୋରରୁ କ୍ରୟ କରାଯାଇପାରିବ। ଏହାର ଦାମ୍ ୧୯,୯୦୦ ଟଙ୍କା ରହିଛି।

# ଭୁବନେଶ୍ୱରରେ ସୁନା ୪୮ ହଜାର ଟପିଲା

ନୂଆଦିଲ୍ଲୀ,୧।୩ :



କରୋନା ମହାମାରୀର କଟକଣା ଯୋଗୁ ସାରା ଦେଶ ଏପରିକି ଓଡିଶାରେ ମଧ୍ୟ କୌଣସି ଶୁଭ କାର୍ଯ୍ୟ ଠିକ ଭାବରେ କରାଯାଇନଥିଲା। ମହାମାରୀର ପ୍ରଭାବ ଧିରେ ଧିରେ ହ୍ରାସ ପାଇବା ସହ ସରକାରଙ୍କ ପକ୍ଷରୁ ନିୟମ କୋହଳ କାରଣରୁ ବର୍ତ୍ତମାନ ଶୁଭକାର୍ଯ୍ୟ ଓ ବିଭାଘର ଜୋରସୋରରେ ଚାଲିଛି। ଏହି ସମୟରେ ସୁନା ଓ ରୂପା ଭଳି ଅତି ଆବଶ୍ୟକ ବସ୍ତୁର ଦର ବଢିବା ସବୁ ବର୍ଗର ଲୋକଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ସୋମବାର ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନାର ମୂଲ୍ୟ ପ୍ରତି ୧୦ ଗ୍ରାମ ପିଛା ୪୮,୪୪୦ ଟଙ୍କା ରହିଛି। ସେହିଭଳି ୨୨ କ୍ୟାରେଟ୍ ସୁନାର ଦାମ ପ୍ରତି ୧୦ ଗ୍ରାମ ପିଛା ୪୬,୦୭୦ ଟଙ୍କା ରହିଥିବା ଜଣାପଡିଛି। ସେହିପରି ଘରୋଇ ବଜାରରେ ରୁପାର ଦାମ ହ୍ରାସ ପାଇଥିବା ବେଳେ ଭୁବନେଶ୍ୱରରେ ରୁପାର ଦାମ କିଲୋ ପିଛା ୭୦,୦୦୦ ଟଙ୍କା ରହିଛି।

ଆନ୍ତର୍ଜାତୀୟ ବଜାରରେ (ମାର୍କେଟର ଟ୍ରେଣ୍ଡ) ସୁନା ଦର ହ୍ରାସ ପାଉଥିବା ବେଳେ ରୁପା ଦର ବୃଦ୍ଧି ପାଇଛି। ସୋମବାର ଘରୋଇ ବଜାରରେ ସୁନା ଏବଂ ରୁପା ମୂଲ୍ୟରେ ସାମାନ୍ୟ ଉଥାନ ଏବଂ ପତନ ଦେଖିବାକୁ ମିଳିଛି। ଘରୋଇ ମାର୍କେଟରେ ସୁନା ୦.୬୮% ବୃଦ୍ଧିପାଇ ପ୍ରତି ୧୦ ଗ୍ରାମ ପ୍ରତି ୪୬,୦୪୬ ଟଙ୍କା ରହିଥିବା ବେଳେ ରୁପାର ଦାମ ପ୍ରାୟ ୧.୧୩ % ହ୍ରାସ ପାଇ କିଲୋ ପିଛା ୬୯,୫୬୨ ଟଙ୍କା ରହିଛି। ଗତ ୮ମାସ ମଧ୍ୟରେ ଦେଶରେ ସୁନା ଏବଂ ରୁପାର ଦାମ ନ୍ୟୁନତମ ସ୍ତରରେ ପହଞ୍ଚିଛି। ଫଳରେ ସୁନା ଏବଂ ରୁପା କ୍ରୟ ବୃଦ୍ଧି ପାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଶୁଳ୍କ କମାଯିବା ଫଳରେ ଦେଶରେ ସୁନା ଓ ରୁପା ଦାମ ହ୍ରାସ ପାଇଛି।

## ଏସ୍‌ବିଆଇ, ସାପୁରଜୀ ପାଲୋନଜୀ ଚୁକ୍ତି

ମୁମ୍ବାଇ,୧।୩:

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ଏବଂ ସାପୁରଜୀ ପାଲୋନଜୀ ରିୟଲ ଇଷ୍ଟେଟ କମ୍ପାନୀ ମଧ୍ୟରେ ସହଭାଗିତା ହୋଇଛି। ଘର କିଣିବାକୁ ଚାହୁଁଥିବା ବ୍ୟକ୍ତି ବିଶେଷଙ୍କୁ ନିରନ୍ତର ଅଭିଜ୍ଞତା ପ୍ରଦାନ କରିବା ଲକ୍ଷ୍ୟରେ ଦୁଇ ସଂସ୍ଥା ଏଭଳି ଚୁକ୍ତିରେ ସାମିଲ ହୋଇଛନ୍ତି। ଏହାଦ୍ୱାରା ବାସଗୃହ ଋଣ କ୍ଷେତ୍ରରେ ତ୍ୱରିତ ପ୍ରୋସେସିଂ, ମଞ୍ଜୁରୀ ଭଳି ସ୍ୱତନ୍ତ୍ର ଭାଲ୍ୟୁ ଗ୍ରାହକଙ୍କୁ ମିଳିପାରିବ। ଏସ୍‌ବିଆଇ ସିଜିଏମ୍ ଶ୍ରୀକାନ୍ତ ଏବଂ ସାପୁରଜୀ, ପାଲୋନଜୀର ସିଇଓ ଭେଙ୍କଟେଶ ଗୋପାଳ କ୍ରିଷ୍ଣନଙ୍କ ଉପସ୍ଥିତିରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏଭଳି ଚୁକ୍ତି ଦ୍ୱାରା ସମସ୍ତ ଅଂଶୀଦାର ଲାଭବାନ ହୋଇପାରିବେ ବୋଲି ସିଜିଏମ୍ ଶ୍ରୀକାନ୍ତ କହିଛନ୍ତି।

# ଓରିଏଣ୍ଟ ଇଲେକ୍ଟ୍ରିକ୍‌ର ଇନ୍‌ଭର୍ଟର ଫ୍ୟାନ୍



ନୂଆଦିଲ୍ଲୀ,୧।୩:

ଓରିଏଣ୍ଟ ଇଲେକ୍ଟ୍ରିକ ଲିମିଟେଡ୍ ପକ୍ଷରୁ ଆଇଓଟି ସୁବିଧା ଥିବା ଆଇଫ୍ଲୋଟ ଇନ୍‌ଭର୍ଟର ଫ୍ୟାନ୍ ବଜାରକୁ ଆସିଛି। ଏହାଦ୍ୱାରା ୫୦% ଶକ୍ତି ସଞ୍ଚୟ ହୋଇ ପାରିବ ବୋଲି କମ୍ପାନୀ ଆଶାବାଦୀ ରହିଛି। କମ୍ପାନୀ ପ୍ରିମିୟମ ଫ୍ୟାନ୍ ବଜାରରେ ଏକ ପ୍ରମୁଖ ଅଂଶୀଦାର ରହିଛି। ହାଇଏଣ୍ଡ ପ୍ରଡକ୍ଟ ଚାହିଦା ବଢୁଥିବାରୁ ଏ କ୍ଷେତ୍ରରେ ଏକ ପ୍ରମୁଖ ସ୍ଥାନ ହାସଲ କରିବା ନେଇ କମ୍ପାନୀ ଲକ୍ଷ୍ୟଧାର୍ଯ୍ୟ କରିଛି। ଆଇସିରିଜ ରେଞ୍ଜରେ ନୂଆ ପ୍ରଡକ୍ଟ ବଜାରକୁ ଆସିଛି। ଏହା ୨୩୦ ସିଏମ୍ଏମ୍ ଏୟାର ଡେଲିଭରି ପ୍ରଦାନ କରିବ। ଏହାକୁ ସ୍ମାର୍ଟ ମୋବାଇଲ ଆପ୍, ଆଲେକ୍ସା ଏବଂ ଗୁଗଲ ଆସିଷ୍ଟାନ୍ସ ଭଏସ୍ କମାଣ୍ଡ ଦ୍ୱାରା ପରିଚାଳିତ କରାଯାଇପାରିବ। ଏହାର ବଜାର ଦର ୪୭୦୦ ଟଙ୍କା ରହିଛି। ଉକ୍ତ ଫ୍ୟାନ ଟିକୁ ବିଇଇ ୫ ଷ୍ଟାର ରେଟିଂ ମିଳିଛି। ସାଧାରଣ ଫ୍ୟାନ ତୁଳନାରେ ୫୦% ଉନ୍ନତ ସର୍ଭିସ ଭାଲ୍ୟୁ ଏହା ପ୍ରଦାନ କରିପାରିବ। ଗ୍ରାହକଙ୍କୁ ସ୍ମାର୍ଟ, ଷ୍ଟାଇଲିଶ ଏବଂ ଶକ୍ତି ସଞ୍ଚୟକାରୀ ଭଳି ପ୍ରଦାନ ଦିଗରେ ଉଦ୍ୟମ ଜାରି ରହିଥିବା କମ୍ପାନୀର କାର୍ଯ୍ୟନିର୍ବାହୀ ଉପସଭାପତି ଅତୁଲ ଜୈନ କହିଛନ୍ତି।

**ରାଜ୍ୟ ଅପରାଧ ଖବର**

# ସୁନା ବ୍ୟବସାୟୀଙ୍କୁ ଗୁଳିମାରି ଲୁଟ୍

ବଡ଼ଗାଁ, ୧।୩ (ଡି.ଏନ୍.ଏ.)

- ଜଣେ ମୃତ, ୧ ଗୁରୁତର
- ବଡ଼ଗାଁ ବ୍ୟବସାୟୀ ସଂଘ ପକ୍ଷରୁ ଦାବିପତ୍ର
- ଅଭିଯୁକ୍ତମାନଙ୍କୁ ଗିରଫ ନ କଲେ ଶୁକ୍ରବାର ରାସ୍ତାରୋକୋ
- ମୃତ ସୁନା ବ୍ୟବସାୟୀ ଏକମାତ୍ର ପୁଅ ଥିଲେ

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନାଠାରୁ ୫ଶହ ମିଟର ଦୂର ପୋଷ୍ଟଅଫିସ ପାର୍ଶ୍ୱରେ ସୋମବାର ସକାଳ ୯ଟାରେ ଗୁଳିମାଡ଼ ହୋଇଛି। ୩ ଦୁର୍ବୃତ୍ତ ସୁନା ବ୍ୟବସାୟୀ ରୋହିତ ବର୍ମା (୨୬)ଙ୍କୁ ଗୁଳିମାରି ସୁନାଗହଣା ଥିବା ବ୍ୟାଗ ଲୁଟ୍ କରିଛନ୍ତି। ଗୁଳିମାଡ଼ରେ ରୋହିତଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି।

ବଡ଼ଗାଁ ମା'ମଙ୍ଗଳା ଜୁଏଲେରି ମାଲିକ ରୋହିତ ସକାଳ ୯ଟାରେ ସୁନା ଅଳଙ୍କାର ଥିବା ବ୍ୟାଗ୍ ଧରି ଦୋକାନକୁ ଆସିଥିଲେ। ଦୋକାନ ଖୋଲିବା ପୂର୍ବରୁ ଧଳାରଙ୍ଗର ଏକ ବାଇକ୍‌ରେ ୩ଜଣ ଯୁବକ ପହଞ୍ଚି ତାଙ୍କ ଉପରକୁ ୨ ରାଉଣ୍ଡ ଗୁଳି ଚଳାଇଥିଲେ। ଗୁଳି ମାରି ଗହଣା ବ୍ୟାଗ୍ ଧରି ଫେରାର୍ ହେବାକୁ ଉଦ୍ୟମ କଲା ବେଳେ ସରୋଜ ଦାସ (୭୧) ନାମକ ସ୍ଥାନୀୟ ଜଣେ ବ୍ୟକ୍ତି ଦୌଡିଯାଇ ବାଇକ୍‌ରେ ବସିଥିବା ଜଣେ ଯୁବକଙ୍କୁ ଟାଣିଧରି ବାଇକରୁ ପକାଇ ଦେଇଥିଲେ। ଏହି ସମୟରେ ସରୋଜଙ୍କ ଜଙ୍ଘରେ ଗୁଳିମାଡ କରି ଯୁବକ ଜଣକ ପିସ୍ତଲ ପକାଇ ବିଲ ପଟକୁ ଦୌଡି ପଳାଇଥିଲେ। ଅନ୍ୟ ଦୁଇ ଦୁର୍ବୃତ୍ତ ବାଇକ୍‌ରେ ସୁନ୍ଦରଗଡ଼ ପଟକୁ ପଳାଇଯାଇଥିଲେ। ଦୁର୍ବୃତ୍ତମାନେ ରୋହିତ ଘରୁ ଆସିବାବେଳେ ପିଛା କରିଥିଲେ।



ବଡ଼ଗାଁରେ ଗୁଳିମାଡ଼ ପରେ ପୋଲିସ ପହଞ୍ଚି ତଦନ୍ତ କରୁଛି।

ରୋହିତ ଓ ସରୋଜଙ୍କୁ ଗୁରୁତର ଅବସ୍ଥାରେ ରାଉରକେଲାର ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ରୋହିତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସରୋଜ ସେଠାରେ ଚିକିତ୍ସାଧୀନ ଅଛନ୍ତି।

ଖବରପାଇ ସୁନ୍ଦରଗଡ଼ ଏସ୍‌ପି ସାଗରିକା ନାଥଙ୍କ ସହ ଅନ୍ୟ ପୋଲିସ ଅଧିକାରୀ ପହଞ୍ଚି ତଦନ୍ତ କରିଥିଲେ। ପୋଲିସ ପିସ୍ତଲ ଓ ବ୍ୟବହୃତ ଗୁଳି ଜବତ କରିଛି। ଫେରାର୍ ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ତଲାସି କରାଯାଉଛି ବୋଲି ବଡ଼ଗାଁ ଥାନା ଭାରପ୍ରାପ୍ତ ଅଧିକାରୀ ଭଗବାନ ପୂଜାରୀ କହିଛନ୍ତି। ବଡ଼ଗାଁ ବ୍ୟବସାୟୀ ସଂଘ ପକ୍ଷରୁ ଶୋକପ୍ରକାଶ କରାଯାଇ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ପାଇଁ ଥାନାରେ ଲିଖିତ ଭାବେ ଦିଆଯାଇଛି। ଗୁରୁବାର ସୁଦ୍ଧା ଗିରଫ କରା ନ ଗଲେ ଶୁକ୍ରବାର ରାସ୍ତାରୋକୋ କରାଯିବ ବୋଲି ଏଥିରେ ଉଲ୍ଲେଖ କରାଯାଇଛି। ରୋହିତ ପରିବାରର ଏକମାତ୍ର ପୁଅ ହୋଇଥିବାବେଳେ ତାଙ୍କର ମୃତ୍ୟୁରେ ସମସ୍ତେ ଭାଙ୍ଗିପଡ଼ିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ଗତ ୫ମାସ ପୂର୍ବେ ରୋହିତଙ୍କ ଜୁଏଲେରି ଦୋକାନର କାନ୍ଥ ଭାଙ୍ଗି ୬ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଥିଲା । ଏହି ଚୋରି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପୋଲିସ ଧରିବାରେ ବିଫଳ ହେବା ଓ ୫ ମାସ ପରେ ଗୁଳିମାଡ କରି ସ୍ୱଷ୍ଟ ଦିବାଲୋକରେ ଲୁଟ୍, ହତ୍ୟା କରିବା ପୋଲିସର ପାରିବାପଣିଆକୁ ପଦାରେ ପକାଇଛି।

# ପେଟ୍ରୋଲ ପମ୍ପ୍ କର୍ମଚାରୀଙ୍କୁ ଗୁଳିମାଡ଼ କରି ଲୁଟ୍ ଉଦ୍ୟମ

ଚଣ୍ଡିଖୋଲ/ଛତିଆ/ବଡଚଣା, ୧।୩(ଡି.ଏନ୍.ଏ):

- ୨ କର୍ମଚାରୀ ଆହତ, ପୋଲିସର ତନାଘନା
- ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ନେଇ ବ୍ୟାଙ୍କ୍‌କୁ ଯାଉଥିଲେ

ଯାଜପୁର ଜିଲା ବୈରୀ ଥାନା ଅଧୀନ ୧୬ ନଂ. ଜାତୀୟ ରାଜପଥର ନେଳିଆ ଛକ ନିକଟରେ ସୋମବାର ସକାଳେ ଏକ ବଡ଼ ଧରଣର ଲୁଟ୍ ଉଦ୍ୟମ ବିଫଳ ହୋଇଛି । ସ୍ଥାନୀୟ ପେଟ୍ରୋଲ ପମ୍ପର ୨ କର୍ମଚାରୀ ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ନେଇ ଏକ କାରରେ ଛତିଆ କାନାଡ଼ା ବ୍ୟାଙ୍କ ଶାଖାକୁ ଡିପୋଜିଟ୍ ପାଇଁ ଯାଉଥିଲେ । ଦୁର୍ବୃତ୍ତମାନେ ତାଙ୍କୁ ଗୁଳିମାଡ଼ କରି ଟଙ୍କା ଲୁଟ୍ ପାଇଁ ଉଦ୍ୟମ କରିଥିଲେ । ଗୁଳିମାଡ଼ରେ ନେଳିଆ ଇଣ୍ଡିଆନ୍ ଅଏଲ ପେଟ୍ରୋଲ ପମ୍ପର କର୍ମଚାରୀ ଦୁଷ୍ମନ୍ତ ନାୟକ ଓ ଜୟନ୍ତ ନାୟକ ଆହତ ହୋଇଛନ୍ତି । ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ପୋଲିସ ଏହି ଘଟଣାରେ ତନାଘନା ଚଳାଇଛି । ତେବେ ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଅପରାଧୀମାନଙ୍କୁ ଠାବ କରାଯାଇପାରି ନାହିଁ।

ସୂଚନା ଅନୁଯାୟୀ, ସୋମବାର ଦିନ ପ୍ରାୟ ୧୧ଟା । ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ନେଳିଆସ୍ଥିତ ଇଣ୍ଡିଆନ୍ ଅଏଲ ପେଟ୍ରୋଲ ପମ୍ପର କର୍ମଚାରୀ ଦୁଷ୍ମନ୍ତ ଓ ଜୟନ୍ତ ଏକ କାର (ନଂ.ଓଆର୦୨ଏ.ଡ଼ବ୍ଲ୍ୟୁ.୭୭୦୭)ରେ ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ନେଇ ଡିପୋଜିଟ୍ ପାଇଁ ଯାଉଥିଲେ । ଏହି ଖବର ୩ ଦୁର୍ବୃତ୍ତ କୌଣସି ସୂତ୍ରରୁ ପାଇବା ପରେ ନେଳିଆ ଛକ ନିକଟରେ ଜଗି ରହିଥିଲେ। କାରଟି ରାସ୍ତା ପାର ହେଉଥିବା ବେଳେ ଦୁର୍ବୃତ୍ତମାନେ ହଠାତ୍ କାରକୁ ଲକ୍ଷ୍ୟ କରି ୨ରାଉଣ୍ଡ ଗୁଳି ଚଳାଇଥିଲେ। ସେହି ଗୁଳି ଦୁଷ୍ମନ୍ତ ଓ ଜୟନ୍ତଙ୍କ ଦେହରେ ବାଜିଥିଲା । ଏହାପରେ ଚାଳକ ଭୟରେ କାରକୁ ଅଟକାଇ ଦେଇଥିଲେ । ଏହି ସୁଯୋଗରେ ଦୁର୍ବୃତ୍ତମାନେ ଆହତ କର୍ମଚାରୀଙ୍କ ହାତରୁ ବ୍ୟାଗ୍ ଛଡ଼ାଇନେଇ ଫେରାର ହୋଇଯାଇଥିଲେ। ତେବେ ସେହି ବ୍ୟାଗ୍‌ରେ କିଛି କାଗଜପତ୍ର ଥିଲା । ଟଙ୍କା ନ ଥିଲା ବୋଲି କର୍ମଚାରୀମାନେ କହିଛନ୍ତି। କର୍ମଚାରୀମାନେ ପ୍ୟାଣ୍ଟ ପକେଟ୍ ଓ ଗାଡ଼ିରେ ଟଙ୍କା ରଖିଥିଲେ।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ୩ ଦୁର୍ବୃତ୍ତ ଗୁଳିମାଡ଼ କରି ଏକ ବାଇକ୍‌ରେ କଟକ ଅଭିମୁଖେ ପଳାଇ ଯାଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ଲାଗିଥିବା ସିସିଟିଭି ଯାଞ୍ଚ କରୁଛି। ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଥାନାରେ ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ମାର୍କଣ୍ଡ ମିଶ୍ର ସୂଚନା ଦେଇଛନ୍ତି। ଏସ୍‌ଡିପିଓ ଚିନ୍ମୟ ନାୟକ ଦୁଇ ଟିମ୍ ଗଠନ କରି ତଦନ୍ତ ଜାରି ରଖିଛନ୍ତି। ସୂଚନାଯୋଗ୍ୟ, ଗତ କିଛିଦିନ ତଳେ ବୈରୀ ଥାନା ନିକଟରେ ଥିବା ଏକ ପେଟ୍ରୋଲ ପମ୍ପରେ ଦୁର୍ବୃତ୍ତମାନେ ବୋମା ମାଡ଼ କରି ଫେରାର ହୋଇଯାଇଥିଲେ।

# କନ୍‌ଷ୍ଟେବଳ ଭାଇଙ୍କୁ ଜିଅନ୍ତା ପୋଡ଼ିଦେଲେ

ବୌଦ୍ଧ/ବାଉଁଶୁଣୀ, ୧।୩.(ସ୍ୱ.ପ୍ର/ଡି.ଏନ.ଏ.)

- ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ
- ଦରପୋଡା ମୃତଦେହ ଜବତ
- ଦୁଇ ଅଭିଯୁକ୍ତ ଭାଇ ଫେରାର

ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଅଧୀନ ମଲିକପଡା ଗ୍ରାମରେ ଗତ ରବିବାର ରାତିରେ ଜଣେ ପୋଲିସ କନ୍‌ଷ୍ଟେବଲଙ୍କୁ ତାଙ୍କ ଅନ୍ୟ ଦୁଇଭାଇ ଜିଅନ୍ତା ପୋଡି ହତ୍ୟା କରିଛନ୍ତି। ମୃତକ ହେଲେ ସନ୍ତୋଷ ଜାନୀ (୩୨)। ଖବର ପାଇ ବାଉଁଶୁଣୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦରପୋଡା ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୁର୍ଲା ଡାକ୍ତରଖାନାକୁ ପଠାଇଛି। ହତ୍ୟାକାଣ୍ଡର କାରଣ ଜଣାପଡିନାହିଁ। ତଦନ୍ତ ପରେ ପ୍ରକୃତ କାରଣ ଜଣାପଡିବ। ହତ୍ୟାକାରୀ ଦୁଇଭାଇଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ସୁବାସ ଚନ୍ଦ୍ର ରାୟଗୁରୁ ପ୍ରକାଶ କରିଛନ୍ତି। ମୃତକଙ୍କ ସ୍ତ୍ରୀ ସଙ୍ଗୀତା ଜାନୀଙ୍କ ଅଭିଯୋଗକୁ ଭିତ୍ତି କରି ବାଉଁଶୁଣୀ ଥାନାରେ ଏକ ମାମଲା (ନଂ.୨୬/୨୧) ରୁଜୁ ହୋଇଛି ।

ପୋଲିସ ସୂଚନା ମୁତାବକ, ମଲିକପଡା ଗ୍ରାମର ସନ୍ତୋଷ ବୌଦ୍ଧ ପୋଲିସରେ ଏସ୍‌ପିଓ ଚାକିରି ଆରମ୍ଭ କରି କନ୍‌ଷ୍ଟେବଳ ପଦବୀକୁ ପଦୋନ୍ନତି ପାଇଥିଲେ। ତାଙ୍କର ବାଉଁଶୁଣୀ ଥାନାକୁ ବଦଳି ହୋଇଥିଲା ଏବଂ ସେ ମାର୍ଚ୍ଚ ୧ରେ କାର୍ଯ୍ୟରେ ଯୋଗ ଦେଇଥାନ୍ତେ। ରବିବାର ରାତିରେ ସନ୍ତୋଷ ଡ୍ୟୁଟିରୁ ଘରକୁ ଫେରିଥିଲେ। ଏହି ସମୟରେ କୌଣସି କାରଣରୁ ବଡଭାଇ ପ୍ରଶାନ୍ତ ଜାନୀ (୪୦) ଓ ସାର୍ତ୍ତିକ ଜାନୀ (୩୬)ଙ୍କ ସହ ସନ୍ତୋଷଙ୍କ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ୟକ୍ଷିପ୍ତ ହୋଇ ପ୍ରଶାନ୍ତ ଏବଂ ସାର୍ତ୍ତିକ କାଠ ଫାଳିଆରେ ତାଙ୍କୁ ପିଟିଥିଲେ। ପରେ ସେମାନେ ସନ୍ତୋଷଙ୍କୁ ଗୁରୁତର ଅବସ୍ଥାରେ ଘର ସାମ୍ନା ରାସ୍ତା କଡ ଖଜୁରୀ ଗଛମୂଳକୁ ନେଇ ନିଆଁ ଲଗାଇ ପୋଡ଼ି ଦେଇଥିଲେ ଏବଂ ଫେରାର ହୋଇଯାଇଥିଲେ।

ଉଲ୍ଲେଖନୀୟ, ଦୁଇବର୍ଷ ତଳେ ମୃତ ସନ୍ତୋଷଙ୍କ ବଡଭାଇ ପ୍ରଶାନ୍ତ ଏକ ହତ୍ୟା ମାମଲାରେ ଜେଲ୍ ଯାଇଥିଲେ। କିଛି ଦିନ ହେବ ସେ ଜାମିନରେ ଆସିଛନ୍ତି ।

# ଲୁଟ୍ ଜୀବନ ନେଲା

ନୟାଗଡ଼ ଅଫିସ,୧।୩

- ବୃଦ୍ଧଙ୍କଠାରୁ ଛିନ୍‌ତାଇ ମହଙ୍ଗା ପଡ଼ିଲା
- ଲୋକଙ୍କ ନିର୍ଦ୍ଧୂମ ମାଡ଼ରେ ଯୁବକଙ୍କ ମୃତ୍ୟୁ
- ୧୫୦ ଲୋକଙ୍କ ନାଁରେ ହତ୍ୟା ମାମଲା

ସୁନାଚେନ ଲୁଟ୍ କରି ସ୍ଥାନୀୟ ଲୋକଙ୍କ ହାବୁଡ଼ରେ ପଡ଼ିଯାଇଥିଲେ ଜଣେ ଯୁବକ। ଲୋକେ ଆଇନ ହାତକୁ ନେଲେ ତାଙ୍କୁ ନିର୍ଦ୍ଧୂମ ପିଟିଥିଲେ। ଏଥିରେ ତାଙ୍କର ମୃତ୍ୟୁ ଘଟିଛି। ନୟାଗଡ଼ ସଦର ଥାନା ବାରବାଟି ଗାଁରେ ସୋମବାର ଘଟିଛି ଏହି ଘଟଣା। ମୃତ ଯୁବକ ଜଣକ ହେଲେ ପ୍ରଭାତ ରାଉତ ଓରଫ ପାଙ୍ଗା(୩୫)। ଘର ଶରଣକୁଳ ଥାନା ଗୋଡିପଡ଼ା ଫାଣ୍ଡି ଡିମିଶର ଗାଁରେ। କିନ୍ତୁ ସେ ଓଡ଼ଗାଁରେ ରହୁଥିଲେ। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି। ଏସ୍‌ପି ସିଦ୍ଧାର୍ଥ କାଟାରିଆ, ନୟାଗଡ ଏସ୍‌ଡିପିଓ ଶୁଭେନ୍ଦୁ ସିଂ ଏବଂ ଆଇଆଇସି ଶରତ ପାତ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପରେ ସାଇଣ୍ଟିଫିକ ଟିମ୍ ଆସି ତଦନ୍ତ କରି ଫେରିଛି। ୧୫୦ ଲୋକଙ୍କ ନାଁରେ ୩୪/୨୧ ନମ୍ବରରେ ହତ୍ୟା ମାମଲା ରୁଜୁ ହୋଇଥିବା ଆଇଆଇସି ପାତ୍ର କହିଛନ୍ତି।

ବାରବାଟି ଗାଁର ଅବସରପ୍ରାପ୍ତ ଶିକ୍ଷକ ଅରକ୍ଷିତ ଭଞ୍ଜ ସୋମବାର ସକାଳ ପ୍ରାୟ ୮ଟାରେ ନୟାଗଡ-ଖଣ୍ଡପଡ଼ା ରାସ୍ତାରେ ମର୍ନିଂୱାକ୍‌ରେ ଯାଉଥିଲେ। ଉକ୍ତ ରାସ୍ତାର ପୋତାନଦୀ ନିକଟରେ ପ୍ରଭାତ ଅରକ୍ଷିତଙ୍କୁ ଅଟକାଇ ଧକ୍କା ମାରିଥିଲେ। ଅରକ୍ଷିତ ତଳେ ପଡ଼ିଯିବା ପରେ ତାଙ୍କଠାରୁ ପ୍ରଭାତ ଚେନ୍ ଏବଂ ମୋବାଇଲ ଫୋନ ଛଡାଇ ନେଇଥିଲେ। ସେହି ସମୟରେ ଅରକ୍ଷିତ ପାଟି କରିବାରୁ ଆଖପାଖର ଲୋକମାନେ ଏକାଠି ହୋଇ ପ୍ରଭାତଙ୍କୁ କାବୁ କରିନେଇଥିଲେ। ପରେ ଗାଁ ମଙ୍ଗଳା କୋଠିକୁ ତାଙ୍କୁ ନେଇ ଯାଇଥିଲେ। ସେଠାରେ କେତେଜଣ ଲୋକ ପ୍ରଭାତଙ୍କୁ ପ୍ରବଳ ମାଡ଼ ମାରିଥିଲେ। ଏପରି କି ଷ୍ଟିଲ୍ ରଡ୍‌ରେ ତାଙ୍କୁ ପିଟାଯାଇଥିଲା। ଶହ ଶହ ଲୋକ ମାଡ଼ ମାରୁଥିବା ଦେଖିଥିଲେ ମଧ୍ୟ କେହି ଅଟକାଇ ନ ଥିଲେ। ତେବେ ଗାଁ ସଭାପତି ଏବଂ ପ୍ରଭାତଙ୍କ ଜଣେ ସାଙ୍ଗ ବିରୋଧ କରିବାରୁ ସେମାନଙ୍କୁ ମଧ୍ୟ ଆକ୍ରମଣ ହୋଇଥିଲା। ସଦର ଥାନା ପୋଲିସକୁ ଖବର ଦିଆଯାଇଥିଲା। କିନ୍ତୁ ପୋଲିସ ବିଳମ୍ବରେ ଆସିଥିଲା। ସେତେବେଳକୁ ପ୍ରଭାତଙ୍କ ମୃତ୍ୟୁ ହୋଇସାରିଥିଲା ବୋଲି ତାଙ୍କ ବନ୍ଧୁ ପୁନିଆ ଅଭିଯୋଗ କରିଛନ୍ତି। ଏପରି କି ପ୍ରଭାତଙ୍କୁ ମାଡ଼ ମାରିଥିବା ଲୋକଙ୍କ ନାଁ ମଧ୍ୟ ସେ ଗଣମାଧ୍ୟମକୁ କହିଛନ୍ତି। ଲୁଟ୍‌ର ଶିକାର ହୋଇଥିବା ଅରକ୍ଷିତ ଭଞ୍ଜ କୁହନ୍ତି, ମୋତେ ମାରପିଟ୍ କରି ସୁନା ଚେନ୍ ଓ ମୋବାଇଲ ଫୋନ ନେଇ ଯିବା ପରେ ମୁଁ ଚିତ୍କାର କରିଥିଲି। ମୋ ପାଟି ଶୁଣି କେତେଜଣ ଲୋକ ଉକ୍ତ ଯୁବକଙ୍କୁ ନେଇ ମାରପିଟ୍ କରିଥିଲେ। ବାରବାଟି ଗାଁର ଗିରିଧାରୀ ପରିଡ଼ା କୁହନ୍ତି, ଲୁଟେରା ଜଣାପଡ଼ିବା ପରେ ଦେଖଣାହାରୀ ମାଡ଼ ମାରିଥିଲେ। ହେଲେ କିଏ ମାଡ଼ ମାରିଛି ଜଣାପଡ଼ିନି ବୋଲି ସେ କହିଛନ୍ତି। ଏସ୍‌ପି ସିଦ୍ଧାର୍ଥ କାଟାରିଆ କୁହନ୍ତି, ସଦରଥାନା ପୋଲିସ ଖବର ପାଇ ବାରବାଟି ଗାଁକୁ ଯାଇ ଲୋକଙ୍କ କବଳରୁ ପ୍ରଭାତଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରଭାତଙ୍କ ମୃତ୍ୟୁ ହୋଇଛି। ପ୍ରଭାତଙ୍କର କିପରି ମୃତ୍ୟୁ ହେଲା ତାହା ପୋଷ୍ଟମର୍ଟମ୍ ପରେ ଜଣାପଡ଼ିବ। ଅନ୍ୟପକ୍ଷରେ ପ୍ରଭାତ ନାଁରେ ଜିଲାର ବିଭିନ୍ନ ଥାନାରେ ଏକାଧିକ ମାମଲା ଥିବାବେଳେ ପୂର୍ବରୁ ସେ ବହୁବାର ଗିରଫ ହୋଇଥିବା ଏସ୍‌ପି କାଟାରିଆ କହିଛନ୍ତି।

# ‘ମହିଳା ଫୁଟବଲ ପାଇଁ ଭଲ ସମୟ’

**ବିଶ୍ୱସ୍ତରୀୟ ଭିତ୍ତିଭୂମି ଉପଲବ୍ଧ ଯୋଗୁ ଓଡ଼ିଶାରେ ବଡ଼ ଟୁର୍ନାମେଣ୍ଟ ଆୟୋଜନ ସମ୍ଭବ ହୋଇପାରିଛି। ଅନ୍ୟ ଗେମ୍ ପରି ରାଜ୍ୟ ସରକାର ଫୁଟବଲକୁ ମଧ୍ୟ ପ୍ରାଧାନ୍ୟ ଦେଉଛନ୍ତି। ଫଳରେ ଏଠାରେ ଆଇଏସ୍ଏଲ, ଆଇ-ଲିଗ୍ ପରି ପ୍ରତିଯୋଗିତା ଆୟୋଜନ ହୋଇସାରିଛି। ଆଗକୁ ଏଏଫ୍‌ସି କପ୍, ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ଆୟୋଜନ ହେବାକୁ ଯାଉଛି। ଏହା ମଧ୍ୟରେ ରାଜ୍ୟରେ ପ୍ରଥମଥରପାଇଁ ଇଣ୍ଡିଆନ ଓମେନ୍ସ ଲିଗ୍ ଆୟୋଜନ ହେବ ବୋଲି ଘୋଷଣା ହୋଇଛି। ଏହା ରାଜ୍ୟ ମହିଳା ଫୁଟବଲ ଖେଳାଳିଙ୍କୁ ଉତ୍ସାହିତ କରିଛି।**

ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍) ଫୁଟବଲ ଟୁର୍ନାମେଣ୍ଟର ୫ମ ସଂସ୍କରଣ ଓଡ଼ିଶାରେ ଅନୁଷ୍ଠିତ ହେବ। ରାଜ୍ୟରେ ମହିଳା ଫୁଟବଲକୁ କ୍ୟାରିୟର କରୁଥିବା ସବୁ ପିଲାଙ୍କ ପାଇଁ ଏହା ଏକ ବଡ଼ ଖୁସି ଖବର। ପୂର୍ବରୁ ପୁରୁଷ ବର୍ଗରେ ଇଣ୍ଡିଆନ ସୁପରଲିଗ୍ (ଆଇଏସ୍ଏଲ୍), ଆଇ-ଲିଗ୍ ହେଉଥିଲା। ଏଥିରେ ଆମ ଦେଶର ବହୁ ଖେଳାଳି ସୁଯୋଗ ପାଉଥିଲେ ଏବଂ ବିଦେଶର ଖେଳାଳିଙ୍କ ସହ ମିଶି ଖେଳିବାଦ୍ୱାରା ଅଭିଜ୍ଞତା ଆହରଣ କରୁଥିଲେ। ଏବେ ଆଇଡବ୍ଲ୍ୟୁଏଲ୍ ମହିଳା ଖେଳାଳିଙ୍କ ପାଇଁ ସେପରି ସୁଯୋଗ ଆଣିବ। ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ପ୍ରଥମଥରପାଇଁ ଓଡ଼ିଶା ଓମେନ୍ସ ଲିଗ୍ ଆରମ୍ଭ ହୋଇଛି। ଏବେ ଆଇଡବ୍ଲ୍ୟୁଏଲ୍ ଏଠାକୁ ଆସୁଥିବାରୁ ମହିଳା ଫୁଟବଲ ପାଇଁ ଭଲ ସମୟ ଆସୁଛି ବୋଲି ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ପ୍ରକାଶ କରିଛନ୍ତି। ଆଇଡବ୍ଲ୍ୟୁଏଲ୍ ହେବାଦ୍ୱାରା ଅନେକ ପେସାଦାର ଦଳ ଏଠାକୁ ଆସିବେ। ବିଭିନ୍ନ ଦଳରେ ଭାରତୀୟ ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଅନେକ ଖେଳାଳିଙ୍କ ସହ ବିଦେଶୀ ଖେଳାଳି ମଧ୍ୟ ଅଛନ୍ତି। ତେଣୁ ସେମାନଙ୍କ ଗେମ୍‌କୁ ପାଖରୁ ଦେଖିବାଦ୍ୱାରା ଆମ ରାଜ୍ୟର ଖେଳାଳିମାନେ ଅନେକ କିଛି ଶିଖିପାରିବେ। ପ୍ରତି ଆଇଏସ୍ଏଲ୍ ଏବଂ ଆଇ-ଲିଗ୍ ଦଳର ଫ୍ରାଞ୍ଚାଇଜ୍‌ଙ୍କୁ ଗୋଟିଏ ଲେଖାଏ ମହିଳା ଫୁଟବଲ ଦଳ ଗଠନ ପାଇଁ ପରାମର୍ଶ ଦିଆଯାଇଛି। ଏହା ଫଳରେ ଅଧିକ ପିଲା ଉଚ୍ଚସ୍ତରର ଖେଳ ପାଇଁ ପର୍ଯ୍ୟାପ୍ତ ସୁଯୋଗ ସହ ଉତ୍ତମ ଟ୍ରେନିଂ ପାଇ ପାରିବେ। ପ୍ରତିଦ୍ୱନ୍ଦ୍ୱିତାର ସ୍ତର ମଧ୍ୟ ବଢ଼ିବ ବୋଲି ଶ୍ରଦ୍ଧାଞ୍ଜଳି କହିଛନ୍ତି। ଓଡ଼ିଶାରେ ମହିଳା ଫୁଟବଲର ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ନେଉଥିବାରୁ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ ଫାଓକୁ ସେ ଧନ୍ୟବାଦ ଜଣାଇଛନ୍ତି।

ଏବେ ଶ୍ରଦ୍ଧାଞ୍ଜଳିଙ୍କୁ ପୁଣି ଚୟନକର୍ତ୍ତାର ଗୁରୁଦାୟିତ୍ୱ ମିଳିଛି। ଓଡ଼ିଶା ଓମେନ୍ସ ଲିଗ୍ ଉପରେ ତୀକ୍ଷ୍ଣ ନଜର ରଖି ସେ ଖେଳାଳି ଚୟନ କରିବେ। ଚୟନ ହୋଇଥିବା ଖେଳାଳିମାନେ ଭବିଷ୍ୟତରେ ଓଡ଼ିଶା ଖେଳିବାକୁଥିବା ବିଭିନ୍ନ ଜାତୀୟ ଟୁର୍ନାମେଣ୍ଟରେ ଭାଗ ନେଇପାରିବେ। ଆଗାମୀ ଦିନରେ ହେବାକୁଥିବା ଜାତୀୟ ପ୍ରତିଯୋଗିତା ପୂର୍ବରୁ ଆମ ଚୟନ କରିଥିବା ଖେଳାଳିଙ୍କୁ ନେଇ ଟ୍ରେନିଂ କ୍ୟାମ୍ପ ହୋଇପାରିବ। ସେଥିରୁ ଚୂଡ଼ାନ୍ତ ଦଳ ଚୟନ ହେବ ବୋଲି ଶ୍ରଦ୍ଧାଞ୍ଜଳି କହିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ପୂର୍ବରୁ ଶ୍ରଦ୍ଧାଞ୍ଜଳି ମହିଳା ଫୁଟବଲର ବିଭିନ୍ନ ବୟସବର୍ଗ ସହିତ ସିନିୟର ଦଳର କୋଚ୍, ଚୟନକର୍ତ୍ତା ଦାୟିତ୍ୱକୁ ସଫଳତାର ସହ ତୁଲାଇ ଆସିଛନ୍ତି। ୨୦୧୯ରେ ଇଣ୍ଡିଆନ ଓମେନ୍ସ ଲିଗ୍ ଚାମ୍ପିୟନ ରାଇଜିଂ ଷ୍ଟୁଡେଣ୍ଟ ଦଳର ସେ ସହକାରୀ କୋଚ୍ ଥିଲେ। ଏଥିପାଇଁ ସେ ନିଯୁକ୍ତି ସଂସ୍ଥା ନାଲ୍‌କୋକୁ ଧନ୍ୟବାଦ ଜଣାଇଛନ୍ତି।

**ପ୍ରସ୍ତୁତି: ତପନ ସ୍ୱାଇଁ**


ଶ୍ରଦ୍ଧାଞ୍ଜଳି ସାମନ୍ତରାୟ

## ଆମ ସମୟରେ ଏ ସବୁ ସ୍ୱପ୍ନ ଥିଲା



ଆମେ ଯେତେବେଳେ ଖେଳିବା ଆରମ୍ଭ କରିଥିଲୁ ରାଜ୍ୟରେ ବଡ଼ ଟୁର୍ନାମେଣ୍ଟ ଆୟୋଜନ ସ୍ୱପ୍ନଭଳି ଲାଗୁଥିଲା। ଆମେମାନେ ଆନ୍ତଃଜିଲା ଟୁର୍ନାମେଣ୍ଟକୁ ମନଭରି ଉପଭୋଗ କରୁଥିଲୁ। ମାତ୍ର ଏବେ ସମୟ ବଦଳି ଯାଇଛି। ରାଜ୍ୟ ସରକାର ବିଶ୍ୱସ୍ତରୀୟ ଭିତ୍ତିଭୂମି ଉପଲବ୍ଧ କରାଇବା ଯୋଗୁ ବଡ଼ ଟୁର୍ନାମେଣ୍ଟ ଆସିବାରେ ଲାଗିଛି। ଫୁଟବଲକୁ ଭଲ ପାଉଥିବା ଆମମାନଙ୍କୁ ଏହା ଖୁବ୍ ଆନନ୍ଦ ଦେଉଛି। ଏଠାରେ ଆଇଡବ୍ଲ୍ୟୁଏଲ୍ ହେବ, ଦେଶର ବଡ଼ କ୍ଲବଗୁଡ଼ିକରୁ ଖେଳାଳିମାନେ ଆସିବେ। ସେଥିରେ ଭାରତୀୟ ଖେଳାଳିଙ୍କ ସହ ବିଦେଶୀ ଖେଳାଳି ମଧ୍ୟ ସାମିଲ ଥିବେ। ତେଣୁ ମହିଳା ଫୁଟବଲରେ ନିଶ୍ଚିତ ଏକ ଭିନ୍ନ ଧରଣର ଖେଳ ଦେଖିବାକୁ ମିଳିବ। ଆମେମାନେ ବହୁତ ଉତ୍ସାହିତ ଅଛୁ ଏପରି ଟୁର୍ନାମେଣ୍ଟ ଦେଖିବା ପାଇଁ। ବିଶେଷ କରି ଯୁବ ଖେଳାଳିଙ୍କ ଜ୍ଞାନ ଆହରଣ ପାଇଁ ଏହା ସୁବର୍ଣ୍ଣ ସୁଯୋଗ ଆଣିବ ବୋଲି ପ୍ରତିଷ୍ଠିତ ଖେଳାଳି ତଥା ରାଜ୍ୟର ପ୍ରଥମ ମହିଳା ଫୁଟବଲ ରେଫରି ସୁଦୀପ୍ତା ଦାଶ ପ୍ରକାଶ କରିଛନ୍ତି। ରାଜ୍ୟରେ ଆରମ୍ଭ ହୋଇଥିବା ଓଡ଼ିଶା ଓମେନ୍ସ ଲିଗ୍‌ରେ ସୁଦୀପ୍ତା ରେଫରିଙ୍କ ପ୍ରଦର୍ଶନକୁ ଅନୁଶୀଳନ କରିବା ଦାୟିତ୍ୱ ପାଇଛନ୍ତି। ଏହା ମୋ ପାଇଁ ନୂଆ ଚ୍ୟାଲେଞ୍ଜ ଆଣିଛି ବୋଲି ସେ କହିଛନ୍ତି।

## ଫୁଟ୍‌ବଲ ପ୍ରତି ଆକର୍ଷଣ ବଢ଼ିବ



ଓଡ଼ିଶାରେ ପ୍ରଥମ ଥର ପାଇଁ ଆଇଡବ୍ଲ୍ୟୁଏଲ୍ ହେବାଦ୍ୱାରା ରାଜ୍ୟରେ ଫୁଟବଲପ୍ରତି ନିଶ୍ଚିତ ଆକର୍ଷଣ ବଢ଼ିବ। ଏବେ ରାଜ୍ୟରୁ ଅଧିକ ମହିଳା ଫୁଟବଲ ଖେଳାଳି ବାହାରୁ ନାହାନ୍ତି। ମାତ୍ର ଏପରି ଟୁର୍ନାମେଣ୍ଟ ହେବାଦ୍ୱାରା ଅଧିକ ଖେଳାଳି ନିଶ୍ଚିତ ଏହି ଗେମ୍ ପ୍ରତି ଆକୃଷ୍ଟ ହେବେ। ରାଜ୍ୟରେ ଏପରି ଏକ ପ୍ରତିଯୋଗିତା ଆୟୋଜନ ନିଶ୍ଚିତ ବଡ଼ ପଦକ୍ଷେପ। ଆମେ ସଂଘର୍ଷକରି ଆଗକୁ ବଢ଼ିଛୁ। ଏପରି ପ୍ରତିଯୋଗିତା ଆମପାଇଁ ସ୍ୱପ୍ନ ଥିଲା। ଏବେ ତାହା ସାକାର ହେବାକୁ ଯାଉଛି। ଓଡ଼ିଶା ଓମେନ୍ସ ଲିଗ୍‌ର ଚାମ୍ପିୟନ ଆଇଡବ୍ଲ୍ୟୁଏଲ ଖେଳିବ। ଏହି ସମ୍ମାନଜନକ ପ୍ରତିଯୋଗିତା ଘରୋଇ ପରିବେଶରେ ହେବାର ଥିବାରୁ ଆମର ମଧ୍ୟ ଚାମ୍ପିୟନ ହେବା ଆଶା ଦ୍ୱିଗୁଣିତ ହୋଇଯାଇଛି। ରାଜ୍ୟର ଜୁନିୟର ପିଲାଙ୍କ ପାଇଁ ଏହି ପ୍ରତିଯୋଗିତା ଅନେକ ଅଭିଜ୍ଞତା ଆଣିବ। ସେମାନେ ବହୁତ କିଛି ଶିଖି ପାରିବେ ବୋଲି ଓଡ଼ିଶାର ଅନ୍ତର୍ଜାତୀୟ ଖେଳାଳି ବନ୍ୟା କବିରାଜ ପ୍ରକାଶ କରିଛନ୍ତି। ବନ୍ୟା ଓଡବ୍ଲ୍ୟୁଏଲ୍‌ରେ ସ୍ପୋର୍ଟ୍ସ ହଷ୍ଟେଲର ନେତୃତ୍ୱ ନେଉଛନ୍ତି। ଏହି ଦଳ ପ୍ରଥମ ମ୍ୟାଚରେ ଓଡ଼ିଶା ପୋଲିସକୁ ହରାଇ ଅଭିଯାନ ଆରମ୍ଭ କରିଛି। ପୋଲିସ ଟିମ୍ ବହୁତ ଭଲ ଥିଲା। ଦଳରେ ଅନେକ ଅଭିଜ୍ଞ ଖେଳାଳି ଅଛନ୍ତି। ମାତ୍ର ଆମେ ନିଜ ସମ୍ବଳକୁ ଉଚିତ ବିନିଯୋଗ କରି ବିଜୟୀ ହୋଇ ପାରିଲୁ। ପ୍ରତିଯୋଗିତାରେ ଚାମ୍ପିୟନ ହେବା ଆମର ଏକମାତ୍ର ଲକ୍ଷ୍ୟ ବୋଲି ବନ୍ୟା କହିଛନ୍ତି। ୨୦୧୮ରେ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ବ୍ରିକ୍ସ ଟୁର୍ନାମେଣ୍ଟରେ ଭାଗନେଇଥିବା ଭାରତୀୟ ଦଳର ସେ ସଦସ୍ୟା ଥିଲେ। ଏହା ତାଙ୍କ ପାଇଁ ସ୍ମରଣୀୟ ହୋଇ ରହିଛି ବୋଲି କୋରାପୁଟ ଉମରକୋଟର ଏହି ଫୁଟବଲ ପ୍ରତିଭା ପ୍ରକାଶ କରିଛନ୍ତି।

## ମୁଁ ଖୁବ୍ ଉତ୍ସାହିତ: ମଞ୍ଜୁ

ଓଡ଼ିଶାକୁ ଏପରି ଏକ ସମ୍ମାନଜନକ ଟୁର୍ନାମେଣ୍ଟ ଆସୁଥିବାରୁ ସ୍ୱାଭାବିକ ଭାବେ ଖୁସି ଜାହିର କରିଛନ୍ତି ଅନ୍ତର୍ଜାତୀୟ ଅଭିଜ୍ଞସମ୍ପନ୍ନ ପ୍ରତିଭା ମଞ୍ଜୁ ଗଞ୍ଜୁ। ବ୍ୟକ୍ତିଗତଭାବେ ମୁଁ ଖୁବ୍ ଉତ୍ସାହିତ ଅଛି। ଆମ ରାଜ୍ୟରେ ଏବେ ବହୁତ ବଡ଼ ଟୁର୍ନାମେଣ୍ଟ ହେଉଛି। ଆଇଡବ୍ଲ୍ୟୁଏଲ୍ ଏଠାରେ ହେବାଦ୍ୱାରା ଆମ ରାଜ୍ୟର ଖେଳାଳିମାନେ ନିଶ୍ଚିତ ଉପକୃତ ହେବେ। ପୂର୍ବରୁ ବାହାର ରାଜ୍ୟରେ ଏହା ହେଉଥିଲା। ଏବେ ଓଡ଼ିଶାରେ ହେବାକୁ ଯାଉଥିବାରୁ ଆମେମାନେ ଏହାକୁ ନିକଟରୁ ଦେଖିବାକୁ ପାଇବୁ ବୋଲି ମଞ୍ଜୁ କହିଛନ୍ତି। ୨୦୧୮ରେ ଭୁଟାନରେ ଅନୁଷ୍ଠିତ ୧୫ ବର୍ଷରୁ କମ୍ ସାଫ୍ ମହିଳା ଫୁଟବଲ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ଦଳରେ ଖେଳିଥିଲେ ମଞ୍ଜୁ। ଏହା ତାଙ୍କ ପାଇଁ ସ୍ମରଣୀୟ ବୋଲି କହିଛନ୍ତି।



## ମନରେ ଉତ୍ସାହ ଭରିଛି



ଓଡ଼ିଶାରେ ଆଇଡବ୍ଲ୍ୟୁଏଲ୍ ହେବବୋଲି ଶୁଣିବାପରେ ବ୍ୟକ୍ତିଗତଭାବେ ମୁଁ ବହୁତ ଆନନ୍ଦିତ। ଫୁଟବଲକୁ କ୍ୟାରିୟର କରୁଥିବା ଆମ ସମସ୍ତଙ୍କ ପାଇଁ ଏହି ଖବର ଖୁସି ଆଣିଛି। ଓଡବ୍ଲ୍ୟୁଏଲ୍ ଚାମ୍ପିୟନ ସିଧାସଳଖ ଯୋଗ୍ୟତା ଅର୍ଜନ କରିବ। ଏଥର ଘରୋଇ ପରିବେଶରେ ଖେଳିବାକୁ ଥିବାରୁ ଆମମାନଙ୍କ ମଧ୍ୟରେ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା ବଢ଼ିବ ବୋଲି ଓଡବ୍ଲ୍ୟୁଏଲ୍‌ରେ ରାଇଜିଂ ଷ୍ଟୁଡେଣ୍ଟ ଦଳର ନେତୃତ୍ୱ ନେଉଥିବା ସତ୍ୟବତୀ ଖାଡ଼ିଆ ପ୍ରକାଶ କରିଛନ୍ତି।

# ସହିଦ ସ୍ପୋର୍ଟିଂ ସେମିରେ

ଭୁବନେଶ୍ୱର, ୧।୩(କ୍ରୀଡ଼ା ପ୍ରତିନିଧି)

ଲାଇଭ୍ ଲିଜେଣ୍ଡ୍ କ୍ରିକେଟ୍ କ୍ଲବ୍ (ଏଲ୍ଏଲ୍‌ସିସି) ଆନୁକୂଲ୍ୟରେ ଚାଲିଥିବା ୧୪ ବର୍ଷରୁ କମ୍ କ୍ରିକେଟ୍ ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲରେ ରାମେଶ୍ୱର ସ୍ପୋର୍ଟିଂକୁ ହରାଇ ସହିଦ ସ୍ପୋର୍ଟିଂ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସହିଦ ସ୍ପୋର୍ଟିଂ ଶାଶ୍ୱତ ରାଉତଙ୍କ ଶତକ ସହାୟତାରେ ୩୫ ଓଭରରେ ୩ ଉଇକେଟ ହରାଇ ୨୫୪ ରନ କରିଥିଲା। ଶାଶ୍ୱତ ୧୩୪ ରନକରି ଅପରାଜିତ ରହିଥିଲେ। ଜବାବରେ ରାମେଶ୍ୱର ୨୫ ଓଭରରେ ୧୩୩ ରନକରି ଅଲଆଉଟ ହୋଇ ଯାଇଥିଲା। ଜୟଦୀପ ଦାସ ସର୍ବାଧିକ ୪୪ ରନ କରିଥିଲେ। ବିଜୟୀ ଦଳର ପ୍ରିୟରଞ୍ଜନ ନାୟକ ୩ଟି ଏବଂ ଶାଶ୍ୱତ, କୋଶାଲ ବିଶ୍ୱକର୍ମା ଓ ପାର୍ଥ କୁମାର ୨ଟି ଲେଖାଏ ଉଇକେଟ ନେଇଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ଶାଶ୍ୱତ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ରଣଜୀ ଟ୍ରଫି ତାରକା ବିପ୍ଳବ ସାମନ୍ତରାୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ମଙ୍ଗଳବାର ଜୁଭେନାଇଲ ଓ ପ୍ରଗତି ସ୍ପୋର୍ଟିଂ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ।


ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଶାଶ୍ୱତ ରାଉତ ପୁରସ୍କାର ଗ୍ରହଣ କରୁଛନ୍ତି।

# ଫାଇନାଲ ରାଉଣ୍ଡ ଆରମ୍ଭ

ଭୁବନେଶ୍ୱର, ୧।୩ (ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ହକି କମ୍ପ୍ଲେକ୍ସରେ ଓଡ଼ିଶା ନାଭାଲ ଟାଟା ହକି ହାଇ ପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି) ଆନୁକୂଲ୍ୟରେ ଚାଲିଥିବା ପ୍ରଥମ ଓଡ଼ିଶା ନାଭାଲ ଟାଟା ହକି ଗ୍ରାସରୁଟ୍ ଲିଗ୍‌ର ଫାଇନାଲ ରାଉଣ୍ଡ ଆରମ୍ଭ ହୋଇଛି। ଛୋଟ ପିଲାମାନଙ୍କୁ ଉତ୍ସାହିତ କରିବା ପାଇଁ ସାରା ରାଜ୍ୟରେ ଥିବା ଗ୍ରାସ୍‌ରୁଟ୍ ସେଣ୍ଟରରେ ଟୁର୍ନାମେଣ୍ଟ ଆୟୋଜନ ହେଉଛି। ଏଠାରେ ପିଲାମାନଙ୍କୁ ପ୍ରତିଦିନ ଟ୍ରେନିଂ ଦିଆଯାଉଛି। ୧୨ଟି ଗ୍ରାସ୍‌ରୁଟ୍ ସେଣ୍ଟର ମଧ୍ୟରୁ ୧୦ଟି କ୍ୟାଡେଟ ଏଥିରେ ଅଂଶଗ୍ରହଣ କରିଛନ୍ତି।

ଟୁର୍ନାମେଣ୍ଟର ପ୍ରଥମ ପର୍ଯ୍ୟାୟ ଗତ ୧୫ରୁ ୨୧ ଫେବୃୟାରୀ ମଧ୍ୟରେ ଆୟୋଜିତ ହୋଇଥିଲା। ଏହାପରେ ଟୁର୍ନାମେଣ୍ଟର ଫାଇନାଲ ରାଉଣ୍ଡ ମାର୍ଚ୍ଚ ୧ରୁ ୬ ତାରିଖ ମଧ୍ୟରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ହକି କମ୍ପ୍ଲେକ୍ସରେ ଖେଳାଯିବ। ଅନ୍ତିମ ରାଉଣ୍ଡରେ ଶର୍ଟଲିଷ୍ଟ ହୋଇଥିବା ୮ଟି ଦଳ ଅଂଶଗ୍ରହଣ କରିବେ। ପ୍ରଥମ ପର୍ଯ୍ୟାୟରେ ଅଂଶଗ୍ରହଣ କରିଥିବା ୪ଟି ଲେଖାଏ ବାଳକ ଓ ବାଳିକା ଦଳ ଅଂଶଗ୍ରହଣ କରିବେ। ବାଳକ ଦଳଗୁଡ଼ିକ ହେଲେ ସବ୍‌ଡେଗା, ପୁରୁଣାପାଣି, କାଦୋବାହଲ ଓ ମଝାପରା। ସେହିପରି ଅଂଶଗ୍ରହଣ କରିଥିବା ବାଳିକା ଦଳଗୁଡ଼ିକ ହେଲା ନୂଆଗାଁ, ଅଲନ୍ଦା, ମଝାପରା ଓ କାଦୋବାହାଲ।

ବାଳିକା ମ୍ୟାଚ୍‌ଗୁଡ଼ିକ ୨ରୁ ମାର୍ଚ୍ଚ ୪ ତାରିଖ ମଧ୍ୟରେ ଆୟୋଜନ ହେବ ଓ ସକାଳ ୯.୩୦ରେ ମ୍ୟାଚ୍ ଆରମ୍ଭ ହେବ। ସେହିପରି ବାଳକ ମ୍ୟାଚ୍‌ଗୁଡ଼ିକ ୨ରୁ ମାର୍ଚ୍ଚ ୪ ତାରିଖ ମଧ୍ୟରେ ଆୟୋଜନ ହେବ। ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିବାକୁ ଥିବା ଦଳ ମଧ୍ୟରେ ମାର୍ଚ୍ଚ ୬ ତାରିଖ ସକାଳ ୯ଟାରେ ମ୍ୟାଚ୍ ଖେଳାଯିବ। ଏହି ଦିନ ବାଳିକା ଫାଇନାଲ ମ୍ୟାଚ୍ ଅପରାହ୍ନ ୩.୪୫ରେ ଆରମ୍ଭ ହେବ। ବାଳକ ଫାଇନାଲ ମ୍ୟାଚ୍ ୫.୧୫ରେ ଆୟୋଜନ ହେବ ଓ ଏହା ପରେ ପୁରସ୍କାର ବିତରଣ ଉତ୍ସବ ଆୟୋଜନ କରାଯିବ।

**ଓଡ଼ିଶା ନାଭାଲ ଟାଟା ହକି ଗ୍ରାସ୍‌ରୁଟ୍ ଲିଗ୍**

# ସୌନକ, ଦିଲୀପ, ଲକ୍ଷ୍ମୀଙ୍କୁ ବିସିଜି ଟ୍ରଫି


ପୁରସ୍କାର ସହ ସୌନକ ପାରିଖ, ଦିଲୀପ ତିର୍କି ଓ ଲକ୍ଷ୍ମୀ ସ୍ୱାଇଁ

ଭୁବନେଶ୍ୱର, ୧।୩(କ୍ରୀଡ଼ା ପ୍ରତିନିଧି)

ପାଖାପାଖି ବର୍ଷକ ପରେ ଭୁବନେଶ୍ୱର ଗଲ୍ଫ କ୍ଲବ୍ (ବିଜିସି) ଟ୍ରଫି ପ୍ରଦାନ ଉତ୍ସବ ରବିବାର ସମ୍ପନ୍ନ ହୋଇଛି। ଗତବର୍ଷ ମାର୍ଚ୍ଚ ୧୩, ୧୪ ଓ ୧୫ ତାରିଖରେ ବିଜିସି କୋର୍ସରେ ଅନୁଷ୍ଠିତ ବିଜିସି ଗଲ୍ଫ ପ୍ରତିଯୋଗିତାର ପୁରସ୍କାର ପ୍ରଦାନ ଉତ୍ସବ କରୋନା କାରଣରୁ ସ୍ଥଗିତ ରହିଥିଲା। ଏବେ କଟକଣା ହଟିବା ପରେ ଏହାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ଏହାର ମୁଖ୍ୟ ବର୍ଗ ୦-୧୮ ହ୍ୟାଣ୍ଡିକ୍ୟାପରେ ସୌନକ ପାରିଖ ବିଜେତା ଓ ଶୈଳେନ୍ଦ୍ର ରନର୍ସଅପ୍ ହୋଇଥିଲେ। ହକି କିମ୍ବଦନ୍ତୀ ଦିଲୀପ ତିର୍କୀ ବେଷ୍ଟ ଗ୍ରସ୍ ସମ୍ମାନ ଲାଭ କରିଥିଲେ। ସେହିଭଳି ମହିଳା ବର୍ଗରେ ଲକ୍ଷ୍ମୀ ସ୍ୱାଇଁ ଚାମ୍ପିୟନ ଏବଂ ଶୁଭ୍ରା ମିଶ୍ର ରନର୍ସଅପ୍, ୧୯-୨୪ ହ୍ୟାଣ୍ଡିକ୍ୟାପ୍ ବର୍ଗରେ କ୍ରିଷ୍ଣେନ୍ଦୁ ନନ୍ଦୀ ଚାମ୍ପିୟନ ଏବଂ ଦୁଲାଲ ପାଣି ରନର୍ସଅପ୍ ହୋଇଥିଲେ। ବରିଷ୍ଠ ବର୍ଗରେ ବାବି ମିଶ୍ର ଓ ଡକ୍ଟର କେଦାର ଦାଶ ଶୀର୍ଷ ଦୁଇ ସ୍ଥାନ ଅଧିକାର କରିଥିଲେ।

# ପିଚ୍ ସମାଲୋଚନାକୁ ରିଚାର୍ଡ୍ସଙ୍କ ବିରୋଧ



**ନୂଆଦିଲ୍ଲୀ, ୧।୩ (ପି.ଟି.):** ଚଳିତ ଟେଷ୍ଟ ସିରିଜରେ ଇଂଲଣ୍ଡ କ୍ରମାଗତ ଦୁଇଟି ଟେଷ୍ଟରେ ପରାସ୍ତ ହେବା ପରେ ଭାରତୀୟ ପିଚ୍‌କୁ ନେଇ ଚର୍ଚ୍ଚା ଚାଲିଛି। ଇଂଲଣ୍ଡର କେତେକ ପୂର୍ବତନ ଓ ଏବେକାର କ୍ରିକେଟର ଏ ନେଇ ବିଳାପ କରୁଛନ୍ତି। ତେବେ ଏହାକୁ ୱେଷ୍ଟଇଣ୍ଡିଜ୍ କ୍ରିକେଟ ଲିଜେଣ୍ଡ ଭିଭିଆନ ରିଚାର୍ଡ୍ସ ନାପସନ୍ଦ କରିବା ସହ କଡ଼ା ସମାଲୋଚନା କରିଛନ୍ତି। ପିଚ୍‌କୁ ନେଇ ଚାଲିଥିବା ବିଳାପ ତାଙ୍କୁ ଦ୍ୱନ୍ଦ୍ୱରେ ପକାଇଛି ବୋଲି ସେ କହିଛନ୍ତି।

ଇଂଲଣ୍ଡର ପୂର୍ବତନ କ୍ରିକେଟର ମାଇକେଲ ଭନ ଓ ବ୍ରିଟେନର ଗଣମାଧ୍ୟମଗୁଡ଼ିକ ମୋଟେରାର ଟର୍ନିଂ ଟ୍ରାକ୍‌କୁ ନେଇ କଡ଼ା ସମାଲୋଚନା କରିଛନ୍ତି। ଏକଦା ଇଂଲଣ୍ଡରେ ସିମିଂ ଟ୍ରାକ ବନା ଯାଉଥିଲା ଓ ଗୁଡ୍ ଲେଙ୍ଥ ସ୍ପଟ୍ ହିଁ ବଲ୍ ଜମ୍ପ କରୁଥିଲା। ସେତେବେଳେ ବ୍ୟାଟ୍ସମ୍ୟାନମାନେ ଏହି ଟ୍ରାକରେ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏ ନେଇ କେବେ ବି କୌଣସି ଦଳ ଅଭିଯୋଗ କରି ନ ଥିଲେ। ଭାରତରେ ଖେଳିବାକୁ ହେଲେ ସ୍ପିନ୍‌କୁ ଭଲଭାବେ ସାମ୍ନା କରିବାରୁ କଳା ଶିକ୍ଷା କରିବାକୁ ହୋଇଥାଏ। କିନ୍ତୁ ଇଂଲଣ୍ଡ ଏହି ଗସ୍ତରେ ସ୍ପିନ୍‌କୁ ଖେଳିବା ନେଇ ହୋମ୍‌ୱାର୍କ କରିନାହିଁ ବୋଲି ରିଚାର୍ଡ୍ସ କହିଛନ୍ତି।

ଟେଷ୍ଟ ଫର୍ମାଟ୍‌ରେ ଜଣେ ଖେଳାଳି କଡ଼ା ପରୀକ୍ଷାର ସମ୍ମୁଖୀନ ହୋଇଥାଏ। ତେଣୁ ସ୍ପିନ୍‌କୁ ଖେଳିବା ମଧ୍ୟ ଏକ ବଡ଼ ପରୀକ୍ଷା। ଭାରତ ଗସ୍ତରେ ଗଲେ ସ୍ପିନ୍ ଖେଳିବାକୁ ହୋଇଥାଏ। ତେଣୁ ଏଥିପାଇଁ ପ୍ରସ୍ତୁତିର ଆବଶ୍ୟକତା ରହିଥାଏ। ଇଂଲଣ୍ଡ ପ୍ରଥମ ଟେଷ୍ଟରେ ବିଜୟୀ ହୋଇଥିଲା। ତେବେ ଏହାପରେ ଇଂଲଣ୍ଡକୁ ନିୟନ୍ତ୍ରଣକୁ ଆଣିବାର ସଫଳ ହୋଇଥିଲା। ସ୍ପିନ୍ ମଧ୍ୟ କ୍ରିକେଟର ଏକ ଅଂଶ ବୋଲି ସେ କହିଛନ୍ତି।

# ‘ମିଷ୍ଟର ଭୁବନେଶ୍ୱର’ ୧୨ରୁ

**ଭୁବନେଶ୍ୱର, ୧।୩ (ପି.ଟି.):** ରାଜ୍ୟ ବରିଷ୍ଠ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ନିମନ୍ତେ ‘ମିଷ୍ଟର ଭୁବନେଶ୍ୱର-୨୦୨୧’ ୧୨ ତାରିଖରୁ ଆରମ୍ଭ ହେବ। ଭୁବନେଶ୍ୱର ଜିଲା ସୁନ୍ଦର ସ୍ୱାସ୍ଥ୍ୟ ସଂଘ ଆନୁକୂଲ୍ୟରେ ଦୁଇଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତା ସ୍ଥାନୀୟ କୋରାପୁଟ ଭବନରେ ଆୟୋଜନ ହେବ। ଏଥିରେ ୫୫ରୁ ୧୦୦ କେ.ଜି. ମଧ୍ୟରେ ସମୁଦାୟ ୧୦ଟି ଓଜନ ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିସହ ମହିଳା ଓ ପୁରୁଷ ଫିଜିକାଲ ଫିଟ୍‌ନେସ ବିଭାଗରେ ମଧ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ କୃତିତ୍ୱ ଅର୍ଜନ କରିଥିବା ଖେଳାଳିମାନେ ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

## ସଂକ୍ଷେପରେ

### ଯୁବକଙ୍କୁ ପିଟି ହତ୍ୟା, ଜଣେ ଅଟକ

ଗଞ୍ଜାମ,୧ା୩(ଡି.ଏନ.ଏ.):ଗଞ୍ଜାମ ଜିଲା ରମ୍ଭା ଥାନା ହୁମ୍ମା ଫାଣ୍ଡି ଅଞ୍ଚଳରେ ରବିବାର ରାତିରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ସେ ହେଲେ ହୁମ୍ମା ବଡ଼ ସାହିର ଦଣ୍ଡପାଣି ବିଶ୍ୱାଳ (୪୮)। ପୋଲିସ ସୋମବାର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଜଣଙ୍କୁ ଅଟକ ରଖିଛି। ଏଏସପି ଠାକୁର ପ୍ରସାଦ ପାତ୍ର, ଏସ୍‌ଡିପିଓ ଗୌତମ କିଷାନ, ରମ୍ଭା ଆଇଆଇସି କୃଷ୍ଣ ଚନ୍ଦ୍ର ସେଠୀ, ଗଞ୍ଜାମ ଥାନା ଆଇଆଇସି ଦିଲୀପ କୁମାର ସାହୁ, ଛତ୍ରପୁର ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିଛନ୍ତି। ମଦ୍ୟପାନ ପରେ କୌଣସି କାରଣକୁ ନେଇ ଦୁଇଜଣଙ୍କ ମଧ୍ୟରେ ପ୍ରଥମେ ବଚସା ହୋଇଥିଲା। ପରେ କାଠ ଫାଳିଆରେ ପିଟି ଦଣ୍ଡପାଣିଙ୍କୁ ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ହୁମ୍ମା ଫାଣ୍ଡି ଅଧିକାରୀ ଏସ୍. କେ. ଦାସ କହିଛନ୍ତି। ହତ୍ୟାରେ ବ୍ୟବହୃତ କାଠଫାଳିଆ ଓ ଇଟା ଜବତ କରାଯାଇଛି।



## ମଡେଲିଂ ଫ୍ୟାଶନ ଶୋ'ରେ ଦାମନଯୋଡ଼ିର ସାର୍ଥକଙ୍କୁ ସଫଳତା

ଦାମନଯୋଡି,୧ା୩(ଡି.ଏନ.ଏ.)



ମଡେଲିଂ ଫ୍ୟାଶନ ଶୋରେ ଦାମନଯୋଡ଼ି ଭେଜାପୁଟର ସାର୍ଥକ କୁମାର ଖରା(୨୭) ୨ୟ ରନର୍ସ ଅପ୍ ଟାଇଟଲ ହାସଲ କରି ସଫଳତା ଅର୍ଜନ କରିଛନ୍ତି। ଫେବୃୟାରୀ ୨୩ରେ ରାଜସ୍ଥାନ ଜୟପୁରରେ ଗ୍ଲାମନ ଦି ରାଇଜିଂ ଷ୍ଟାର ପକ୍ଷରୁ ଆୟୋଜିତ ମିଷ୍ଟର ଆଣ୍ଡ ମିସ୍ ମଡେଲିଂ କଣ୍ଟେଷ୍ଟ-୨୦୨୦ ଶୋରେ ଭାଗ ନେଇ ସାର୍ଥକ ମିଷ୍ଟର ବେଷ୍ଟ କ୍ୟାଟ୍‌ୱାକ୍‌ରେ ୨ୟ ରନର୍ସ ଅପ୍ ଟାଇଟଲ ହାସଲ କରିଛନ୍ତି। ପ୍ରତିଯୋଗିତାରେ ଦୁବାଇରୁ ଆସିଥିବା ଅତିଥି ଏବଂ ବଲିଉଡରୁ ଆସିଥିବା ଫିଲ୍ମ ନିର୍ଦ୍ଦେଶକ ବିଜୟ ଗୋଲେଚା ତାଙ୍କୁ ପୁରସ୍କୃତ କରିଥିଲେ। ଏହି ଶୋରେ ଭାଗନେବା ପାଇଁ ଅନ୍‌ଲାଇନ ମାଧ୍ୟମରେ ସେ ଅଡିଶନ ଦେଇଥିଲେ। ଏହା ପୂର୍ବରୁ ୨୦୧୮ରେ ଭୁବନେଶ୍ୱରରେ ଅନୁଷ୍ଠିତ ଆଘାଜ ଫ୍ୟାଶନ୍ ମଡେଲିଂ ଶୋ'ରେ ଟପ ଟେନ୍, ୨୦୧୯ରେ କୋରାପୁଟ ଜିଲା ସେମିଳିଗୁଡାରେ ହୋଇଥିବା ମିଷ୍ଟର ଆଣ୍ଡ ମିସ୍ କୋରାପୁଟ ପ୍ରତିଯୋଗିତାରେ ଭାଗନେଇ ପ୍ରଥମ ରନର୍ସ ଅପ୍ ହୋଇଥିଲେ। ଏଥିସହ ସେ ମିଷ୍ଟର ଗ୍ଲୋବାଲ ଏସିଆରେ ଟପ-୩୦ ଏବଂ ୨୦୨୦ରେ ହୋଇଥିବା ମିଷ୍ଟର ଆଣ୍ଡ ମିସ୍ ଆଇକନ ପ୍ରତିଯୋଗିତାରେ ଟପ-୪ ଟାଇଟଲ ହାସଲ କରିଛନ୍ତି। ୨୦୧୬ରେ ପାରଳାଖେମୁଣ୍ଡି ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟରୁ ସିଭିଲ ଇଞ୍ଜିନିୟରିଂରେ ବି-ଟେକ୍ ପାସ କରିଥିବା ସାର୍ଥକଙ୍କ ମଡେଲିଂ ଫ୍ୟାଶନ ତାଙ୍କର ନିଶା ପାଲଟିଛି ବୋଲି କହିଛନ୍ତି। ସାର୍ଥକଙ୍କ ବାପା ଡା.ଉଦୟନାଥ ଖରା ଜଣେ ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସକ ଏବଂ ମାଆ ଜଣେ ସୁଗୃହିଣୀ। ତାଙ୍କ ବଡଭାଇ ଜଣେ ସାମାଜିକ କର୍ମୀ ରୂପେ କାର୍ଯ୍ୟ କରନ୍ତି। ମଡେଲିଂରେ ଆହୁରି ଆଗକୁ ବଢିବାକୁ ସେ ଲକ୍ଷ୍ୟ ରଖିଥିବା କହିଛନ୍ତି।

## ବ୍ରହ୍ମବନର କୋଣାଦିତ୍ୟ

ଡ. ସୁରେନ୍ଦ୍ର କୁମାର ମିଶ୍ର

୨୦୧୫, ଅଗଷ୍ଟ ୩୧ ତାରିଖରେ 'ଐତିହ୍ୟର ଓଡ଼ିଶା' ଶୀର୍ଷକରେ ଓଡ଼ିଶାର ଗୌରବମୟ ଐତିହ୍ୟର ଆଲୋଚନା ଆରମ୍ଭ ହୋଇଥିଲା। ପ୍ରଥମ ଆଲୋଚନାର ଆଦିକଥାରେ ଆମେ ସୂଚନା ଦେଇଥିଲୁ ଯେ, ଓଡ଼ିଶାର ଗାଁଠାରୁ ସହରର ଗଳି ପର୍ଯ୍ୟନ୍ତ ଇତିହାସର ଉପାଦାନ ବିଛାଡ଼ି ହୋଇ ପଡ଼ିଛି। ଦୃଷ୍ଟିକୋଣରେ ସାମାନ୍ୟ ପରିବର୍ତ୍ତନ ହେଲେ ଉପାଦାନଗୁଡ଼ିକର ମୂଲ୍ୟାଙ୍କନ ହୋଇପାରିବ। ସେଥିପାଇଁ ଓଡ଼ିଶା ଇତିହାସର ବହୁ ଅନାଲୋଚିତ ତଥ୍ୟ ଆମେ ସରଳ ଭାଷାରେ ମନକୁ ଛୁଇଁଲା ପରି ଆଲୋଚନା କରିବାକୁ ଚେଷ୍ଟା କରିଥିଲୁ। ଆମର ଶାସ୍ତ୍ର, ଅପ୍ରକାଶିତ ପୋଥି, କାହାଣୀ, କିମ୍ବଦନ୍ତୀ, ଲୋକକଥା ଓ ପରମ୍ପରାରୁ ଅନେକ ଉପାଦାନ ସଂଗ୍ରହ କରି ଆଲୋଚନା ପରିସରକୁ ଆଣିଥିଲୁ। ଏହାରି ଭିତରେ ରହିଛି ଆମ ବିଜୟ ବୁନିଆଦିର ସ୍ମାରକୀ।

ଏହି ଆଲୋଚନା ଧାରାବାହିକ ଭାବରେ ୧୪୪ଟି ସଂଖ୍ୟାରେ ପ୍ରକାଶ ପାଇଥିଲା। ଗୌରବମୟ ଐତିହ୍ୟର ଆଲୋଚନା ଦ୍ୱାରା ଗୋଟାଏ ଜାତିର



ସୂର୍ଯ୍ୟ ଉଦୟ ହେଉଥିବାର ଦୃଶ୍ୟ।

ଜାତୀୟତାକୁ ପାଠକଟିଏ ନୂଆ ରୂପରେ ତଉଲେଇବାର ଅବକାଶ ପାଏ। ତା' ଅତୀତକୁ ସେ ନୂଆ କରି ପୁଣି ଦେଖେ। ସେ ଆହ୍ୱାନକୁ ଧରିତ୍ରୀ ସାକାର କରିଆସିଛି। ଇଂରେଜମାନେ ଓଡ଼ିଶା ଅଧିକାର କରିବା ପରେ ୧୮୦୪ ମସିହାଠାରୁ ତା୧୭.୦୭.୧୮୨୭ରିଖର ତାପଙ୍ଗଗଡ଼ ଯୁଦ୍ଧ ପର୍ଯ୍ୟନ୍ତ ଆମେ ଆଲୋଚନା କରି ଖୋରଧା ବୀରମାନଙ୍କ 'ଦ୍ୱୀପାନ୍ତରର କରୁଣ ପରିଣତି' ପର୍ଯ୍ୟନ୍ତ ପହଞ୍ଚିଥିଲୁ। ଓଡ଼ିଶାର ସୁଦୀର୍ଘ ରାଜବଂଶର ଶାସନ, ସାମରିକ ପରାକାଷ୍ଠା ଓ ଦିଗ୍‌ବିଜୟ ଗାଥା ଗୁନ୍ଥି ଦେଇଥିଲୁ ଯେ ସବୁ




ଆଲୋଚନାରେ। ମାତ୍ର ଓଡ଼ିଶାର କଳା-ସ୍ଥାପତ୍ୟ-ଭାସ୍କର୍ଯ୍ୟର ଐତିହ୍ୟ ସ୍ୱତନ୍ତ୍ର ଭାବରେ ଆଲୋଚନା କରିବାର ଆଶା ପୋଷଣ କରିଥିଲୁ। ଓଡ଼ିଶାର ଏହି ଦିଗ ମଧ୍ୟ ବହୁ ମତ ମତାନ୍ତର କୁହେଳିକାରେ ସଂକ୍ରମିତ। ଉଦାହରଣ ସ୍ୱରୂପ ପ୍ରଥମେ ଆମେ କୋଣାର୍କରେ ନିର୍ମିତ ହୋଇଥିବା ଶ୍ରୀ ପଦ୍ମକେଶର ମନ୍ଦିରର ଐତିହ୍ୟକୁ ଚର୍ଚ୍ଚା ପରିସରକୁ ଆଣିବା।

ପ୍ରାଚୀନ କୋଣାଦିତ୍ୟ କ୍ଷେତ୍ର ଆଜି କୋଣାର୍କଭାବରେ ପରିଚିତ ହେଉଛି। ଏହି କ୍ଷେତ୍ରର ଦୁଇପାର୍ଶ୍ୱ ଓ ମଝିରେ ସମୁଦାୟ ୫ଟି ନଦୀ ମହୋଦଧିରେ ମିଶିଥିଲା। ମନ୍ଦିର ନିର୍ମାଣ ପୂର୍ବରୁ କୋଣାଦିତ୍ୟ ଥିଲା ଭାରତବର୍ଷର ପ୍ରସିଦ୍ଧ ତୀର୍ଥକ୍ଷେତ୍ର। ପବିତ୍ର ଚନ୍ଦ୍ରଭାଗା ନଦୀକୁ ନେଇ ତୀର୍ଥ ଗଢ଼ି ଉଠିଥିଲା। ସଂସ୍କୃତ ମହାଭାରତ ସମୟରେ ପ୍ରସିଦ୍ଧ 'ବ୍ରହ୍ମବନ'ର ପୂର୍ବାଞ୍ଚଳ ଥିଲା କୋଣାଦିତ୍ୟର ତପସ୍ୟା-ଭୂମି। ପଶ୍ଚିମାଞ୍ଚଳ ଥିଲା ବ୍ରହ୍ମଗିରିର ସାଧନା ଭୂମି। କୋଣାଦିତ୍ୟ ଶବ୍ଦ ସଂସ୍କୃତ ଜ୍ୟୋତିଷ ଶାସ୍ତ୍ରର ୧୧ ଖଣ୍ଡ ଗ୍ରନ୍ଥରୁ ଆମେ ପାଉ। ସୂର୍ଯ୍ୟଙ୍କୁ ନେଇ ଏହି ଶବ୍ଦ। ଶ୍ରୀଆଦିତ୍ୟ ଦେବ ପୂର୍ବ ଦିଗର କୋଣରୁ ଉଦୟ ହେଉଥିବାରୁ ଏହାର ଗଭୀର ରହସ୍ୟକୁ ଜ୍ୟୋର୍ତିର୍ବିଜ୍ଞାନୀମାନେ ଅନୁସନ୍ଧାନ କରିଛନ୍ତି ଶତାବ୍ଦୀ ପରେ ଶତାବ୍ଦୀ ଧରି। ସେହି ଅନୁସନ୍ଧାନ ସମ୍ପୂର୍ଣ୍ଣ ଭାବେ ପ୍ରସଙ୍ଗକ୍ରମରେ ଆମେ ଏକାଠି କରିପାରିନେ। କୋଣାଦିତ୍ୟକୁ ନେଇ ଯେଉଁ ନମସ୍ୟ ଗ୍ରନ୍ଥକାରମାନେ ବିଚାର ଆଲୋଚନା କରିଛନ୍ତି, ତାହା ବିଜ୍ଞାନୀମାନଙ୍କୁ ନିଶ୍ଚିତ ଚିନ୍ତା କରିବାକୁ ବାଧ୍ୟ କରିବ।

- ଫଟୋ: ଯଜ୍ଞେଶ୍ୱର ମହାନ୍ତି

## ଛାତ୍ର କଂଗ୍ରେସର ନବୀନ ନିବାସ ଘେରାଉ ଉଦ୍ୟମ

ଭୁବନେଶ୍ୱର, ୧ା୩(ବ୍ୟୁରୋ)

ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ସୋମବାର କଂଗ୍ରେସ ଭବନଠାରେ ବେକାରି ସମସ୍ୟା ପ୍ରସଙ୍ଗରେ 'ନୌକରି ଦୋ ୟା ଡିଗ୍ରୀ ୱାପସ୍ ଲୋ' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ଦାବି ନେଇ ଛାତ୍ର କଂଗ୍ରେସ ପକ୍ଷରୁ ଏକ ବିଶାଳ ରାଲି ନବୀନ ନିବାସ ଘେରାଉ ଉଦ୍ୟମ କରାଯାଇଛି। ଏହାକୁ ରୋକିବା ଲାଗି ରାଜମହଲ ଏବଂ ଏଜି ଛକଠାରେ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ର କଂଗ୍ରେସ ରାଷ୍ଟ୍ରୀୟ ସଭାପତି ନିରଜ କୁନ୍ଦନ କହିଛନ୍ତି, ରାଜ୍ୟ ସରକାର ବର୍ଷକୁ ୨ ଲକ୍ଷ ଓ ମୋଦି ସରକାର ବର୍ଷକୁ ୨ କୋଟିର ନିଯୁକ୍ତି ପ୍ରତିଶ୍ରୁତି ଦେଇ ଛାତ୍ର ଓ ଯୁବ ସମାଜକୁ ଭୁଆଁ ବୁଲାଉଛନ୍ତି। ବିଜେଡି ୨୧ ଏବଂ ଭାଜପା ୭ ବର୍ଷରେ ଛାତ୍ର ଓ ଯୁବକଙ୍କ ସମସ୍ୟାର ସମାଧାନ ପାଇଁ ଆଦୌ ଚିନ୍ତା କରିନାହାଁ। ଦେଶ ଏବଂ ରାଜ୍ୟରେ ଶିକ୍ଷାର ଘରୋଇକରଣ ଓ ବ୍ୟବସାୟୀକରଣ କରାଯାଉଛି। ବିଜେଡି ଓ ଭାଜପା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ବୋଲି ସେ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜଣେ ପ୍ରତାରକ। ଓଡ଼ିଶା ସରକାର କେନ୍ଦ୍ରର କଳା କୃଷି ଆଇନକୁ ସମର୍ଥନ ଜଣାଇଛନ୍ତି। ମୋଦି ଦେଶର କୃଷକଙ୍କୁ ଦେଶଦ୍ରୋହୀ ବୋଲି କହୁଛନ୍ତି। ରାଜ୍ୟର ୨୧ ବର୍ଷର ଶାସନରେ ଛାତ୍ର, ଯୁବକ ଅସହାୟ ଅବସ୍ଥାରେ ଅଛନ୍ତି। ପୁରପଲ୍ଲୀରୁ ରାଜଧାନୀ ପର୍ଯ୍ୟନ୍ତ ନବୀନ ସରକାର ବିରୋଧରେ ଦୁର୍ବାର ଆନ୍ଦୋଳନ ଗଢ଼ି ତୋଳିବା ପାଇଁ କୁନ୍ଦନ ଛାତ୍ର ସମାଜକୁ ଆହ୍ୱାନ ଦେଇଛନ୍ତି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି, ମୋଦି ଓ ନବୀନ ଶାସନରେ ଗଣତନ୍ତ୍ର ବିପଦଗ୍ରସ୍ତ। ଉପସ୍ଥିତ ଛାତ୍ର କଂଗ୍ରେସ ନେତା ଓ କର୍ମୀଙ୍କୁ ଶପଥ ପାଠ କରାଯାଇଛି। ଏହି ଅବସରରେ ଛାତ୍ର କଂଗ୍ରେସ ପକ୍ଷରୁ ଏକ ବିଶାଳ ରାଲି କଂଗ୍ରେସ ଭବନରୁ ବାହାରି ନବୀନ ନିବାସ ଅଭିମୁଖେ ଯାଉଥିବା ବେଳେ ରାଜମହଲ ଛକଠାରେ ପୋଲିସ ବ୍ୟାରିକେଡ୍ ଭାଙ୍ଗିଥିଲେ। ପୋଲିସ ନିରଜ କୁନ୍ଦନ, ୟାସିର ନୱାଜ, ଆଦିତ୍ୟ ଚୌଧୁରୀ, ବିବେକ ସିଂ ପଟେଲ, ରାହୁଲ ପ୍ରମୁଖ ଛାତ୍ର କଂଗ୍ରେସର କର୍ମକର୍ତ୍ତା ଓ ନେତୃବୃନ୍ଦଙ୍କୁ ଅଟକ ରଖିଥିଲେ। ନେତା ନିହାର ବେହେରା ସଭାକାର୍ଯ୍ୟ ପରିଚାଳନା ଓ ଭୁବନେଶ୍ୱର ଜିଲା କଂଗ୍ରେସ ସଭାପତି ବିଶ୍ୱଜିତ୍ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏବିଭିପିର ୫ ଜଣ ନେତା ଆନୁଷ୍ଠାନିକ ଭାବେ କଂଗ୍ରେସରେ ଯୋଗ ଦେଇଛନ୍ତି।



ରାଜମହଲ ଛକରେ ପୋଲିସ ଛାତ୍ରକଂଗ୍ରେସ କର୍ମକର୍ତ୍ତାଙ୍କୁ ଅଟକାଉଛି।

- ଅଧାରୁ ଅଟକାଇଲା ପୋଲିସ
- 'ନୌକରି ଦୋ ୟା ଡିଗ୍ରୀ ୱାପସ୍ ଲୋ' ନାରାବାଜି
- ଏବିଭିପିର ୫ କଂଗ୍ରେସରେ ସାମିଲ

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଛାତ୍ରୀଙ୍କ ମୃତ୍ୟୁ

ଡେଲାଙ୍ଗ,୧ା୩(ଡି.ଏନ୍.ଏ.)

ଜେନାପୁର ପଞ୍ଚାୟତର ଗୋବିନ୍ଦପୁର ଗ୍ରାମରେ ପାଣି ଗରମ କରିବା ସମୟରେ ଜଣେ +୨ କଲେଜ ଛାତ୍ରୀ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ସୋମବାର ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ଜଗନ୍ନାଥ ବେହେରାଙ୍କ ଭାଣେଜି ଲିପ୍‌ସିତା ବେହେରା(୧୬) ଗାଧୋଇବା ପାଇଁ ୱାଟର ହିଟରରେ ପାଣି ଗରମ କରୁଥିଲେ। ଏହି ସମୟରେ ଦେହରେ କରେଣ୍ଟ ଲାଗିଯିବା ପରେ ସେ ଛିଟିକି ପଡ଼ି ଅଚେତ ହୋଇଯାଇଥିଲେ। ଏହା ଦେଖି ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ସାକ୍ଷୀଗୋପାଳ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ପୁରୀ ସରକାରୀ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ପୁରୀ ମେଡିକାଲରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଜଗନ୍ନାଥ ଡେଲାଙ୍ଗ ଥାନାରେ ଅଭିଯୋଗ କରିବାପରେ ପୋଲିସ ନଂ.୩/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ସୁବର୍ଣ୍ଣରେଖାର ବିବାଦୀୟ ସ୍ଥାନରେ ଦୁଇ ରାଜ୍ୟର ଅଧିକାରୀ

ଜଳେଶ୍ୱର, ୧ା୩(ଡି.ଏନ.ଏ.)

ବାଲେଶ୍ୱର ଜିଲାର ଜଳେଶ୍ୱର ଏବଂ ପଡ଼ୋଶୀ ପଶ୍ଚିମବଙ୍ଗ ପଶ୍ଚିମମେଦିନୀପୁର ଜିଲାର ଦାନ୍ତୁନ ଅଞ୍ଚଳରେ ଦୀର୍ଘବର୍ଷ ଧରି ସୀମା ବିବାଦ ଲାଗି ରହିଛି। ଏବେ ଏନ୍‌ଜିଟିର ନିର୍ଦ୍ଦେଶକ୍ରମେ ସମାଧାନ ଲାଗି ଉଦ୍ୟମ ଆରମ୍ଭ ହୋଇଛି। ମଙ୍ଗଳବାର ଏନେଇ ବାଲେଶ୍ୱରଠାରେ ଉଭୟ ରାଜ୍ୟ ମଧ୍ୟରେ ବୈଠକ ଅନୁଷ୍ଠିତ ହେବ। ସୋମବାର ସୁବର୍ଣ୍ଣରେଖା ନଦୀର ବିବାଦୀୟ ସ୍ଥାନରେ ୨ ରାଜ୍ୟର ରାଜସ୍ୱ ଅଧିକାରୀ ଓ ବୈଜ୍ଞାନିକମାନେ ଉପସ୍ଥିତ ରହି ରେଫେରାନ୍ସ ପଏଣ୍ଟଗୁଡ଼ିକୁ ମାପ କରି ସ୍ଥାନ ନିରୂପଣ କରିଛନ୍ତି। ଜଳେଶ୍ୱର ତହସିଲର ଦିଲୀପ ଚାନ୍ଦ, ମାନସ ବେହେରା, ଗୌରାଙ୍ଗ ଜେନା, ପ୍ରଦୀପ ଭଞ୍ଜ ଓ ପଶ୍ଚିମବଙ୍ଗର ୫ଜଣ ଅଧିକାରୀ ଓଡିଶାର ଗୋବରଘଟା, ବିଳାସପୁର, ମାକିଡିଆ, ରାଜନଗର ମୌଜାରେ ଥିବା ରେଫେରାନ୍ସ ପଏଣ୍ଟଗୁଡ଼ିକୁ ପୁଣି ମାପି ଦେଖିଥିବା ଜଣାଯାଇଛି।

ଦୁଇ ରାଜ୍ୟର ସୀମାରେ ସୁବର୍ଣ୍ଣରେଖା ନଦୀ ପ୍ରାୟ ୧୦ କି.ମି. ବାଟ ପ୍ରବାହିତ ହୋଇଥିବାରୁ ନଦୀର ସୀମା ସମସ୍ୟା ନେଇ ବିବାଦ ଲାଗି ରହିଛି। ବିଶେଷ କରି ଖଣି, ପରିବେଶ ଓ ପ୍ରଦୂଷଣ ନିୟମ ଉଲ୍ଲଙ୍ଘନ ଯୋଗୁ ଏକାଧିକ ମାମଲା ଏନ୍‌ଜିଟିରେ ଚାଲିଛି। ଏନ୍‌ଜିଟି ଦୁଇ ରାଜ୍ୟ ଓ ଜିଲାର ଅଧିକାରୀଙ୍କୁ ସୀମା ଚିହ୍ନଟ ଲାଗି ନିର୍ଦ୍ଦେଶ ଦେଇଥିଲେ। ଏନେଇ ଗତ ଫେବୃୟାରୀ ୨୫ ତାରିଖରେ ପଶ୍ଚିମମେଦିନୀପୁର ଜିଲାର ସର୍କିଟ ହାଉସ୍‌ରେ ସମାଧାନ ଲାଗି ବୈଠକ ବସିଥିଲା। ବୈଠକ ପରେ ଦୁଇ ରାଜ୍ୟ ଓ ଜିଲାର ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଓଡିଶାର ଦକ୍ଷିଣ ପ୍ରହରାଜପୁର ଓ ପଶ୍ଚିମବଙ୍ଗର ସୁନାକଣିଆ ଏବଂ ଅନ୍ୟ କେତେକ ସ୍ଥାନ ମାପ କରି ସିଦ୍ଧାନ୍ତରେ ଉପନୀତ ହୋଇଥିଲେ। ଉଲ୍ଲେଖଯୋଗ୍ୟ ଓର୍କାସ (ମହାକାଶ ଉପଯୋଗ କେନ୍ଦ୍ର)ର ନିଷ୍ପତ୍ତି ଅନୁସାରେ ଓଡିଶା ସୀମାରେ ଜିପିଏସ୍ ଓ ଡିଜିପିଏସ ଅନୁଯାୟୀ ୩୬ଟି ଓ ପଶ୍ଚିମବଙ୍ଗ ସୀମାରେ ୫୨ଟି ରେଫେରାନ୍ସ ପଏଣ୍ଟ ନିର୍ଣ୍ଣୟ କରାଯାଇଛି।



ଦୁଇ ରାଜ୍ୟର ଅଧିକାରୀ ମାପଚୁପ କରୁଛନ୍ତି।

### ଆନ୍ତଃ ରାଜ୍ୟ ସୀମା ସମସ୍ୟା ନେଇ ବୈଠକ ଆଜି

## ଭଙ୍ଗାଗଲା ରାଧାବଲ୍ଲଭ ମଠ

**ପୁରୀ ଅଫିସ,୧ା୩:** ଶ୍ରୀମନ୍ଦିର ଐତିହ୍ୟ କରିଡର ପାଇଁ ପୁଣି ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି। ସୋମବାର ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ ରାଧାବଲ୍ଲଭ ମଠ ପରିସରରେ ଥିବା ଦୋକାନ ଘରଗୁଡ଼ିକୁ ଭଙ୍ଗାଯାଇଛି। ଉଚ୍ଛେଦ ନିମନ୍ତେ ମଠର ୮ରୁ ୯ ମିଟର ଜାଗା ଅଧିଗ୍ରହଣ ହୋଇଛି। ଏହି ମଠ ପରିସରରେ ୧୩ଟି ଦୋକାନଗୃହ ଥିଲା। ଅଧିକାଂଶ ଦୋକାନରେ କଂସା ଓ ପିତ୍ତଳ ସାମଗ୍ରୀ ବିକ୍ରି କରାଯାଉଥିଲା। ଉଚ୍ଛେଦ ପୂର୍ବରୁ ଏହି ଦୋକାନଗୁଡ଼ିକୁ ଖାଲି କରିଦିଆଯିବା ସହ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଥିଲା। ଉଚ୍ଛେଦ ବେଳେ ଅଗ୍ନିଶମ, ପୂର୍ତ୍ତ, ଓବିସିସି, ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ ଏବଂ ପୋଲିସ ଉପସ୍ଥିତ ଥିଲେ। ତେବେ ଦୋକାନ ଘର ପଛପଟେ ଥିବା ମନ୍ଦିର ଓ ମଠର ଗାଦିକୁ ଭଙ୍ଗାଯିବ ନାହିଁ ବୋଲି ପ୍ରଶାସନ ସ୍ପଷ୍ଟ କରିଛି। ଉପଜିଲାପାଳ ଭବତାରଣ ସାହୁଙ୍କ ତତ୍ତ୍ୱାବଧାନରେ ଉଚ୍ଛେଦ ପ୍ରକ୍ରିୟା ହୋଇଥିଲା। ବିଶେଷକରି ରଥଯାତ୍ରା, ବାହୁଡ଼ା ଓ ସୁନାବେଶ ସମୟରେ ଏହି ସ୍ଥାନ ଅତି ଅଣଓସାରିଆ ହୋଇପଡୁଥିଲା। ଏ ସମ୍ପର୍କରେ ଉପଜିଲାପାଳ ସାହୁ କହିଛନ୍ତି, ମଠ ଓ ଗାଦି ସୁରକ୍ଷିତ ରହିଛି। କେବଳ ଦୋକାନଘରଗୁଡ଼ିକୁ ଭଙ୍ଗାଯାଉଛି। ଶ୍ରୀମନ୍ଦିର ସହ ରାଧାବଲ୍ଲଭ ମଠ ଓତପ୍ରୋତ ଭାବେ ଜଡ଼ିତ ଥିବାରୁ ଏହାର ସ୍ୱତନ୍ତ୍ରତାକୁ ସୁରକ୍ଷିତ ରଖିବା ଉପରେ ଗୁରୁତ୍ୱ ଦିଆଯାଉଛି।

### ଉଚ୍ଛେଦ ହେବନି ମନ୍ଦିର, ମଠ ଗାଦି

## ଭିଜିଲାନ୍ସ ଜାଲରେ ରେଢ଼ାଖୋଲ ଏସ୍‌ଡିଏମ୍‌ଓ

ରେଢାଖୋଲ,୧ା୩(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଢାଖୋଲ ଉପଖଣ୍ଡ ଚିକିତ୍ସାଧିକାରୀ ଡା. ବିପିନ ବିହାରୀ ସାହୁ ଜଣେ ରୋଗୀ ସମ୍ପର୍କୀୟଙ୍କଠାରୁ ଲାଞ୍ଚ ନେଉଥିବା ବେଳେ ସୋମବାର ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ରେଢାଖୋଲ ଏଲ୍‌ଆଇସି କଲୋନୀର ସୌମ୍ୟରଞ୍ଜନ ପ୍ରଧାନଙ୍କ ଅଭିଯୋଗ କ୍ରମେ ଭିଜିଲାନ୍ସ ଥାନା କେସ୍ ନଂ.୧୦, ଦଫା ୭ ପିସି ଆମେଣ୍ଡମେଣ୍ଟ ଆକ୍ଟ ୨୦୧୮ରେ ମାମଲା ରୁଜୁ କରିଛି। ଏସ୍‌ଡିଏମ୍‌ଓ ସାହୁ ସୌମ୍ୟଙ୍କଠାରୁ ୫ହଜାର ୫ଶହ ଟଙ୍କା ଲାଞ୍ଚ ନେଉଥିବା ବେଳେ ଛକିରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିଥିଲା। ଭିଜିଲାନ୍ସ ଡିଏସ୍‌ପି ପରମେଶ୍ୱର କିସାନଙ୍କ ନେତୃତ୍ୱରେ ଚଢାଉ କରାଯାଇଥିଲା।

ପ୍ରକାଶ ଯେ, ସୌମ୍ୟଙ୍କ ମାମୁଁ ଅନୁଗୋଳ ଜିଲା କିଶୋରନଗର ଥାନା ବ୍ରାହ୍ମଣିପାଲିର ବସନ୍ତ ପ୍ରଧାନ (୬୦) ଏକ ଅପରେଶନ ପାଇଁ ରେଢାଖୋଲ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଏସ୍‌ଡିଏମ୍‌ଓ ସାହୁ ବସନ୍ତଙ୍କ ଅପରେଶନ କରିଥିଲେ। ତେବେ ୨୮ ତାରିଖରେ ସୌମ୍ୟ ଡିସ୍‌ଚାର୍ଜ ପାଇଁ କହିବାରୁ ଏସ୍‌ଡିଏମ୍‌ଓ ୫ହଜାର ୫ଶହ ଟଙ୍କା ଦାବି କରିଥିଲେ। ଏ ନେଇ ସୌମ୍ୟ ରବିବାର ସମ୍ବଲପୁର ଭିଜିଲାନ୍ସ ଏସ୍‌ପିଙ୍କୁ ଲିଖିତ ଅଭିଯୋଗ କରିଥିଲେ। ସୋମବାର ଅପରାହ୍ନ ୧ଟା ବେଳେ ସୌମ୍ୟ ଏସ୍‌ଡିଏମ୍‌ଓ ସାହୁଙ୍କୁ ରାସାୟନିକ ପ୍ରଲେପ ଦିଆ ଟଙ୍କା ଦେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା।

## ଓଲଟିଲା ଆମୋନିଆ ଗ୍ୟାସ୍ ବୋଝେଇ ଟ୍ୟାଙ୍କର

ଗଞ୍ଜାମ,୧ା୩(ଡି.ଏନ.ଏ.)

ଗଞ୍ଜାମ ଜିଲା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥରେ ସୋମବାର ଅପରାହ୍ନରେ ଏକ ଆମୋନିଆ ଗ୍ୟାସ୍ ବୋଝେଇ ଟ୍ୟାଙ୍କର ଓଲଟି ପଡ଼ିଛି। ଘଟଣାସ୍ଥଳରେ ଅଗ୍ନିଶମ କର୍ମଚାରୀ, ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ପହଞ୍ଚିଛନ୍ତି। ଟ୍ୟାଙ୍କରରେ ଗ୍ୟାସ୍ ସୁରକ୍ଷିତ ଅଛି। ଲୋକେ ଆତଙ୍କିତ ନ ହେବାକୁ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ କହିଛନ୍ତି। ରାତିରେ ଟ୍ୟାଙ୍କର ନ ଉଠାଇ ମଙ୍ଗଳବାର ସକାଳେ ଉଠାଯିବା ବ୍ୟବସ୍ଥା କରାଯାଉଛି। ପାରାଦୀପ ଓ ବିଶାଖାପାଟଣାରୁ ବିଶେଷଜ୍ଞ ଟିମ୍ ଆସୁଥିବା ସୂଚନା ମିଳିଛି।

ପାରାଦୀପରୁ ବିଶାଖାପାଟଣା ଯାଉଥିବା ଆମୋନିଆ ଗ୍ୟାସ୍ ବୋଝେଇ ଟ୍ୟାଙ୍କର (ନଂ.ଏପି ୩୧ଟିଏମ ୨୩୩୩) ଗଞ୍ଜାମ ଥାନା ଅନ୍ତର୍ଗତ ଶଙ୍ଖ ନୂଆଗାଁ ଓ ପୁଙ୍ଗିତୋଳା ରୋଡ୍ ମଧ୍ୟରେ ଅନ୍ୟ ଏକ ଗାଡିକୁ ଓଭରଟେକ କରିବା ବେଳେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଏଥିରେ ଟ୍ୟାଙ୍କର ଚାଳକ ଓ ହେଲ୍‌ପର ସାମାନ୍ୟ ଆହତ ହୋଇଥିଲେ ମଧ୍ୟ ସୁସ୍ଥ ଅଛନ୍ତି। ଖବରପାଇ ଗଞ୍ଜାମ ଏସ୍‌ପି ରଏ, ଏଏସ୍‌ପି ଠାକୁର ପ୍ରସାଦ ପାତ୍ର, ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ତହସିଲଦାର ଅରୁଣ ନାୟକ, ଗଞ୍ଜାମ ଥାନା ଆଇଆଇସି ଦିଲୀପ କୁମାର ସାହୁ ଓ ଏସଡିପିଓ ଗୌତମ କିଷାନ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ଜିଲା ଜରୁରିକାଳୀନ ଅଧିକାରୀ ଡ. ଦିବ୍ୟଲୋଚନ ମହନ୍ତ ପହଞ୍ଚି ଟ୍ୟାଙ୍କରରୁ ଗ୍ୟାସ ଲିକ୍ ହେଉଛି କି ନାହିଁ ଅନୁଧ୍ୟାନ କରିଥିଲେ। ଦୁର୍ଘଟଣା ପରେ ଉକ୍ତ ରାସ୍ତାରେ କିଛି ସମୟ ପାଇଁ ଗାଡି ଚଳାଚଳ ବ୍ୟାହତ ହୋଇଥିଲା। ଜାତୀୟ ରାଜପଥ ଦୁଇଥାକିଆ ହୋଇଥିବାରୁ ପରେ ଗୋଟିଏ ପାର୍ଶ୍ୱରେ ଗାଡ଼ି ଚାଲୁଛି। ସୂଚନାଯୋଗ୍ୟ, ଗତ ଜାନୁୟାରୀ ୧୩ ତାରିଖରେ ଛତ୍ରପୁରଠାରେ ଏକ ଗ୍ୟାସ ବୋଝେଇ ଟ୍ୟାଙ୍କର କୁହୁଡ଼ି ଯୋଗୁ ଓଲଟି ପଡିଥିଲା।



ଓଲଟି ପଡ଼ିଥିବା ଗ୍ୟାସ୍ ଟ୍ୟାଙ୍କର।

### ଆତଙ୍କିତ ନ ହେବାକୁ କହିଲେ ଏସ୍‌ପି

## ସମସ୍ୟାରେ ବୁଡ଼ିରହିଛି: କମିଟି ଅଧ୍ୟକ୍ଷ

ଝାରସୁଗୁଡା ଅଫିସ୍,୧ା୩

ବିଧାନସଭା ଗୃହ କମିଟିର ଏକ ୪ଜଣିଆ ସବ୍ କମିଟି ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ସୋମବାର ଓଡିଶା ବିଦ୍ୟୁତ୍ ଉତ୍ପାଦନ ନିଗମ (ଓପିଜିସି)ର ଇବ୍ ଥର୍ମାଲ ପ୍ରକଳ୍ପ ଗସ୍ତ କରିଛନ୍ତି। ଏହି କମିଟିରେ ବଲାଙ୍ଗୀର ବିଧାୟକ ମିଶ୍ର, ବ୍ରଜରାଜନଗର ବିଧାୟକ କିଶୋର କୁମାର ମହାନ୍ତି, ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, କଣ୍ଟାବାଞ୍ଜୀ ବିଧାୟକ ସନ୍ତୋଷ ସିଂହ ସାଲୁଜା ପ୍ରମୁଖ ରହିଥିଲେ। କମିଟି ସଦସ୍ୟ ମଧ୍ୟାହ୍ନ ୧୨ଟାରେ ଓପିଜିସିରେ ପହଞ୍ଚି ପ୍ରଥମ ଓ ଦ୍ୱିତୀୟ ୟୁନିଟ୍‌ର ସିଏଚ୍‌ପି ସାଙ୍ଗକୁ ତୃତୀୟ ୟୁନିଟ୍‌ର ସିଏଚ୍‌ପି ହପର୍ ଅଞ୍ଚଳ ପରିଦର୍ଶନ କରିଥିଲେ। ପରେ ପ୍ରକଳ୍ପ ରିସର୍ଚ୍ଚ ସେଣ୍ଟରରେ ଅଧ୍ୟକ୍ଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କମିଟି ସଦସ୍ୟଙ୍କ ସମେତ ଆଡିସ୍‌ନାଲ୍ ସେକ୍ରେଟାରୀ (ଏନର୍ଜି) ଧନଞ୍ଜୟ ସ୍ୱାଇଁ, ଜିଲାପାଳ ସରୋଜ କୁମାର ସାମଲ, ଓପିଜିସିର ଡାଇରେକ୍ଟର ଫାଇନାନ୍ସ ପ୍ରଭାକର ମହାନ୍ତି, ଡାଇରେକ୍ଟର ଅପରେଶନ୍ ଇନ୍‌ଚାର୍ଜ ସୁକାନ୍ତ ମହାପାତ୍ର, ଭାଇସ୍ ପ୍ରେସିଡେଣ୍ଟ (ଏଚ୍‌ଆର୍)ଆର୍‌କେ ସେନାପତି, ସିଜିଏମ୍ ଇଲେକ୍ଟ୍ରିକାଲ୍ (ଓପିଟିସିଏଲ୍) ସୁଦୀପ୍ତ ସେନ୍ ଗୁପ୍ତା, ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର (ଟାଟା ପାୱାର) ଆଶିଷ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଓପିଜିସିର ବିଦ୍ୟୁତ୍ ଉତ୍ପାଦନ ଓ କ୍ରୟବିକ୍ରୟ ସମ୍ପର୍କରେ ଆଲୋଚନା ହୋଇଥିଲା। ଏ ନେଇ ଗୃହ ସବ୍‌କମିଟି ଅଧ୍ୟକ୍ଷ ମିଶ୍ର ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି, ଓପିଜିସି ସରକାରଙ୍କ ଏକ ଲାଭଜନକ ସଂସ୍ଥା। ହେଲେ କର୍ମଚାରୀ, ବିସ୍ଥାପିତ, ପରିଚାଳନାଗତ ଆଦି ବିଭିନ୍ନ ସମସ୍ୟା ଭିତରେ ଏହା ବୁଡ଼ିରହିଛ। ସମସ୍ୟା ବହୁଳ ଓପିଜିସିକୁ ଉଦ୍ଧାର ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ଏହାଛଡା ଯେଉଁ ଅଞ୍ଚଳରେ ୱେଷ୍ଟୋ ରହିଛି, ସେସବୁ ଅଞ୍ଚଳର ସମସ୍ୟା ଅନୁଧ୍ୟାନ କରିବା ପାଇଁ ସରକାର ପ୍ରୟାସ ଆରମ୍ଭ କରିଛନ୍ତି। ଏ ନେଇ ବିଧାନସଭା ଗୃହ କମିଟି ଜରିଆରେ କେତେକ ସବ୍‌କମିଟି ଗଠନ କରାଯାଇଛି। ଏହି କମିଟି ବିଭିନ୍ନ ଅଞ୍ଚଳ ଗସ୍ତକରି ସମସ୍ୟା ସମ୍ପର୍କରେ ଗୃହ କମିଟିକୁ ରିପୋର୍ଟ ପ୍ରଦାନ କରିବ। ଏହା ଉପରେ ସରକାର ପଦକ୍ଷେପ ଗ୍ରହଣକରି ସମସ୍ୟା ସମାଧାନ କରିବେ।

### ବିଧାନସଭା ଗୃହ ସବ୍‌କମିଟିର ଓପିଜିସି ଗସ୍ତ



ସମୀକ୍ଷା ବୈଠକରେ କମିଟି ସଦସ୍ୟ ଓ ଓପିଜିସି କର୍ମକର୍ତ୍ତା।

# ୨୩ ଟେଷ୍ଟ ମ୍ୟାଚ ଖେଳି ମହାନ୍ କ୍ରିକେଟର

**ନୂଆଦିଲ୍ଲୀ:** କ୍ରିକେଟଜଗତ ସହ ଜଡ଼ିତ ଅନେକ ଖେଳାଳି ମଇଦାନରେ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେଇ 'ମହାନ୍' କ୍ରିକେଟର ତାଲିକାରେ ନିଜ ନାମକୁ ସାମିଲ କରିଛନ୍ତି। ହେଲେ ଜଣେ ଏଭଳି ଖେଳାଳି ଥିଲେ ଯିଏ ମାତ୍ର ୨୩ଟି ଟେଷ୍ଟ ମ୍ୟାଚ ଖେଳି ଅନ୍ୟ ପାଇଁ ଉଦାହରଣ ପାଲଟିଥିଲେ। ସେ ହେଉଛନ୍ତି ଗ୍ରେମ୍ ପୋଲକ।

୧୯୪୪ ଫେବୃୟାରୀ ୨୭ରେ ଦକ୍ଷିଣ ଆଫ୍ରିକାରେ ଜନ୍ମ ନେଇଥିଲେ ପୋଲକ। ତାଙ୍କ ପରିବାରର ଆତ୍ମା ଥିଲା କ୍ରିକେଟ। କାରଣ ତାଙ୍କ ବାପା, ଦାଦା, ତିନି ଭାଇ, ଦୁଇ ପୁଅ, ଭଣଜା ଆଦି ଏହି ଖେଳ ସହ ଜଡ଼ିତ ଥିଲେ। ହେଲେ ସବୁଠାରୁ ବେଶି ଚର୍ଚ୍ଚାରେ ଥିଲେ ଗ୍ରେମ ଏବଂ ଭଣଜା ଶନ ପୋଲକ। ଗ୍ରେମ୍ ଦେଶ ପାଇଁ ନିଜର ପ୍ରଥମ ମ୍ୟାଚ ଭାଇ ସହ ଖେଳିଥିଲେ। ଅଷ୍ଟ୍ରେଲିଆ ବିପକ୍ଷରେ ୧୯୬୩ରେ ଟେଷ୍ଟ ଡେବ୍ୟୁ


ଗ୍ରେମ୍ ପୋଲକ

କରିଥିବା ବେଳେ ୧୯୭୦ରେ ନିଜର ଶେଷ ଟେଷ୍ଟ ମ୍ୟାଚ ମଧ୍ୟ ଖେଳିଥିଲେ। ଏହି ସାତ ବର୍ଷ ମଧ୍ୟରେ ସେ କେବଳ ୨୩ଟି ଟେଷ୍ଟ ମ୍ୟାଚ ଖେଳିଥିଲେ। ସେଥିରେ ସେ ୬୦.୯୭ % ହିସାବରେ ଖେଳି ୨୨୫୬ରନ କରିଥିଲେ। ଏଥିରେ ତାଙ୍କର ୭ ଶତକ ଏବଂ ୧୧ ଅର୍ଦ୍ଧଶତକ ରହିଥିଲା।

ଏହାବ୍ୟତୀତ ଫାଷ୍ଟ କ୍ଲାସ୍ (ପ୍ରଥମ ଶ୍ରେଣୀ) କ୍ରିକେଟରେ ସେ ୨୬୨ ମ୍ୟାଚ ଖେଳିଥିଲେ। ଏଥିରେ ସେ ୫୪.୬୭ % ହାରରେ ୨୦,୯୪୦ରନ କରିଥିଲେ, ଯେଉଁଥିରେ ୬୪ ଶତକ ଏବଂ ୯୯ ଅର୍ଦ୍ଧଶତକ ଥିଲା। ଦମ୍‌ଦାର ବ୍ୟାଟିଂକୁ ନେଇ ତାଙ୍କୁ ଦକ୍ଷିଣ ଆଫ୍ରିକା କ୍ରିକେଟ ଇତିହାସର ମହାନ୍ ଖେଳାଳି ବୋଲି କୁହାଯାଉଥିଲା। ତେବେ ରାଜନୈତିକ କାରଣରୁ ତାଙ୍କ ସହ ଅନେକ ଖେଳାଳିଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଶେଷ ହୋଇଯାଇଥିଲା।

# ଫୁଟାଗଲା ଦ୍ୱିତୀୟ ବିଶ୍ୱଯୁଦ୍ଧର ବୋମା

**ଲଣ୍ଡନ:** ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ଏକ ବୋମାକୁ ଦୀର୍ଘ ବର୍ଷ ପରେ ଫୁଟାଇ ଦିଆଯାଇଛି। ବ୍ରିଟେନ୍‌ର ଏକ୍ସେଟର ସହରରେ ବୋମା ନିଷ୍କ୍ରିୟକାରୀ ଟିମ୍ ରିମୋର୍ଟ କଣ୍ଟ୍ରୋଲର ସହାୟତାରେ ଏହି କାର୍ଯ୍ୟ ସମ୍ପାଦିତ କରିଛନ୍ତି। ସୁରକ୍ଷା ଦୃଷ୍ଟିରୁ ସହରକୁ ସମ୍ପୂର୍ଣ୍ଣ ଖାଲି କରି ଦିଆଯାଇଥିଲା। ୯୦୭ କିଲୋଗ୍ରାମ୍ ବିଶିଷ୍ଟ ଏହି ବୋମା ପ୍ରଚଣ୍ଡ ଶବ୍ଦ କରି ଫୁଟିଥିଲା। ଏହାର ଶବ୍ଦ ୧୦ କିଲୋମିଟର ପର୍ଯ୍ୟନ୍ତ ଶୁଣାଯାଇଥିଲା। ଶବ୍ଦର ତୀବ୍ରତାରେ କେତେକ ଘରର ଝରକା କାଚ ମଧ୍ୟ ଭାଙ୍ଗିଯାଇଥିବା ସ୍ଥାନୀୟ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ବୋମାକୁ ଏକ୍ସେଟର ବିଶ୍ୱବିଦ୍ୟାଳୟର ପରିତ୍ୟକ୍ତ କ୍ୟାମ୍ପସ୍‌ରୁ ଶୁକ୍ରବାର ମିଳିଥିଲା। ଏହାପରେ ବିଶ୍ୱବିଦ୍ୟାଳୟର ୧୪୦୦ ଶିକ୍ଷାର୍ଥୀ ଏବଂ ୨୬୦୦ ବାସଗୃହକୁ ଖାଲି କରାଯାଇଥିଲା। ରବିବାର ସନ୍ଧ୍ୟା ୬ଟା ୧୦ରେ ବୋମାକୁ ଫୁଟାଯାଇଥିବା ସ୍ଥାନୀୟ ପ୍ରଶାସନ କହିଛି। ବୋମା ଫୁଟିବାର ଏକ ମିନିଟ୍ ୧୬ ସେକେଣ୍ଡର ଏକ ଭିଡ଼ିଓ ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି।



# ଡେଟିଂରେ ଯାଇନାହାନ୍ତି ପରିଣିତି


ପରିଣିତି ଚୋପ୍ରା

**ମୁମ୍ବାଇ:** ବଲିଉଡ ନାୟିକା ପରିଣିତି ଚୋପ୍ରା ଏବେ ଚର୍ଚ୍ଚାରେ। ସେ ତାଙ୍କର ଫିଲ୍ମ 'ଦ ଗର୍ଲ ଅନ ଦ ଟ୍ରେନ୍'କୁ ନେଇ ଅଛନ୍ତି ଚର୍ଚ୍ଚାରେ। ଏହା ଓଟିଟି ପ୍ଲାଟଫର୍ମ ନେଟଫ୍ଲିକ୍ସରେ ରିଲିଜ ହୋଇଛି। ଏହି ଫିଲ୍ମ ରିଲିଜ ହେବା ପରେ ପରିଣିତି ଚୋପ୍ରା ଏକ ସାକ୍ଷାତକାର ଦେଇଥିଲେ। ଯେଉଁଥିରେ ସେ ତାଙ୍କ ପର୍ସନାଲ ଲାଇଫ ତଥା ପ୍ରେମ କାହାଣୀ ସମ୍ପର୍କରେ ମୁହଁ ଖୋଲିଛନ୍ତି। ପ୍ରଥମଥର ଲାଗି ସେ ବଲିଉଡ ନାୟକ ଶୈଫ ଅଲି ଖାଁଙ୍କୁ ଏକତରଫା ଭାବେ ମନ ଦେଇ ବସିଥିଲେ। ହେଲେ ଆଜି ପର୍ଯ୍ୟନ୍ତ ସେ କେବେ କାହାସହ ଡେଟିଂରେ ଯାଇ ନାହାନ୍ତି ବୋଲି କହିଥିଲେ। କେବଳ ସେତିକି ନୁହେଁ ମାତ୍ର ୧୮ ବର୍ଷ ବୟସରେ ସେ ପ୍ରଥମେ କିସ କରିଥିବା କଥା କହିବାକୁ ପଛାଇ ନ ଥିଲେ। ଫିଲ୍ମ ଶୁଟିଂରୁ ଅବସର ମିଳିଲେ ସେ ଘରେ ରହି ଟିଭି ଦେଖିବାକୁ ପସନ୍ଦ କରନ୍ତି। କେବଳ ସେତିକି ନୁହେଁ ବଲିଉଡ୍‌ରେ ପାଦ ରଖିବା ପୂର୍ବରୁ ସେ ମୋଟି ଥିଲେ, ତେଣୁ ସେ ସବୁବେଳେ ଫିଟନେସ ଉପରେ ଗୁରୁତ୍ୱ ଦେଇ ଆସୁଛନ୍ତି। ଖୁବ୍ ଶୀଘ୍ର ବ୍ୟାଡମିଣ୍ଟନ ଖେଳାଳି ସାଇନା ନେହ୍ୱାଲଙ୍କ ବାୟୋପିକରେ ନଜର ଆସିବେ ବୋଲି କହିଥିଲେ ପରିଣିତି।

# ନିଆରା ବିବାହ ପ୍ରସ୍ତାବ



**ନୂଆଦିଲ୍ଲୀ:** ଜୀବନରେ କିଛି ନୂଆ ଏବଂ ଅନ୍ୟମାନଙ୍କଠାରୁ ଭିନ୍ନ କରିବା କେତେଜଣଙ୍କ ସଉକ ହୋଇଥାଏ। ଅନେକ ଅସାଧାରଣ ଏବଂ ନିଆରା ବିବାହ ଏବଂ ପ୍ରସ୍ତାବ ବିଷୟରେ ଶୁଣିଥିବେ। ନିକଟରେ ଜଣେ ଯୁବକଙ୍କ ଭିନ୍ନ ଉପାୟରେ ବିବାହ ପ୍ରସ୍ତାବ ଦେବା ସମୟର ଭିଡିଓ ସୋସିଆଲ ମିଡିଆରେ ଟ୍ରେଣ୍ଡ କରୁଛି। ଏଥିରେ ଜଣେ ପାଇଲଟ ନିଜ ଗର୍ଲଫେଣ୍ଡଙ୍କୁ ସ୍କାଇଡାଇଭ୍ ସମୟରେ ପ୍ରପୋଜ୍ କରୁଥିବା ନଜରକୁ ଆସିଛି। ପାଇଲଟଙ୍କ ନାମ ରୟ ଏବଂ ସେ ତାଙ୍କ ଗର୍ଲଫ୍ରେଣ୍ଡ କ୍ୟାଟିଙ୍କ ସହ ସ୍କାଇଡାଇଭ୍ କରୁଥିବାବେଳେ ନିଜ ଦାନ୍ତ ମଝିରେ ଧରି ପ୍ରପୋଜ୍ କରୁଥିବା ଦେଖିବାକୁ ମିଳିଛି। କ୍ୟାଟି ନିଜ ବୟଫ୍ରେଣ୍ଡଙ୍କ ପ୍ରପୋଜାଲରେ ଅତି ଖୁସିଥିବାବେଳେ ଉତ୍ତରରେ ହଁ କରିଥିବା ଜଣାପଡ଼ିଛି। ଏହି ଭିଡିଓଟିକୁ ନିଜେ ରୟ ଶେୟାର କରିଥିବାବେଳେ ସୋସିଆଲ ମିଡିଆ ବ୍ୟବହାରକାରୀ ଏଭଳି ଏକ ନିଆରା ପ୍ରୟାସକୁ ପ୍ରଶଂସା କରିବା ସହ ସୁନ୍ଦର କମେଣ୍ଟ ଜରିଆରେ ଯୋଡ଼ିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ହାଇୱେରେ ମଶାଝଡ଼

**ବୁଏନ୍ସ ଏୟାର୍ସ:** ସାଧାରଣତଃ ଧୂଳିଝଡ ଦେଖାଯାଇଥାଏ। ତେବେ ମଶା ଝଡ଼ ଶୁଣିଲେ ଯେ କେହି ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। ଏଭଳି ଏକ ଝଡ଼ ଆର୍ଜେଣ୍ଟିନାର ହାଇୱେ ନମ୍ବର ୭୪ରେ ଦେଖିବାକୁ ମିଳିଛି। ଏହା ଦୂରରୁ ଧୂଳିଝଡ଼ ଭଳି ଦେଖାଯାଉଥିବାବେଳେ ପାଖକୁ ଆସିବାରୁ ଲକ୍ଷଲକ୍ଷ ମଶା ଏଥିରେ ରହିଥିବା ଜଣାପଡ଼ିଥିଲା। ମଶା ଝଡ଼ ନେଇ ଲୋକେ ଆତଙ୍କିତ ହୋଇ ପଡ଼ିଥିଲେ। ହାଇୱେରେ ଯିବା ଆସିବା କରୁଥିବା ଲୋକେ ଏହାର ଫଟୋ ଉଠାଇବା ସହିତ ଭିଡିଓ ପ୍ରସ୍ତୁତ କରି ସୋସିଆଲ ମିଡ଼ିଆରେ ଅପଲୋଡ୍ କରିଥିଲେ। ଏବେ ଏହା ଭାଇରାଲ ହେବାରେ ଲାଗିଛି। ଏଠାରେ ଗତ କିଛି ଦିନ ଧରି ଲଗାତର ବର୍ଷା ଜାରି ରହିଛି। ଫଳରେ ପାଣି ଜମି ରହିଥିବା ସ୍ଥାନରେ ମଶା ସୃଷ୍ଟି ହେବାରେ ଲାଗିଛନ୍ତି ବୋଲି ସେଣ୍ଟର ଫର୍ ପାରାସିଟାଲୋଜିକାଲ ଆଣ୍ଡ ଭେକ୍ଟର ଡିଜିଜ୍‌ର ଗବେଷକ ଜୁଆନ ଜୋସ ଗାର୍ସିଆ ସୂଚନା ଦେଇଛନ୍ତି। ଏଥିଯୋଗୁ ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମଶା ଝଡ଼ ଦ୍ୱାରା କୌଣସି କ୍ଷତି ନ ହେଲେ ମଧ୍ୟ ଏହା ମଧ୍ୟ ଦେଇ ଯିବା ସମୟରେ ପ୍ରବଳ ଗୁଣୁଗୁଣୁ ଶବ୍ଦ ଶୁଣାଯାଇଥାଏ। ସେହିପରି ମଶାମାନେ ଶରୀରରେ ଘସି ହେବା ଦ୍ୱାରା ଏକ ପ୍ରକାର ଅଜବ ଅନୁଭବ ହୋଇଥାଏ ବୋଲି ସେ କହିଛନ୍ତି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏନେଇ ବ୍ୟବସ୍ଥା ଗ୍ରହଣ କରାଯାଉଛି। ବିଭିନ୍ନ ସ୍ଥାନରେ ମଶାତେଲ ସିଞ୍ଚନ କରାଯାଉଛି। ଆସନ୍ତା ୧୫ ଦିନ ମଧ୍ୟରେ ଏଭଳି ମଶା ଝଡ଼ ଆଉ ଦେଖାଯିବାର ଆଶଙ୍କା ରହିବ ନାହିଁ ବୋଲି ସେ କହିଛନ୍ତି।



# ନିଜ ମଳ ଖାଏ ଠେକୁଆ

ଠେକୁଆ ଶାକାହାରୀ ପ୍ରାଣୀ। ଯାହା କେବଳ ସବୁଜ ପନିପରିବା କିମ୍ବା ଘାସ ଖାଇ ବଞ୍ଚନ୍ତି। ଏମାନଙ୍କ ଶରୀର ପାଇଁ ଫାଇବର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଠେକୁଆଙ୍କର ହଜମ ପ୍ରକ୍ରିୟା ରାତିରେ ଅଧିକ କାମ କରିଥାଏ।

ଠେକୁଆ ଏମିତି ଏକ ଜୀବ ଯିଏ ନିଜ ମଳ ନିଜେ ଖାଇଥାଏ। କାରଣ ଏମାନଙ୍କ ପାଚନ ତନ୍ତ୍ର ଭଲ ଭାବେ ବିକଶିତ ହୋଇ ନ ଥାଏ। ଠେକୁଆ ଅଧିକାଂଶ ସମୟ ଘାସ ଖାଉଥିବାରୁ ଶରୀରରୁ ଅନେକ ଜରୁରୀ ପୋଷକ ତତ୍ତ୍ୱ ହଜମ ହୋଇ ନ ଥାଏ। ଏଭଳି ପରିସ୍ଥିତିରେ ଠେକୁଆମାନେ ମଳ ଖାଆନ୍ତି ଏବଂ ଅଧିକରୁ ଅଧିକ ପୋଷକ ତତ୍ତ୍ୱ ହଜମ କରନ୍ତି।





CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GALAXY TOWER
ପ୍ରଥମଥର ଓଡିଶାରେ ଏମିତି ଅଫର୍
ନିଜର ଖାଲିଥିବା ଜମି ଓ ଛାତ
Plot ରେ ଟ୍ୱାଓର 4G/5G ବସାଇ
ଅଗ୍ରୀମ 60,000,00/-
ପାଆନ୍ତୁ ଓ ମାସକୁ
ଭଡା 45,000/-
ଟଙ୍କା ପାଆନ୍ତୁ +
ଚାକିରୀ ପାଆନ୍ତୁ



Bansal Tower B Wing, Bangalore, Karnataka-400021.
9485687401
8901064681

ବିଶ୍ୱ ପ୍ରସିଦ୍ଧ ତାନ୍ତ୍ରିକ ବାବାଙ୍କର ଖୋଲା ଚ୍ୟାଲେଞ୍ଜ
୨ଘଣ୍ଟା ମଧ୍ୟରେ ଗ୍ୟାରେଣ୍ଟି ସମାଧାନ
୨,୮୮,୩୭୪ ପ୍ରକାର
ସମସ୍ୟାର ସଫଳ ସମାଧାନ
ତାନ୍ତ୍ରିକ ବାବା
ଆଲାମ ଖାନ




9773820765
ସଉତୁଣୀ, ଶତ୍ରୁମୁକ୍ତି, ଲଭ୍ ମ୍ୟାରେଜ୍, ଯାଦୁକରଣ,
ହଜି ଯାଇଥିବା ପ୍ରେମକୁ ଫେରିପାଇବା।
କଳାଯାଦୁ, ବଶୀକରଣ ସମସ୍ୟାର ଗୁପ୍ତ ସମାଧାନ।
କୌଣସି ପଣ୍ଡିତ, ତାନ୍ତ୍ରିକ, ଅଘୋରୀ, କାମକୁ
କାଟିପାରିବେ ତେବେ ତାଙ୍କୁ ବାବା
ଆଲମ ଖାନଙ୍କ ତରଫରୁ ପୁରସ୍କାର।
Address : ରାମ ମନ୍ଦିର ନିକଟରେ
9910560681


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଇମୋଜି ମେକ୍‌ଅପ୍

**ନୂଆଦିଲ୍ଲୀ:** ସମସ୍ତଙ୍କର ମେକଅପ୍ ଷ୍ଟାଇଲ୍ ଅଲଗା ହୋଇଥାଏ। ଫ୍ୟାଶନ୍ ଟ୍ରେଣ୍ଡ ଅନୁସାରେ ଲୋକେ ନିଜ ନିଜର ମେକଅପ୍ ବଦଳାଇଥାନ୍ତି। କିନ୍ତୁ ଏବେ ମେକଅପ୍‌କୁ ନେଇ ଆରମ୍ଭ ହୋଇଛି ଖୋଲାଖୋଲି ଚ୍ୟାଲେଞ୍ଜ। ଏହି ମେକ୍‌ଅପ୍‌କୁ ନେଇ କିଏ କେମିତି କଳାତ୍ମକ ରୂପ ଦେଇପାରିବ ଆଉ ନିଜର ସୃଜନାତ୍ମକ ଦିଗକୁ ଦେଖାଇପାରିବ ତାହାକୁ ନେଇ ଏକ ଭିନ୍ନ ଧରଣର ଚ୍ୟାଲେଞ୍ଜ ଆରମ୍ଭ ହୋଇଛି ସୋସିଆଲ ମିଡିଆରେ। ଆଉ ଏମିତି ଏକ ଚ୍ୟାଲେଞ୍ଜ ଏବେ ଭାଇରାଲ ହେବାରେ ଲାଗିଛି।



ଏହି ନୂଆ ଚ୍ୟାଲେଞ୍ଜର ନାଁ ହେଉଛି ଇମୋଜି ମେକ୍‌ଅପ୍।

ନିଜ ନିଜ ମେକ୍‌ଅପ୍‌କୁ ନିଖୁଣଭାବେ ଇମୋଜି ସହିତ ଦେଖାଇବା ହେଉଛି ଏହି ଇମୋଜି ମେକ୍‌ଅପ୍‌ର ଏକ ମୁଖ୍ୟ ଅଂଶ। ତେଣୁ ମେକ୍‌ଅପ୍ ସମୟରେ କିଏ କେଉଁଭଳି କଳାତ୍ମକ ପ୍ରୟୋଗ କରିବ ତାହାକୁ ନେଇ ସମସ୍ତଙ୍କ ମଧ୍ୟରେ ପ୍ରତିଯୋଗୀତା। ଏଭଳି ଏକ ଭିନ୍ନ ପ୍ରତିଯୋଗୀତା ଏବେ ସୋସିଆଲ ମିଡିଆରେ ଲୋକଙ୍କୁ ଢେର୍ ଆକୃଷ୍ଟ କରିପାରିଛି। ସୋସିଆଲ ମିଡିଆରେ ବିଭିନ୍ନ ଢଙ୍ଗରେ ମେକ୍‌ଅପ୍ କରି ଏହି ଚ୍ୟାଲେଞ୍ଜ ଅନୁସାରେ ଏବେ ଅନେକ ନିଜ ନିଜର ମେକଅପ୍ ଶୈଳୀ ପ୍ରଦର୍ଶନ କରୁଛନ୍ତି। ତେବେ ଏହି ମେକଅପ୍‌କୁ ଏକ ଭିଡିଓ ମାଧ୍ୟମରେ ହିଁ ଦେଖାଇବାକୁ ପଡିବ, ଯେଉଁଥିରେ ବ୍ୟାକଗ୍ରାଉଣ୍ଡରେ ଏକ ମ୍ୟୁଜିକ୍ ବି ରହିଥିବ। ଚ୍ୟାଲେଞ୍ଜ ଅନୁସାରେ ପ୍ରତିଯୋଗୀମାନଙ୍କୁ ପ୍ରଥମେ ଏକ ଇମୋଜି ପସନ୍ଦ କରିବାକୁ ହେବ। ଏହାପରେ ବ୍ୟାକଗ୍ରାଉଣ୍ଡ ଗୀତ ଅନୁସାରେ ଇମୋଜିକୁ ଏକ ସୁନ୍ଦର ମେକଅପ୍ ଦେବାକୁ ହେବ। ତେଣୁ ଏଭଳି ଷ୍ଟାଇଲରେ ଏବେ କେତେଜଣ ସିମ୍ପଲ ମେକଅପ୍ କରୁଥିବାବେଳେ ଆଉ କେତେଜଣ ବିଭିନ୍ନ ଷ୍ଟାଇଲିସ୍ ମେକଅପ୍ କରୁଛନ୍ତି। ଆଉ କେତେଜଣ ମେକଅପ୍ ପରେ ଅନ୍ୟ ଷ୍ଟାଇଲ୍ ମେକଅପ୍ ନେଇ ପରାମର୍ଶ ବି ଦେଉଛନ୍ତି। ସେ ଯାହା ବି ହେଉ ଭିଡିଓରେ ଏଭଳି ମେକଅପ୍ ଷ୍ଟାଇଲ୍ ଦେଖି ସମସ୍ତେ ବେଶ୍ ମଜା ନେଉଛନ୍ତି।


ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ପ୍ରଫେସର ଡା. ଯଜ୍ଞେଶ୍ୱର ନାଥ
ନବକଳେବର ରୋଡ୍, ନୂଆସାହି, ପୁରୀ-୨
ଆବିର୍ଭାବ: ୦୧।୦୧।୧୯୫୦
ତିରୋଧାନ: ୨୦।୦୨।୨୦୨୧
ଆପଣଙ୍କର ସେବା, ସାଧୁତା, କର୍ତ୍ତବ୍ୟନିଷ୍ଠା ଓ ସରଳତା ଜନମାନସରେ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
-:ହତଭାଗ୍ୟ:-
ସ୍ତ୍ରୀ: ବାସନ୍ତୀ ନାଥ, ପୁତ୍ର: ରବି, ଜ୍ୟୋତି, ଜ୍ୱାଇଁ: ହିମାଦ୍ରି, ମହାବୀର, ରଞ୍ଜନ, ଝିଅ: ବେବୀ, ଛବି, ରୁବି, ବୋହୂ: କୁନି, ମିମି, ନାତି: ବୁଢ଼ା, ରାଜନ, ରିହାନ, ରାମ, ଗୁଗୁନୁ, ଶକ୍ତି, ନାତୁଣୀ: ବବ୍‌ଲି।
ଧ-୬୮୮୬୨

୩ୟ ଶ୍ରାଦ୍ଧବାର୍ଷିକୀ



୰ଗୋପୀନାଥ ପ୍ରଧାନ
ଧର୍ମବିହାର, ଭୁବନେଶ୍ୱର
ଚାହୁଁ ଚାହୁଁ ତିନିବର୍ଷ ବିତିଗଲା। ଆପଣଙ୍କ ଅନୁପସ୍ଥିତି ଅନୁଭବ କରୁଛୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି, ମୁକ୍ତି, ମୋକ୍ଷପ୍ରାପ୍ତ ହେଉ ପରମପିତାଙ୍କ ନିକଟରେ ଏତିକି ମିନତି।
-:ଶୋକସନ୍ତପ୍ତ:-
ସ୍ତ୍ରୀ: ମନୋରମା, ପ୍ରଦୀପ୍ତ-ମାନୀ, ବୁଢ଼ୀ, କୁନା-ନରେନ୍ଦ୍ର, ଛବି-ଅବନୀ, ବେବି-ଶିବ, ନାତି ଓ ନାତୁଣୀମାନେ।
ଧ-୬୦୯୬୬



# ତ୍ୱଚା ଲାଗି ବରଦାନ ଅଣ୍ଡା

ଅଣ୍ଡାରେ ଭରି ରହିଥିବା ପୋଷକତତ୍ତ୍ୱ ସ୍ୱାସ୍ଥ୍ୟ ପାଇଁ ଉପକାରୀ ହେବା ସହ ଏଥିରେ ଥିବା ସୌନ୍ଦର୍ଯ୍ୟ ବୃଦ୍ଧିକାରୀ ଗୁଣ ତ୍ୱଚା ଲାଗି ମଧ୍ୟ ବରଦାନ ସଦୃଶ। ତେଣୁ ସୌନ୍ଦର୍ଯ୍ୟ ବୃଦ୍ଧି ସକାଶେ କିପରି ଏହାକୁ ବ୍ୟବହାର କରିବେ ସେ ସମ୍ପର୍କରେ...

➤ କେଶକୁ ସୁନ୍ଦର ଏବଂ ମଜଭୁତ କରିବା ଲାଗି ଅଣ୍ଡା ପ୍ୟାକ୍ ସବୁଠୁ ବେଷ୍ଟ। ଏଥିପାଇଁ ଗୋଟିଏ ଅଣ୍ଡାର କେଶର ସହ ଏକ ଚାମଚ ଲେଖାଏ ଆଲମଣ୍ଡ ଅଏଲ, ମହୁ ଏବଂ ଦହି ମିଶାଇ ପ୍ୟାକ୍ ପ୍ରସ୍ତୁତ କରି ଲଗାନ୍ତୁ। ଏହାକୁ ଲଗାଇ ୩୦ ମିନିଟ୍ ରଖିବା ପରେ କେଶ ଧୋଇ ଦିଅନ୍ତୁ। ମାସକୁ ୨-୩ ଥର ଏପରି କରନ୍ତୁ, ଉପକୃତ ହେବେ।

➤ ତ୍ୱଚାରୁ ଦାଗ ସମସ୍ୟା ଦୂର କରି ଏହାର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ଲାଗି ଅଣ୍ଡାର ଧଳା ଅଂଶରେ ମହୁ ଏବଂ ଅଲିଭ ଅଏଲ ମିଶାଇ ପ୍ୟାକ୍ ପ୍ରସ୍ତୁତ କରି ଲଗାନ୍ତୁ। ୧୫ମିନିଟ୍ ରଖିବା ପରେ ପାଣିରେ ଭଲ ଭାବେ ଧୋଇ ଦିଅନ୍ତୁ।

➤ ଅଣ୍ଡାର ଧଳା ଅଂଶରେ ଅଳ୍ପ ମହୁ ମିଶାଇ ମୁହଁରେ ଲଗାନ୍ତୁ। ୧୦-୧୫ମିନିଟ୍ ରଖିବା ପରେ ପାଣିରେ ଧୋଇ ଦିଅନ୍ତୁ। ଏହି ପ୍ୟାକ୍ ମୁହଁରେ ଥିବା ରିଙ୍କଲ୍ ମାର୍କ ଏବଂ ଏଜ୍ ଲାଇନ୍ ଦୂର କରି ତ୍ୱଚାକୁ ଟାଇଟ୍ କରିବା ସହ ଆକର୍ଷଣୀୟ ୟଙ୍ଗର ଲୁକ୍ ଦେବ।

➤ ଡାର୍କ ସ୍କିନ୍‌ଟୋନ୍‌କୁ ଲାଇଟ୍ କରିବା ପାଇଁ ଏଣୁତେଣୁ କ୍ରିମ୍ ଲଗାଇବା ଏବଂ ବ୍ୟୁଟି ଟ୍ରିଟ୍‌ମେଣ୍ଟ କରିବାରେ ଖର୍ଚ୍ଚାନ୍ତ ହେଉଛନ୍ତି କି ? ଯଦି ହଁ ତେବେ ଆପଣ ଖୁବ୍ କମ୍ ଖର୍ଚ୍ଚରେ ଘରୋଇ ଉପାୟରେ ନିଜ ସମସ୍ୟାର ସମାଧାନ କରିପାରିବେ। ଖଣ୍ଡେ ପାଚିଲା କଖାରୁକୁ ଗ୍ରାଇଣ୍ଡିଂ କରି ସେଥିରେ ଅଣ୍ଡା, କ୍ଷୀର ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ପ୍ରତିଦିନ ଏହାକୁ ଲଗାନ୍ତୁ, ଖୁବ୍ କମ୍ ଦିନ ମଧ୍ୟରେ ତ୍ୱଚାର ରଙ୍ଗରେ ପରିବର୍ତ୍ତନ ଜାଣିପାରିବେ।

➤ ଅଣ୍ଡା କେଶର ସହିତ ଲେମ୍ବୁ ରସ ମିଶାଇ କେଶ ମୂଳରୁ ଶେଷ ପର୍ଯ୍ୟନ୍ତ ଭଲ ଭାବେ ଲଗାଇ ୩୦ ମିନିଟ ରଖିବା ପରେ ଧୋଇଦିଅନ୍ତୁ। ଏହା ଆପଣଙ୍କ କେଶକୁ ପ୍ରାକୃତିକ ଉପାୟରେ କଣ୍ଡିଶନିଂ କରିବାରେ ସାହାଯ୍ୟ କରିବ।

➤ ଗୋଟିଏ ଅଣ୍ଡା, ପାଚିଲା କଦଳୀ, ୫ ଚାମଚ ରୋଜ୍ ଅଏଲ ଏବଂ ଏକ ଚାମଚ ସୂର୍ଯ୍ୟମୁଖୀ ତେଲକୁ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ଲଗାଇବା ଦ୍ୱାରା ରୁକ୍ଷ ହେବା, ଫାଟିବା, ଝଡ଼ିବା ଭଳି କେଶର ବିଭିନ୍ନ ସମସ୍ୟା ଦୂର ହୋଇଥାଏ।



# ସୌନ୍ଦର୍ଯ୍ୟ ମାୟାଜାଲ

ସୁନ୍ଦର ଦେଖାଯିବାକୁ କେଉଁ ନାରୀ ବା ନ ଚାହେଁ। ଯେଉଁଥିପାଇଁ ବିଭିନ୍ନ ସୌନ୍ଦର୍ଯ୍ୟ ପ୍ରସାଧନ ବ୍ୟବହାରଠୁ ଆରମ୍ଭ କରି ଅନେକେ ବ୍ୟୁଟିପାର୍ଲର, ସାଲୋନ୍ ଏବଂ ସ୍ପା ସେଣ୍ଟର ଆଦି ଯିବାକୁ ପଛାଇ ନ ଥାନ୍ତି। ହେଲେ କେବେ କେବେ ଏହି ନିଶାରେ କେତେକେ ଅଜାଣତରେ ବିଭିନ୍ନ ଅଫରର ମାୟାଜାଲରେ ଫସି ଠକାମିର ଶିକାର ହେଉଥିବା ଦେଖିବାକୁ ମିଳୁଛି...







ବର୍ତ୍ତମାନ ସୌନ୍ଦର୍ଯ୍ୟକୁ ନେଇ ଚାଲିଛି ଯେମିତି ପ୍ରତିଯୋଗିତା। ଅର୍ଥାତ୍ ନିଜକୁ ସୁନ୍ଦର ଏବଂ ଷ୍ଟାଇଲିସ୍ ଲୁକ୍ ଦେବା ଲାଗି ଯୁବତୀ, ଗୃହିଣୀଙ୍କଠାରୁ ଆରମ୍ଭ କରି କର୍ମଜୀବୀଙ୍କ ପର୍ଯ୍ୟନ୍ତ ଅଧିକାଂଶ ବ୍ୟୁଟିପାର୍ଲର, ସ୍ପା ସେଣ୍ଟର ଏବଂ ସାଲୋନ୍ ଯାଉଥିବା ଦେଖିବାକୁ ମିଳୁଛି। ଅନେକ କର୍ମଜୀବୀ ମହିଳା ଘର ସହ ଅଫିସ୍ କାର୍ଯ୍ୟ ମଧ୍ୟରେ ସମୟ ଅଭାବରୁ ନିଜ ସ୍କିନ୍ କେୟାର ନ ନେଇପାରୁଥିବାରୁ ମଝିରେ ମଝିରେ ଏଥିପାଇଁ ବ୍ୟୁଟିପାର୍ଲର ଯାଉଛନ୍ତି। ବିଶେଷ କରି ଗ୍ଲାମର ଫିଲ୍ଡରେ କାମ କରୁଥିବା ମହିଳାମାନେ ଏଥିପ୍ରତି ବେଶି ଆଗ୍ରହୀ ହେଉଥିବା ସହ ଏ ବାବଦରେ ବହୁ ଅର୍ଥ ଖର୍ଚ୍ଚ କରୁଥିବା ଦେଖିବାକୁ ମିଳୁଛି। ହେଲେ ସୌନ୍ଦର୍ଯ୍ୟ ବୃଦ୍ଧି ନିଶାରେ ଅନେକେ ଅଜାଣତରେ ଏହି ସବୁ ବ୍ୟୁଟି କେୟାର ସେଣ୍ଟରଗୁଡ଼ିକରେ ଦିଆଯାଉଥିବା ବିଭିନ୍ନ ଆକର୍ଷଣୀୟ ଅଫରର ମାୟାଜାଲରେ ଫସି ଆବଶ୍ୟକରୁ ଅଧିକ ଖର୍ଚ୍ଚାନ୍ତ ହେଉଥିବା ବି ନଜିର ରହିଛି। ତେଣୁ ଏଭଳି ଠକାମିର ଶିକାର ହେବାଠାରୁ ନିଜକୁ ନିବୃତ୍ତ ରଖିବା ଲାଗି ସଚେତନ ହେବା ଆବଶ୍ୟକ...

**କମ୍ବୋ ପ୍ୟାକ୍ ଏବଂ ଡିସ୍କାଉଣ୍ଟର ପ୍ରଲୋଭନ:** ବର୍ତ୍ତମାନ ବ୍ୟୁଟିପାର୍ଲର ଯିବା ପ୍ରତି ଅନେକେ ଆଗ୍ରହୀ ହେଉଥିବା ଦେଖିବାକୁ ମିଳୁଛି। ଆଉ ସେମାନଙ୍କୁ ଆକୃଷ୍ଟ କରିବା ଲାଗି ଏଭଳି ବ୍ୟୁଟିପାର୍ଲର ଏବଂ ଅନ୍ୟାନ୍ୟ ସାଲୋନ୍‌ଗୁଡ଼ିକରେ ବିଭିନ୍ନ ପ୍ରକାରର କମ୍ବୋ ପ୍ୟାକ୍ କିମ୍ବା ଡିସ୍କାଉଣ୍ଟ ଅଫର ଦିଆଯାଉଛି ; ଯେଉଁଥିରେ ଏକ ନିର୍ଦ୍ଦିଷ୍ଟରୁ ଅଧିକ ଟଙ୍କାର ଫେସିଆଲ ହେଉ କି ଅନ୍ୟ କିଛି ବ୍ୟୁଟି ଟ୍ରିଟ୍‌ମେଣ୍ଟ କରାଇବା ଦ୍ୱାରା କେତେ ପରସେଣ୍ଟ ଲେଖାଏ ଡିସ୍କାଉଣ୍ଟ ଅଫର ଦିଆଯାଉଛି। କେବଳ ଏତିକି ନୁହେଁ ଫେସିଆଲ୍ ସହିତ ପେଡି କିଓର, ମେନି କିଓର୍ ହେଉ କିମ୍ବା ହେୟାର ସ୍ପା ସହିତ ହେୟାର କଟିଂ କିମ୍ବା ଆଇବ୍ରୋ ଶେପ୍, ଫେସିଆଲ୍ ସହିତ ଫେସ୍ କ୍ଲିନ୍‌ଅପ୍ କିମ୍ବା ଟ୍ରିମିଂ ଏବଂ ୱାକ୍ସିଂ ଆଦି ଭଳି ବିଭିନ୍ନ କମ୍ବୋ ପ୍ୟାକ୍ ଉପରେ ସ୍ପେଶାଲ ଡିସ୍କାଉଣ୍ଟ ଦେଉଛନ୍ତି। ବିଶେଷ କରି ବିବାହ କରିବାକୁ ଯାଉଥିବା ଯୁବତୀମାନଙ୍କୁ ବିଭିନ୍ନ ବ୍ରାଇଡାଲ ଅଫର ଦିଆଯାଉଛି ; ଯେଉଁଥିରେ ଫେସିଆଲ୍‌ଠୁ ଆରମ୍ଭ କରି ସ୍ପା ଏବଂ ଅନ୍ୟାନ୍ୟ ବ୍ୟୁଟି ସଲ୍ୟୁସନ ସହ ବ୍ରାଇଡାଲ ମେକ୍‌ଅପ୍ ପର୍ଯ୍ୟନ୍ତ ସମସ୍ତ ଲାଗି ସ୍ପେଶାଲ୍ ବ୍ରାଇଡାଲ୍ ପ୍ୟାକ୍ ଅଫର ରହୁଛି। ତେବେ ଏଭଳି ବିଭିନ୍ନ ଡିସ୍କାଉଣ୍ଟ ଲୋଭରେ ଅଧିକାଂଶ ଯୁବତୀ ଏବଂ ମହିଳା ସେଠାରେ ଭିଡ଼ ଜମାଉଥିବା ସହ ଅଧିକରୁ ଅଧିକ ଖର୍ଚ୍ଚାନ୍ତ ହେଉଥିବାର ଦେଖିବାକୁ ମିଳୁଛି।

**ସ୍ପେଶାଲ ମେମ୍ବରଶିପ୍ ଅଫର:** ବର୍ତ୍ତମାନ ଅନେକ ବ୍ୟୁଟିପାର୍ଲର, ସ୍ପା ଏବଂ ସାଲୋନ୍‌ରେ ୬ମାସ, ଏକ ବର୍ଷ, ୨ ବର୍ଷ, ଲାଇଫ୍ ଟାଇମ୍ ଭଳି ବିଭିନ୍ନ ମେମ୍ବରଶିପ୍ ଅଫର ଦିଆଯାଉଛି। ମେମ୍ବରଶିପ୍‌ର ସମୟସୀମା ଯେତେ ଅଧିକ ରହୁଛି ସେହି ଅନୁସାରେ ଟଙ୍କା ମଧ୍ୟ କମ୍ ରହୁଛି। କେବଳ ଏତିକି ନୁହେଁ, ଏଠାରେ ମଝିରେ ମଝିରେ ମେମ୍ବରମାନଙ୍କୁ ଫ୍ରି ଫେସିଆଲ, ହେୟାର ଷ୍ଟାଇଲ୍ କିମ୍ବା ସ୍ପା ଆଦି ଯୋଗାଇ ଦିଆଯାଉଛି। ଆଉ ଏହି ଅଫରର ଭରପୂର ଫାଇଦା ନେବା ଲୋଭରେ ଅଧିକାଂଶ ମହିଳା ବି ଏଭଳି ମେମ୍ବରଶିପ୍ ନେବାକୁ ପଛାଉ ନାହାନ୍ତି। ତେବେ ଅପରପକ୍ଷେ ଏହାଦ୍ୱାରା ଯେ ସେମାନେ ଦୀର୍ଘ ସମୟ ଧରି ଯାଉଥିବା ଦେଖିବାକୁ ମିଳୁଛି। ହେଲେ ଏହାଦ୍ୱାରା ସେମାନେ ଏତେ ଦିନ ପାଇଁ ଟଙ୍କା ଦେବାକୁ ବାଧ୍ୟ ବୋଲି ବୁଝିପାରୁନାହାନ୍ତି।

**ଆଡଭାନ୍ସ ପେମେଣ୍ଟ ସିଷ୍ଟମ:** ଅନେକ ପାର୍ଲରରେ ଗ୍ରାହକଙ୍କ ଡିମାଣ୍ଡକୁ ଦେଖି ଅର୍ଥାତ୍ କିଏ ବାରମ୍ବାର ନିୟମିତ ସମୟ ବ୍ୟବଧାନରେ ଆସୁଛନ୍ତି ଅବା ଆସିବେ ଏବଂ କ'ଣ ସବୁ ବ୍ୟୁଟି ସଲ୍ୟୁଶନ୍‌ସ କରାଇବେ ଆଦିକୁ ଆଖି ଆଗରେ ରଖି ସେମାନଙ୍କୁ ଆକୃଷ୍ଟ କରିବା ପାଇଁ ଆଡଭାନ୍ସ ପେମେଣ୍ଟ ସିଷ୍ଟମ କରାଯାଇଛି। ସେଠାରେ ପ୍ରତିଥର ପେମେଣ୍ଟ କରି ଅଧିକ ଟଙ୍କା ଖର୍ଚ୍ଚ କରିବା ଅପେକ୍ଷା ଏକାଥରେ ଆଡ୍‌ଭାନ୍ସ ପେମେଣ୍ଟ ଦେଲେ କେତେ ଟଙ୍କାର ରିହାତି ସୁବିଧା ଯୋଗାଇ ଦେଉଥିବାରୁ ଅଧିକାଂଶ ଗ୍ରାହକ ଏହି ଜାଲରେ ଫସି ଯାଉଛନ୍ତି। ହେଲେ ଏହାଦ୍ୱାରା ଯେ, ସେମାନେ ସେଠାକୁ ବାରମ୍ବାର ଆସିବା ପାଇଁ ବାଧ୍ୟ ବୋଲି ଏତେ ଟଙ୍କା ଦେଉଛନ୍ତି ସେ ଦିଗରେ ସଚେତନ ନୁହନ୍ତି।


**କପୁଲ୍ ଡିସ୍କାଉଣ୍ଟ:** ପୂର୍ବରୁ ମହିଳା ଏବଂ ପୁରୁଷଙ୍କ ବ୍ୟୁଟିପାର୍ଲର, ସାଲୋନ୍ ଏବଂ ସ୍ପା ଆଦି ସମ୍ପୂର୍ଣ୍ଣ ଅଲଗା ଅଲଗା ଥିଲା। ହେଲେ ବର୍ତ୍ତମାନ ଅଧିକାଂଶଙ୍କର ଡିମାଣ୍ଡକୁ ଆଖିଆଗରେ ରଖି ଓଡ଼ିଶାର ବିଭିନ୍ନ ସ୍ଥାନରେ ବିଶେଷ କରି ଭୁବନେଶ୍ୱର ଏବଂ କଟକ ଭଳି ସିଟିରେ ଅନେକ ୟୁନିସେକ୍ସ ପାର୍ଲର ଖୋଲିଗଲାଣି। ଯେଉଁଠାରେ ଉଭୟ ପୁରୁଷ ଏବଂ ମହିଳା ନିଜ ନିଜର ଆବଶ୍ୟକତା ଅନୁଯାୟୀ ଫେସିଆଲ୍‌ଠୁ ଆରମ୍ଭ କରି ହେୟାର କଟିଂ, କଲରିଂ, ସ୍ପା ପର୍ଯ୍ୟନ୍ତ ବିଭିନ୍ନ ସୁବିଧା ପାଇ ପାରୁଛନ୍ତି। ତେବେ ବ୍ୟୁଟି କେୟାରକୁ ନେଇ ଅଧିକ ଯତ୍ନଶୀଳ ଥିବା ଅଧିକାଂଶ ବିବାହିତ ଦମ୍ପତିମାନେ ଏଭଳି ୟୁନିସେକ୍ସ ପାର୍ଲର ଯିବାକୁ ବେଶି ପସନ୍ଦ କରୁଛନ୍ତି। ତେବେ ଏଭଳି ବ୍ୟୁଟି କେୟାର ସେଣ୍ଟରଗୁଡ଼ିକ ଅଧିକରୁ ଅଧିକ ଗ୍ରାହକ ଆସିବା ଲାଗି କପ୍‌ଲ ଡିସ୍କାଉଣ୍ଟ ଯୋଗାଇ ଦେଉଛନ୍ତି। ଆଉ ଅନେକେ ଏହି ଡିସ୍କାଉଣ୍ଟର ସୁବିଧା ନେବା ଆଳରେ ବହୁ ଟଙ୍କା ମଧ୍ୟ ଖର୍ଚ୍ଚ କରୁଥିବା ଦେଖିବାକୁ ମିଳୁଛି।

## କ'ଣ କରନ୍ତି ଏମାନେ...



ପିଙ୍କି

**ପିଙ୍କି ପ୍ରିୟଦର୍ଶିନୀ ମହାନ୍ତି** (କର୍ମଜୀବୀ, ଭୁବନେଶ୍ୱର)- ବାହାରେ ଖରା, ଧୂଳି, ଗାଡ଼ିମୋଟର ଧୂଆଁ ଆଦିର ପ୍ରଭାବରେ କେଶ ଏବଂ ତ୍ୱଚା ଉଭୟ ଉପରେ ନକାରାତ୍ମକ ପ୍ରଭାବ ପଡ଼ୁଛି। ହେଲେ ପରିବାର ଏବଂ ଅଫିସ୍ ଉଭୟର କାର୍ଯ୍ୟ ବ୍ୟସ୍ତତା ମଧ୍ୟରେ ନିଜ କେୟାର ପାଇଁ ଏତେଟା ସମୟ ହେଉନି। ତେଣୁ ମଝିରେ ମଝିରେ ବ୍ୟୁଟି ପାର୍ଲର ଯାଇ ଫେସ୍ କ୍ଲିନ୍‌ଅପ୍ ଏବଂ ହେୟାର ସ୍ପା ଆଦି କରାଇଥାଏ। ହେଲେ ବର୍ତ୍ତମାନ ବିଭିନ୍ନ ପାର୍ଲରରେ ଆକର୍ଷଣୀୟ ଅଫର ଦେଇ ଅଧିକ ଟଙ୍କା ନେଉଥିବାରୁ ସେଥିପ୍ରତି ସତର୍କ ରହେ। ଟଙ୍କା ଅଧିକ କିମ୍ବା କୌଣସି ଅଫର ଥିଲେ ସାଙ୍ଗସାଥୀଙ୍କଠାରୁ ଅନ୍ୟଠାରେ କେତେ ଦାମ୍ ରହୁଛି ବୁଝିବା ପରେ ମଝିରେ ମଝିରେ ପାର୍ଲର ମଧ୍ୟ ବଦଳାଏ। ତା'ଛଡ଼ା କୌଣସି ପ୍ରଲୋଭନର ଜାଲରେ ନ ପଡ଼ି ନିଜ ଆବଶ୍ୟକତା ଅନୁସାରେ କାର୍ଯ୍ୟ କଲେ ଠକାମିର ଶିକାର ଆଦୌ ହେବି ନାହିଁ ବୋଲି ମୋର ବିଶ୍ୱାସ।



ପୁଷ୍ପାଞ୍ଜଳି

**ପୁଷ୍ପାଞ୍ଜଳି ବେହେରା**(ଗୃହିଣୀ, ବରଗଡ଼, ଭୁବନେଶ୍ୱର)- ତ୍ୱଚାର ଠିକ୍ ଭାବେ ଯତ୍ନ ନ ନେଲେ ବର୍ତ୍ତମାନ ଚାରିଆଡ଼େ ଯେଉଁଭଳି ପ୍ରଦୂଷଣ ବ୍ରଣ ଦାଗ, ସନଟ୍ୟାନ୍ ଭଳି ସମସ୍ୟା ଦେଖାଦେବ। ଏସବୁଠାରୁ ଦୂରେଇ ରହିବା ଲାଗି ମଝିରେ ମଝିରେ ବ୍ୟୁଟି ପାର୍ଲର ଯାଏ। ଏଥିପାଇଁ ଯଦି କୌଣସି ଡିସ୍କାଉଣ୍ଟ ଅବା କମ୍ ଟଙ୍କାରେ କମ୍ବୋ ପ୍ୟାକ୍ ମିଳିଯାଏ ତେବେ ଏହି ସୁଯୋଗ ହାତଛଡ଼ା କରେନି। ହେଲେ ଏହାଦ୍ୱାରା ଯେପରି କୌଣସି ଠକାମିର ଶିକାର ନ ହୁଏ ସେଥିପାଇଁ କେବଳ ବିଶ୍ୱସ୍ତ ତଥା ପରୀକ୍ଷିତ ପାର୍ଲରକୁ ହିଁ ଯାଇଥାଏ।

## ଖାଦ୍ୟ ରୁଚି

### ଇଡ୍‌ଲୀ ୬୫

**ଆବଶ୍ୟକ ସାମଗ୍ରୀ:** ୫ଟି ଇଡ୍‌ଲୀ, ଲାଲ୍ ଲଙ୍କା ପାଉଡର ୧/୨ ଟି ସ୍ପୁନ୍, ଜିରା ପାଉଡର ୧/୪ଟି ସ୍ପୁନ୍, ଚାଉଳ ଅଟା ୧ ଟେବୁଲ୍ ସ୍ପୁନ୍, ଦହି ୨ ଟେବୁଲ୍ ସ୍ପୁନ୍, ଛାଣିବା ପାଇଁ ତେଲ, ସୋରିଷ ୧ ଟି ସ୍ପୁନ୍, ପାନମଧୁରୀ ୧/୨ ଟି ସ୍ପୁନ୍, ଏକ ଅଦା ଛୋଟ ଛୋଟ କଟା ହୋଇଥିବା, ୪ କୋଲା ରସୁଣ ଛୋଟ କଟା ହୋଇଥିବା, ଭୃର୍ସୁଙ୍ଗ ପତ୍ର ୮-୧୦ଟି, ଶୁଖିଲା ଲଙ୍କା ୩ଟି, ଧନିଆ ପାଉଡର ୧/୨ ଟି ସ୍ପୁନ୍, ହଳଦୀ ଗୁଣ୍ଡ ୧/୪ ଟି ସ୍ପୁନ୍, ଗୋଲମରିଚ ପାଉଡର ୧/୪ ଟି ସ୍ପୁନ୍, କଟା ଧନିଆ ପତ୍ର ୧ ଟେବୁଲ୍ ସ୍ପୁନ୍ ଏବଂ ସ୍ୱାଦ ଅନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ଗୋଟିଏ ଗୋଟିଏ ଇଡ୍‌ଲୀକୁ ୪-୫ ଖଣ୍ଡ କରି କାଟି ଦିଅନ୍ତୁ। ସେଥିରେ ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ, ଦହି, ଚାଉଳ ଅଟା, ଲୁଣ ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ। ବର୍ତ୍ତମାନ ଏକ ପାତ୍ରରେ ତେଲ ଗରମ କରି ସେଥିରେ ଏହାକୁ ଅଳ୍ପ ବ୍ରାଉନ କଲର ହେବା ଯାଏ ଛାଣନ୍ତୁ। ଅନ୍ୟ ଏକ ପ୍ୟାନ୍‌ରେ ଅଳ୍ପ ତେଲ ଗରମ କରନ୍ତୁ। ସେଥିରେ ସୋରିଷ, ପାନମଧୁରୀ,



କଟା ଅଦା, କଟା ରସୁଣ, ଭୃର୍ସୁଙ୍ଗ ପତ୍ର, ଶୁଖିଲା ଲଙ୍କା ପକାଇ ଭାଜନ୍ତୁ। ଏହା ଲାଲ୍ ହୋଇଗଲେ ସେଥିରେ ଦହି ପକାଇ ଗୋଳାନ୍ତୁ। ବର୍ତ୍ତମାନ ସେଥିରେ ଧନିଆ ପାଉଡର, ଜିରା ପାଉଡର, ପୂର୍ବରୁ ଛଣା ହୋଇଥିବା ଇଡ୍‌ଲୀ ଏବଂ ସ୍ୱାଦ ଅନୁସାରେ ଲୁଣ ପକାଇ ଗୋଳାନ୍ତୁ ଏବଂ ଚୁଲା ବନ୍ଦ କରିଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଇଡ୍‌ଲୀ ୬୫। ସେଥିରେ ଗୋଲମରିଚ ଗୁଣ୍ଡ ଏବଂ କଟା ଧନିଆ ପତ୍ର ପକାଇ ଗରମ ଗରମ ସର୍ଭ କରନ୍ତୁ।



# ଜଗିଂ ପାଇଁ ଜୋତା

ବର୍ତ୍ତମାନ ନିଜକୁ ଫିଟ୍ ରଖିବା ଲାଗି ଅନେକେ ଦୈନିକ କିଛି ସମୟ ଜଗିଂ, ରନିଂ ଆଦି କରୁଥିବାର ଦେଖିବାକୁ ମିଳୁଛି। ତେବେ ଏସବୁର ବେଷ୍ଟ ରେଜଲ୍ଟ ପାଇବାକୁ ହେଲେ ଠିକ୍ ଜୋତା ଚୟନ କରିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ତେଣୁ ଜଗିଂ ପାଇଁ ଜୋତା କିଣିବା ବେଳେ କେଉଁ ସବୁ ଦିଗ ପ୍ରତି ଧ୍ୟାନ ଦେବେ ଜାଣି ରଖନ୍ତୁ...

➤ ଜୋତା ସବୁବେଳେ ପାଦକୁ ଫିଟ୍ ହେବା ଦରକାର। କାରଣ ପାଦକୁ ଫିଟ୍ ନ ହେଉଥିବା ଜୋତା ଶରୀର ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ସେଥିପାଇଁ ଜୋତା କିଣିବା ବେଳେ ନିଜେ ଉପସ୍ଥିତ ରହି ଟ୍ରାଏ କରିନେବା ଭଲ। ତେବେ ଜଗିଂ ପାଇଁ ସ୍ମାର୍ଟ ସ୍ପୋର୍ଟ୍ସ ଶୁଜ୍ ସବୁଠୁ ଭଲ ଅପ୍ସନ।

➤ କିଣିବା ପୂର୍ବରୁ ଜୋତା ପିନ୍ଧି ଅଳ୍ପ ଚାଲନ୍ତୁ। କାରଣ ରନିଂ ଶୁଜ୍‌ରେ ପାଦ ଆଗକୁ ବଢ଼ାଇବା ଏବଂ ଚାଲିବା ବେଳେ ସନ୍ତୁଳନ ରକ୍ଷା କରିବାରେ ଯେପରି ଆରାମଦାୟକ ଲାଗିବା ଦରକାର। ଏହାକୁ ନ୍ୟୁଟ୍ରାଲ୍ ବୋଲି କୁହାଯାଇଥାଏ।

➤ ସେହିପରି ଜୋତାର ସପୋର୍ଟ ଠିକ୍ ହେବା ବି ଗୁରୁତ୍ୱପୂର୍ଣ୍ଣ। ଅର୍ଥାତ୍ ପାଦର ଆଗ ପଛ, ଉପର ତଳ କୌଣସି ଅଂଶ ଯେପରି ଚାପି ହୋଇ ନ ରହେ।

➤ ସବୁ ରାସ୍ତା ପ୍ଲେନ୍ ହୋଇ ନ ଥାଏ, ପାର୍କ ହେଉ କିମ୍ବା ଅନ୍ୟ ଯେଉଁଠାରେ ଆପଣ ଚାଲିବେ ଅବା ଦୌଡ଼ିବେ ସେଠାରେ ରାସ୍ତା ଖାଲ ଢିପ ମଧ୍ୟ ଥାଇପାରେ। ତେଣୁ ଆପଣଙ୍କ ରନିଂ ଶୁଜ୍ ଯେପରି ସବୁ ପ୍ରକାର ରାସ୍ତାରେ ଚାଲିଲେ ସନ୍ତୁଳନ ରକ୍ଷା କରିପାରିବ, ସେଥିପ୍ରତି ଧ୍ୟାନ ଦିଅନ୍ତୁ।

➤ ଜଗିଂ ପାଇଁ ସର୍ବଦା ସଫ୍ଟ ସୋଲ୍ ଜୋତା ବ୍ୟବହାର କରନ୍ତୁ। ନଚେତ୍ ହାର୍ଡ ସୋଲ୍ ପାଇଁ ପାଦ ଦରଜ ହେବା କିମ୍ବା ଫୋଟକା ହେବା ଭଳି ସମସ୍ୟା ଦେଖା ଦେଇପାରେ।



# ଭାରତୀୟ ଖେଳାଳିଙ୍କ ଅଭ୍ୟାସ

**ଅହମଦାବାଦ,୧।୩(ପି.ଟି.)**

ଭାରତ ଓ ଭ୍ରମଣକାରୀ ଇଂଲଣ୍ଡ ମଧ୍ୟରେ ଗୁରୁବାରଠାରୁ ଚତୁର୍ଥ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବାକୁ ଯାଉଛି। ରବିବାର ଭାରତୀୟ ଖେଳାଳିମାନେ ଅଭ୍ୟାସ ଆରମ୍ଭ କରିଥିଲେ। ସୋମବାର ମଧ୍ୟ ଘରୋଇ ଦଳର ତାରକାମାନେ ନେଟ୍ସରେ ଝାଳ ବୁହାଇଥିଲେ। ଅଧିନାୟକ ବିରାଟ କୋହଲି, ସିନିୟର ଓପନର ରୋହିତ

## ଅନ୍ତିମ ଟେଷ୍ଟ

ଶର୍ମା ଓ ଉପଅଧିନାୟକ ଅଜିଙ୍କ୍ୟ ରାହାନେ ନେଟ୍ସରେ ବ୍ୟାଟିଂ କରିଥିଲେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଟୁଇଟ୍ କରି ଖେଳାଳି ଅଭ୍ୟାସ କରୁଥିବାର ଭିଡିଓ ଅପ୍‌ଲୋଡ କରିଛି। ସ୍ଥାନୀୟ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଏହି ୩ ବରିଷ୍ଠ ଖେଳାଳି ପେସର, ସ୍ପିନରଙ୍କ ବୋଲିଂରେ ପୁଲ, ଫ୍ଲିକ୍ ଶଟ୍‌ମାନ ଖେଳିବା ସହ ଡ୍ରାଇଭ କରିଥିଲେ।



ଅଭ୍ୟାସ ଅବସରରେ ଅଜିଙ୍କ୍ୟ ରାହାନେ।

ଟିମ୍ ଇଣ୍ଡିଆ ହେଡ୍ କୋଚ୍ ରବି ଶାସ୍ତ୍ରୀ କୋହଲି ଓ ରୋହିତଙ୍କ ସହ ଆଲୋଚନା କରୁଥିବାର ଦେଖାଯାଇଥିଲା। ପିଙ୍କ୍‌ବଲ ତୃତୀୟ ଟେଷ୍ଟରେ ୧୧ଟି ଉଇକେଟ ହାସଲ କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଅକ୍ଷର ପଟେଲ ନେଟ୍‌ରେ ବୋଲିଂ କରିଥିଲେ। ସ୍ଲିପ୍‌ରେ ରାହାନେ ଓ ରୋହିତ ଡାହାଣକୁ ଡାଇଭ୍ ମାରି କ୍ୟାଚ୍ ନେବାର ଅଭ୍ୟାସ କରିଥିଲେ।

କୋହଲିଙ୍କ ନେତୃତ୍ୱାଧୀନ ଭାରତ ଚେନ୍ନାଇରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ୨୨୭ ରନରେ ପରାସ୍ତ ହୋଇଥିଲା। ଏହାପରେ ଚେନ୍ନାଇରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟରେ ଭାରତ ୩୧୭ ରନରେ ବିଜୟୀ ହୋଇଥିଲା। ଏଠାରେ ତୃତୀୟ ଟେଷ୍ଟରେ ଇଂଲଣ୍ଡକୁ ଭାରତ ୧୧୨ ଓ ୮୧ ରନରେ ଅଲ୍‌ଆଉଟ କରି ଦୁଇ ଦିନ ମଧ୍ୟରେ ୧୦ ଉଇକେଟରେ ବିଜୟ ହାସଲ କରିଥିଲା। ରବିବାର ମଧ୍ୟ ଭାରତୀୟ କ୍ରିକେଟରମାନେ ଏଠାରେ ପୂରା ଦମ୍‌ରେ ଅଭ୍ୟାସ କରିଥିଲେ। ଅନ୍ତିମ ଟେଷ୍ଟରେ ତାରକା ଦ୍ରୁତ ବୋଲର୍ ଯଶପ୍ରୀତ ବୁମ୍‌ରା ଖେଳିବେ ନାହିଁ। ସିରିଜରେ ଭାରତ ୨-୧ରେ ଅଗ୍ରଣୀ ହାସଲ କରିଛି। ଅନ୍ତିମ ଟେଷ୍ଟରେ ବିଜୟୀ ହେଲେ କିମ୍ବା ଡ୍ର ରଖିପାରିଲେ ଭାରତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିବ।

# ଅଶ୍ୱିନଙ୍କ ସପକ୍ଷରେ ବ୍ରାଡ୍ ହଗ୍

**ସିଡ୍‌ନୀ, ୧।୩ (ପି.ଟି.)**

ସିନିୟର ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ବର୍ତ୍ତମାନ ଯେପରି ଖେଳୁଛନ୍ତି ତାଙ୍କୁ ପୁନର୍ବାର ଭାରତୀୟ ଅନ୍ତର୍ଜାତୀୟ ଦିନିକିଆ ଦଳରେ ସାମିଲ କରାଯିବା ଉଚିତ ବୋଲି ଅଷ୍ଟ୍ରେଲିଆର ପୂର୍ବତନ ଅଲ୍‌ରାଉଣ୍ଡର ବ୍ରାଡ୍ ହଗ୍ ମତ ଦେଇଛନ୍ତି। ଅଶ୍ୱିନ ଉଇକେଟ ନେବା ସହ ଭଲ ବ୍ୟାଟିଂ ମଧ୍ୟ କରୁଛନ୍ତି। ତାଙ୍କୁ ଦଳରେ ସାମିଲ କରାଗଲେ ଭାରତର ବ୍ୟାଟିଂ ଆହୁରି ଶକ୍ତିଶାଳୀ ହେବ। ଟପ୍ ଅର୍ଡର ଖେଳାଳିମାନେ ଆକ୍ରମଣାତ୍ମକ ଖେଳିପାରିବେ। ଟୁଇଟରରେ ଜଣେ ସମର୍ଥକଙ୍କ ପ୍ରଶ୍ନର ଉତ୍ତରରେ ସେ ଏକଥା କହିଛନ୍ତି। ଅଶ୍ୱିନ ଇତିମଧ୍ୟରେ ୭୭ ଟେଷ୍ଟ



ରବିଚନ୍ଦ୍ରନ୍ ଅଶ୍ୱିନ

ବ୍ୟତୀତ ୧୧୧ ଅନ୍ତର୍ଜାତୀୟ ଦିନିକିଆ ଏବଂ ୪୬ ଅନ୍ତର୍ଜାତୀୟ ଟି୨୦ ଖେଳି ସାରିଛନ୍ତି। କିଛିବର୍ଷ ହେଲା ତାଙ୍କୁ ସୀମିତ ଓଭର କ୍ରିକେଟରୁ ବାଦ ଦିଆଯାଇଛି। ସେ ଶେଷଥର ଏକ ଅନ୍ତର୍ଜାତୀୟ ଦିନିକିଆ ୨୦୧୭ ଜୁନ୍‌ରେ ଖେଳିଥିଲେ। ଗତ ସପ୍ତାହରେ ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟ ଏବଂ ଚଳିତବର୍ଷ ପ୍ରାରମ୍ଭରେ ଅଷ୍ଟ୍ରେଲିଆ ବିପକ୍ଷରେ ଐତିହାସିକ ଟେଷ୍ଟ ସିରିଜ ବିଜୟରେ ଏହି ୩୪ ବର୍ଷୀୟ ଖେଳାଳିଙ୍କ ବିଶେଷ ଭୂମିକା ରହିଥିଲା। ୪୦୦ ଟେଷ୍ଟ ଉଇକେଟ ଅକ୍ତିଆର କରିବାରେ ସେ ଚତୁର୍ଥ ଭାରତୀୟ ଖେଳାଳି ହୋଇପାରିଛନ୍ତି। ଭାରତ ଓ ଭ୍ରମଣକାରୀ ଇଂଲଣ୍ଡ ମଧ୍ୟରେ ଚାଲିଥିବା ୪ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜରେ ଆୟୋଜକ ଦଳ ୨-୧ରେ ଅଗ୍ରଣୀ ଲାଭ କରିଛି। ଅହମଦାବାଦଠାରେ ଚତୁର୍ଥ ତଥା ଅନ୍ତିମ ଟେଷ୍ଟ ଗୁରୁବାରଠାରୁ ଆରମ୍ଭ ହେବ। ଟେଷ୍ଟ ସିରିଜ ପରେ ଦୁଇ ଦଳ ୫ ଅନ୍ତର୍ଜାତୀୟ ଟି୨୦ ଏବଂ ୩ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ଖେଳିବେ।

# ବରୁଣ, ମାଳବିକାଙ୍କୁ ଇଣ୍ଟରନ୍ୟାଶନାଲ ଟାଇଟଲ

**ନୂଆଦିଲ୍ଲୀ, ୧।୩ (ପି.ଟି.):** ଭାରତର ବରୁଣ କପୁର ଓ ମାଳବିକା ବନ୍‌ସୋଡ୍ କାମ୍ପାଲାରେ ଚାଲିଥିବା ଉଗାଣ୍ଡା ଇଣ୍ଟରନ୍ୟାଶନାଲ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ୨୦୨୧ରେ ପୁରୁଷ ଓ ମହିଳା ଟାଇଟଲ ଜିତିଛନ୍ତି। ଏହି ପ୍ରତିଯୋଗିତାରେ ଭାରତ ବ୍ୟତୀତ ଜର୍ମାନୀ ଓ ଆଫ୍ରିକୀୟ ଦେଶଗୁଡ଼ିକରୁ ଖେଳାଳିମାନେ ଭାଗ ନେଇଥିଲେ। ବରୁଣ ପୁରୁଷ ସିଙ୍ଗଲ୍ସର ସଂଘର୍ଷପୂର୍ଣ୍ଣ ମୁକାବିଲାରେ ୭ମ ସିଡ୍ ଶଙ୍କର ମୁଥୁସ୍ୱାମୀଙ୍କୁ ୨୧-୧୮, ୧୬-୨୧, ୨୧-୧୭ରେ ହରାଇ ଦେଇଥିଲେ। ଅନ୍ୟପକ୍ଷରେ ମହିଳା ସିଙ୍ଗଲ୍ସ ଫାଇନାଲରେ ମାଳବିକା ଚମତ୍କାର ପ୍ରତ୍ୟାବର୍ତ୍ତନ ସହ ନିଜ ଦେଶର ଅନୁପମା ଉପାଧ୍ୟାୟଙ୍କୁ ୧୭-୨୧, ୨୫-୨୩, ୨୧-୧୦ରେ ପରାସ୍ତ କରିଥିଲେ। ଜୁନିୟର ବିଭାଗରେ ବିଶ୍ୱର ୨ ନମ୍ବର ମାନ୍ୟତାପ୍ରାପ୍ତ ବରୁଣ ଜୁନିୟର ସର୍କିଟରେ କ୍ରମାଗତ ଭଲ ପ୍ରଦର୍ଶନ କରିଆସୁଛନ୍ତି। ଏହାଥିଲା ତାଙ୍କର ୬ଷ୍ଠ ଟାଇଟଲ।







Honda Motorcycle & Scooter India Pvt. Ltd., Registered Office: Commercial Complex II, Sector - 49-50, Golf Course Extension Road, Gurugram - 122018 (Haryana), India; Website: www.honda2wheelersindia.com; Customer Care: customercare@honda2wheelersindia.com

Honda Exclusive Authorized Dealerships: ATHAGARH: Sidhivinayak Honda - 9124260000, 9658080060; BALUGOAN: Khimji Honda - 7735734881, 7077726329; BANKI: Shree Honda - 06723-240099, 9658201234; BIDHARPUR: Saivinayak Honda - 9937060477, 7894446899; BHUBANESWAR: Shivam Honda - 0674-2546296, 7873024320; Gugnani Honda - 0674-2313716, 06742313812, 7852930865, 9778611111; PGL Honda - 0674-2354418, 9090912345; Khimji Honda - 7735734884, 9090067366; MO Honda - 0674-2964289, 7008990541; CUTTACK: Durga Honda - 9114800102\17\18\19\2; SGBL Honda - 0671-2364000, 9040433000; Utkal Honda - 0671-2304628, 9437029811; JAJPUR ROAD: TEZ Honda - 7504991301 7504994444; JAJPUR TOWN: Agasti Honda - 9437518600; KUAKHIA: Sai Honda - 9938906077; SINGHPUR: Ramachandi Honda - 7377688445; CHANDIKHOL: Basanti Honda - 06725-227011, 9853066000; JAGATSINGHPUR: Kanchan Murali Honda - 06724-222122, 223112, 7809568988, 9090876483; JAGATPUR: Durga Honda - 9114800118, 0671-2490462; JATNI: PGL Honda - 0674-2492419, 7788001027; KEONJHAR: Pritam Honda - 06766-254138, 8908881717; Barbil: Royal Motors- 7008712784; KHURDA: Sai Honda - 07852930002, 06755-223555; NAYAGRAH: Pattnaik Honda - 7205028044, 9937083142; NARSINGH PUR: Baba Honda - 9438057701; NIALI: Hindustan Honda - 9937075187, 0671-2803355; PURI: Shivam Honda - 06752-225555, 9040088747; Kujang:- Kanchan Murali Honda: 0672236122, 9040650040; PARADIP: Anil Honda - 06722-220909, 9438523425; RAHAMA: Navjyoti Honda - 9938339189; UTTARA: Gugnani Honda - 0674-3272244, 7852930844; PATTAMUNDAI: Satya Honda - 9937711139; SALEPUR: S.N.Honda - 9437439076; GAREJ CHACK: Gugnani Honda - 7008342169, 8144286965; KENDRAPARA: Saisudha Honda - 9178455081/2/3/4; KANDARPUR: Jay Pee Honda - 9861007679.
For Bulk/Institutional enquiries, please write us at: institutionalsales@honda2wheelersindia.com

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ